

ଆସିବ
'ଫୋର୍ସ-୩'
▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-73 ◆SATURDAY ◆6 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୭୩ ◆ଶନିବାର ◆୬ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ପାର୍ବଣ ପୂର୍ବରୁ ଲକ୍ଷେ ଆଠ ହଜାର ଟପିଲା ସୁନା

■ ଭୁବନେଶ୍ୱର, ୫।୯ (ଏଜେନ୍ସି): ଦିନକୁ ଦିନ ଆକାଶଛୁଆଁ ହେବାରେ ଲାଗିଛି ସୁନା ଏବଂ ରୂପା ଦର। ଶୁକ୍ରବାର ଘରୋଇ ବଜାରରେ ସୁନା ମୂଲ୍ୟ ୧୦ ଗ୍ରାମ ପ୍ରତି ୧.୦୮ ଲକ୍ଷ ଟଙ୍କା ଉପରକୁ ଯାଇ ଏକ ନୂତନ ଶିଖରରେ ପହଞ୍ଚିଛି। ସେହିପରି ସୁନା ସହ ରୁପା ଦର ମଧ୍ୟ ଆଜି ସବୁ ରେକର୍ଡ ପାର୍ କରିଛି। ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୦୮,୦୦୦ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ଦର ମଧ୍ୟ ୧୦ ଗ୍ରାମ ପିଛା ପ୍ରଥମ କରି ୯୮,୬୫୦ ଟଙ୍କା ହୋଇଛି। ତେବେ



**୨୨ କ୍ୟାରେଟ୍ ୯୮ ହଜାର ଉପରେ**

ରୁପା କିଲୋ ପିଛା ୧,୨୯,୨୦୦ ଟଙ୍କା ସ୍ତର ଟପି ନୂଆ ଇତିହାସ ରଚିଛି। ସେହିପରି ନୂଆଦିଲ୍ଲୀରେ ଆଜି ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପ୍ରତି ୧,୦୭,୭୬୦ ଟଙ୍କାର ନୂତନ ସ୍ତରରେ ପହଞ୍ଚିଛି। ତେବେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ମଧ୍ୟ ୧୦ ଗ୍ରାମ ପିଛା ପ୍ରଥମ କରି ୯୮,୮୦୦ ଟଙ୍କା ହୋଇଛି। କେତେକ ବୈଶ୍ୱିକ କାରଣ ଯୋଗୁ ବିଶ୍ୱ ସମେତ ଘରୋଇ ବଜାରରେ ସୁନା ଦର ମହଙ୍ଗା ହେବାରେ ଲାଗିଛି। ସୂଚନାଯୋଗ୍ୟ ଯେ ଚଳିତବର୍ଷ ଘରୋଇ ବଜାରରେ ସୁନା ଦର ୩୦ ହଜାର ଏବଂ ରୁପା ୩୭ ହଜାର ଟଙ୍କା ବୃଦ୍ଧି ଘଟିଛି।

## ଭାରତରେ ଆପଲ୍‌ର ୭୫ ହଜାର କୋଟିର ବେପାର

■ ନୂଆଦିଲ୍ଲୀ, ୫।୯ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ଟାରିଫ୍ ଲଗାଇବାରେ ବ୍ୟସ୍ତ ଅନ୍ୟପଟେ ତାଙ୍କ ଦେଶର କମ୍ପାନୀ ଭାରତରୁ ମୋଟ ଅଙ୍କର ରାଜସ୍ୱ ଅସୁଲ କରିଚାଲିଛି। ଆଇଫୋନ୍ ନିର୍ମାତା ଆପଲ୍ ଭାରତରେ ତାର ବିକ୍ରିର ସମସ୍ତ ରେକର୍ଡ ଭାଙ୍ଗିଛି। କମ୍ପାନୀ ୨୦୨୪-୨୫ ଆର୍ଥିକବର୍ଷରେ ଭାରତରେ ପ୍ରାୟ ୯ ବିଲିୟନ୍ ଡଲାର୍ ଅର୍ଥାତ୍ ୭୫ ହଜାର କୋଟି ଟଙ୍କାର ସାମଗ୍ରୀ ବିକ୍ରି କରିଛି। ବ୍ଲୁମ୍‌ବର୍ଗଙ୍କ ରିପୋର୍ଟ ଅନୁଯାୟୀ, ଗତ ଆର୍ଥିକବର୍ଷରେ ଭାରତରେ କମ୍ପାନୀର ମୋଟ ବିକ୍ରି ପ୍ରାୟ ୯ ବିଲିୟନ ଡଲାରରେ ପହଞ୍ଚିଛି, ଯାହା ଏକ ବର୍ଷ ପୂର୍ବ ତୁଳନାରେ ପ୍ରାୟ ୧୩% ଅଧିକ। ଏହି ବୃହତ୍ ବିକ୍ରିରେ ଆଇଫୋନ ସର୍ବାଧିକ ଯୋଗଦାନ ରଖିଛି। ଏହାଛଡା ମ୍ୟାକବୁକ କମ୍ପ୍ୟୁଟରର ଚାହିଦା ମଧ୍ୟ ଯଥେଷ୍ଟ ବୃଦ୍ଧି ପାଇଛି।

**ଦେଶର ବିଶାଳ ବଜାର ଉପରେ ଆମେରିକୀୟ କମ୍ପାନୀର ଆଖି**

ସବୁଠାରୁ କୌତୂହଳର ବିଷୟ ହେଉଛି ଯେ, ଭାରତରେ ଆପଲ୍‌ର ଏହି ରେକର୍ଡ ବିକ୍ରି ଅଭିବୃଦ୍ଧି ଏପରି ସମୟରେ ହୋଇଛି, ଯେତେବେଳେ ସାରା ବିଶ୍ୱରେ ମୋବାଇଲ ଫୋନ୍ ବିକ୍ରି ହ୍ରାସ ପାଉଛି। ଯଦିଓ ଭାରତ ଏବେ ବି ଆପଲର ମୋଟ ବ୍ୟବସାୟର ଏକ ଛୋଟ ଅଂଶ, କମ୍ପାନୀ ଏଠାରେ ବହୁତ ଅଧିକ ଅର୍ଥ ନିବେଶ କରୁଛି, କାରଣ ଆଶା ରହିଛି ଯେ ଆଗାମୀ ବର୍ଷଗୁଡ଼ିକରେ ଭାରତ ଏକ ବିଶାଳ ବଜାର ହେବ।

# ବର୍ଷା ପରେ ଚିନ୍ତା ବଢ଼ାଇଲା ପୂର୍ଣ୍ଣିମା

## ପାଣି ଟାଣୁନି ଜୁଆରିଆ ସମୁଦ୍ର; ଫୁଲୁଛି ରାଜ୍ୟର ପ୍ରମୁଖ ନଦୀ

■ ଭୁବନେଶ୍ୱର, ୫।୯ (ସମିସ): ଲଘୁଚାପ ଯୋଗୁଁ ରାଜ୍ୟର ପ୍ରମୁଖ ନଦୀଗୁଡ଼ିକର ଉଭୟ ଉପର ଓ ତଳମୁଣ୍ଡରେ ପ୍ରବଳ ବର୍ଷା ହୋଇଛି। ତଳମୁଣ୍ଡରେ ବର୍ଷା ଯୋଗୁଁ ରାଜ୍ୟର ପ୍ରମୁଖ ନଦୀଗୁଡ଼ିକ ଏବେ ଫୁଲି ରହିଛି। ଅନ୍ୟପଟେ ଉପରମୁଣ୍ଡରେ ହୋଇଥିବା ବର୍ଷା ପାଇଁ ରାଜ୍ୟର ବଡ଼ ବଡ଼ ଡ୍ୟାମ୍‌ଗୁଡ଼ିକୁ ମଧ୍ୟ ପ୍ରଚୁର ଜଳ ପ୍ରବେଶ କରୁଛି। ଡ୍ୟାମ୍‌ର ଜଳଧାରଣ କ୍ଷମତାକୁ ଦୃଷ୍ଟିରେ ରଖି ଏଠାରୁ ଜଳ ନିଷ୍କାସନ ଅପରିହାର୍ଯ୍ୟ ହୋଇପଡ଼ିଥିବା ବେଳେ ଏହା ରାଜ୍ୟବାସୀ ଓ ସରକାରଙ୍କ ପାଇଁ ଚିନ୍ତା ବଢ଼ାଇଛି। କାରଣ ବର୍ତ୍ତମାନ ନଦୀ ଓ ଡ୍ୟାମ୍‌ଗୁଡ଼ିକରେ ଜଳ ପୂର୍ଣ୍ଣ ଅବସ୍ଥାରେ ରହିଥିବା ବେଳେ ୭ ତାରିଖରେ ପୂର୍ଣ୍ଣିମା ଥିବାରୁ ସମୁଦ୍ର ଜୁଆରିଆ ରହୁଛି ଓ ନଦୀରୁ ବନ୍ୟା ଜଳ ନିଷ୍କାସନ ହେବାରେ ବାଧା ସୃଷ୍ଟି ହେଉଛି। ସମୁଦ୍ର ପାଣି ଟାଣୁ ନ ଥିବାରୁ ବନ୍ୟା ଜଳ ନଦୀକୂଳିଆ ଲୋକଙ୍କ ପାଇଁ ବିପଦ ବଢ଼ାଇବାର ଆଶଙ୍କା ସୃଷ୍ଟି ହୋଇଛି।

**୧୩ରେ ଆଉ ଏକ ଲଘୁଚାପ**

ଶୁକ୍ରବାର ବୈତରଣୀ ନଦୀ ବିପଦ ସଙ୍କେତ ତଳକୁ ଖସିଥିଲେ ମଧ୍ୟ ଏବେ ବି ଭଦ୍ରକ ଓ ଯାଜପୁର ଜିଲ୍ଲାର ଅନେକ ଅଞ୍ଚଳ ଜଳବନ୍ଦୀ ଅବସ୍ଥାରେ ରହିଛି। ଯାଜପୁର ଓ ଆରଡ଼ି ରାସ୍ତା ବିଚ୍ଛିନ୍ନ ହୋଇଥିବା ବେଳେ ଜଳକା ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ▶ପୃଷ୍ଠା-୭

## ୨୪ ଗେଟ୍‌ରେ ହୀରାକୁଦରୁ ଜଳ ନିଷ୍କାସନ

■ ସମ୍ବଲପୁର, ୫।୯ (ସମିସ): ଉପରମୁଣ୍ଡରେ ବର୍ଷାର ପରିମାଣ ବଢ଼ିବାରୁ ହୀରାକୁଦ ଡ୍ୟାମ୍ କର୍ତ୍ତୃପକ୍ଷ ଆଜି ଆଉ ୮ଟି ଗେଟ୍ ଖୋଲିଛନ୍ତି। ଗତକାଲି ସୁଦ୍ଧା ୧୬ଟି ଗେଟ୍ ଖୋଲାଥିବା ବେଳେ ଆଜି ୮ଟିକୁ ମିଶାଇ ମୋଟ ୨୪ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଚଳିତବର୍ଷ ପ୍ରଥମଥର ଏକାଥରକେ ଏତେସଂଖ୍ୟକ ଗେଟ୍



ଖୋଲାଯାଇଛି। ନଦୀବନ୍ଧର ବାମପଟରେ ୧୬ଟି ଓ ଡାହାଣ ପଟରେ ୮ଟି ▶ପୃଷ୍ଠା-୭

## ବର୍ଷକର ରେକର୍ଡ ଭାଙ୍ଗିଲା ବର୍ଷା: ଭାସୁଛି ବାଲେଶ୍ୱର
## ଗାଁରୁ ସହର ଜଳମଗ୍ନ



■ ବାଲେଶ୍ୱର, ୫।୯ (ସମିସ): ଚଳିତ ବର୍ଷ ଗତ ଚାରିଦିନର ଲଗାଣ ବର୍ଷାରେ ବର୍ଷା ରେକର୍ଡ ଭାଙ୍ଗିଛି। ଯାହାର ପ୍ରଭାବ ବାଲେଶ୍ୱରର ଗାଁ ଗଣ୍ଡାଠାରୁ ଆରମ୍ଭ କରି ବାଲେଶ୍ୱର ସହର ପର୍ଯ୍ୟନ୍ତ ଜଳମଗ୍ନ ହୋଇଛି। ଜିଲ୍ଲାବାସୀଙ୍କ ଦୁର୍ଦ୍ଦଶା ବଢିଥିବା ବେଳେ ଚାଷଜମିଠାରୁ ଆରମ୍ଭ କରି ରାସ୍ତାଘାଟ ଜଳରେ ବୁଡ଼ିରହିଛି।

**ଆଉ ଏକ ବନ୍ୟା ଆଶଙ୍କାରେ ଉତ୍ତର ବାଲେଶ୍ୱରବାସୀ**

ଏମିତି କି ଏହି ଲଗାଣ ବର୍ଷାରେ ନିର୍ମାଣାଧୀନ ଜାତୀୟ ରାଜପଥରେ ପାଣିର ଲହଡି ଖେଳିଛି। ୧୬ ନମ୍ବର ଜାତୀୟ ରାଜପଥର ସୋର ଠାରୁ ବାଲେଶ୍ୱରର ରାସ୍ତାରେ ▶ପୃଷ୍ଠା-୭

# ଆତଙ୍କୀ ଧମକ ପରେ ମୁମ୍ବାଇରେ ହାଇଆଲର୍ଟ

■ ମୁମ୍ବଇ, ୫।୯ (ଏଜେନ୍ସି): ଆତଙ୍କବାଦୀ ସଙ୍ଗଠନ ଲସ୍କର-ଏ-ଜେହାଦୀର ବିସ୍ଫୋରଣ ଧମକ ପରେ ହାଇ ଆଲର୍ଟରେ ମୁମ୍ବାଇ ପୁଲିସ। ଏହି ଧମକପୂର୍ଣ୍ଣ ବାର୍ତ୍ତା ମିଳିବା ପରେ ହିଁ ମୁମ୍ବାଇ ପୁଲିସ ସତର୍କ ହୋଇଛି ଓ କ୍ରାଇମ ବ୍ରାଞ୍ଚ ଟିମ୍ ବିଭିନ୍ନ ସ୍ଥାନରେ ଯାଞ୍ଚ ଆରମ୍ଭ କରିଛି। ଆଣ୍ଟି- ଟେରରିଜମ୍ ସ୍କାଡ୍ (ଏଟିଏସ୍) ଓ ଅନ୍ୟ ସୁରକ୍ଷା ଏଜେନ୍ସିଗୁଡିକୁ ପୁଲିସ ପକ୍ଷରୁ ସତର୍କ ରଖାଯାଇଛି।

ଗୁରୁବାର ବିଳମ୍ବିତ ରାତିରେ ମୁମ୍ବଇ ପୁଲିସକୁ ହ୍ୱାଟ୍ସଆପ୍‌ରେ ଏକ ଧମକ ଆସିଥିଲା। ଲସ୍କର-ଏ-ଜେହାଦୀର ୧୪ ଜଣ ଆତଙ୍କବାଦୀ ମୁମ୍ବଇ ସହରରେ ଅନୁପ୍ରବେଶ କରିଛନ୍ତି ଓ ୩୪ ଗାଡ଼ିରେ ପ୍ରାୟ ୪୦୦ କେଜି ଆର୍‌ଡ଼ିଏକ୍ସ ଲଗାଇ ବିସ୍ଫୋରଣ ଯୋଜନା କରିଥିବା ଏହି ମେସେଜରେ ଉଲ୍ଲେଖ ରହିଛି। ଯାହାକୁ ନେଇ ସାରା ସହରରେ ଆତଙ୍କ ସୃଷ୍ଟି ହୋଇଛି। ଶନିବାର ଗଣେଶ ଉତ୍ସବର ଅନ୍ତିମ ତଥା ୧୦ମ ଦିନ ଓ ଅନନ୍ତ ଚତୁର୍ଦ୍ଦଶୀ। ଗଣେଶ ଭସାଣି ଉତ୍ସବରେ ଏହି ଦିନ ଲକ୍ଷଲକ୍ଷ ଶ୍ରଦ୍ଧାଳୁ ସାମିଲ ହୋଇଥାଆନ୍ତି। ତେଣୁ ଆତଙ୍କବାଦୀମାନେ ଏହି ଦିନଟିକୁ ଟାର୍ଗେଟ କରିଥିବା କୁହାଯାଉଛି। ସୂଚନା ପାଇବା ପରେ ସାରା ସହର ଓ ମହାରାଷ୍ଟ୍ରର



**୪୦୦ କେଜି ଆର୍‌ଡିଏକ୍ସ ସହ ପଶିଛନ୍ତି ୧୪ ଆତଙ୍କୀ**

ଅନ୍ୟାନ୍ୟ ସ୍ଥାନରେ ସୁରକ୍ଷା ଓ ନିରାପତ୍ତାକୁ କଡ଼ାକଡ଼ି କରାଯାଇଛି। ବିଭିନ୍ନ ସ୍ଥାନରେ ସନ୍ଧାନୀ କୁକୁର ସହ ପୁଲିସ କମ୍ବିଂ ଅପରେସନ ଚଳାଇଛି। ତେବେ ଏହି ସମୟରେ କୌଣସି ପ୍ରକାର ଗୁଜବକୁ ବିଶ୍ୱାସ ନ କରିବାକୁ ପୁଲିସ ଲୋକମାନଙ୍କୁ ନିବେଦନ କରିଛି। ପୁଣି କୌଣସି ପ୍ରକାର ସନ୍ଦେହଜନକ ▶ପୃଷ୍ଠା-୭

# ବୁଢ଼ା ହେଉଛି 'ୟଙ୍ଗିସ୍ତାନ'

## ୧୦%ରେ ପହଞ୍ଚିଛି ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କ ସଂଖ୍ୟା

■ ନୂଆଦିଲ୍ଲୀ, ୫।୯ (ଏଜେନ୍ସି): ଏକଦା ୟଙ୍ଗ ଇଣ୍ଡିଆ ବା ୟଙ୍ଗିସ୍ତାନ ଭାବେ ପରିଚିତ ହେଉଥିବା ଭାରତ ଏବେ ବୁଢ଼ା ହେବାରେ ଲାଗିଛି। ଦେଶର ଜନସଂଖ୍ୟାର ହାରାହାରି ୧୦%ଙ୍କ ବୟସ ୬୦ ବର୍ଷ ଅତିକ୍ରମ କରିଛି। ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆ (ଆରଜିଆଇ)ଙ୍କ ନମୁନା ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି ଏବଂ ଦେଶରେ ୧୪ ବର୍ଷରୁ କମ୍ ବୟସ୍କ ପିଲାଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବରେ ହ୍ରାସ ଘଟିଥିବା ରିପୋର୍ଟରେ କୁହାଯାଇଛି।

ରିପୋର୍ଟ ଅନୁସାରେ ସମ୍ପ୍ରତି ପ୍ରତି ଦଶ ଜଣ ଭାରତୀୟଙ୍କ ମଧ୍ୟରୁ ପ୍ରାୟ ଜଣେ ଏବେ ୬୦ ବର୍ଷରୁ ଅଧିକ ବୟସର ଓ ୬.୪% ଲୋକଙ୍କ ବୟସ ୬୫ ବର୍ଷରୁ ଅଧିକ। ୨୦୧୧ ଜନଗଣନା ସମୟରେ ୬୦ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ୮.୬% ରହିଥିବା ବେଳେ ଏବେ ତାହା ୯.୭% ଅତିକ୍ରମ କରିଛି। ଲୋକଙ୍କର ଜୀବନକାଳ ବୃଦ୍ଧି ଓ ପ୍ରଜନନ କ୍ଷମତା ହ୍ରାସ ଭାରତକୁ ଏକ ବୃଦ୍ଧ ଦେଶରେ ପରିଣତ କରିବ ବୋଲି ଏଥିରେ ଆଶଙ୍କା କରାଯାଇଛି।

ଜନସଂଖ୍ୟା ନିର୍ଦ୍ଦେଶକଙ୍କ ଏହି ରିପୋର୍ଟ ସମାଜ ତତ୍ତ୍ୱବିତ୍‌ମାନଙ୍କୁ ଚିନ୍ତିତ କରିଛି। ଦେଶ ନିକଟ ଭବିଷ୍ୟତରେ ବୟସ୍କ ଜନସଂଖ୍ୟାର ଚାପର ସମ୍ମୁଖୀନ ହେବ ଓ ବାର୍ଦ୍ଧକ୍ୟ ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭ କରି ପେନସନ ଓ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମର ଆବଶ୍ୟକତା ଅଧିକ ଅନୁଭବ ହେବ। ସମ୍ପ୍ରତି କେରଳରେ ବୟସ୍କ ନାଗରିକଙ୍କ ହାର ସାରା ଦେଶରେ ସର୍ବାଧିକ ୧୫.୧ ପ୍ରତିଶତ ରହିଛି। ଏହା ପଛକୁ ତାମିଲନାଡୁରେ ଏହା ୧୪ %, ହିମାଚଳରେ ୧୩.୨ % ଥିବା ସୂଚନା ମିଳିଛି।



**ବୟସ୍କଙ୍କ ସଂଖ୍ୟାରେ କେରଳ, ତାମିଲନାଡୁ ଆଗରେ**

**କମୁଛି ଯୁବାଙ୍କ ପ୍ରଜନନ କ୍ଷମତା**

ଏହାବ୍ୟତୀତ ପଞ୍ଜାବ ଓ ମହାରାଷ୍ଟ୍ରରେ ମଧ୍ୟ ବୟସ୍କ ନାଗରିକଙ୍କ ସଂଖ୍ୟା ଅନ୍ୟ ରାଜ୍ୟ ତୁଳନାରେ ଅଧିକ ରହିଛି। ଅନ୍ୟପକ୍ଷରେ ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଆଦି ରାଜ୍ୟଗୁଡ଼ିକରେ ବୟସ୍କ ନାଗରିକଙ୍କ ସଂଖ୍ୟା ତୁଳନାତ୍ମକ ଭାବରେ ଅନ୍ୟ ରାଜ୍ୟଠାରୁ କମ୍ ଅର୍ଥାତ୍ ୭%ରୁ ୮% ମଧ୍ୟରେ ସୀମିତ ରହିଛି।

ଉତ୍ତର ଭାରତରେ ଜନସଂଖ୍ୟା ଓ ନବଜାତ ଶିଶୁଙ୍କ ଜନ୍ମ ହାର ବୃଦ୍ଧି ଏକ ସ୍ଥିର ସ୍ଥିତି ସୃଷ୍ଟି କରିଥିବାବେଳେ ଦକ୍ଷିଣ ଓ ପଶ୍ଚିମ ଭାରତରେ ପ୍ରଜନନ ହାର ହ୍ରାସ ଅସ୍ଥିରତା ସୃଷ୍ଟି କରିଛି। ଅନ୍ୟପକ୍ଷରେ ସମ୍ପ୍ରତି ଭାରତୀୟ ପୁରୁଷମାନଙ୍କର ହାରାହାରି ଆୟୁ ବୃଦ୍ଧି ପାଇ ୬୮.୫ ବର୍ଷ ଓ ମହିଳାମାନଙ୍କ ହାରାହାରି ଆୟୁ ୭୨.୫ ବର୍ଷରେ ପହଞ୍ଚିଛି। କେରଳ ଓ ଦିଲ୍ଲୀ ଭଳି ରାଜ୍ୟଗୁଡ଼ିକରେ ଏହି ଆୟୁ ବର୍ଗ ଯଥାକ୍ରମେ ୭୮ ବର୍ଷ ଓ ୭୪ ବର୍ଷରେ ପହଞ୍ଚିଛି। ଏକପକ୍ଷରେ ହାରାହାରି ଆୟୁ ବୃଦ୍ଧି ଓ ବୟସ୍କଙ୍କ ଜୀବନକାଳ ବଢୁଥିବାବେଳେ କମ୍ ଶିଶୁ ଜନ୍ମ ଦେଶକୁ ବୟସ୍କ କରିଦେଉଛି।

ସେହିପରି ବୟସ୍କମାନଙ୍କ ସଂଖ୍ୟା ବୃଦ୍ଧି ଦେଶର ଅର୍ଥନୀତିକୁ ଅଧିକ ପ୍ରଭାବ ପକାଇବା ଆଶଙ୍କା କରୁଛନ୍ତି ସମାଜତତ୍ତ୍ୱବିତ୍। ବୃଦ୍ଧ ଲୋକଙ୍କ ପାଇଁ ଅଧିକ ଚିକିତ୍ସାର ଆବଶ୍ୟକତା ସହ ମଧୁମେହ, ହୃଦରୋଗ, ଆର୍ଥାଇଟିସ୍ ପରି ଦୀର୍ଘକାଳୀନ ରୋଗର ମୁକାବିଲା, ପେନସନ ଓ ସାମାଜିକ ସୁରକ୍ଷା ଦେଶର ଆର୍ଥିକ ବ୍ୟବସ୍ଥାକୁ ଚାପଗ୍ରସ୍ତ କରିପାରେ ବୋଲି ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ ଯୁବବର୍ଗ ରାଜ୍ୟ ତଥା ଦେଶର ଆର୍ଥିକ ଅଭିବୃଦ୍ଧିକୁ ▶ପୃଷ୍ଠା-୭

# ଗୁରୁ ଦିବସରେ ରାଜରାସ୍ତାରେ ଗୁରୁ




■ ଭୁବନେଶ୍ୱର, ୫।୯ (ସମିସ): ଗୁରୁ ଦିବସରେ ରାଜରାସ୍ତାକୁ ଓହ୍ଲାଇଛନ୍ତି ଶିକ୍ଷକ। ଦୀର୍ଘ ଦିନରୁ ଏକାଧିକ ଦାବି କରୁଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁନଥିବା ଅଭିଯୋଗ କରି କ୍ଷୋଭ ପ୍ରକାଶ କରିଛନ୍ତି। ବର୍ଷାରେ ଭିଜିଭିଜି ଆନ୍ଦୋଳନ କରିବା ସହ ରାତିରେ ବିଧାନସଭା ସମ୍ମୁଖରେ ଶୋଇଛନ୍ତି। ସାରା ଦେଶରେ ଆଜି ଗୁରୁଙ୍କୁ ପୂଜା କରାଯାଉଥିବା ବେଳେ ଓଡ଼ିଶାରେ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ସରକାରଙ୍କ ଏହା କି' ପ୍ରକାର ଉପହାର ବୋଲି ପ୍ରଶ୍ନ କରିଛନ୍ତି। ଖାଲି ସେତିକି ନୁହେଁ, ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଅନୁଦାନଯୋଗ୍ୟ ସ୍କୁଲ, କଲେଜକୁ ଅନୁଦାନ ପ୍ରଦାନ କରିବା ସହ ୨୦୦୪ରୁ ଅବସର ନେଇଥିବା ଏବଂ ନେଉଥିବା ଶିକ୍ଷକଙ୍କୁ ପେନସନ୍ ଓ ଅବସରକାଳୀନ ସୁବିଧା, ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରି ଶିକ୍ଷକଙ୍କୁ ନ୍ୟାୟ ପ୍ରଦାନ କରିବା, ସମସ୍ତ ସ୍କୁଲ କଲେଜକୁ

**ମୁଖ୍ୟମନ୍ତ୍ରୀ ନିଜ ପ୍ରତିଶ୍ରୁତି ପାଳନ କରନ୍ତୁ**

**୨୫ ତାରିଖରେ ଜେଲ୍‌ଭରୋ ଆନ୍ଦୋଳନ**

ସରକାରୀକରଣ, ପୁରୁଣା ପେନସନ୍ ପ୍ରଦାନ, ଅବସର ବୟସସୀମା ୬୨ବର୍ଷକୁ ବୃଦ୍ଧି, ଗ୍ରେଡ୍ ପେ' ଅସଙ୍ଗତି ଦୂର କରିବା, ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନୋସନାଲ୍ ଇନ୍‌କ୍ରିମେଣ୍ଟ ସହ ବରିଷ୍ଠତା ▶ପୃଷ୍ଠା-୭

## ନକଲି ସୁନା ଇଟା କାରବାର ରାକେଟ୍ ଠାବ; ୫ ଗିରଫ

■ ନୀଳଗିରି, ୫।୯ (ସମିସ): ବାଲେଶ୍ୱର ପୁଲିସ୍ ଏକ ନକଲି ସୁନାଇଟା କାରବାର ରାକେଟ୍‌ର ପର୍ଦ୍ଦାଫାସ କରିବା ସହ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୨ଟି ବାଇକ୍, ୪ଟି ମୋବାଇଲ ସହ ନଗଦ ୩ଲକ୍ଷ ୭୯ ହଜାର ଟଙ୍କା ଜବତ କରାଯାଇଛି। ନୀଳଗିରି ଓ ବରହମ୍ପୁର ପୁଲିସ୍ ମିଳିତ ଚଢ଼ଉ କରି ଏହି ଅଭିଯୁକ୍ତମାନଙ୍କୁ ଧରିଛନ୍ତି। ସେମାନେ ହେଲେ, ନୀଳଗିରି ଥାନା ଅନ୍ତର୍ଗତ ବାଣପୁର ଗ୍ରାମର ବିଷ୍ଣୁ ମହାନ୍ତି, ଧୋବଶିଳା ଗ୍ରାମର ନଳିନୀ ମହାନ୍ତି, ସାରୁପାଳ ଗ୍ରାମର ଆଶିଷ ସ୍ୱାଇଁ, କେନ୍ଦ୍ରାପଡ଼ା ଅଞ୍ଚଳର ମୁନା। ବାଲେଶ୍ୱର ଚାନ୍ଦିପୁର ଅଞ୍ଚଳରୁ ଗିରଫ ଯୁବକଙ୍କ ନାମ ଜଣାପଡ଼ିନାହିଁ।

**ନକଲି ସୁନା ଇଟା ସହ ୨ ବାଇକ୍, ୪ ମୋବାଇଲ, ୩ ଲକ୍ଷ ଟଙ୍କା ଜବତ**

ସୂଚନାନୁଯାୟୀ, ବିଷ୍ଣୁ ଓ ତା'ର ସହଯୋଗୀ ପିତ୍ତଳ ଇଟା ତିଆରି କରି ସେଥିରେ ସୁନାପାଣି ଦେଉଥିଲେ। ତାହାକୁ ସୁନା ଇଟା ଦର୍ଶାଇ କମ୍ ଦାମରେ ଯୋଗାଇଦେବେ ବୋଲି କହି ଲୋକଙ୍କୁ ଚୂନ ମାରୁଥିଲେ। ଏହି କ୍ରମରେ ସେ ଗଞ୍ଜାମ ଜିଲ୍ଲାର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ସେବକନଗର ଗ୍ରାମର କୃଷ୍ଣ ନାୟକଙ୍କୁ ଫସାଇଥିଲେ। ତାଙ୍କୁ କମ୍ ଦାମରେ ▶ପୃଷ୍ଠା-୭

## ପୁଲିସ ନିଷ୍କ୍ରିୟତା ପାଇଁ ଗଲା ଯୁବତୀଙ୍କ ଜୀବନ
# ମାରି ଫିଙ୍ଗିଦେଲା ପୁରୁଷ ବନ୍ଧୁ





**ତାପଙ୍ଗ ଖଣିରୁ ମିଳିଲା ଅପହୃତାଙ୍କ ଗଳିତ ଶବ**

**ଏଟିଏମ୍ କାର୍ଡରୁ ଟଙ୍କା ଉଠାଇନେଲା ପୁରୁଷ ବନ୍ଧୁ**

**୭ ମାସ ତଳେ ହୋଇଥିଲା ନିଖୋଜ ଅଭିଯୋଗ**

**ଗିରଫ ଯୁବକ ଦେଖାଇଲା ହତ୍ୟାକାଣ୍ଡର ଡେମୋ**

■ ଭୁବନେଶ୍ୱର/ଖୋର୍ଦ୍ଧା, ୫।୯ (ସମିସ): ପାତ୍ରପଡ଼ା ଅଞ୍ଚଳରୁ ନିଖୋଜ ଯୁବତୀଙ୍କ ମୃତଦେହ ୭ ମାସ ପରେ ଠାବ ହୋଇଛି। ତାପଙ୍ଗ କଳିଙ୍ଗ ମୁଣ୍ଡିଆରୁ ମୃତଦେହକୁ ଉଦ୍ଧାର କରିଛି ଭରତପୁର ଥାନା ପୁଲିସ। ମୃତ ଯୁବତୀ ହେଲେ ରଣପୁର ଥାନା ହରିପୁର ଗାଁର ନିରୂପମା ପରିଡ଼ା ଓରଫ୍ ମିତା (୨୨)। ତାଙ୍କୁ ହତ୍ୟା କରିଥିବା ମଝିଆଖଣ୍ଡ ଗାଁର ଦେବାଶିଷ ବିଷୋୟୀକୁ ଉଠାଇ ଆଣିଛି। ଦେବାଶିଷକୁ ନେଇ ଘଟଣାସ୍ଥଳରେ ସିନ୍ ରିକ୍ରିଏସନ୍ କରିଛି। ତେବେ ମିତା ୭ ମାସ ପୂର୍ବେ ନିଖୋଜ ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୁଲିସର ନିଷ୍କ୍ରିୟତାର ଯୋଗୁଁ ଝିଅର ଜୀବନ ଗଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ହରିପୁରର ମିତା ଗତବର୍ଷ ▶ପୃଷ୍ଠା-୭




ସକାଳ THE SAKALA
www.sakalaepaper.com

## ହସ୍ପିଟାଲ୍‌ରେ ପଞ୍ଜାବ ମୁଖ୍ୟମନ୍ତ୍ରୀ

ଚଣ୍ଡିଗଡ଼, ୫।୯(ଏଜେନ୍ସି): ପଞ୍ଜାବ ମୁଖ୍ୟମନ୍ତ୍ରୀ ଭାଗବନ୍ତ ମାନ ହସ୍ପିଟାଲାର ଭର୍ତ୍ତି ହୋଇଛନ୍ତି । ପ୍ରବଳ ଜ୍ୱରରେ ପୀଡିତ ହେବା କାରଣରୁ ତାଙ୍କୁ ଡାକ୍ତରଙ୍କ ପରାମର୍ଶ କ୍ରମେ ମୋହାଲିର ଫୋର୍ଟିସ ହସ୍ପିଟାଲରେ ଚିକିତ୍ସା କରାଯାଉଛି । ତାଙ୍କ ସହ ପତ୍ନୀ ଗୁରୁପ୍ରୀତ କୌର ମାନ ଅଛନ୍ତି । ଫଳରେ ଶୁକ୍ରବାର ଆୟୋଜନ ହେବାକୁ ଥିବା କ୍ୟାବିନେଟ ବୈଠକକୁ ବାତିଲ କରାଯାଇଛି । ଅସୁସ୍ଥତା କାରଣରୁ ସେ ବନ୍ୟା ପ୍ରବାହିତ ଅଞ୍ଚଳରେ ଆମ ଆଦମୀ ପାର୍ଟି ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲଙ୍କ ସହ ବୁଲିବାକୁ ଯାଇପାରି ନଥିଲେ । ଗତ ଦୁଇଦିନ ହେବ ସେ ଅସୁସ୍ଥ ଅନୁଭବ କରୁଥିଲେ । ସେ ଔଷଧ ସେବନ କରି ଘରେ ବିଶ୍ରାମ ନେଉଥିଲେ ମଧ୍ୟ ସ୍ଥିତିରେ ଉନ୍ନତି ହୋଇ ନଥିଲା । ଫଳରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ।

## ଶିଳ୍ପା ଓ ରାଜଙ୍କ ବିରୋଧରେ ଲୁକ୍‌ଆଉଟ୍ ନୋଟିସ

ମୁମ୍ବଇ, ୫।୯(ଏଜେନ୍ସି): ୬୦ କୋଟି ଟଙ୍କାର ଠକେଇ ମାମଲାରେ ବଲିଉଡ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ଓ ତାଙ୍କ ସ୍ୱାମୀଙ୍କ ରାଜ କୁନ୍ଦ୍ରାଙ୍କ ବିରୋଧରେ ମୁମ୍ବଇ ପୁଲିସ୍ ଲୁକ୍‌ଆଉଟ୍ ସର୍କୁଲାର ଜାରି କରିଛି । ଏହି ଦୁଇଜଣ ପ୍ରାୟ ବିଦେଶ ଗସ୍ତରେ ଯାଉଛନ୍ତି । ତେଣୁ ଏହି ନୋଟସ ଜାରି କରିବାକୁ ହେଲା ବୋଲି ମୁମ୍ବଇ ପୁଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି । ଲୁକ୍‌ଆଉଟ ସର୍କୁଲାର ଅର୍ଥ ବିନା କୌଣସି ବାଧାରେ ଯାଞ୍ଚ୍ ପୁରା କରିବା । ଜଣାଶୁଣା ବ୍ୟବସାୟୀ ଦୀପକ କୋଠାରୀ ଅଗଷ୍ଟ ୧୪ରେ ଶିଳ୍ପା ଓ ରାଜଙ୍କ ବିରୋଧରେ ମୁମ୍ବଇ ପୁଲିସର ଆର୍ଥିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ରେ ମାମଲା ରୁଜୁ କରିଥିଲେ । ୨୦୧୫ରୁ ୨୦୨୩ ମଧ୍ୟରେ ବ୍ୟବସାୟ ବଢ଼ାଇବାକୁ ଏହି ଦମ୍ପତ୍ତିଙ୍କୁ ସେ ୬୦.୪୮ କୋଟି ଟଙ୍କା ଦେଇଥିଲେ । କିନ୍ତୁ ଏହି ଅର୍ଥକୁ ଦୁହେଁ ନିଜ ବ୍ୟକ୍ତିଗତ ଖର୍ଚ୍ଚରେ ଲଗାଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି । ତେବେ ଏହି ଅଭିଯୋଗକୁ ଶିଳ୍ପାଙ୍କ ଓକିଲ ଭିତ୍ତିହୀନ ଓ ଅମୂଳକ କହିଛନ୍ତି । ୨୦୧୫ରେ ଦୀପକ୍ ଦୁହିଁଙ୍କୁ ପ୍ରଥମ କିସ୍ତିରେ ୩୧.୯୫ କୋଟି ଟଙ୍କା ପ୍ରଦାନ କରିଥିଲେ ।

## ଇସ୍ରାଏଲ- ହମାସ ଲଢ଼େଇ ମୃତ୍ୟୁସଂଖ୍ୟା ୬୪ ହଜାର ଟପିଲା

ଗାଜା, ୫।୯(ଏଜେନ୍ସି): ପାଖାପାଖି ଦୁଇବର୍ଷ ହେବ ଇସ୍ରାଏଲ ଓ ହମାସ ମଧ୍ୟରେ ଲଢ଼େଇ ଚାଲିଛି । ଏହି ଯୁଦ୍ଧ କାରଣରୁ ଗାଜା ପଟିରେ ପାଲେଷ୍ଟାଇନ ନାଗରିକଙ୍କ ମୃତ୍ୟୁ ସଂଖ୍ୟା ୬୪ ହଜାର ପାର କରିଛି ବୋଲି ଏକ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି । ଗୁରୁବାର ଇସ୍ରାଏଲର ସଦ୍ୟତମ ଆକ୍ରମଣରେ ୨୮ ଜଣ ଲୋକ ପ୍ରାଣ ହରାଇଛନ୍ତି । ଏଥିରେ ଅଧିକାଂଶ ମହିଳା ଓ ଛୋଟ ପିଲା ସାମିଲ ରହିଛନ୍ତି । ଉଲ୍ଲେଖଥାଉ କି, ୨୦୨୩ ଅକ୍ଟୋବର ୭ରେ ହମାସ ଆତଙ୍କବାଦୀମାନେ ଇସ୍ରାଏଲ ଉପରେ ଆକ୍ରମଣ କରି ୧, ୨୦୦ ଲୋକଙ୍କୁ ହତ୍ୟା କରିଥିଲେ ଓ ୨୫୧ଜଣଙ୍କୁ ଅପହରଣ କରି ନେଇଥିଲେ । ଏହାପରଠାରୁ ଇସ୍ରାଏଲ ତା'ର ଆକ୍ରମଣ ଜାରି ରଖିଛି । ଫଳରେ ଗାଜାରେ ଖାଦ୍ୟାଭାବ ସହ ବହୁ ଲୋକ, ଛୋଟପିଲା ଅନାହାରରେ ମୃତ୍ୟୁବରଣ କରିଛନ୍ତି । ଏ ନେଇ ସାରା ବିଶ୍ୱରେ ଚନ୍ତା ପ୍ରକଟ କରାଯାଇଛି ।

## ୧ ହଜାର ଫୁଟ୍ ତଳକୁ ବସ୍ ଖସି ୧୫ ମୃତ

କଲମ୍ବୋ, ୫।୯(ଏଜେନ୍ସି): ଶ୍ରୀଲଙ୍କାର ଉଭା ପ୍ରଦେଶରେ ବାଦୁଲ୍ଲା ଜିଲ୍ଲାରେ ଏକ ମର୍ମନ୍ତୁଦ ବସ୍ ଦୁର୍ଘଟଣା ଘଟିଛି । ଏଥିରେ ୯ ମହିଳାଙ୍କ ସମେତ ୧୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୫ ଜଣ ଆହତ ହୋଇଛନ୍ତି । ୩୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ନେଇ ଏହି ବସ୍ ଆନନ୍ଦ ଯାତ୍ରାରେ ବାହାରିଥିଲା । ଏକ ଜିପ୍‌କୁ ବସ ଧକ୍କା ଦେଇଥିଲା । ଏହାପରେ ବସ୍ ସଡ଼କ କଡରେ ରେଲିଂକୁ ମାଡ଼ କରି ୧୦୦୦ ଫୁଟ୍ ତଳେ ଥିବା ଖାଇକୁ ଖସି ପଡ଼ିଥିଲା । ସବୁ ମୃତକ ଟାଂଗେଲ ଅର୍ବାନ ପରିଷଦର କର୍ମଚାରୀ ଥିଲେ । ଆହତ ହୋଇଥିବା କେତେଜଣଙ୍କ ଅବସ୍ଥା ଗୁରୁତର ବୋଲି ପୁଲିସ କହିଛି । ଆହତଙ୍କୁ ବଦ୍ଦୁଲା ଟିଚିଂ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

## ଆମେରିକା ଯୁଦ୍ଧପୋତ ଉପରେ ଏଫ୍-୧୬ ଉଡ଼ାଇଲା ଭେନେଜୁଏଲା

ନୂଆଦିଲ୍ଲୀ, ୫।୯(ଏଜେନ୍ସି): ଆମେରିକା ଓ ଲାଟିନ ଆମେରିକୀୟଦେଶ ଭେନେଜୁଏଲା ମଧ୍ୟରେ ତିକ୍ତତା ଦିନକୁ ଦିନ ବଢ଼ିବାରେ ଲାଗିଛି । ଭେନେଜୁଏଲାର ଦୁଇଟି ଏଫ୍-୧୬ ଲଢ଼ୁଆ ବିମାନ ଗୁରୁବାର କ୍ୟାରିବିୟାନ ସାଗରରେ ଆମେରିକାର ଯୁଦ୍ଧପୋତ ୟୁଏସ୍‌ଏ ଜେସନ ଡନହାମ ଉପରେ ଉଡିଥିଲା । ଭେନେଜୁଏଲାର ଏହି ଦୁଃସାହସକୁ ଆମେରିକା ନାପସନ୍ଦ କରିବା ସହ ସମାଲୋଚନା କରିଛି । ଭେନେଜୁଏଲା ନିଜର ଶକ୍ତି ପ୍ରଦର୍ଶନ ନ କରିବାକୁ ଆମେରିକା ଚେତାବନୀ ଦେଇଛି । ନହେଲେ ପରିଣାମ ଭୟଙ୍କର ହେବ ବୋଲି ଆମେରିକା ସତର୍କ କରାଇଛି । ଆମେରିକାର ଏହି ଡନ୍‌ହାମ ଯୁଦ୍ଧପୋତ ଏକ ଗାଇଡେଡ ଡେଷ୍ଟ୍ରୟର ୱାରଶିପ୍ ଓ ଏହାକୁ ଗତ ସପ୍ତାହରେ ଭେନେଜୁଏଲା ପାଖରେ ଆମେରିକା ନିୟୋଜିତ କରିଥିଲା । ନିଶାଦ୍ରବ୍ୟ ଚୋରା କାରବାର ଓ ଅପରାଧିକ ସଂଗଠନକୁ ନିଶାଣ କରି ଏହି ଯୁଦ୍ଧପୋତ ଆମେରିକା ନିୟୋଜିତ କରିଥିଲା । ଉଲ୍ଲେଖଥାଉ କି, ୪୦ ବର୍ଷ ପୂର୍ବେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ବେଶ୍ ଭଲ ଥିଲା । କିନ୍ତୁ ଏବେ ଆଉ ସେକଥା ନାହିଁ ।



## ଶେଷ ହୋଇଛି ଟ୍ରମ୍ପ- ମୋଦୀ ବନ୍ଧୁତା: ପୂର୍ବତନ ଆମେରିକା ଏନ୍‌ଏସ୍‌ଏ

ୱାଶିଂଟନ, ୫।୯(ଏଜେନ୍ସି): ଆମେରିକାର ପୂର୍ବତନ ରାଷ୍ଟ୍ରୀୟ ସୁରକ୍ଷା ଉପଦେଷ୍ଟା (ଏନ୍‌ଏସ୍‌ଏ) ଜନ୍ ବୋଲ୍ଟନ ଏକ ଚକିତ କଲା ଭଳି ମନ୍ତବ୍ୟ ଦେଇଛନ୍ତି । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ବନ୍ଧୁତା ଏବେ ଶେଷ ହୋଇଛି ବୋଲି ସେ ବ୍ରିଟେନ ଗଣମାଧ୍ୟମ ଏଲବିସିକୁ ଏକ ସାକ୍ଷାତକାର ଦେବା ଅବସରରେ ଏହି କଥା କହିଛନ୍ତି । ଆମେରିକା- ଭାରତ ସମ୍ପର୍କକୁ ହ୍ୱାଇଟ୍ ହାଉସ୍ ତଥା ଟ୍ରମ୍ପ ପ୍ରଶାସନ କେତୋଟି ଦଶନ୍ଧି ପଛକୁ ଠେଲି ଦେଇଛି । ତେଣୁ ମୋଦୀ ରୁଷ୍ ଓ ଚୀନ୍‌ର ନିକଟତର ହୋଇଛନ୍ତି । ଫଳରେ ଚୀନ୍ ଏବେ ଆମେରିକା ଓ ଟ୍ରମ୍ପଙ୍କ ବିକଳ୍ପ ଭାବେ ନିଜକୁ ଉପସ୍ଥାପନ କରିବାର ସୁଯୋଗ ପାଇଛି । ଆମେରିକାର ଏହା ଏକ ବଡ଼ ତ୍ରୁଟି ବୋଲି ସେ ସ୍ୱୀକାର କରିଛନ୍ତି । ଏବେ ଏହାକୁ ଠିକ୍ କରାଯିବା ଏକ ପ୍ରକାର ଅସମ୍ଭବ । ସ୍ଥିତି ବହୁତ ଖରାପ ହୋଇଥିବାରୁ ଏବେ ଏହା ଅସମ୍ଭବ ବୋଲି ସେ ସ୍ପଷ୍ଟ କରିଛନ୍ତି । ଆମେରିକାର ବୈଦେଶିକ ନୀତିକୁ ଟ୍ରମ୍ପ ନିଜ ବ୍ୟକ୍ତିଗତ ବନ୍ଧୁତ୍ୱ ଚଷମାରେ ଦେଖୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ବ୍ୟକ୍ତିଗତ ସମ୍ପର୍କ ଓ ଦେଶର ସମ୍ପର୍କରେ ଥିବା ପାର୍ଥକ୍ୟକୁ ଟ୍ରମ୍ପ ବୁଝିବାରେ ବିଫଳ ହୋଇଛନ୍ତି । ଟ୍ରମ୍ପ ଓ ମୋଦୀଙ୍କ ମଧ୍ୟରେ ପୂର୍ବରୁ ବହୁତ ଭଲ ସମ୍ପର୍କ ଥିଲା । କିନ୍ତୁ ଏବେ ଏହା ଶେଷ ହୋଇଛି । ଟ୍ରମ୍ପ ସେପ୍ଟେମ୍ବର ୧୭ରୁ ୧୯ ମଧ୍ୟରେ ବ୍ରିଟେନ ଯାତ୍ରା କରିବା ପୂର୍ବରୁ ବୋଲ୍ଟନ ଏହି କଥା କହିଛନ୍ତି । ଭାରତ ଉପରେ ୫୦ ପ୍ରତିଶତ ଟାରିଫ୍ ଲାଗୁ କରି ଆମେରିକ ବଡ଼ ଭୁଲ କରିଛି ବୋଲି ସେ ସ୍ୱୀକାର କରିଛନ୍ତି ।

## ଭାରତ-ରୁଷ୍‌କୁ ଚୀନ୍ ହାତରେ ଟେକି ଦେଇଛୁ: ଟ୍ରମ୍ପ

ୱାସିଂଟନ, ୫।୯(ଏଜେନ୍ସି): ଭାରତ ଓ ରୁଷିଆକୁ ଏବେ ଆମେ ହରାଇଛୁ ଓ ଏହି ଦୁଇ ଦେଶ ଏବେ ଚୀନ୍ ପଟରେ ସାମିଲ ହୋଇଛନ୍ତି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାମାଜିକ ଗଣମାଧ୍ୟମ ଟ୍ରୁଥ୍‌ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି । ଭାରତ ଓ ରୁଷକୁ ଆମେ ଚୀନ୍ ହାତରେ ଟେକି ଦେଇଛୁ । ଆଶାକରୁଛି ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି ଟ୍ରମ୍ପ ଉଲ୍ଲେଖ କରିଛନ୍ତି । ସେପଟେ ଭାରତର ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ଏ ସଂକ୍ରାନ୍ତରେ କିଛି କହିବାକୁ ମନା କରିଦେଇଛନ୍ତି । ଭାରତ ଉପରେ ଆମେରିକା ୫୦ ପ୍ରତିଶତ ଟାରିଫ ଲଗାଇବା ପରେ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ଖରାପ ହୋଇଛି । ଭାରତ ସମେତ କେତୋଟି ଦେଶ ଉପରେ ଉଚ୍ଚ ଟାରିଫ ଲଗାଇବା ମାମଲାର ଶୁଣାଣି ଏବେ ଆମେରିକାର କୋର୍ଟରେ ଚାଲିଛି । ଭାରତ ଉପରେ ଟାରିଫ ଲାଗୁ କରିବା ଜରୁରି ଥିଲା ବୋଲି ଟ୍ରମ୍ପ ଗୁରୁବାର କୋର୍ଟରେ କହିଛନ୍ତି । ଏପରି କରା ନଗଲେ ଆମେରିକା ବହୁତ ଆର୍ଥିକ କ୍ଷତି ସହିବ ବୋଲି ସେ କହିଛନ୍ତି । ୟୁକ୍ରେନ ଓ ରୁଷିଆ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ଶେଷ କରିବା ପାଇଁ ମଧ୍ୟ ଭାରତ ଉପରେ ଟାରିଫ ଲାଗୁ କରାଯାଇଛି ବୋଲି ସେ କହିଛନ୍ତି । ରୁଷିଆଠାରୁ ଭାରତ ତୈଳ କ୍ରୟ କରୁଛି ଓ ରୁଷିଆ ଏଥିରେ ଲାଭବାନ ହେବା ସହ ଯୁଦ୍ଧ ପାଇଁ ବଳ ପାଉଛି । ତେଣୁ ଭାରତ ଉପରେ ଏହି ଟାରିଫ ଲାଗୁ କରିବା ଜରୁରି ଥିଲା ବୋଲି ସେ କୋର୍ଟକୁ ଅବଗତ କରାଯାଇଛନ୍ତି । ଏକ ତଳ କୋର୍ଟ ଟ୍ରମ୍ପଙ୍କ ଟାରିଫ ନୀତିକୁ ତ୍ରୁଟି ପୂର୍ଣ୍ଣ କହିବା ସହ ଟ୍ରମ୍ପ ଏପରି କରିବା ଠିକ୍ ନୁହଁ ବୋଲି କହିଥିଲେ । ଫଳରେ ଟ୍ରମ୍ପ ସେପ୍ଟେମ୍ବର ୪ରେ ସୁପ୍ରିମକୋର୍ଟରେ ଅପିଲ କରିଥିଲେ ।

## ମୌସୁମୀ ବର୍ଷାର ତାଣ୍ଡବ
# ଦିଲ୍ଲୀ-ଏନ୍‌ସିଆର୍‌ରେ ବନ୍ୟା

ନୂଆଦିଲ୍ଲୀ, ୫।୯(ଏଜେନ୍ସି): ସାରା ଉତ୍ତର ଭାରତରେ ମୌସୁମୀ ବର୍ଷାର ତାଣ୍ଡବ ଜାରି ରହିଛି । କ୍ରମାଗତ ବର୍ଷା କାରଣରୁ ପାହାଡ଼ି ରାଜ୍ୟଗୁଡିକଠାରୁ ସମତଳ ଅଞ୍ଚଳ ପର୍ଯ୍ୟନ୍ତ ବିପର୍ଯ୍ୟୟ ଜାରି ରହିଛି । କ୍ରମାଗତ ବର୍ଷା କାରଣରୁ ଯମୁନା ନଦୀର ଜଳ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି । ଫଳରେ ଦିଲ୍ଲୀ-ଏନ୍‌ସିଆରରେ ବନ୍ୟା ଆସିଛି । ନୋଏଡାର ସେକ୍ଟର-୧୩୫ ଓ ସେକ୍ଟର-୧୫୧ ଜଳମଗ୍ନ ହୋଇଛି । ବହୁ ଅଞ୍ଚଳରେ ୩ରୁ ୪ ଫୁଟ ପାଣି ଜମି ରହିଛି । ଦିଲ୍ଲୀର ମୟୂର ବିହାର ସମ୍ପୂର୍ଣ୍ଣ ଭାବେ ଜଳମଗ୍ନ ହୋଇଛି । ହରିୟାଣାର ପଞ୍ଚକୁଲା, ହିସାର, ରୋହତକ ଓ ଝାଜ୍ଜରରେ ସବୁ ସ୍କୁଲକୁ ବନ୍ଦ କରିଦିଆଯାଇଛି । ଫତେହାବାଦ୍, କୁରୁକ୍ଷେତ୍ର, ଯମୁନାନଗର ଓ ଫରିଦାବାଦ୍‌ରେ ମଧ୍ୟ କେତୋଟି ସ୍କୁଲ ଓ କଲେଜକୁ ବନ୍ଦ କରିଦିଆଯାଇଛି । ଗୁରୁଗ୍ରାମରେ ସିଗନେଚର ଗ୍ଲୋବାଲ ସାଲୋରା ସୋସାଇଟିରେ ପାଣି ପସିଯାଇଛି । ଫଳରେ ଏହି ଅଞ୍ଚଳରେ ମହିଳା ଓ ଛୋଟ ପିଲାମାନେ ଘରୁ ବାହରକୁ ବାହରିପାରିନାହାନ୍ତି ଓ ଜଳବନ୍ଦୀ ହୋଇ ରହିଛନ୍ତି ।

ରାଜସ୍ଥାନ ଆଜ୍‌ମେରରେ ଗୁରୁବାର ରାତିରେ ପ୍ରବଳ ବର୍ଷା ହେବା କାରଣରୁ ବୋରାଜ ପୋଖରୀର ପାଚେରୀ ଭାଙ୍ଗିଯାଇଛି । ଫଳରେ ଅଚାନକ ଏକ ହଜାରରୁ ଉର୍ଦ୍ଧ୍ୱ ଘରେ ବନ୍ୟା ପାଣି ପସିଯାଇଛି । ସ୍ଥିତି ଏପରି ହୋଇଥିଲା ଯେ, ଲୋକ ଛାତ ଉପରେ ଯାଇ ଜୀବନ ବଞ୍ଚାଇଛନ୍ତି । ପାଣି ସୁଅ ଏତେ ପ୍ରଖର ଥିଲା ଯେ, କେତୋଟି ଗାଡ଼ି ଖେଳଣା ଭଳି ଭାସି ଯାଇଥିଲା । କେତୋଟି ଘର ଓ ବାସଗୃହ କ୍ଷତିଗ୍ରସ୍ତ ହୋଇଛି । ଲୋକଙ୍କୁ ଏହି ବିପର୍ଯ୍ୟୟରୁ ବାହାର କରିବା ପାଇଁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଚାଲୁ ରହିଥିଲା । ଅନ୍ୟପଟେ ପଞ୍ଜାବରେ ବନ୍ୟାସ୍ଥିତିରେ ସୁଧାର ଆସିନାହିଁ । ବ୍ୟାନ ଯୋଗୁଁ ଏହି ଉତ୍ତର ପଶ୍ଚିମ ସୀମାନ୍ତ ରାଜ୍ୟରେ ଏପର୍ଯ୍ୟନ୍ତ ୪୩ ଲୋକ ମୃତ୍ୟୁବରଣ କରିଛନ୍ତି । ରାଜ୍ୟର ୨୩ଟି ଜିଲ୍ଲାରେ ୧, ୬୫୫

### ନୋଏଡାରେ ଏକାଧିକ ସେକ୍ଟର ଜଳମଗ୍ନ
### ପଞ୍ଜାବରେ ବନ୍ୟା ଯୋଗୁଁ ୪୩ ମୃତ

ଗାଁ ପାଣି ଘେରରେ ରହିଛି ଓ ୩.୫୫ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି । ୧.୭୧ ହେକ୍ଟର ଜମିରେ ହୋଇଥିବା ଚାଷ ନଷ୍ଟ ହୋଇଛି । ପୁଣି ଆଗାମୀ ୫ ଦିନ ଏହି ରାଜ୍ୟରେ ପ୍ରବଳ ବର୍ଷା ହେବାର ସତର୍କତା ଜାରି କରାଯାଇଛି । ଫଳରେ ସ୍ଥିତି ଆହୁରି ଗୁରୁତର ହେବ ବୋଲି ଆଶଙ୍କା କରାଯାଉଛି ।

କଶ୍ମୀରରେ ଗୁରୁବାର ପ୍ରବଳ ବର୍ଷା ହେବା କାରଣରୁ ଭୂସ୍ଖଳନ ହୋଇଛି ଓ ଏହି କାରଣରୁ ଦେଶର ବାକି ଅଞ୍ଚଳ ସହ ସମ୍ପର୍କ କଟିଯାଇଛି । ଜମ୍ମୁ-କଶ୍ମୀର ଜାତୀୟ ରାଜପଥ ସହ ସବୁ ସଡ଼କ ବନ୍ଦ ରହିଛି । ଅବଶ୍ୟ ଝେଲମ ନଦୀର ଜଳସ୍ତରରେ ହ୍ରାସ ପାଇଛି । ନଦୀ ଏବେ ବିପଦ ସଂକେତ ତଳେ ପ୍ରବାହିତ ହେଉଛି । କିନ୍ତୁ ସତର୍କତା ଅବଲମ୍ବନପୂର୍ବକ କଶ୍ମୀର ଅଞ୍ଚଳର ସବୁ ସ୍କୁଲ ଓ କଲେଜକୁ ଶନିବାର ପର୍ଯ୍ୟନ୍ତ ବନ୍ଦ କରାଯାଇଛି ।



ଅନ୍ୟପଟେ ଜମ୍ମୁର ରାମବନ ଜିଲ୍ଲାରେ ପ୍ରବଳ ବର୍ଷା କାରଣରୁ ହଠାତ ବନ୍ୟା ଆସିବା ସହ ଭୂସ୍ଖଳନ ହୋଇଛି । ଫଳରେ ଏହି ଅଞ୍ଚଳରେ ୨୮୩ ଘର କ୍ଷତିଗ୍ରସ୍ତ ହୋଇଛି । ୯୫୦ ଲୋକଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ଅଞ୍ଚଳକୁ ନିଆଯାଇଛି । ଗତ ଅଗଷ୍ଟ ୨୯ରେ ରାମବନର ରାଜଗଡ଼ ତହସିଲର ଦୁବଲା ଗାଁରେ ବାଦଲ ଫଟା ବର୍ଷା ଯୋଗୁଁ ଭୂସ୍ଖଳନ ହୋଇଥିଲା । କଶ୍ମୀର ବନ୍ଦୀପୋରାର ବୁଲର ହ୍ରଦରେ ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ୧୧ଟି ପରିବାରକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ସେହିପରି ହିମାଚଳ ପ୍ରଦେଶରେ ଗତ ୧୧ ଦିନ ହେବ ଫସି ରହିଥିବା ୫୦ ଜଣ ଯାତ୍ରୀଙ୍କୁ ଚିନୁକ ହେଲିକପ୍ଟର ଦ୍ୱାରା ଉଦ୍ଧାର କରାଯାଇଛି । ଭାରତ ଓ ପାକିସ୍ତାନର ସୀମାରେ ଥିବା ତାର ବାଡ଼ଗୁଡିକ କେତେ କିମି ଧରି ବୁଡି ରହିଥିବାର ଦେଖାଯାଇଛି । ସେହିପରି ଓଖଳା ବ୍ୟାରେଜର ସବୁ ଗେଟ୍‌କୁ ଖୋଲି ଦିଆଯାଇଛି । ଫଳରେ ଯମୁନା ନଦୀର ଜଳସ୍ତରରେ ବୃଦ୍ଧି ଘଟିଛି । ହିମାଚଳ ପ୍ରଦେଶରେ ୫ଟି ଜଲ୍ଲାରେ ପ୍ରବଳ ବର୍ଷା ହେବ ବୋଲି ସତର୍କତା ଜାରି କରାଯାଇଛି ।

## ଦେଶ ପାଇଁ ବିଚାରଧାରା ଜରୁରି: ସିଡିଏସ୍ ଅନିଲ ଚୌହାନ




ଗୋରଖପୁର, ୫।୯(ଏଜେନ୍ସି): ଦେଶ ପାଇଁ ଏକ ବିଚାରଧାରା ଜରୁରି ବୋଲି ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ କହିଛନ୍ତି । ଗୋରଖପୁରାରେ ଗୋର୍ଖା ଯୁଦ୍ଧ ସ୍ମାରକୀର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଓ ସଂଗ୍ରାହଳୟ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ସେ କହିଛନ୍ତି ଯେ, ଏକ ରାଷ୍ଟ୍ରର ସଞ୍ଚାଳନ ପାଇଁ ବିଚାରଧାରା ନିହାତି ଜରୁରି । ଭୂମି ରାଷ୍ଟ୍ରର ଭୌତିକ ପରିଚୟ । ଶରୀର ପାଇଁ ଯେପରି ରକ୍ତର ଆବଶ୍ୟକତା ଅଛି, ଠିକ୍ ସେହିପରି ଦେଶ ପାଇଁ ଏକ ବିଚାରଧାରା ଜରୁରି ବୋଲି ସେ କହିଛନ୍ତି । ଏହା ମଧ୍ୟ ପ୍ରଶାସନିକ ଢ଼ାଞ୍ଚାକୁ ଦୃଢ଼ କରିଥାଏ । ଶତ୍ରୁ ଦେଶ ପରମାଣୁ ଅସ୍ତ୍ରରେ ଶକ୍ତି ସମ୍ପର୍ଣ୍ଣ । ପୁଣି ଭାରତ ସମ୍ମୁଖରେ ସୀମା ବିବାଦ କଡ଼ା ଚ୍ୟାଲେଞ୍ଜ ସୃଷ୍ଟି କରିଛି । ସ୍ୱାଧୀନତା ପାଇବା ପରେ ମଧ୍ୟ ସୀମାକୁ ନେଇ ଶତ୍ରୁ ଦେଶ ସହ ଏକାଧିକବାର ଯୁଦ୍ଧ ହୋଇ ସାରିଛି । ଖାସ୍ କରି ଚୀନ୍ ସହିତ ଥିବା ବହୁଦିନର ସୀମା ବିବାଦ ଭାରତ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ । ପୁଣି ଭାରତରେ ଏକାଧିକ ଆଞ୍ଚଳିକ ସମସ୍ୟା ରହିଛି ବୋଲି ସେ କହିଛନ୍ତି । ତେଣୁ ଦେଶର ଚାରିପଟୁ ବିପଦ ରହିଛି । ସେହିପରି ଦେଶ ପାଇଁ ଅଭ୍ୟନ୍ତରୀଣ ବିପଦ ମଧ୍ୟ ରହିଛି । ତେଣୁ ଏହି ସବୁ ବିପଦକୁ ପ୍ରତିହତ କରିବାର ଚ୍ୟାଲେଞ୍ଜ ଆମ ସମ୍ମୁଖରେ ରହିଛି । ଆଧୁନିକ ଯୁଗରେ ଏବେ ଯୁଦ୍ଧର ସ୍ୱରୂପ ବଦଳିଛି । ଜଳ, ସ୍ଥଳ ଓ ବାୟୁ ସେନା ମଧ୍ୟରେ ସମନ୍ୱୟ ଓ ସନ୍ତୁଳନ ରକ୍ଷା କରିବାକୁ ହେବ ବୋଲି ସେ କହିଛନ୍ତି । ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଥିବା ତତ୍ତ୍ୱକୁ ଶେଷ କରିବାକୁ ହେବ ବୋଲି ସେ କହିଛନ୍ତି ।

## ଆମେରିକାଠାରୁ ୫ମ ପିଢ଼ିର ବିମାନ ଇଞ୍ଜିନ୍ କିଣିବ ଭାରତ

ନୂଆଦିଲ୍ଲୀ, ୫।୯(ଏଜେନ୍ସି): ଭାରତ ଓ ଆମେରିକା ମଧ୍ୟରେ ଚାଲିଥିବା ଟାରିଫ ଯୁଦ୍ଧ ବିବାଦ ମଧ୍ୟରେ ଏକ ଭଲ ଖବର ଆସିଛି । ଭାରତର ବିମାନ ନିର୍ମାତା କମ୍ପାନୀ ହିନ୍ଦୁସ୍ଥାନ ଏରୋନେଟିକ୍ସ ଲିମିଟେଡ (ହାଲ) ଓ ପ୍ରସିଦ୍ଧ ଆମେରିକା କମ୍ପାନୀ ଜେନେରାଲ ଇଲେକଟ୍ରିକ୍ (ଜିଇ) ମଧ୍ୟରେ ୫ମ ପିଢ଼ିର ଜେଟ୍ ଇଞ୍ଜିନ୍ କ୍ରୟକୁ ନେଇ ଏକାଧିକ ପ୍ରତିରକ୍ଷା ଚୁକ୍ତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି । ୧୪ ହଜାର କୋଟି ଟଙ୍କାରେ ଏହି ଚୁକ୍ତି ହୋଇଛି । ଜେଟ୍ ଜିଇ ୪୧୪ ଇଞ୍ଜିନକୁ ନେଇ ଏକ ବଡ଼ ଚୁକ୍ତି ହୋଇଛି ବୋଲି ହାଲ ସୂତ୍ରରୁ ଜଣାଯାଇଛି । ଏହି ଇଞ୍ଜିନ୍ ଭାରତର ୫ମ ପିଢ଼ୀର ସ୍ୱଦେଶୀ ଲଢ଼ୁଆ ବିମାନ ଅର୍ଥାତ ଆଡଭାନ୍ସଡ୍ ମିଡିୟମ କମ୍ବାଟ ଏୟାରକ୍ରାଫ୍ଟ (ଏଏମ୍‌ସିଏ)ରେ ଲାଗିବ । ଜିଇ ଏହି ଇଞ୍ଜିନର ୮୦ ପ୍ରତିଶତ ବୈଷୟିକ ଜ୍ଞାନକୌଶଳ ଦେବାକୁ ହାଲର ସର୍ତ୍ତକୁ ମାନିନେଇଛି । ଫଳରେ ଜିଇ-୪୧୪ ଇଞ୍ଜିନର ଉତ୍ପାଦନ ଭାରତରେ ହୋଇପାରିବ । ହାଲ ମଧ୍ୟ ଆଗୁଆ ୧୦ଟି ଜିଇ-୪୧୪ ଇଞ୍ଜିନ କ୍ରୟ କରିଛି । ଫଳରେ ଏଏମ୍‌ସିଏ ବିକାଶରେ ବିଳମ୍ବ ହେବ ନାହିଁ । ଆସନ୍ତାମାସ ଅର୍ଥାତ ଅକ୍ଟୋବରରେ ବାୟୁସେନାକୁ ଦୁଇଟି ତେଜସ୍ ଏମ୍‌କେ୧ ବିମାନ ମିଳିବ ।

### ୧୪ ହଜାର କୋଟିର ଚୁକ୍ତି
### ୮୦ ପ୍ରତିଶତ ବୈଷୟିକ ଜ୍ଞାନ କୌଶଳ ଦେବାକୁ ପ୍ରସ୍ତୁତ




■ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନରେ ବୈଷୟିକ ତ୍ରୁଟି

## ଇନ୍ଦୋରରେ ଜରୁରିକାଳୀନ ଅବତରଣ

ନୂଆଦିଲ୍ଲୀ, ୫।୯(ଏଜେନ୍ସି): ଦିଲ୍ଲୀରୁ ଇନ୍ଦୋର ଯାଉଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସର ଏକ ବିମାନ ଶୁକ୍ରବାର ସକାଳେ ଇନ୍ଦୋର ବିମାନ ବନ୍ଦରରେ ଜରୁରିକାଳୀନ ଅବତରଣ କରିଛି । ଏହି ବିମାନରେ ୧୬୧ ଜଣ ଯାତ୍ରୀ ଥିଲେ । ଫ୍ଲାଇଟ୍ ନଂ ଆଇଏକ୍ସ-୧୧୦୪ ଇଞ୍ଜିନରେ ବୈଷୟିକ ତ୍ରୁଟି ଦେଖାଯିବା ଫଳରେ ଏହା ସକାଳ ୯.୫୪ ମିନିଟ୍‌ରେ ଜରୁରିକାଳନୀ ଅବତରଣ କରିଥିଲା । ଜରୁରିକାଳନୀ ଅବତରଣ ଖବର ଶୁଣି ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା । ବିମାନବନ୍ଦରରେ ଅପେକ୍ଷା କରିଥିବା ଯାତ୍ରୀମାନଙ୍କ ସମ୍ପର୍କୀୟମାନେ ମଧ୍ୟ ଆତଙ୍କିତ ହୋଇ ପଡ଼ିଥିଲେ । ଦିଲ୍ଲୀରୁ ଏହି ବିମାନ ବିଳମ୍ବରେ ଉଡାଣ ଭରିଥିଲା । ଏହି ବିମାନ ଦିଲ୍ଲୀରୁ ୬.୪୦ରୁ ବାହାରି ଇନ୍ଦୋରରେ ୮.୧୫ରେ ପହଞ୍ଚିଥାଏ । କିନ୍ତୁ ଆଜି ସକାଳେ ଏହା ୮.୨୮ରେ ଟେକ୍‌ଅଫ୍ କରିଥିଲା । ଇନ୍ଦୋର ପହଞ୍ଚିବା ବେଳକୁ ବିମାନର ବାମପଟ ଇଞ୍ଜିନରେ ତ୍ରୁଟି ଦେଖାଦେଇଥିଲା । ଏହାପରେ ପାଇଲଟ୍ ଯଥାଶୀଘ୍ର ଏୟାର ଟ୍ରାଫିକ କଣ୍ଟ୍ରୋଲ (ଏଟିସି)କୁ ଅବଗତ କରାଇଥିଲେ ଓ ଏଟିସି ତୁରନ୍ତ ଜରୁରିକାଳୀନ ଅବତରଣର ବ୍ୟବସ୍ଥା କରିଥିଲେ । ଏବେ ଇଞ୍ଜିନିୟରିଂ ଟିମ୍ ଏହି ବିମାନର ଯାଞ୍ଚ୍ କରୁଛି ।

## ୟୁକ୍ରେନକୁ ସୁରକ୍ଷା ଗ୍ୟାରେଣ୍ଟି ଦେବେ ୨୬ ଦେଶ

ପ୍ୟାରିସ, ୫।୯(ଏଜେନ୍ସି): ୨୬ଟି ୟୁରୋପୀୟ ଦେଶ ୟୁକ୍ରେନ୍‌କୁ ପୋଷ୍ଟ ୱାର ଅର୍ଥାତ ଯୁଦ୍ଧ ପରର ସୁରକ୍ଷା ଗ୍ୟାରେଣ୍ଟ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ୍ ଗୁରୁବାର ଏ ନେଇ ସୂଚନା ଦେଇଛନ୍ତି । ୟୁକ୍ରେନ୍‌ରେ ଏକ ଇଣ୍ଟରନ୍ୟାସନାଲ ଫୋର୍ସ ନିୟୋଜିତ କରାଯିବ ବୋଲି ସେ କହିଛନ୍ତି । 'କୋଆଲିସନ ଅଫ୍ ୱିଲିଂ' ସମ୍ମିଳନୀ ପରେ ଗଣମାଧ୍ୟମ ସହ କଥା ହେବା ବେଳେ ମାକ୍ରୋନ ଏହିକଥା କହିଛନ୍ତି । ଏହି ବୈଠକରେ ୟୁରୋପୀଆନ ୟୁନିୟନ ସମେତ ୩୫ ଦେଶର ନେତା ସାମିଲ ହୋଇଥିଲେ । ବୈଠକ ପରେ ମାକ୍ରୋନ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ କଥା ହୋଇଥିଲେ ଓ ଏହି ଗ୍ୟାରେଣ୍ଟି ପାଇଁ ସମର୍ଥନ ଦେବାକୁ କହିଥିଲେ । ୟୁକ୍ରେନ ସେନାବାହିନୀକୁ କେତୋଟି ଦେଶ ଟ୍ରେନିଂ ଦେବା ସହ ଅସ୍ତ୍ରଶସ୍ତ୍ର ଯୋଗାଇବେ । ୟୁକ୍ରେନ- ରୁଷିଆ ଯୁଦ୍ଧ ଶେଷ ହେବା ମାତ୍ରେ ହିଁ ଏହି ସୁରକ୍ଷା ଗ୍ୟାରେଣ୍ଟି ଲାଗୁ ହେବ । କିନ୍ତୁ ଏହା ବିରୋଧରେ ରୁଷି ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ସିଧାସଳଖ ଧମକ ଦେଇଛନ୍ତି । ଯଦି ୟୁକ୍ରେନରେ ପାଶ୍ଚାତ୍ୟ ଦେଶର କୌଣସି ସୈନ୍ୟ ନିୟୋଜିତ ହୁଅନ୍ତି ତେବେ ରୁଷିଆ ତାଙ୍କୁ ଟାର୍ଗେଟ କରିବା ସହ ଆକ୍ରମଣ କରିବ ବୋଲି ପୁଟିନ କହିଛନ୍ତି ।

## ମହିଳା ଆଇପିଏସ୍‌ଙ୍କୁ ଅଜିତ ପାୱାରଙ୍କ ଧମକ

ମୁମ୍ବଇ, ୫।୯(ଏଜେନ୍ସି): ମହାରାଷ୍ଟ୍ର ଉପ- ମୁଖ୍ୟମନ୍ତ୍ରୀ ତଥା ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଅଜିତ ପାୱାର ଅଞ୍ଜନା କ୍ରିଷ୍ଣା ନାମକ ଜଣେ ମହିଳା ଆଇପିଏସ୍ ଅଧିକାରୀଙ୍କୁ ଧମକ ଦେବାର ଏକ ଭିଡିଓ ଭାଇରାଲ ହୋଇଛି । ଦୁହିଁଙ୍କ ମଧ୍ୟରେ ଫୋନ୍‌ରେ ଗରମାଗରମ ଯୁକ୍ତିତର୍କ ହେବା ବେଳେ ଅଜିତ ତାଙ୍କୁ ପାଟି କରିବା ସହ ଧମକ ଦେଉଥିବା ଦେଖିବାକୁ ମିଳିଛି । ଅଗଷ୍ଟ ୩୧ରେ ସୋଲାପୁର ଜିଲ୍ଲାର କୁର୍ଦ୍ଦୁ ଗାଁରେ ଏହି ଘଟଣା ଘଟିଥିଲା ବୋଲି କୁହାଯାଇଛି । ଅଞ୍ଜନା ଏହି ଅଞ୍ଚଳରେ ମୋହରମର ଅବୈଧ ଖନନକୁ ରୋକିବାକୁ ସେଠାରେ ପହଞ୍ଚିଥିଲେ । କିନ୍ତୁ ଏହାକୁ ରୋକିବାକୁ ଅଜିତ ଏହି ମହିଳା ଆଇପିଏସ୍‌କୁ କହୁଥିବାର ଶୁଣାଯାଇଛି । ଭିଡିଓରେ ଅଞ୍ଜନା ହାତରେ ଏକ ମାବାଇଲ ଧରି ଛିଡା ହୋଇଥିବାର ଲକ୍ଷ୍ୟ କରାଯାଇଛି ଓ ତାଙ୍କ ପାଖରେ କିଛି ଲୋକ ଠିଆ ହୋଇଛନ୍ତି । ଏନ୍‌ସିପିର ଜଣେ କର୍ମୀଙ୍କ ମୋବାଇଲରୁ ଅଜିତ ଫୋନ୍ କରିଥିଲେ । କିନ୍ତୁ ଅଞ୍ଜନା ତାଙ୍କ ସ୍ୱର ଜାଣିପାରି ନଥିଲେ । ଫଳରେ ଅଜିତ ଭିଡିଓ କଲ୍ କରିଥିଲେ । ଭିଡିଓ ଭାଇରାଲ ହେବା ପରେ ଅଜିତ ନିଜ ତ୍ରୁଟି ସ୍ୱୀକାର କରିଛନ୍ତି ଓ ପୁଲିସ ଓ ଅଧିକାରୀଙ୍କ ପ୍ରତି ମୋର ଯଥେଷ୍ଟ ସମ୍ମାନ ରହିଛି ବୋଲି ସେ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି ।

# ଦେଶର ୪୭% ମନ୍ତ୍ରୀଙ୍କ ଉପରେ ଆପରାଧିକ ମାମଲା



ନୂଆଦିଲ୍ଲୀ, ୫।୯(ଏଜେନ୍ସି): ଦେଶରେ ୩୦୨ ଜଣ ମନ୍ତ୍ରୀ (ପାଖାପାଖି ୪୭ ପ୍ରତିଶତ) ନିଜ ଉପରେ ଆପରାଧିକ ମାମଲା ଥିବା କଥା ସ୍ୱୀକାର କରିଛନ୍ତି । ଏମାନଙ୍କୁ ମଧ୍ୟରୁ ୧୭୪ ଜଣ ମନ୍ତ୍ରୀଙ୍କ ଉପରେ ହତ୍ୟା, ଅପହରଣ ଓ ମହିଳାଙ୍କ ବିରୋଧରେ ଅପରାଧ ଭଳି ଗମ୍ଭୀର ଅଭିଯୋଗ ରହିଛି । ସେହିପରି କେନ୍ଦ୍ର ସରକାରଙ୍କ ୭୨ ମନ୍ତ୍ରୀଙ୍କ ମଧ୍ୟରୁ ୨୯ଜଣ (୪୦ ପ୍ରତିଶତ) ନିଜ ଉପରେ ଆପରାଧିକ ମାମଲା ଥିବା କଥା ସ୍ୱୀକାର କରିଛନ୍ତି । ନିର୍ବାଚନ ସୁଧାର ସଂସ୍ଥା 'ଆସୋସିଏସନ ଫର୍ ଡେମୋକ୍ରାଟିକ ରିଫର୍ମ୍ସ' (ଏଡିଆର) ଦ୍ୱାରା ପ୍ରକାଶିତ ରିପୋର୍ଟରେ ଏ ନେଇ ଉଲ୍ଲେଖ କରାଯାଇଛି । ଏଡିଆର ୨୭ ରାଜ୍ୟ, ୩ କେନ୍ଦ୍ର ଶାସିତ ଅଞ୍ଚଳ ଓ କେନ୍ଦ୍ର ସରକାରଙ୍କ ମୋଟ୍ ୬୪୩ ମନ୍ତ୍ରୀଙ୍କ ଶପଥ ପତ୍ର ବା ଆଫିଡେବିଟ୍‌ର ବିଶ୍ଳେଷଣ କରି ଏହି ନିଷ୍କର୍ଷରେ ପହଞ୍ଚିଛି । ୨୦୨୦ ଓ ୨୦୨୫ ମଧ୍ୟରେ ଅନୁଷ୍ଠିତ ନିର୍ବାଚନ ଅବସରରେ ଦାଖଲ ହୋଇଥିବା ଶପଥ ପତ୍ରକୁ ଆଧାର କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି ବୋଲି ଏଡିଆର ତରଫରୁ କୁହାଯାଇଛି । ୧୧ଟି ରାଜ୍ୟରେ ୬୦ ପ୍ରତିଶତ ମନ୍ତ୍ରୀ ଆପରାଧିକ ମାମଲାରେ ଅଭିଯୁକ୍ତ ଅଛନ୍ତି । ଏହିକ୍ରମରେ ଦେଖିବାକୁ ଗଲେ ବିଜେପିର ୩୩୬ ମନ୍ତ୍ରୀଙ୍କ ମଧ୍ୟରୁ ୧୩୬ ମନ୍ତ୍ରୀଙ୍କ ବିରୋଧରେ ଆପରାଧିକ ମାମଲା ରହିଛି ଓ ୮୮ ଜଣଙ୍କ ଉପରେ ଗମ୍ଭୀର ମାମଲା ରୁଜୁ କରାଯାଇଛି । ଅନ୍ୟପଟେ କଂଗ୍ରେସର ୬୧ ମନ୍ତ୍ରୀଙ୍କ ମଧ୍ୟରୁ ୪୫ ଜଣଙ୍କ ବିରୋଧରେ ମାମଲା ରହିଥିବା ବେଳେ ୧୮ ଜଣଙ୍କ ବିରୋଧରେ ଗମ୍ଭୀର ମାମଲା ରହିଛି । ସେହିପରି ଡିଏମ୍‌କେର ୩୧ରୁ ୨୭, ଟିଏମ୍‌ସିର ୪୦ରୁ ୧୩, ଟିଡିପିର ୨୩ରୁ ୨୨ ଏବଂ ଆପ୍‌ର ୧୬ରୁ ୧୧ ଜଣ ବିରୋଧରେ ଆପରାଧିକ ମାମଲା ରହିଛି । ଉଲ୍ଲେଖଥାଉ କି, କିଛିଦିନ ତଳେ କେନ୍ଦ୍ର ସରକାର ଏକ ପ୍ରସ୍ତାବ ରଖିଥିଲେ । ଏହା ଅନୁସାରେ ଯେଉଁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ଗମ୍ଭୀର ଆପରାଧିକ ମାମଲାରେ ୩୦ ଦିନ ଜେଲରେ ରହିବା ପରେ ପଦରୁ ହଟିବେ ବୋଲି କୁହାଯାଇଥିଲା ।

## ଅପରାଧ ମାମଲା ଥିବା ମନ୍ତ୍ରୀ ତାଲିକାରେ ଆନ୍ଧ୍ର, ଓଡ଼ିଶା ପ୍ରଥମ

**ଓଡ଼ିଶାର ୧୪ ମନ୍ତ୍ରୀଙ୍କ ନାମରେ ରହିଛି ମାମଲା**

**କନକ ସବୁଠାରୁ ଧନୀ, ଦ୍ୱିତୀୟ ସ୍ଥାନରେ ପ୍ରଦୀପ**

ଭୁବନେଶ୍ୱର,୫।୯(ସମିସ): ଅପରାଧିକ ମାମଲା ଥିବା ମନ୍ତ୍ରୀ ତାଲିକାରେ ଓଡ଼ିଶା ସହ ଆନ୍ଧ୍ରପ୍ରଦେଶ ଯୁଗ୍ମ ଭାବରେ ସାରା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଶାର ୧୬ ଜଣ ମନ୍ତ୍ରୀଙ୍କ ମଧ୍ୟରୁ ୧୪ ଜଣ ମନ୍ତ୍ରୀଙ୍କ ନାମରେ ରହିଛି ଅପରାଧିକ ମାମଲା। ଏପରିକି ଅପରାଧିକ ମାମଲା ଥିବା ୧୪ ଜଣ ମନ୍ତ୍ରୀଙ୍କ ମଧ୍ୟରୁ ୯ ଜଣଙ୍କ ନାମରେ ଗୁରୁତର ଅପରାଧିକ ମାମଲା ପଞ୍ଜିକୃତ ହୋଇଛି। ନିକଟରେ ଦେଶର ୨୭ଟି ରାଜ୍ୟ ଓ ୩ଟି କେନ୍ଦ୍ର ଶାସିତ ଅଞ୍ଚଳର ମନ୍ତ୍ରୀମାନଙ୍କ ସତ୍ୟପାଠ ଆଧାରରେ ଆସୋସିଏସନ ଫର ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ଓ ନ୍ୟାସନାଲ ଇଲେକ୍ସନ ୱାଚ୍ (ଏନ୍‌ଇଡବ୍ଲ୍ୟୁ) ଏପରି ରିପୋର୍ଟ ପ୍ରକାଶ କରିଛି।

ଏଡିଆର ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ, ଉଭୟ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶର ୮୮ ପ୍ରତିଶତ ମନ୍ତ୍ରୀଙ୍କ ନାମରେ ଅପରାଧିକ ମାମଲା ରହିଛି। ସେହିପରି ଉଭୟ ରାଜ୍ୟରେ ୫୬ ପ୍ରତିଶତ ମନ୍ତ୍ରୀଙ୍କ ନାମରେ ମଧ୍ୟ ଗୁରୁତର ଅପରାଧିକ ମାମଲା ଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଓଡ଼ିଶାର ସବୁଠାରୁ ଧନୀ ମନ୍ତ୍ରୀ ଭାବରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ନାମ ସ୍ଥାନ ପାଇଛି। ତାଙ୍କର ସମ୍ପତ୍ତି ୬୭ କୋଟି ୩୦ ଲକ୍ଷ ୬୦ ହଜାର ୬୨୯ ଟଙ୍କା ବୋଲି ଉଲ୍ଲେଖ ରହିଛି। ସେହିପରି ତାଙ୍କ ନାମରେ ୭୫ ଲକ୍ଷ ଟଙ୍କା ଋଣ ଥିବା ଏଡ଼ିଆର୍ ଉଲ୍ଲେଖ କରିଛି। ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ରାଜ୍ୟର ଦ୍ୱିତୀୟ ଧନୀ ମନ୍ତ୍ରୀ ବୋଲି କୁହାଯାଇଛି ଓ ତାଙ୍କ ନିକଟରେ ୧୭.୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ରହିଛି। ତାଙ୍କ ନାମରେ ୮୫ ଲକ୍ଷ ଟଙ୍କା ଋଣ ରହିଛି। ଅନ୍ୟପକ୍ଷରେ ସମ୍ପତ୍ତି ସୂଚୀରେ ଯୋଗାଣମନ୍ତ୍ରୀ ତୃତୀୟ ସ୍ଥାନରେ ରହିଛନ୍ତି । ତାଙ୍କ ପାଖରେ ୭ କୋଟି ୬୬ ଲକ୍ଷ ୫୮ ହଜାର ୨୩୭ ଟଙ୍କା ସମ୍ପତ୍ତି ରହିଛି।



ନବୀନ ନିବାସରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି ବିଜୁ ମହିଳା ଜନତା ଦଳର ନବନିଯୁକ୍ତ ସଭାନେତ୍ରୀ ଓ ମହିଳା ବ୍ୟାପାର କମିଟି ସଦସ୍ୟ

**ଏସ୍‌ସି, ଏସ୍‌ଟିଙ୍କୁ ମିଳୁନି ନ୍ୟାୟ**

## ବିଚାର ଅପେକ୍ଷାରେ ୩୦ ହଜାର ମାମଲା

**ଦଣ୍ଡ ବିଧାନ ହାର ନଗଣ୍ୟ ● ଥାନା, କଚେରୀକୁ ଦୌଡ଼ି ଦୌଡ଼ି ଜନସାଧାରଣ ନୟାନ୍ତ**

ଭୁବନେଶ୍ୱର, ୫।୯ (ସମିସ): ଏସ୍‌ସି/ ଏସ୍‌ଟି(ଅନୁସୂଚିତ ଜାତି ଓ ଜନଜାତି)ଙ୍କୁ ନ୍ୟାୟ ଦେବାରେ ବିଫଳ ହୋଇଛି ପ୍ରଶାସନ। ବର୍ଷ ବର୍ଷ ଧରି ମାମଲା କୋର୍ଟରେ ଗଡୁଛି। ଅଭିଯୋଗକାରୀ ଥାନା, କୋର୍ଟକୁ ଦୌଡ଼ି ନୟାନ୍ତ ହେଉଛନ୍ତି । ମାତ୍ର ଅଧିକାଂଶ କ୍ଷେତ୍ରରେ ନ୍ୟାୟ ମିଳୁନାହିଁ ବୋଲି ଅଭିଯୋଗ ହେଉଛି। ଏପରିକି ଏସ୍‌ସି/ ଏସ୍‌ଟି ମାମଲାଗୁଡ଼ିକରେ ଓଡ଼ିଶାରେ ଦଣ୍ଡ ବିଧାନ ହାର ଜାତୀୟ ହାରଠାରୁ ଢେର କମ୍ ରହିଛି। ଏପରିକି ଏଭଳି ସମ୍ବେଦନଶୀଳ ଯେତେ ମାମଲା ବିଚାର ପାଇଁ ରହିଛି ତାହାର ଦୁଇ ପ୍ରତିଶତ ମଧ୍ୟ ବର୍ଷକରେ ଫଇସଲା ହୋଇପାରୁ ନାହିଁ। ଏହି ସମୟରେ ଅନୁସୂଚିତ ଜାତି ଏବଂ ଜନଜାତିଙ୍କୁ ତ୍ୱରିତ ନ୍ୟାୟ ମିଳୁନଥିବାରୁ ନିକଟରେ ସରକାର ଏହି ମାମଲାର ତଦନ୍ତ ଏସ୍‌ଆଇ ଏବଂ ଆଇଆଇସିଙ୍କୁ ତଦନ୍ତ ଅନୁମତିକୁ ନେଇ ସୃଷ୍ଟି ହୋଇଛି ବିବାଦ । ଅନ୍ୟୂନ ଡ଼ିଏସ୍‌ପି ପାହ୍ୟା ଅଧିକାରୀଙ୍କ ଦ୍ୱାରା ତଦନ୍ତ ପାଇଁ ରହିଥିବା ବ୍ୟବସ୍ଥା ପରିବର୍ତ୍ତନକୁ ନେଇ ବିରୋଧୀ ସରକାରଙ୍କୁ ନିଶାଣ କରିଛନ୍ତି।

ଏନସିଆର ପକ୍ଷରୁ ପ୍ରକାଶିତ କ୍ରାଇମ୍ ଇନ୍ ଇଣ୍ଡିଆ ରିପୋର୍ଟ-୨୦୨୩ର ତଥ୍ୟ ଅନୁସାରେ ଓଡ଼ିଶାରେ ଅନୁସୂଚୀତ ଜାତି ଓ ଜନଜାତି ଅପରାଧ ମାମଲା ସଂଖ୍ୟା ୩୦ ହଜାର ହେବ। ଏହି ରିପୋର୍ଟର ପରିସଂଖ୍ୟାନ ଅନୁଯାୟୀ ୨୦୨୨ରେ ସାରା ଦେଶରେ ଏସ୍‌ସିଙ୍କ ପ୍ରତି ଥିବା ମାମଲାରୁ ମାତ୍ର ୮ ହଜାର ୬୨ଟିର ବିଚାର ହୋଇଥିବା ବେଳେ ସେଥିରୁ ୩ ହଜାର୨୩୪ଟି ଫଇସଲା ହୋଇଥିଲା। ଏଥିମଧ୍ୟରୁ ମାତ୍ର ୯୦୨ଟିରେ ଦଣ୍ଡ ବିଧାନ ହୋଇଥିଲା। ସେହିଭଳି ଏସ୍‌ଟିମାନଙ୍କ ପ୍ରତି ଘଟିଥିବା ଅପରାଧିକ ମାମଲାରୁ ୪୫ ହଜାର୮୨୭ଟି ମାମଲା ବିଚାର ପାଇଁ ଯାଇଥିବା ବେଳେ ସେଥିରୁ ମାତ୍ର ୧୬ ହଜାର୭୧୪ଟି ଫଇସଲା ହୋଇଥିଲା। ଯେଉଁଥିରେ ମୋଟ ୫୬୨୯ଟି ମାମଲାରେ ଦଣ୍ଡବିଧାନ କରାଯାଇଛି। ମୋଟାମୋଟି ଭାବେ ସାରା ଦେଶରେ ବିଚାର ଅପେକ୍ଷାରେ ଥିବା ଏହି କିସମର ଅପରାଧିକ ମାମଲାଗୁଡ଼ିକ ଭିତରୁ ୬ ପ୍ରତିଶତରୁ କମ୍ ଫଇସଲା ହୋଇଥିବା ବେଳେ ୯୩ ପ୍ରତିଶତରୁ ଅଧିକ ବାକିଆ ମାମଲା ଭାବେ ପରବର୍ତ୍ତୀ ବର୍ଷକୁ ଗଡ଼ିଛି।

ଅନୁରୂପ ଭାବରେ ଏସ୍‌ସି ଓ ଏସ୍‌ଟିଙ୍କ ପ୍ରତି ଅପରାଧିକ ମାମଲାଗୁଡିକ ମଧ୍ୟରେ ଦଣ୍ଡବିଧାନ ଓ ଫଇସଲା ହାର ଓଡ଼ିଶାରେ କମ୍ ରହିଥିବା ଦେଖିବାକୁ ମିଳିଛି। ଏନ୍‌ସିଆର୍‌ବି ରିପୋର୍ଟ ଅନୁସାରେ ଓଡ଼ିଶାରେ ଏସସିଙ୍କ ବିରୋଧରେ ଅପରାଧ କ୍ଷେତ୍ରରେ ଦଣ୍ଡବିଧାନ ହାର ୧୬.୧ ପ୍ରତିଶତ ଥିବା ବେଳେ ଏସ୍‌ଟିଙ୍କ କ୍ଷେତ୍ରରେ ଏହା ୧୬.୬ ରହିଛି। ଏସ୍‌ସିଙ୍କ ପ୍ରତି ଅପରାଧିକ ମାମଲାରୁ ଉକ୍ତ ବର୍ଷରେ ଓଡ଼ିଶାରେ ମାତ୍ର ୪୦ଟି ଘଟଣାରେ ଦଣ୍ଡବିଧାନ ହୋଇଥିବାବେଳେ ଏସ୍‌ଟିଙ୍କ ପ୍ରତି ଅପରାଧିକ ମାମଲାରେ ମାତ୍ର ୯ଟିରେ ଆସାମୀଙ୍କ ପ୍ରତି ଦଣ୍ଡାଦେଶ ହୋଇଛି। ବିଶେଷ କରି ଗ୍ରାମାଞ୍ଚଳରେ ରହୁଥିବା ଏସ୍‌ସି ଏବଂ ଏସ୍‌ଟିଙ୍କୁ ଆକ୍ରମଣ କରାଯାଉଛି। ଅନେକ ସ୍ଥାନରେ କଙ୍ଗାରୁ କୋର୍ଟ କରି ଦଣ୍ଡ ଦିଆଉଥିବା ବେଳେ ଆଉ କେଉଁଠି ପଶୁପରି ବ୍ୟବହାର କରାଯାଉଥିବା କୁହାଯାଉଛି ।

**ପାରାଦୀପ ବନ୍ଦରରେ ଅଘଟଣ**

## ଜାହାଜରୁ ଖସିପଡ଼ିଲେ ୨ ନାବିକ

**ଚୀନ୍ ନାଗରିକ ନିଖୋଜ, ବାଂଲାଦେଶୀ ନାଗରିକ ଉଦ୍ଧାର**

ପାରାଦୀପ,୫।୯(ସମିସ): ପାରାଦୀପ ବନ୍ଦର ୫ନଂ ଗେଟ୍‌ର ଇଣ୍ଟରନ୍ୟାସନାଲ କାର୍ଗୋ ଟର୍ମିନାଲ ବର୍ଥରେ ଆଜି ସକାଳେ ଏକ ଅଘଟଣ ଘଟିଛି। ପାନାମା ଜାତୀୟ ପତାକା ଲାଗିଥିବା ଏକ



ପଣ୍ୟବାହୀ ଜାହାଜ 'ଏମ୍‌ଭି ଲକି ଡ୍ରାଗନ୍'ରୁ ୨ଜଣ ନାବିକ ଖସି ପଡ଼ିଥିଲେ। ୨ ନାବିକଙ୍କ ମଧ୍ୟରୁ ଜଣେ ଚୀନ୍‌ର ଓ ଅନ୍ୟ ଜଣେ ବାଂଲାଦେଶୀ ବୋଲି ଜଣାଯାଇଛି। ବାଂଲାଦେଶୀ ନାବିକଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଚୀନ୍ ନାବିକ ନିଖୋଜ ଅଛନ୍ତି। ନିଖୋଜ ଯୁବକ ହେଲେ, ଝାଙ୍ଗ ତାଇ (୨୦) । ଆସନ୍ତାକାଲି ସେ ତାଙ୍କର ଜନ୍ମଦିନ ପାଳନ କରିଥା'ନ୍ତେ। ଉଦ୍ଧାର ବାଂଲାଦେଶୀ ନାବିକଙ୍କ ପରିଚୟ ମିଳି ପାରିନାହିଁ। ତାଙ୍କୁ ପିଆଇସିଟି କର୍ତ୍ତୃପକ୍ଷ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଛି।

ସୂଚନା ମୁତାବକ, ଏମଭି ଲକି ଡ୍ରାଗନ ଜାହାଜ ପିଗ ଆଇରନ ଖଲାସ କରି ସକାଳେ ବର୍ଥ ଛାଡ଼ିବା ପାଇଁ ପ୍ରସ୍ତୁତି ଚଳାଇଥିଲା। ଝାଙ୍ଗ ତାଇ ଜାହାଜ ଶିଡ଼ି ରଶି ଖୋଲିବା ବେଳେ ତାହା ଛିଡ଼ିଯିବାରୁ ତାଇ ଛିଟ୍‌କି ପାଣିରେ ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରିବା ପାଇଁ ବାଂଲାଦେଶୀ ନାବିକ ପାଣିକୁ ଡେଇଁଥିଲେ। ବହୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କୁ ଉଦ୍ଧାର କରିବାରେ ଅସଫଳ ହୋଇଥିଲେ। ସେ ମଧ୍ୟ ପାଣିରେ ବୁଡ଼ିଯାଇଥିଲେ। ତାଙ୍କୁ ଜାହାଜର ଅନ୍ୟ ନାବିକ ଦଉଡ଼ି ସହାୟତାରେ ଉଦ୍ଧାର କରିଥିଲେ। ପରେ କୋଷ୍ଟଗାର୍ଡ, ବନ୍ଦର ମେରାଇନ ବିଭାଗ, ସିଆଇଏସଏଫ ଆଦି ସଂସ୍ଥାର ଅଧିକାରୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ବନ୍ଦର ଅଧ୍ୟକ୍ଷ ପି.ଏଲ୍ ହାରନାଦ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏବେ ବି ନିଖୋଜ ନାବିକଙ୍କ କୌଣସି ପତ୍ତା ମିଳିପାରିନାହିଁ। ଉଦ୍ଧାର କାର୍ଯ୍ୟରେ ସିଆଇଏସଏଫ୍, ମେରାଇନ ପୁଲିସ, ସ୍କୁବା ଡାଇଭର୍, କୋଷ୍ଟଗାର୍ଡ ଓ ଏନଡିଆରଏଫ ଟିମ୍ ନିୟୋଜିତ ହୋଇଛନ୍ତି। ଜାହାଜରେ ମୋଟ ୨୨ ଜଣ ନାବିକ ରହିଥିବା ଜଣାପଡ଼ିଛି।

## ଓଡ଼ିଶାର ୨ ଶିକ୍ଷକଙ୍କୁ ରାଷ୍ଟ୍ରପତି ପୁରସ୍କାର




ଭୁବନେଶ୍ୱର, ୫।୯(ସମିସ): ଗୁରୁଦିବସ ଅବସରରେ ଓଡ଼ିଶାର ଦୁଇଜଣ ଶିକ୍ଷକଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ 'ଜାତୀୟ ଶିକ୍ଷକ ପୁରସ୍କାର' ପ୍ରଦାନ କରିଛନ୍ତି। କୋରାପୁଟସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ ତରୁଣ କୁମାର ଦାଶଙ୍କୁ ଅଭିନବ ଶିକ୍ଷାଦାନ ପଦ୍ଧତି ଓ ଭାଷା ଶିକ୍ଷା କ୍ଷେତ୍ରରେ ଅବଦାନ ପାଇଁ ପୁରସ୍କୃତ କରାଯାଇଛି। କଥା ଚିତ୍ର, ମାଇଁ ରିଡିଂ ବୁକ୍, ମାଇଁ ପିକ୍‌ଚର ମାଇଁ ଷ୍ଟୋରୀ, ନ୍ୟୁଜ୍ ନେଷ୍ଟ, ମେ ଭି ସ୍ପିକର୍ ପରି ଅଭିନବ ଶିକ୍ଷାଦାନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା, ସାକ୍ଷରତା ଓ ଯୋଗାଯୋଗ ଦକ୍ଷତା ବୃଦ୍ଧି କରିପାରିଛନ୍ତି।

ସେହିପରି ମାଲକାନାଗିରି ଜିଲ୍ଲା କୋରକୁଣ୍ଡା ବ୍ଲକ୍ କୋଣ୍ଡେଲ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବସନ୍ତ କୁମାର ରଣାଙ୍କୁ ମଧ୍ୟ ରାଷ୍ଟ୍ରପତି ପୁରସ୍କୃତ କରିଛନ୍ତି। ନୂତନ ଶିକ୍ଷାଦାନ ଶୈଳୀ ଓ ଗୋଷ୍ଠୀ ସହଭାଗିତା ପାଇଁ ଶ୍ରେଣୀଗୃହରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନରେ ସେ ସୁଧାର ଆଣି ପାରିଛନ୍ତି। ସଚେତନତା ସହିତ ପଥପ୍ରାନ୍ତ ସଭା, କଣ୍ଢେଇ ନାଚ, ଭ୍ରାମ୍ୟମାଣ ପାଠାଗାର ପରି ଅଭିନବ ପଦକ୍ଷେପ ନେଇ ଶିକ୍ଷା, ବିଦ୍ୟାଳୟ ଓ ସମାଜ ମଧ୍ୟରେ ଦୂରତା ହ୍ରାସ କରିପାରିଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦେଶର ମୋଟ୍ ୪୫ ଜଣ ଶିକ୍ଷକଙ୍କୁ ରାଷ୍ଟ୍ରପତି ପୁରସ୍କୃତ କରିଛନ୍ତି।

**ଗୁରୁଦିବସରେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ**

## ଶିକ୍ଷକ ପିଲାଙ୍କ ମାର୍ଗଦର୍ଶକ ହୁଅନ୍ତୁ

ଭୁବନେଶ୍ୱର, ୫।୯(ସମିସ): ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ପ୍ରତ୍ୟେକ ଅଭିଭାବକଙ୍କ ସ୍ୱପ୍ନ ରହିଛି। ଏହି ଆକାଂକ୍ଷା ପୂରଣ କରିବାକୁ ବିଦ୍ୟାଳୟରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଛାତ୍ରଛାତ୍ରୀଙ୍କ ମଧ୍ୟରେ

**ତିନି ବର୍ଷରେ ନିଯୁକ୍ତି ପାଇବେ ୪୫ ହଜାର ଶିକ୍ଷକ**

ଥିବା ଲୁକ୍କାୟିତ ପ୍ରତିଭାଗୁଡ଼ିକୁ ଚିହ୍ନଟ କରିବା ସହ ଏ ଦିଗରେ ସେମାନଙ୍କୁ ପ୍ରୋତ୍ସାହିତ କରାଯିବା ଆବଶ୍ୟକ। ଫଳରେ ପିଲାମାନେ ସେମାନଙ୍କ ରୁଚି ଅନୁସାରେ ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ ଅଗ୍ରସର ହେବେ। ତେଣୁ ପିଲାମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଜଣେ ଜଣେ ମେଣ୍ଟର ଭାବେ କାମ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶିକ୍ଷକ ସମାଜକୁ ଆହ୍ୱାନ ଦେଇଛନ୍ତି।



ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଗୁରୁ ଦିବସ ଉତ୍ସବ ଏବଂ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ସମାରୋହରେ ମୁଖ୍ୟମନ୍ତ୍ରୀ ଆସନ୍ତା ୩ ବର୍ଷ ମଧ୍ୟରେ ରାଜ୍ୟରେ ୪୫ ହଜାର ଶିକ୍ଷକ ନିଯୁକ୍ତି କରାଯିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି।

ଏହି ଅବସରରେ ବିଭିନ୍ନ ଜିଲ୍ଲାକୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପ୍ରଦାନ କରାଯାଇଛି। ଝାରସୁଗୁଡ଼ା ଜିଲ୍ଲା ପ୍ରଥମ ସ୍ଥାନରେ ରହି ୩ କୋଟି ଟଙ୍କା ପୁରସ୍କାର ରାଶି ଜିତିଥିବାବେଳେ ଖୋର୍ଦ୍ଧା ଓ ଜଗତସିଂହପୁର ଜିଲ୍ଲା ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହି ପୁରସ୍କୃତ ହୋଇଛନ୍ତି। ଏହି ଅବସରରେ ଶ୍ରେଷ୍ଠ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ଭାବେ ୩ ଜଣ, ୧୦ ଜଣ ଶ୍ରେଷ୍ଠ ବ୍ଲକ୍ ଶିକ୍ଷା ଅଧିକାରୀ, ୭୦ ଜଣ ଶ୍ରେଷ୍ଠ ଶିକ୍ଷକ ଓ ନିଟ୍ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଅନୁସୂଚିତ ଜନଜାତି ବର୍ଗର ଦୁଇ ଜଣ ଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗୁରୁ-ଶିଷ୍ୟ ପରମ୍ପରା ଉପରେ ବକ୍ତବ୍ୟ ରଖିଥିଲେ। ବିଭାଗୀୟ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଓସେପା ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଧନ୍ୟବାଦ ଦେଇଥିଲେ।

## ପୋଖରୀରେ ବୁଡ଼ି ଦୁଇ ଭାଇ ମୃତ



ଭବାନୀପାଟଣା, ୫।୯ (ସମିସ): ପୋଖରୀରେ ବୁଡ଼ି ଦୁଇ ନାବାଳକ ଭାଇ ମୃତ। କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଗୁଞ୍ଜିପଦର୍ ଗାଁରେ ଆଜି ଏପରି ଏକ ଅଘଟଣ ଘଟିଛି। ମୃତକ ଦ୍ୱୟ ହେଲେ ଜଗନ୍ନାଥ ରଣା(୧୨) ଓ ତା ସାନ ଭାଇ ରାଧାକାନ୍ତ ରଣା(୯)। ଆଜି ଦୁହେଁ ଗାଁ ମୁଣ୍ଡ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଥିଲା। ଅସାବଧାନତାବଶତଃ ରାଧାକାନ୍ତ ଗଭୀର ପାଣିକୁ ଚାଲିଯିବାରୁ ଜଗନ୍ନାଥ ତାକୁ ବଞ୍ଚାଇବାକୁ ଚେଷ୍ଟା କରି ବୁଡ଼ି ଯାଇଥିଲା। ତେବେ ଦୀର୍ଘ ସମୟ ଧରି ଦୁଇ ଭାଇ ଘରକୁ ନ ଫେରିବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ଖୋଜାଖୋଜି କରିବା ପରେ ପୋଖରୀ କୂଳରେ ସେମାନଙ୍କ ପୋଷାକ ଥିବା ଦେଖି ସନ୍ଦେହ ହୋଇଥିଲା। ପରେ ଗ୍ରାମବାସୀଙ୍କଠାରୁ ଖବର ପାଇ ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। କିଛି ସମୟ ଖୋଜାଖୋଜି ପରେ ଦୁହିଁଙ୍କ ଶବ ଉଦ୍ଧାର ହୋଇଥିଲା। ସଦର ଥାନା ପୁଲିସ୍ ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ପଦମ୍‌ପୁର ଏନ୍‌ଏସି ଉପାଧ୍ୟକ୍ଷ ବିଜେଡିରୁ ନିଲମ୍ବିତ

ଭୁବନେଶ୍ୱର, ୫।୯ (ସମିସ): ବରଗଡ଼ ଜିଲ୍ଲା ପଦ୍‌ମପୁର ଏନ୍‌ଏସିର ଉପାଧ୍ୟକ୍ଷ ଭାରତୀ ପଟ୍ଟନାୟକଙ୍କୁ ଦଳରୁ ନିଲମ୍ବନ କରିଛି ବିଜେଡି। ଦଳବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ଦଳରୁ ନିଲମ୍ବନ କରାଯାଇଛି ବୋଲି ବିଜେଡି ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

## ଅବହେଳିତ ମହିଳାଙ୍କ ସ୍ୱର ହେବ ବିଜେଡି: ସ୍ନେହାଙ୍ଗିନୀ



**୧୫ ମାସରେ ୪୦୦୦ରୁ ଊର୍ଦ୍ଧ୍ୱ ଦୁଷ୍କର୍ମ**

**ବିପଦରେ ମହିଳାଙ୍କ ସୁରକ୍ଷା ଓ ସମ୍ମାନ**

**ମିଶନ ଶକ୍ତିକୁ ବନ୍ଦ ଉଦ୍ୟମ ହେଉଛି**

ଭୁବନେଶ୍ୱର, ୫।୯ (ସମିସ): ରାଜ୍ୟରେ ମହିଳାମାନଙ୍କ ବିରୋଧରେ ଅପରାଧ ଅହେତୁକ ବୃଦ୍ଧି ପାଉଛି। ମହିଳାମାନଙ୍କୁ ସୁରକ୍ଷା ଓ ସମ୍ମାନ ପ୍ରଦାନରେ ରାଜ୍ୟ ବିଜେପି ସରକାର ବିଫଳ ହୋଇଛନ୍ତି। ତେଣୁ ବିଜୁ ମହିଳା ଜନତା ଦଳ ରାଜ୍ୟର ଅବହେଳିତ ଓ ନିଷ୍ପେସିତ ମହିଳାମାନଙ୍କ ସ୍ୱର ହେବ ଏବଂ ସେମାନଙ୍କ ନ୍ୟାୟ ପାଇଁ ଲଢ଼େଇ କରିବ ବୋଲି ବିଜୁ ମହିଳା ଜନତା ଦଳର ନବନିଯୁକ୍ତ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି।

ଗୁରୁବାର ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଛୁରିଆ କହିଥିଲେ ଯେ ଗତ ୧୫ମାସର ବିଜେପି ଶାସନରେ ରାଜ୍ୟର ମହିଳାମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ମହିଳାଙ୍କ ସମ୍ମାନ କ୍ଷୁଣ୍ଣ ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ମିଶନ ଶକ୍ତି ମାଧ୍ୟମରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଯାଇଥିଲା। ସେମାନେ ବିଭିନ୍ନ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦିତ କରିବା ସହ ସମାଜରେ ନିଜର ପ୍ରତିଷ୍ଠା ହାସଲ କରିବାରେ ସକ୍ଷମ ହୋଇଥିଲେ। କିନ୍ତୁ ବିଜେପି ସରକାରଙ୍କ ୧୫ ମାସର ଶାସନ ସମୟରେ ମହିଳାମାନଙ୍କୁ ସମାଜରେ ପ୍ରତିଷ୍ଠା ଓ ସମ୍ମାନ ଦେଉଥିବା କାର୍ଯ୍ୟକ୍ରମ ମିଶନ ଶକ୍ତି ଏବେ ବନ୍ଦ ହେବାକୁ ବସିଲାଣି।

ଏହାଛଡ଼ା, ଏହି ସମୟରେ ପ୍ରାୟ ୪ହଜାର ମହିଳା ଦୁଷ୍କର୍ମର ଶିକାର ହୋଇଛନ୍ତି। ରାଜ୍ୟରେ ପ୍ରତିଦିନ ପ୍ରାୟ ୧୫ଜଣ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ବିଭିନ୍ନ ଅତ୍ୟାଚାରର ଶିକାର ହେଉଥିବା ମହିଳା ଓ ଛାତ୍ରୀମାନେ ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଉଛନ୍ତି। ଦୁଷ୍କର୍ମ, ଅସଦାଚରଣ ଭଳି ଘଟଣା ପ୍ରତିଦିନ ଖବରକାଗଜରେ ଶିରୋନାମା ମଣ୍ଡନ କରୁଥିବା ବେଳେ ସରକାର ଏହାକୁ ରୋକିବା ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ନେଉନାହାନ୍ତି। କେବଳ ଧର୍ମକୁ ଆଖିଠାର ସଦୃଶ ଅପରାଧୀମାନଙ୍କୁ ଗିରଫ କରାଯାଉଛି, କିନ୍ତୁ ସେପରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଆଗାମୀ ଦିନରେ ମହିଳାମାନଙ୍କ ସୁରକ୍ଷା, ସମ୍ମାନ ପାଇଁ ଦଳ ଲଢ଼େଇ ଜାରି ରଖିବା ସହ ରାଜ୍ୟର ମହିଳାମାନଙ୍କ ନ୍ୟାୟ ପାଇଁ ସ୍ୱର ଶାଣିତ କରିବାକୁ ମହିଳା ଜନତା ଦଳ ସଙ୍କଳ୍ପ ନେଉଛି ବୋଲି ଶ୍ରୀମତୀ ଛୁରିଆ କହିଥିଲେ।

ଏହି ସାମ୍ବାଦିକ ସମ୍ମିଳନୀରେ, ଦଳର ମହିଳା ବ୍ୟାପାର ଦାୟିତ୍ୱ ପ୍ରଦାନ କରାଯାଇଥିବା ନେତ୍ରୀମାନେ ଯଥା ପୂର୍ବତନ ସାଂସଦ ତଥା ବରିଷ୍ଠ ସାଧାରଣ ସମ୍ପାଦିକା ରାଜଶ୍ରୀ ମଲ୍ଲିକ, ବରିଷ୍ଠ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟସଭା ସାଂସଦ ତଥା ସାଧାରଣ ସମ୍ପାଦିକା ସୁଲତା ଦେଓ, ମେୟର୍ ତଥା ସାଧାରଣ ସମ୍ପାଦିକା ସୁଲୋଚନା ଦାସ, ପୂର୍ବତନ ସାଂସଦ ତଥା ସାଧାରଣ ସମ୍ପାଦିକା ଶର୍ମିଷ୍ଠା ସେଠୀ, ସାଧାରଣ ସମ୍ପାଦିକା ଲୋପାମୁଦ୍ରା ବକ୍ସିପାତ୍ର, ସାଧାରଣ ସମ୍ପାଦିକା ମିନତି ବେହେରା, ସାଧାରଣ ସମ୍ପାଦିକା ଗୀତାଞ୍ଜଳି ବସ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଲଗାଣ ବର୍ଷାରେ ଧସିଲା ପାହାଡ଼



**ପାତ୍ରପଡ଼ା-ହଣ୍ଡପା ରାସ୍ତାରେ ଯାତାୟାତ ଠପ୍**

ଛେଣ୍ଡିପଦା, ୫।୯(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ପାତ୍ରପଡ଼ାର ମା' ବାୟାଣୀ ପୀଠରୁ ହଣ୍ଡପାକୁ ସଂଯୋଗ କରୁଥିବା ରାସ୍ତା ଉପରେ ଦେବୀନଗର ପାହାଡ଼ର କିଛି ଅଂଶ ଲଗାଣ ବର୍ଷାରେ ଧସିବା ଯୋଗୁଁ ମାଟି ପଡ଼ି ଯାତାୟାତ ଠପ ହୋଇଯାଇଛି। ଏହି ରାସ୍ତା କିଶୋରନଗର ଓ ଆଠମଲ୍ଲିକ ଅଞ୍ଚଳକୁ ସଂଯୋଗ କରୁଥିବାବେଳେ ବହୁ ଜନସାଧାରଣଙ୍କ ଯାତାୟାତ ବାଧାପ୍ରାପ୍ତ ହୋଇଛି।

ତିନିଦିନ ଧରି ଲଗାଣ ବର୍ଷା ସାଙ୍ଗକୁ ଗତକାଲି ହୋଇଥିବା ବାଦଲଫଟା ବର୍ଷା ଯୋଗୁଁ ପାହାଡ଼ରୁ ଅତଡ଼ା ଖସି ରାସ୍ତା ଉପରେ ୫ ଫୁଟ୍ ଉଚ୍ଚ ମାଟି ଜମା ହୋଇଛି। ରାସ୍ତା ଅବରୋଧ ଯୋଗୁଁ ଉଭୟ ପାର୍ଶ୍ୱରୁ ଯାତାୟାତ ବନ୍ଦ ହୋଇଯାଇଛି। ତୁରନ୍ତ ରାସ୍ତାରୁ ମାଟି ବାହାର କରି ମରାମତି କାର୍ଯ୍ୟ ଆରମ୍ଭ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ଅନ୍ୟପଟେ ପୂର୍ବରୁ ଏପରି ଅନେକଥର ମାଟି ଅତଡ଼ା ପଡ଼ିଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସନ୍ଧ୍ୟାରେ ଅବସରପ୍ରାପ୍ତ ପ୍ରାଧ୍ୟପକ ଲୋକନାଥ ସାହୁଙ୍କ ଉଦ୍ୟମରେ ସମିତି ସଭ୍ୟ ଦୀପକ ସାହୁ ଓ ହିମାଂଶୁ ସ୍ୱାଇଁଙ୍କ ନେତୃତ୍ୱରେ ଜେସବି ମାଧ୍ୟମରେ ରାସ୍ତାକୁ ପରିଷ୍କାର କରାଯାଇଥିଲା। ଫଳରେ ଗାଡ଼ିଗୁଡ଼ିକ ଚଳପ୍ରଚଳ କରିଥିଲା।


ଗାନ୍ଧୀ ମାର୍ଗ: ବର୍ଷା ରାତିରେ ଖୋଲା ଆକାଶ ତଳେ ଆନ୍ଦୋଳନରତ ଶିକ୍ଷକ

# ପିପିଲି-କୋଣାର୍କକୁ ସଂଯୋଗ କରିବ ନୂଆ ଗ୍ରୀନ-ଫିଲଡ୍ କରିଡର୍

**ଯାତ୍ରା ଅବଧି ଦେଢ଼ଘଣ୍ଟାରୁ ୩୦ ମିନଟକୁ କମିବ**

**ପୁରୁଣା ପିପିଲି-କୋଣାର୍କ ରାସ୍ତା ହେବ ଅଧିକ ପ୍ରଶସ୍ତ**

**ଚାରିଛକଠାରୁ ଅସ୍ତରଙ୍ଗ ରାସ୍ତା ହେବ ଚାରିଲେନ୍**

ଭୁବନେଶ୍ୱର, ୫।୯(ସମିସ): ପିପିଲି-କୋଣାର୍କ ରାସ୍ତାକୁ ୭ ମିଟରରୁ ୧୦ ମିଟର ପର୍ଯ୍ୟନ୍ତ ଅଧିକ ପ୍ରଶସ୍ତ କରାଯିବା ସହ ନୂଆ ଗ୍ରୀନ୍‌ଫିଲଡ୍ କରିଡର୍ ସହ ସଂଯୋଗ କରାଯିବ। ଏଥିସହ ପୁରୀ ସହର ଭିତରେ ଥିବା ବିଭିନ୍ନ ରାସ୍ତା ପ୍ରଶସ୍ତୀକରଣ, ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚାରିଛକଠାରୁ ଅସ୍ତରଙ୍ଗ ଏବଂ ଜଲାରପୁରଠାରୁ ଚାରିଛକ ପର୍ଯ୍ୟନ୍ତ ୪ ଲେନ୍ ରାସ୍ତା ନିର୍ମାଣ ହେବ। ଶୁକ୍ରବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ପୁରୀ ଜିଲ୍ଲା ରୋଡ୍ ନେଟୱର୍କ ନେଇ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକର ଏ ବିଷୟରେ ବିସ୍ତୃତ ଆଲୋଚନା ହୋଇଛି।

ବୈଠକରେ ଭୁବନେଶ୍ୱର-ପୁରୀ-କୋଣାର୍କକୁ ଏକ ସୁଦୃଢ଼ ରୋଡ୍ କରିଡର୍‌ରେ ଯୋଡ଼ିବା ନେଇ ଥିବା ପ୍ରସ୍ତାବକୁ ତ୍ୱରିତ ବେଗରେ ଆଗେଇ ନେବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହି କ୍ରମରେ ପିପିଲି-କୋଣାର୍କକୁ ସଂଯୋଗ କରିବାକୁ ଥିବା ନୂଆ ଗ୍ରୀନ ଫିଲଡ୍ କରିଡର୍ ବହୁ ଗୁରୁତ୍ୱ ବହନ କରୁଛି। ଏହାର ଲମ୍ବ ରହିବ ୪୦ କିଲୋମିଟର। ୨୦୦ ଫୁଟ୍ ଚଉଡ଼ା ୪ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ହେଲେ ଯାନବାହନଗୁଡ଼ିକ ୧୦୦ କିମି ବେଗରେ ଗତି କରିପାରିବ। ଫଳରେ ପିପିଲିରୁ କୋଣାର୍କ ଯିବାକୁ ସମୟ ଅବଧି ଦେଢ଼ଘଣ୍ଟାରୁ ୩୦ ମିନିଟକୁ ହ୍ରାସ ପାଇବ। ଏହି ରାସ୍ତାର ନକ୍ସା ପ୍ରସ୍ତୁତ ସହ ଜମି ଅଧିଗ୍ରହଣ ଓ ଅନ୍ୟାନ୍ୟ ବିଷୟ ଉପରେ ଧ୍ୟାନ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ଆଜିର ବୈଠକରେ ପୁରୀ ସହର ତାଜ ଇଣ୍ଟରନ୍ୟାସନାଲଠାରୁ ସିଟି ରୋଡ୍ ଦେଇ ଜଗନ୍ନାଥ ଷ୍ଟାଡିୟମ ପର୍ଯ୍ୟନ୍ତ ରାସ୍ତାକୁ ୪ ଲେନ୍ କରିବା ନେଇ ଆଲୋଚନା ହୋଇଥିଲା। ଏଥିସହ ଶ୍ରୀଚୈତନ୍ୟ ରୋଡ୍‌ଠାରୁ ବାଲିସାହି ଦେଇ ଶ୍ରୀଜଗନ୍ନାଥ ମନ୍ଦିର ରାସ୍ତା, ଦୋଳମଣ୍ଡପ ସାହି ରାସ୍ତା ଏବଂ ଝଡ଼େଶ୍ୱରୀ କ୍ଲବଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ ନେଇ ସର୍ଭେ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏହି ବୈଠକରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ମୁଖ୍ୟଯନ୍ତ୍ରୀ (ରୋଡ)ଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ୁଛି: କଂଗ୍ରେସ

ଭୁବନେଶ୍ୱର, ୫।୯ (ସମିସ): ଭାରତର ଶିକ୍ଷାମନ୍ତ୍ରୀ ଓଡ଼ିଶାର ପୁଅ। ରାଜ୍ୟର ମୁଖିଆ ଶିକ୍ଷକରୁ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ମାତ୍ର ଭାରତର ୧୦୦ ଶିକ୍ଷାସଂସ୍ଥାନ ତାଲିକାରେ ଓଡ଼ିଶାର ଗୋଟିଏ ସରକାରୀ ସଂସ୍ଥା ମଧ୍ୟ ସ୍ଥାନ ପାଇନାହିଁ। ନିକଟରେ ଶିକ୍ଷା ମନ୍ତ୍ରାଳୟ ପ୍ରକାଶ କରିଥିବା ୟୁଡିଆଇଏସଇ ପ୍ଲସ୍ ୨୦୨୪-୨୫ ରିପୋର୍ଟକୁ ନେଇ ଶୁକ୍ରବାର ରାଜ୍ୟ କଂଗ୍ରେସ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ୍ କରିଛି।




ଦଳ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମିଡିଆ ସେଲ୍ ଉପାଧ୍ୟକ୍ଷ ଅମିୟ ପାଣ୍ଡବ କହିଛନ୍ତି ଯେ ଶିକ୍ଷା ବ୍ୟବସ୍ଥା ଦିନକୁ ଦିନ ଭୁଶୁଡ଼ି ପଡ଼ୁଛି। ମୁଖ୍ୟମନ୍ତ୍ରୀ ସମ୍ପାଦକୀୟ ଲେଖି ଭଲ ଶିକ୍ଷାର ପ୍ରୟୋଜନୀୟତାର କଥା କହୁଛନ୍ତି, କିନ୍ତୁ ବାସ୍ତବତାଠାରୁ ସତ୍ୟ ବହୁ ଦୂରରେ ବୋଲି ସେ କହିଛନ୍ତି। କଂଗ୍ରେସ ପ୍ରବକ୍ତା ଡ. ମନୀଷା ଦାସପଟ୍ଟନାୟକ କହିଛନ୍ତି ଯେ ମାତ୍ର ଗୋଟିଏ ବର୍ଷରେ ଓଡ଼ିଶା ୧,୧୨,୮୫୮ ଛାତ୍ରଛାତ୍ରୀଙ୍କୁ ହରାଇଛି ଏବଂ ୧୨୮ଟି ସ୍କୁଲ ବନ୍ଦ ହୋଇଯାଇଛି। ସେ କହିଥିଲେ, ସରକାର ଶିକ୍ଷକ ସଂଖ୍ୟା ବୃଦ୍ଧି ନେଇ ଗର୍ବ କରୁଥିବା ବେଳେ ଆଜି ବି ୧୦୮୯ରୁ ଅଧିକ ସ୍କୁଲ କେବଳ ଜଣେ ମାତ୍ର ଶିକ୍ଷକ ଉପରେ ନିର୍ଭରଶୀଳ। କିଛି ସ୍କୁଲରେ ଆଦୌ ଶିକ୍ଷକ ନାହାନ୍ତି। ଅଭିଭାବକମାନେ ସରକାରୀ ସ୍କୁଲରୁ ଭରସା ହରାଇ ୫୭ ପ୍ରତିଶତ ପିଲାଙ୍କୁ ଘରୋଇ ଟ୍ୟୁସନ୍‌ରେ ପଠାଇବାକୁ ବାଧ ହୋଇଛନ୍ତି। ଗ୍ରାମାଞ୍ଚଳରେ ପ୍ରତ୍ୟେକ ପରିବାର ପ୍ରତିବର୍ଷ ହାରାହାରି ୩୫୪୭ ଟଙ୍କା ଏବଂ ସହରାଞ୍ଚଳରେ ୧୦୮୯୯ ଟଙ୍କା ଟ୍ୟୁସନ୍ ପାଇଁ ଖର୍ଚ୍ଚ କରୁଛନ୍ତି, ଯାହା ଗରିବ ପରିବାର ପାଇଁ ଏକ ଭୟାବହ ବୋଝ। ସବୁଠାରୁ ଦୁଃଖଦ, ୨୦୧୯-୨୦ରେ ଶିକ୍ଷା ପାଇଁ ବଜେଟ୍ ୧୪.୪ ପ୍ରତିଶତ ଥିଲା ବେଳେ ୨୦୨୪-୨୫ରେ ତାହା ୧୦.୬ କୁ ହ୍ରାସ ପାଇଛି ବୋଲି ସେ କହି ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି।

**ଗୁରୁ ଦିବସରେ ଅଘଟଣ**

# ସ୍କୁଲ ଛାତରୁ ପଲସ୍ତରା ଖସି ୩ ଛାତ୍ରୀ ଆହତ



ଭଦ୍ରକ/ବାସୁଦେବପୁର, ୫।୯(ସମିସ): ଗୁରୁଦିବସରେ ଅଘଟଣ। ଗୁରୁପୂଜା ପାଇଁ ଯାଇଥିବା ଛାତ୍ରୀଙ୍କ ଉପରେ ଖସି ପଡ଼ିଲା ଛାତ ପଲସ୍ତରା। ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ କିସ୍ମତ କୃଷ୍ଣପୁର ପଞ୍ଚାୟତ ବହୁମାଘେରୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆଜି ଏହି ଘଟଣା ଘଟିଛି। ଏଥିରେ ୩ଜଣ ଛାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କୁ ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି। ସ୍କୁଲରେ ମଧ୍ୟାହ୍ନଭୋଜନ ଖାଇବାକୁ ଦିଆଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ଆହତ ଛାତ୍ରୀମାନେ ହେଲେ, ବାଲବାଟିକାର ଶକୁନ୍ତଳା ମଣ୍ଡଳ, ଶୁଭଶ୍ରୀ କଳା ଓ ତୃତୀୟ ଶ୍ରେଣୀ ଛାତ୍ରୀ ଶ୍ରାବଣୀ କଳା। ଶୁଭଶ୍ରୀଙ୍କ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ଶକୁନ୍ତଳାଙ୍କ ମୁଣ୍ଡ ଫୁଲିଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ମାଝୀ ଆହତ ଛାତ୍ରୀଙ୍କୁ ତୁରନ୍ତ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମୁଣ୍ଡରେ ଆଘାତ ଲାଗି ଥିବାରୁ ଆବଶ୍ୟକ ସ୍ଥଳେ ସିଟି ସ୍କାନ୍ କରାଯାଇପାରେ ବୋଲି ଡାକ୍ତର କହିଛନ୍ତି।

**୪୮୮ ବର୍ଗ ମହାବିଦ୍ୟାଳୟ ଅଧ୍ୟାପକ ଓ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ**

# ପୂର୍ଣ୍ଣ ଅନୁଦାନ ନ ମିଳିଲେ ଆନ୍ଦୋଳନ ଚେତାବନୀ



ଭୁବନେଶ୍ୱର, ୫।୯ (ସମିସ): ଦୀର୍ଘ ବର୍ଷ ହେଲା ୪୮୮ ବର୍ଗ ମହାବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ବ୍ଲକ୍‌ଗ୍ରାଣ୍ଟ ଅଧ୍ୟାପକ ଅଧ୍ୟାପିକାମାନେ ଅବହେଳିତ ହୋଇ ରହିଛନ୍ତି। ଅନେକ ଚାକିରିରୁ ଅବସର ନେଇସାରିଥିବା ବେଳେ ଅବଶିଷ୍ଟ ଅଧ୍ୟାପକଙ୍କ କାର୍ଯ୍ୟକାଳ ମଧ୍ୟ ପୂରିବାକୁ ବସିଲାଣି। ହେଲେ ପୂର୍ଣ୍ଣ ଅନୁଦାନ ଦେବାକୁ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏପରିକି, ବରିଷ୍ଠତା ପ୍ରଦାନ କରିବାକୁ ମଧ୍ୟ ସରକାର କୁଣ୍ଠାବୋଧ କରୁଛନ୍ତି। ଶିକ୍ଷାଦାନ କରି ଚାକିରି ଜୀବନର ଅପରାହ୍ଣରେ ପହଞ୍ଚିଥିବା ଅଧ୍ୟାପକମାନେ ସରକାରଙ୍କଠାରୁ ବାରମ୍ବାର ପ୍ରତାରିତ ହେଉଛନ୍ତି। ନିଖିଳ ଓଡ଼ିଶା ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ (୪୮୮ ବର୍ଗ) ଶିକ୍ଷକ ଓ କର୍ମଚାରୀ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ସଭାପତିତ୍ୱ କରି ରାଜ୍ୟ ସଭାପତି ମାନସ ପୁରୋହିତ ଏପରି ଅଭିଯୋଗ ଆଣିବା ସହ କ୍ଷୋଭ ପ୍ରକାଶ କରିଛନ୍ତି।

ପୂର୍ଣ୍ଣ ଅନୁଦାନ ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ପାଇବା ପରେ ମଧ୍ୟ ରାୟକୁ ବିରୋଧ କରି ସରକାର ଉପର କୋର୍ଟ ଯାଉଥିବାରୁ ବୈଠକରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଥିଲା। କୋର୍ଟଙ୍କ ରାୟକୁ ସମ୍ମାନ ଦେଇ ସରକାର ସେମାନଙ୍କୁ ପୂର୍ଣ୍ଣ ଅନୁଦାନ ସମେତ ପେନସନ୍ ଓ ଚାକିରି ସର୍ତ୍ତାବଳୀ ପ୍ରଦାନ କରିବାକୁ ସାଧାରଣ ସମ୍ପାଦକ ସୁଶୀଳ ପ୍ରଧାନ ଦାବି କରିଛନ୍ତି। ଅନ୍ୟଥା ରାଜ୍ୟବ୍ୟାପୀ କାର୍ଯ୍ୟବିରତି ଆରମ୍ଭ ସହ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ଉପସଭାପତି ସଂଜିତ ଭୂୟାଁ ଓ ମାଷ୍ଟର ଆପୋଲୋ, ସଂଗଠନ ସମ୍ପାଦକ ଜ୍ଞାନରଞ୍ଜନ ମିଶ୍ର, ପ୍ରଦୀପ ସାହୁ, ଉଦିତ ପଟେଲ, ସାଇ ମାଧବ, ଦିଲୀପ ମଲ୍ଲିକ, ସୁବାସ ସାହୁ, ବୈଷ୍ଣବ ଦାଶ, ହିମାଂଶୁ ପରିଡା, ପ୍ରମୋଦ ସ୍ୱାଇଁ, ମଧୁସ୍ମିତା ଦାଶ, ଆଲୋକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସରୋଜ ମିଶ୍ର ଧନ୍ୟବାଦ ଦେଇଥିଲେ।

Infosys Navigate your next | SGI Foundation | INFINITE SOLUTIONS | Gold Standard Climate Security & Sustainable Development

**Newspaper Advertisement**

**Infosys Ltd,** in collaboration with the **Sustainable Green Initiative (SGI) Foundation** and with technical support from the carbon consultant **Infinite Environmental Solutions Limited**, is proposing the development of a Programme of Activity (PoA) titled "Agroforestry for Livelihoods and Climate Resilience in India: A Joint Initiative by Infosys and SGI Foundation" (GS23373). Under this PoA, a Voluntary Project Activity (VPA) titled "Agroforestry for Livelihoods and Climate Resilience in Odisha: A Joint Initiative by Infosys and SGI Foundation" (GS23374), will be implemented through targeted agroforestry plantation interventions. The project is intended to be registered as a voluntary carbon project under the Gold Standard framework. This initiative is expected to make substantial contributions to multiple Sustainable Development Goals (SDGs). As a part of Gold standard modalities and given the critical role of the local farmer community in ensuring the project's long-term success, it is important to gather their perspectives and address any concerns related to the present Voluntary Project Activity. Therefore, **a Stakeholder Consultation (Public Meeting) is scheduled as follows for**:

1. **Venue:** Kshatriya Samaj Bhawan, Ward No-1, in front of Khariar Autonomous College, RajKhariar, Nuapada, Odisha, India.
2. **Date:** 06/10/2025
3. **Time:** 11:00 AM

All concerned farmers and people are invited to attend the meeting. For any further clarifications on the project activity, please get in touch with our representative details given below. It should also be noted that people who would be unable to attend this meeting in person can send their concerns to the below E-mail ID.

**Contact Details:**

**Name:** Mr. Durgesh Raturi
**Organization:** SGI Foundation
**E-mail:** info@sgi.foundation
**Ph:** +91 7848969985

**ପାତ୍ରପଡ଼ା ନିକଟରେ ଥାର୍ ଧକ୍କାରେ ମା'-ଝିଅଙ୍କ ମୃତ୍ୟୁ ମାମଲା**

# ମାଲିକଙ୍କୁ ଆଗୁଆ ଜାମିନ ଦେବାକୁ ମନାକଲେ ହାଇକୋର୍ଟ

କଟକ, ୫।୯ (ସମିସ): ଭୁବନେଶ୍ୱର ପାତ୍ରପଡ଼ା ନିକଟରେ ଥାର୍ ଗାଡ଼ି ଧକ୍କାରେ ମା' ଓ ଝିଅଙ୍କ ମୃତ୍ୟୁ ଘଟଣାରେ ଗାଡ଼ି ମାଲିକ ସୋମନାଥ ବେହେରାଙ୍କୁ ଆଗୁଆ ଜାମିନ ଦେବାକୁ ହାଇକୋର୍ଟ ମନା କରିଛନ୍ତି। ଖଣ୍ଡଗିରି ଥାନାରେ ରୁଜୁ ମାମଲାରେ ଆଗୁଆ ଜାମିନ ଲୋଡ଼ି ଶ୍ରୀ ବେହେରା ହାଇକୋର୍ଟରେ ଆବେଦନ କରିଥିଲେ। ଜଷ୍ଟିସ ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଶ୍ରୀ ବେହେରାଙ୍କୁ ଆଗୁଆ ଜାମିନ ଦେବାକୁ ମନା କରିଛନ୍ତି। ଅନ୍ୟପକ୍ଷରେ ଆବେଦନକାରୀ ଚାହିଁଲେ ମାସେ ଭିତରେ ନିମ୍ନ ଅଦାଲତରେ ଆତ୍ମସମର୍ପଣ କରି ଜାମିନ ପାଇଁ ଆବେଦନ କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି। ଯଦି ଏପରି ଆବେଦନ କରାଯାଏ, ତେବେ ନିମ୍ନ ଅଦାଲତ ଜାମିନ ପ୍ରସଙ୍ଗରେ ଆଇନ ଅନୁସାରେ ନିଷ୍ପତ୍ତି ନେବେ ବୋଲି ହାଇକୋର୍ଟ କହିଛନ୍ତି।

ସୂଚନାଯୋଗ୍ୟ, ଗତ ଅଗଷ୍ଟ ୯ ତାରିଖ ସଂଧ୍ୟା ସାଢ଼େ ୬ଟାରେ ମାନସ କୁମାର ରାଉଳଙ୍କ ପତ୍ନୀ, ୬ ବର୍ଷର ଝିଅ ଏବଂ ପୁଅ ପାତ୍ରପଡ଼ା ଏନ୍ଏଚ୍ ପାର୍ଶ୍ୱ ଏକ ମଲ୍ ନିକଟରେ ଛିଡ଼ା ହୋଇଥିଲେ। ସେହି ସମୟରେ ଖଣ୍ଡଗିରି ପଟୁ ଏକ ଥାର୍ ଗାଡ଼ି ଅତ୍ୟନ୍ତ ବିପଜ୍ଜନକ ଭାବେ ସେମାନଙ୍କ ଉପରକୁ ମାଡ଼ି ଆସିଥିଲା। ସମସ୍ତେ ଗୁରୁତର ଆହତ ହୋଇଥିଲେ। ପ୍ରଥମେ ଝିଅର ଏମସ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ଦେହାନ୍ତ ହୋଇଥିଲା। ପତ୍ନୀଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଏକ ଘରୋଇ ହସପିଟାଲକୁ ସ୍ଥାନାନ୍ତର ହୋଇଥିଲା। କିନ୍ତୁ ସେଠାରେ ତାଙ୍କର ମଧ୍ୟ ଦେହାନ୍ତ ହୋଇଯାଇଥିଲା। ଏନେଇ ମାନସ ଖଣ୍ଡଗିରି ଥାନାରେ ଏତଲା ଦେଇଥିଲେ। ଥାର୍ ମାଲିକ ସୋମନାଥ ବେହେରାଙ୍କ ନାମରେ ଏହି ଏତଲା ଆଧାରରେ ପୁଲିସ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ସୋମନାଥ ଆଗୁଆ ଜାମିନ ଆବେଦନ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଦାଲତରେ ମାମଲାର ଶୁଣାଣି ବେଳେ ଆବେଦନକାରୀଙ୍କ ଓକିଲ ଯୁକ୍ତି ବାଢ଼ିଥିଲେ ଯେ ଭୁଲବଶତଃ ଗାଡ଼ିଟି ରାସ୍ତାକଡ଼ରେ ଛିଡ଼ା ହୋଇଥିବା ବ୍ୟକ୍ତିଙ୍କ ଉପରେ ଚଢ଼ିଯାଇଥିଲା। ତେବେ ଆଡିସନାଲ ଷ୍ଟାଣ୍ଡିଂ କାଉନସିଲ ସୂର୍ଯ୍ୟନାରାୟଣ ଦାସ ଏହାକୁ ଦୃଢ଼ ବିରୋଧ ସହ ଆବେଦନକାରୀ ସୋମନାଥ ଉଦ୍ଦେଶ୍ୟମୂଳକ ଓ ବେପରୁଆ ଗାଡ଼ି ଚଳାଇ ଏହି ଦୁର୍ଘଟଣା ଘଟାଇ ଦୁଇଟି ଜୀବନକୁ ଅକାଳରେ ମୃତ୍ୟୁମୁହଁକୁ ଠେଲି ଦେଇଛନ୍ତି ବୋଲି ଯୁକ୍ତି ଦର୍ଶାଇଥିଲେ। ଏହାସହ ଆଗୁଆ ଜାମିନକୁ ଦୃଢ଼ ବିରୋଧ କରିଥିଲେ। ଏପରିକି, ଗାଡ଼ି ଚାଳକ ନାଁରେ ଆଗରୁ ଜଟଣୀ ଥାନାରେ ପୂର୍ବରୁ ଏକ ସଙ୍ଗୀନ ଅପରାଧ ରହିଥିବା ଅଦାଲତକୁ ଅବଗତ କରାଇଥିଲେ। ଉଭୟ ପକ୍ଷଙ୍କ ଯୁକ୍ତିକୁ ବିଚାରକୁ ନେଇ ଅଦାଲତ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

# ଗୁରୁ ଦିବସରେ ଟଳିପଡ଼ିଲେ ଗୁରୁ

ଆନନ୍ଦପୁର, ୫।୯ (ସମିସ): ଗୁରୁ ଦିବସରେ ଟଳି ପଡ଼ିଲେ ଗୁରୁ। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ବାଉଁଶଗଡ଼ ଗ୍ରାମରେ ଆଜି ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତ ଶିକ୍ଷକଜଣଙ୍କ ହେଲେ, ବିଜୟ ନାଇକ (୪୮)। ସେକୋଡ଼ପଡ଼ାସ୍ଥିତ ଜୋରଗାଡ଼ିଆ ବିଦ୍ୟାଳୟରେ କାର୍ଯ୍ୟରତ ଥିଲେ। ଆଜି



ଗୁରୁଦିବସ ଉପଲକ୍ଷେ ସେ ନିତ୍ୟକର୍ମ ସାରି ସ୍କୁଲକୁ ଯିବାକୁ ପ୍ରସ୍ତୁତ ହେଉଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ପରିବାରଲୋକ ତାଙ୍କୁ ଆନନ୍ଦପୁର ଡାକ୍ତରଖାନାକୁ ନେବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ହୃଦ୍‌ଘାତ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି। ଆନନ୍ଦପୁର ପୁଲିସ ପ୍ରାଥମିକ ତଦନ୍ତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏହି ଖବର ପ୍ରଘଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ଆନନ୍ଦପୁର ଶିକ୍ଷାଧିକାରୀ ହରିହର ଦଳେଇ, ସହକାରୀ ଶିକ୍ଷାଧିକାରୀ ହେମେନ୍ଦ୍ର ମହାନ୍ତ, ଓଷ୍ଟା କେନ୍ଦୁଝର ଜିଲ୍ଲା ଉପଦେଷ୍ଟା ଶାନ୍ତନୁ ମିଶ୍ର, ସାଧାରଣ ସମ୍ପାଦକ ରଞ୍ଜନ ଘଡେଇ, ଶିକ୍ଷକ ନେତା ଶିବପ୍ରସାଦ ଜେନା, ସୁରେନ୍ଦ୍ର ଜେନାଙ୍କ ସମେତ ବହୁ ଶିକ୍ଷାବିତ୍ ଶୋକ ପ୍ରକାଶ କରିଛନ୍ତି।

# ମେଲୋଡି କିଙ୍ଗ୍ ଅଭିଜିତଙ୍କୁ ଏମ୍‌ସରେ ଭେଟିଲେ ଯୁବ କଣ୍ଠଶିଳ୍ପୀ

ଭୁବନେଶ୍ୱର, ୫।୯ (ସମିସ): ଏମ୍‌ସରେ ଗୁରୁତର ଅବସ୍ଥାରେ ଭର୍ତ୍ତି ହୋଇଥିବା ମେଲୋଡି କିଙ୍ଗ୍ ଅଭିଜିତ ମଜୁମଦାରଙ୍କୁ ଆଜି କିଛି ଯୁବ କଣ୍ଠଶିଳ୍ପୀ ହସ୍ପିଟାଲରେ ଭେଟିଛନ୍ତି। ସଂଗୀତ ଯାତ୍ରାରେ ସେମାନଙ୍କ ଗୁରୁ ସାଜିଥିବା ଶ୍ରୀ ମଜୁମଦାରଙ୍କୁ ସେମାନେ ଗୁରୁ ଦିବସର ଶୁଭେଚ୍ଛା ଜଣାଇବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ବିଷ୍ଣୁମୋହନ କବି, ନୀଳମାଧବ ପଣ୍ଡା, ମନ୍ମଥ ମିଶ୍ର, ଶୈଳବାଳା ମହାପାତ୍ର ପ୍ରମୁଖ ଏମସ୍‌ରେ ଶ୍ରୀ ମଜୁମଦାରଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ଡାକ୍ତରଙ୍କଠାରୁ ପଚାରି ବୁଝିଥିଲେ। ଏ ସଂପର୍କରେ କଣ୍ଠଶିଳ୍ପୀ ବିଷ୍ଣୁ ମୋହନ କବି ଗଣମାଧ୍ୟମକୁ କହିଛନ୍ତି ଯେ ଶ୍ରୀ ମଜୁମଦାର ଶୀଘ୍ର ସୁସ୍ଥ ହୋଇ ପୁଣିଥରେ ସଂଗୀତ ଜଗତକୁ ଫେରିଆସନ୍ତୁ ବୋଲି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ପ୍ରାର୍ଥନା କରିଛୁ। କିଛି ଦିନ ହେଲା ଦାଦା(ମଜୁମଦାର) କୌଣସି ପ୍ରତିକ୍ରିୟା ଦେଉନଥିବା ବେଳେ ଆଜି ଟିକେ ରେସ୍ପନ୍ସ କରୁଛନ୍ତି। ତେଣୁ ସେ ଶୀଘ୍ର ଭଲ ହୋଇଯିବେ ବୋଲି ଆଶା ରହିଛି। ଏବେ ତାଙ୍କୁ ଔଷଧ ସହ ଓଡ଼ିଶାବାସୀଙ୍କ ଆଶୀର୍ବାଦ ଦରକାର। ତେଣୁ ରାଜ୍ୟବାସୀ ତାଙ୍କ ଆରୋଗ୍ୟ କାମନା କରନ୍ତୁ ବୋଲି ସେ ନିବେଦନ କରିଛନ୍ତି।

# ବାପ-ପୁଅଙ୍କ ଆକ୍ରମଣରେ ପଡ଼ୋଶୀ ମୃତ

ଶେରଗଡ, ୫।୯ (ସମିସ): ଶେରଗଡ଼ ଥାନା ଅନ୍ତର୍ଗତ ଡେଙ୍ଗାପଦର ଗାଁରେ ଶୁକ୍ରବାର ପୂର୍ବ ଶତ୍ରୁତାକୁ ନେଇ ବାପା ପୁଅଙ୍କ ଆକ୍ରମଣରେ ପଡୋଶୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ହରେକୃଷ୍ଣ ପାଣିଗ୍ରାହୀ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଡେଙ୍ଗାପଦର ଗ୍ରାମର ରୋହିତ ପାଣିଗ୍ରାହୀ ଓ ହରେକୃଷ୍ଣ ପାଣିଗ୍ରାହୀ ପଡୋଶୀ। ସେମାନଙ୍କ ମଧ୍ୟରେ ପୂର୍ବରୁ ବିଭିନ୍ନ କାରଣକୁ ନେଇ ଶତ୍ରୁତା ଲାଗି ରହିଥିଲା। ଶୁକ୍ରବାର ସକାଳେ ହରେକୃଷ୍ଣ କୌଣସି କାରଣରୁ ରୋହିତଙ୍କ ପରିବାରକୁ ଗାଳିଗୁଲଜ କରୁଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ରୋହିତ ଏବଂ ତାଙ୍କ ଦୁଇ ପୁଅ ପିଣ୍ଟୁ ଓ ବାବୁ ମିଶି ହରେକୃଷ୍ଣଙ୍କୁ ଆକ୍ରମଣ କରିଥିଲେ। ହରେକୃଷ୍ଣ ଜୀବନ ବିକଳରେ ସେଠାରୁ ଖସି ପଳାଇ ଜଣଙ୍କ ବାରଣ୍ଡାରେ ଆଶ୍ରୟ ନେଇଥିଲେ। ସେଠାରେ ସେ ଅଚେତ ହୋଇପଡ଼ିବାରୁ ତାଙ୍କୁ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଭାନୁମତି ସରକାର

ଆବିର୍ଭାବ : ୦୧.୦୧.୧୯୨୯ । ତିରୋଧାନ : ୧୭.୦୯.୨୦୨୪

ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା ଓ ତ୍ୟାଗକୁ ଆମେ ପାଥେୟ କରି ଚାଲିଥିଲୁ ଓ ଆଗକୁ ଚାଲିବୁ । ଆଜି ପ୍ରଥମ ଶ୍ରାଦ୍ଧ ଦିବସ ଅବସରରେ ମା'ଅମ୍ବିକାଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦଗତି କାମନା କରୁଛୁ ।

ଶୋକସନ୍ତପ୍ତ: ସରକାର ପରିବାର
ଭଞ୍ଜପୁର, ବାରିପଦା

# କଟକ ସିଟି





## କଳାବତୀ କଳା ନିକେତନରେ ଗୁରୁ ଦିବସ

**କଟକ, ୫।୯(ସମିସ):** ଶୁକ୍ରବାର ଅପରାହ୍ନରେ କଳାବତୀ କଳା ନିକେତନ, ତାରିଣୀ ବିହାର, ବିଡାନାସୀ ସ୍ଥିତ କାର୍ଯ୍ୟାଳୟରେ ପବିତ୍ର ଗୁରୁ ଦିବସ ପାଳିତ ହୋଇଯାଇଛି। ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ବିଶ୍ୱନାଥ ମିଶ୍ରଙ୍କୁ ପ୍ରାୟ ୩୦ ଜଣ ଛାତ୍ରଛାତ୍ରୀ ପୂଜନ କରିଥିଲେ। ତବଲା ଗୁରୁ ତ୍ରିନାଥ ଜେନା ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହେବା ଆବଶ୍ୟକ ବୋଲି କହିଥିଲେ। ଶୃତି ସୁହାନୀ ଦାସ, ନିରୋଜ ନଳିନୀ ଦାସ, ଅଭିଜ୍ଞାନ ମହାପାତ୍ର, ଶୁଭଶ୍ରୀ ସେନାପତି, ରଶ୍ମିପ୍ରଭା ସାହୁ, ସାଇ ଶୁଭମ୍ ମହାନ୍ତି ପ୍ରମୁଖ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସମ୍ପାଦକ ଦେବସ୍ମିତା ମିଶ୍ର ଧନ୍ୟବାଦ ଦେଇଥିଲେ।



## ମା’ ସରସ୍ୱତୀ ଶିକ୍ଷା ମନ୍ଦିରରେ ଗୁରୁ ଦିବସ

**କଟକ, ୫।୯(ସମିସ):** ଶୁକ୍ରବାର ମାଛୁଆବଜାର ସ୍ଥିତ ମା’ ସରସ୍ୱତୀ ଶିକ୍ଷା ମନ୍ଦିରରେ ଗୁରୁ ଦିବସ ଉତ୍ସବ ବିଦ୍ୟାଳୟର ସମ୍ପାଦକ ମନୋଜ କୁମାର ଦାସଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟା ସବିତାରାଣୀ ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ଉତ୍ସବରେ ଆଚାର୍ଯ୍ୟା ନମିତା କୁମାରୀ ବେହେରା, ଲୋପାମୀ ସାହୁ, ସୋନାଲିସା ବାରିକ, ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା, ସଙ୍ଗୀତା ବେହେରା, ଜୟନ୍ତୀ ସାହୁ, ପ୍ରିୟଙ୍କା ସାହୁ, ରଶ୍ମିତା ସୂତାର ଓ ସେବିକା ଜୟନ୍ତୀ ସାହୁ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନ କରିଥିଲେ।



## ପାର୍ବଣ ଆରମ୍ଭରୁ ଅଶାନ୍ତ ରୌପ୍ୟନଗରୀ

# ଡି’ବ୍ରଦର୍ସ ଗ୍ୟାଙ୍ଗ୍ ମାଗିଲେଣି ‘ଦାଦାବଟି’

**କଟକ, ୫।୯(ସମିସ)**

ପାର୍ବଣ ଆରମ୍ଭରୁ ରୌପ୍ୟନଗରୀରେ ଅଶାନ୍ତ ବାତାବରଣ ଦେଖା ଦେଇଛି। କମିଶନରେଟ୍ ପୁଲିସର ଦାଦାବଟି’କୁ ନା ସ୍ଲୋଗାନ ପ୍ରହସନରେ ପରିଣତ ହୋଇଛି। ଗତ ୨ ତାରିଖରେ ଗ୍ୟାଙ୍ଗ୍‌ଷ୍ଟର୍ ସକିଲ୍ ଆତ୍ମସମର୍ପଣ କରିବା ପରେ ପୁଲିସ ଶାନ୍ତିରେ ଆଇନଶୃଙ୍ଖଳା ପରିଚାଳନା କରିବ ବୋଲି ଅନୁମାନ କରୁଥିଲା। କିନ୍ତୁ ଡି-ବ୍ରଦର୍ସ ଗ୍ୟାଙ୍ଗ୍‌ର କେତେକ ସକ୍ରିୟ ସହଯୋଗୀ ଏବେ ଚାଉଳିଆଗଞ୍ଜ ଓ ବିଡ଼ାନାସୀ ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ କରୁଥିବା ନଜରକୁ ଆସିଲାଣି। ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଶିଖରପୁର ତଳସାହି ଅଞ୍ଚଳର ବିକାଶ କୁମାର ପରିଡ଼ା ଡ଼ି-ବ୍ରଦର୍ସ ଗ୍ୟାଙ୍ଗ୍‌ର ୨ଜଣ ସହଯୋଗୀଙ୍କ ନାଁରେ ଏତଲା ଦେଇଛନ୍ତି। ସେ ନିଜ ଏତଲାରେ ଦର୍ଶାଇଛନ୍ତି ଯେ ନୂଆ ମାଲଗୋଦାମରେ ତାଙ୍କ ଟ୍ରକ୍ ମାଲ୍ ଲୋଡ୍ କରୁଥିବା ସମୟରେ ଦୀପକ ପ୍ରଧାନ ଏବଂ ନାରାୟଣ ପ୍ରଧାନ ନାମକ୨ଜଣ ବ୍ୟକ୍ତି ସେଠାରେ ପହଞ୍ଚି ଦାଦାବଟି ମାଗିଥିଲେ। ସେମାନେ ଡି-ବ୍ରଦର୍ସଙ୍କ ପ୍ରମୁଖ ସହଯୋଗୀ ଶିବ ପ୍ରସାଦ ଗୋଛୀ ଏବଂ ଶିବାଶିଷ ଦାସ ନାଁ ନେଇ ଗାଳି ଗୁଲଜ କରିବା ସହିତ ଲକ୍ଷାଧିକ ଟଙ୍କା ଦାଦାବଟି ଦେବାକୁ ଜିଦି ଧରିଥିଲେ। ଅଭିଯୋଗକାରୀ ବିକାଶଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେବା ସହିତ ଧଳସାମନ୍ତ ଭ୍ରାତା(ଡି-ବ୍ରଦର୍ସ)ଙ୍କ ନିର୍ଦ୍ଦେଶରେ ଟଙ୍କା ମଗାଯାଉଛି, ଯଦି ଟଙ୍କା ନଦେଉ ତେବେ ପରିଣାମ ଭୟଙ୍କର ହେବ ବୋଲି ଅଭିଯୁକ୍ତ ଦୀପକ ଓ ନାରାୟଣ କହି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହାପରେ ବିକାଶ ଚାଉଳିଆଗଞ୍ଜ




ଥାନାରେ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏତଲାକୁ ପଞ୍ଜିକରଣ କରିବା ସହିତ ଘଟଣାର ଖୋଳତାଡ୍ କରୁଥିବା ସୂଚନା ଦେଇଛି।

ଦାଦାବଟିକୁ ନେଇ ସହରରେ ୨ଟି ଗ୍ୟାଙ୍ଗ୍ ପୁଲିସର ନିଦ ହଜାଇ ଦେଇଥିଲେ। ଡି’ ବ୍ରଦର୍ସ ସାମ୍ରାଜ୍ୟ ନିଷ୍କ୍ରିୟ ହେବା ପରେ ଗ୍ୟାଙ୍ଗ୍‌ଷ୍ଟର୍ ସକିଲ୍‌ର ଆବିର୍ଭାବ ହୋଇଥିଲା। ତା’ ନାମରେ ମୋଟ୍ ୨୯ଟି ସଂଗୀନ ଅପରାଧିକ ମାମଲା ରୁଜୁ ହୋଇଥିଲା। ତାକୁ ପୁଲିସ ଗିରଫ କରିଥିଲା ସତ କିନ୍ତୁ ଚୌଦ୍ୱାର ଜେଲ୍‌ରେ ସେ ଥିବା ବେଳେ ୨୦୧୯ ମସିହା ଡିସେମ୍ବର ୧୪ରେ ବକ୍ସିବଜାର ଆନନ୍ଦ ସ୍ପୋର୍ଟସ୍ ମାଲିକ ସୂରଜ୍ ଅଗ୍ରୱାଲଙ୍କୁ ୧୦ଲକ୍ଷ ଟଙ୍କା ଦାଦାବଟି ମାଗିଥିଲା। ଏହି

**ଚାଉଳିଆଗଞ୍ଜ ଥାନାରେ ଏତଲା; ଖୋଳତାଡ଼ ଆରମ୍ଭ**

**‘ଦାଦାବଟିକୁ ନା’ ସ୍ଲୋଗାନ୍ ପାଲଟିଛି ପ୍ରହସନ**

ମାମଲାରେ ପୁଲିସ ସକିଲ୍‌ର ବାପା, ଭାଇ ଓ ୨ ପ୍ରେମିକାଙ୍କ ସମେତ ମୋଟ୍ ୧୪ ଜଣଙ୍କୁ ଗିରଫ କରିଥିଲା। ଏହାପରେ ବାଉଁଶଗଳିର ଜଣେ ବ୍ୟବସାୟୀଙ୍କୁ ସକିଲ୍ ଜେଲ୍ ଭିତରେ ଥାଇ ଭିଡିଓ କଲ୍‌ରେ ୫ଲକ୍ଷ ଟଙ୍କା ଦାଦାବଟି ମାଗିଥିଲା। ଏହାପରେ ଆଉ ମୋଟା ଅଙ୍କର ଦାଦାବଟି ମାଗି କେହି ଗିରଫ ହୋଇ ନଥିଲେ। ନିକଟରେ ଡି-ବ୍ରଦର୍ସଙ୍କ ମୁଖ୍ୟ ସହଯୋଗୀ ଲିଟୁଆ, ପିଣ୍ଟା, ଚନ୍ଦନ ଓ ଅନ୍ୟମାନେ ଜାମିନରେ ଆସିଛନ୍ତି। ସହରରେ ଦାଦାବଟି ଓ ପତିଆରା ଜାହିର ପାଇଁ ସକିଲ ଡି-ବ୍ରଦର୍ସର ଏହି ସହଯୋଗୀଙ୍କ ସହିତ ହାତ ମିଶାଇଥିବା ପୁଲିସ ସ୍ପଷ୍ଟ ହୋଇଛି। ଏହା ମଧ୍ୟରେ ବାଉଁଶଗଳିର ତୌସିଫଙ୍କୁ ମୁଣ୍ଡ ଜାମିନ ରଖି ଟଙ୍କା ମାଗିବା ଘଟଣା ସାମ୍ନାକୁ ଆସିଥିଲା। ଏଭଳି ସ୍ଥିତିରେ ପୁଲିସ ତା’ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ନେଇପାରେ ବୋଲି ସକିଲ ଆଶଙ୍କା କରିଥିଲା। ଏବେ ପାର୍ବଣ ସମୟ ଥିବାରୁ ପୁଲିସ ଯେକୌଣସି ମୁହୂର୍ତ୍ତରେ ସକିଲ ପ୍ରତି କଠୋର ହେବ ବୋଲି ସେ ଜାଣି ପାରିଥିଲା। ଶେଷରେ ଅନ୍ୟଉପାୟ ନପାଇ ସକିଲ ଆତ୍ମସମର୍ପଣ କରିଥିଲା। ଏବେବି ସକିଲର କିଛି ପୁରୁଣା ସହଯୋଗୀ ପୁଲିସ ସ୍କାନରରେ ଅଛନ୍ତି। ଏହାରି ଭିତରେ ଡି-ବ୍ରଦର୍ସର ସହଯୋଗୀ ଜାମିନ୍‌ରେ ମୁକୁଳି ଟ୍ରକ୍ ମାଲିକ, ମାଲଗୋଦାମ ବ୍ୟବସାୟୀ ଏବଂ ସହରର କେତେକ ପ୍ରମୁଖ ବ୍ୟବସାୟୀଙ୍କୁ ଟାର୍ଗେଟ କରିଛନ୍ତି। ସେମାନଙ୍କୁ ଧଳସାମନ୍ତ ଭ୍ରାତାଙ୍କ ନାଁ ନେଇ ଟଙ୍କା ମାଗୁଥିବା ପୁଲିସ ଜାଣିଛି। କେବଳ ଚାଉଳିଆଗଞ୍ଜ ଥାନାରେ ନୁହେଁ ବରଂ ଏଭଳି ଅଭିଯୋଗ ମାଲଗୋଦାମ, ପୁରୀଘାଟ, ବିଡ଼ାନାସୀ ଥାନାରେ ହୋଇଥିବା ଜଣାପଡ଼ିଛି। ପୁଲିସ ଡି-ବ୍ରଦର୍ସର ସମସ୍ତ ସହଯୋଗୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିଛି ବୋଲି ପ୍ରକାଶ କରିଛି।

# ଜିଲ୍ଲାସ୍ତରୀୟ ଗୁରୁଦିବସ ଉତ୍ସବ



**କଟକ, ୫।୯(ସମିସ):** ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଦ୍ୱାରା ଜିଲ୍ଲାସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ପାଳିତ ହୋଇଯାଇଛି। ଏହି ସମାରୋହରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟଅତିଥି ଭାବେ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାର ନିତ୍ୟାନନ୍ଦ ବାରିକ ଆଜିର ଏହି ସମାରୋହରେ ସଭାପତିତ୍ୱ କରିଥିଲେ। ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ନିରଞ୍ଜନ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକ, ସନ୍ତୋଷ ସେଠୀ, ଅଭିଜିତା ଭାସ୍କର ପ୍ରମୁଖ ସମାରୋହରେ ଯୋଗଦେଇ ଗୁରୁଦିବସ ପାଳନ, ଶିକ୍ଷା ପଦ୍ଧତି ଆଦି ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥିଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଦେବପ୍ରସାଦ ତ୍ରିପାଠୀ ଓ ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ଜିଲ୍ଲା ନୋଡାଲ ଅଧିକାରୀ ବିଭୂଦତ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ଓ ଆୟୋଜିତ ସଭାକୁ ପହଙ୍ଗା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସରିତା ଦାଶ ଓ କମଳାକାନ୍ତ ବିଦ୍ୟାପୀଠର ଶିକ୍ଷୟିତ୍ରୀ ସୁମନ ପ୍ରତିହାରୀ ସଂଯୋଜନା କରିଥିଲେ।

**ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ; ୫୩ ଶିକ୍ଷକ ପୁରସ୍କୃତ**

ଉକ୍ତ ଉତ୍ସବରେ ଜିଲ୍ଲାର ୫୩ ଜଣ କୃତୀ ଶିକ୍ଷକ ଓ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ରେଭେନ୍ସା କଲିଜିଏଟ ସ୍କୁଲର ଛାତ୍ରଛାତ୍ରୀ ଓ ସାଲେପୁର ଉଚ୍ଚ ବିଦ୍ୟାଳୟର ଶିକ୍ଷାକର୍ମୀ ସୀମାଞ୍ଚଳ ସାହୁ ସହଯୋଗ କରିଥିଲେ।

# ମନ୍ଦିରରୁ ଚୋରି: କୁଖ୍ୟାତ ଚୋର ଗିରଫ

**କଟକ, ୫।୯(ସମିସ):** ମନ୍ଦିରରୁ ଚୋରି କରି ଫେରାର୍ ହୋଇଯାଇଥିବା କୁଖ୍ୟାତ ଚୋରକୁ ଆଜି ଦରଘାବଜାର ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛି ନିମସାହି ସାଗର ମଣ୍ଡପ ପାଖର ଟୁବୁଲା ସାମଲ(୨୮)। ତା’ ପାଖରୁ ୪୪ ଖଣ୍ଡ ତମ୍ବା ପାଇପ, ୭ଟି ତମ୍ବାର ସାପ, ପିତ୍ତଳର ୯ଟା ସାପ, ଶିବ ଲିଙ୍ଗ, ତ୍ରିଶୁଳ, ୩ଟା ଦୀପ, ଢାଳ, ସାଇକେଲ ସହ ୫୫ଶହ ଟଙ୍କା ଜବତ କରାଯାଇଛି। ତାକୁ କୋର୍ଟ ଚାଲାଣ ପରେ ଚୌଦ୍ୱାର ଜେଲ ପଠାଇ ଦିଆଯାଇଛି। ଦରଘାବଜାର ଛକସ୍ଥିତ ସପିଙ୍ଗମଲ୍‌ରେ ଏକ ପ୍ରତିଷ୍ଠିତ ଖାଦ୍ୟ ବିକ୍ରୟ ସଂସ୍ଥା ରହିଛି। ସେଠାରେ କେନ୍ଦ୍ରାପଡ଼ାର ଜ୍ୟୋତିପ୍ରକାଶ ମିଶ୍ର ସିଫ୍ଟ ମ୍ୟାନେଜର ଭାବେ ଚାକିରି କରୁଛନ୍ତି। ଗତ ଅଗଷ୍ଟ ୩୧ ରାତି ପ୍ରାୟ ୧୧ଟାରେ ହଠାତ ସଂସ୍ଥାରେ ଲାଗିଥିବା ଏସି(ଶୀତତାପ ନିୟନ୍ତିତ ଯନ୍ତ୍ର) ବନ୍ଦ ହୋଇଗଲା। ରାତି ପ୍ରାୟ ୩ଟାରେ ସମସ୍ତ କର୍ମଚାରୀ କାମ ଶେଷ କରି ସଂସ୍ଥା ବନ୍ଦ କରି ଘରକୁ ଫେରିଥିଲେ। ପରଦିନ ପୂର୍ବାହ୍ନରେ ସଂସ୍ଥା ଖୋଲାଯିବା ପରେ ଜଣାପଡ଼ିଲାଯେ ଉକ୍ତ ଏସିଟି ଠିକ ଭାବେ କାମ କରୁନାହିଁ। ମେକାନିକ ପହଞ୍ଚିବା ପରେ ଜଣାପଡ଼ିଲାଯେ ଉକ୍ତ ଏସିର ତମ୍ବାରେ ନିର୍ମିତ କୁଲିଂ କଏଲ ପାଇପଟିକୁ କେହି କାଟି ନେଇଛି। ସମାନ ଘଟଣା ପାର୍ଶ୍ୱରେ ଥିବା ଅନ୍ୟ ୨ଟି ପ୍ରତିଷ୍ଠାନରେ ଘଟିଥିଲା। ଗୋଟିଏ ରାତିରେ ପାଖାପାଖି ଥିବା ୩ଟି ବ୍ୟବସାୟିକ ପ୍ରତିଷ୍ଠାନ ଏସିର କୁଲିଂ ପାଇପଗୁଡ଼ିକୁ କାଟି ନିଆଯାଇଥିଲା। ଏନେଇ ଶ୍ରୀ ମିଶ୍ରଙ୍କ ଏତଲା ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ତଦନ୍ତକ୍ରମେ ଅଭିଯୁକ୍ତ ଟୁବୁଲା ଚିହ୍ନଟ ହେବା ପରେ ଶୁକ୍ରବାର ଥାନା ଅଧିକାରୀ ରାକେଶ ବେହେରାଙ୍କ ନେତୃତ୍ୱରେ ଏକ ଟିମ ତାକୁ ଧରିବାରେ ସଫଳ ହୋଇଥିଲେ। ପଚରାଉଚରା ବେଳେ ଟୁବୁଲାର କାରନାମା ଶୁଣି ପୁଲିସ ଆଶ୍ଚର୍ଯ୍ୟ ହୋଇଯାଇଛି। ଟୁବୁଲା ଜଣେ ପେସାଦାର ଚୋର ହୋଇଥିବା ବେଳେ ଖାସକରି ମନ୍ଦିର ଓ ମଲକୁ ସେ ଟାର୍ଗେଟ କରୁଥିଲା। ସାଇକଲରେ ବୁଲି ରେକି କରିବା ପରେ ସୁଯୋଗ ଦେଖି ଚୋରି କରୁଥିଲା। ଏହିଭଳି ଭାବେ ସେ ଗତ ମାସରେ କାଜିବଜାରସ୍ଥିତ ଜଗନ୍ନାଥ ମନ୍ଦିରରେ କଳାକନା ବୁଲାଇଥିଲା। ବିଳମ୍ବିତ ରାତିରେ ମନ୍ଦିରରେ ପଶି

**ଘରୁ ବିପୁଳ ତମ୍ବା ଓ ପିତ୍ତଳ ସାମଗ୍ରୀ ଉଦ୍ଧାର**

ପିତ୍ତଳର ଦୁଇଟି ଦେବାଦେବୀଙ୍କ ମୁଖା, ଦୀପ ଓ କିଛି ଟଙ୍କା ଚୋରାଇଥିଲା। ପିତ୍ତଳ ସାମଗ୍ରୀଗୁଡ଼ିକୁ ମାତ୍ର ୧୫ ଶହ ଟଙ୍କାରେ ଜଣେ କବାଡ଼ିଆକୁ ବିକ୍ରି କରିଥିଲା। ଏହା ପରେ ଗତ ୩୧ ତାରିଖ ବିଳମ୍ବିତ ରାତିରେ ସେ ଦରଘାବଜାରସ୍ଥିତ ସପିଙ୍ଗ ମଲରେ ପଶି ୩ଟି ସଂସ୍ଥାର ଏସିରୁ ତମ୍ବା ପାଇପ କାଟି ନେଇଥିଲା। ଉକ୍ତ ପାଇପଗୁଡ଼ିକୁ କାଟି ୪୪ ଖଣ୍ଡ କରି ଘରେ ରଖିଥିଲା। ଏହାପରେ ଗଲା ୪ ତାରିଖ ବିଳମ୍ବିତ ରାତିରେ ସେ ଗଙ୍ଗାମନ୍ଦିର ଛକ ନିକଟରେ ଥିବା ଶିବ ମନ୍ଦିରରେ ପଶିଥିଲା। ମନ୍ଦିରରୁ ତମ୍ବାରେ ନିର୍ମିତ ୭୭ଟି ସାପ, ପିତ୍ତଳର ୯ଟା ସାପ, ଗୋଟିଏ ଶିବ ଲଙ୍ଗ, ଗୋଟିଏ ତ୍ରିଶୁଳ, ୩ଟା ଦୀପ, ଗୋଟିଏ ଢାଳ, ସାଇକେଲ ଓ ୫୫ ଶହ ଟଙ୍କା ଚୋରାଇ ଆଣିଥିଲା। ତେବେ ଏହି ଚୋରି ସାମଗ୍ରୀଗୁଡ଼ିକୁ



ବିକ୍ରି କରିବା ପୂର୍ବରୁ ପୁଲିସ ତାକୁ ଗିରଫ କରିବାରେ ସଫଳ ହୋଇଛି। ତା’ ନାଁରେ ପୁରୀଘାଟ, ଲାଲବାଗ, ଦରଘାବଜାର, ଚୌଦ୍ୱାର, କ୍ୟାଣ୍ଟନମେଣ୍ଟ ଓ ମଙ୍ଗଳାବାଗ ଥାନାରେ ୧୨ଟି ମାମଲା ରହିଛି।

## ଆଜିଠୁ ସ୍ୱୟଂସିଦ୍ଧା ପକ୍ଷରୁ ଦୁଇଦିନିଆ ପ୍ରଦର୍ଶନୀ

**କଟକ, ୫।୯(ସମିସ):** ୬ ଓ ୭ ତାରିଖରେ ଏକ ପ୍ରଦର୍ଶନୀ କଟକ କ୍ଲବ୍ ଆନେକ୍ସ-୧ରେ ହେବାକୁ ଯାଉଛି। ସ୍ୱୟଂସିଧା ତରଫରୁ ଟ୍ରେଯୋର ନାମରେ ଏହି ପ୍ରଦର୍ଶନୀରେ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାରର ଶାଢ଼ି, ଡ୍ରେସ, କାଠ ଘଣା ତେଲ, ସୁସ୍ୱାଦୁ ପିଠା, ଖାଦ୍ୟ ସାମଗ୍ରୀ, ଅଳଙ୍କାର ଓ ବିଭିନ୍ନ ଘର ସଜା ସାମଗ୍ରୀ ଆଦିର ବିକ୍ରୟ କରାଯିବ। ଏଥିରେ ବହୁ ସଂଖ୍ୟାରେ ଯୋଗଦାନ କରିବାକୁ ଏହାର ଆୟୋଜକ ମୀନା କୁମାରୀ ସାହୁ ଅନୁରୋଧ କରିଛନ୍ତି।

## ପରିବେଶ ସଚେତନତା ଓ ଚାରାରୋପଣ କାର୍ଯ୍ୟକ୍ରମ

**କଟକ, ୫।୯(ସମିସ):** ଜଗତପୁରସ୍ଥିତ ଲକ୍ଷ୍ମୀନାରାୟଣ ସାହୁ ସ୍ନାତକ ମହାବିଦ୍ୟାଳୟରେ ପରିବେଶ ସଚେତନତା ତଥା ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ‘ପରିବେଶ ସୁରକ୍ଷା ଅଭିଯାନ’ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଭିଯାନର ସମ୍ପାଦକ ରଘୁନାଥ ପୃଷ୍ଟି, ଯୁଗ୍ମ ସମ୍ପାଦକ ଡ. ନାରାୟଣ ତ୍ରିପାଠୀ, କାର୍ଯ୍ୟନିର୍ବାହୀ ସଦସ୍ୟବୃନ୍ଦ ଡ. ସଚ୍ଚିଦାନନ୍ଦ ପ୍ରଧାନ, ଡ. ଜୀବନଜ୍ୟୋତି ଆଚାର୍ଯ୍ୟ ଓ ଅରୁଣ ଶଙ୍କର ଜେନା ତଥା ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ମୁଖ୍ୟ ଅଲେଖଚନ୍ଦ୍ର ମହାନ୍ତି ଆଲୋଚନା କରିଥିଲେ। ପରିବେଶ ସୁରକ୍ଷା ଅଭିଯାନର କୋଷାଧକ୍ଷା ନମିତା ମହାପାତ୍ର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶଜନିତ ଏକା ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ସୁନିତା ଷଡ଼ଙ୍ଗୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ମହାବିଦ୍ୟାଳୟର ପରିସରରେ ଚାରାରୋପଣ କରାଯାଇଥିଲା।



## ସ୍କୁଲ ଛାତ୍ରଛାତ୍ରୀଙ୍କୁ ଆର୍‌ପିଏଫ୍‌ର ସଚେତନତା

**କଟକ, ୫।୯(ସମିସ):** ସୁରକ୍ଷିତ ରେଳଯାତ୍ରା ଉଦ୍ଦେଶ୍ୟରେ ଆରପିଏଫ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଶିଖରପୁରସ୍ଥିତ କମଳାକାନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଗୁରୁ ନାନକ ପବ୍ଲିକ ସ୍କୁଲରେ କଟକ ଆରପିଏଫ ପୋଷ୍ଟ ଅଧିକାରୀ ରାଜସିଂହ ମଲ୍ଲିକ ରେଳବାଇ ସମ୍ପତ୍ତିର ସୁରକ୍ଷା ଏବଂ ସୁରକ୍ଷିତ ରେଳଯାତ୍ରା ଉପରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ। ବଶେଷ କରି ରେଳ ଷ୍ଟେସନ ପରିସରରେ ସେଲ୍‌ଫି କିମ୍ବା ରିଲ୍ସ ଭିଡିଓ ନ କରିବା, ରେଳବାଇର କାର୍ଯ୍ୟାଳୟ ଏବଂ ସୁରକ୍ଷା ବ୍ୟବସ୍ଥାର ଫଟୋ ନ ଉଠାଇବା ସମ୍ପର୍କରେ ଅବଗତ କରାଯାଇଛି। ରେଳଯାତ୍ରା ସମୟରେ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ହେଲା ମାତ୍ରେ ତୁରନ୍ତ ୧୩୯ ନମ୍ବରରେ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

## ରେଭେନ୍‌ସାରେ ଆଲୋଚନାଚକ୍ର

**କଟକ, ୫।୯(ସମିସ):** ଛାତ୍ରଛାତ୍ରୀ ଓ ରାଜନୀତି ପରସ୍ପରଠାରୁ ଅବିଚ୍ଛେଦ୍ୟ କି ? ଶୀର୍ଷକରେ ଗୋପବନ୍ଧୁ ବିଚାର ମଞ୍ଚ, ରେଭେନ୍ସା ବିଶ୍ୱବିଦ୍ୟାଳୟ ଶାଖା ପକ୍ଷରୁ ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ହାଇକୋର୍ଟର ବରିଷ୍ଠ ଓକିଲ ଲକ୍ଷ୍ମୀଧର ପଙ୍ଗାରୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଗୋପବନ୍ଧୁ ବିଚାର ମଞ୍ଚ, ରେଭେନ୍ସା ବିଶ୍ୱବିଦ୍ୟାଳୟ ଶାଖାର ଆବାହକ ସ୍ୱପ୍ନାରାଣୀ ପ୍ରଧାନ ସଭାପତିତ୍ୱ କରିଥିଲେ। ଏହି ଆଲୋଚନାରେ ରେଭେନ୍ସାର ବିଭିନ୍ନ ବିଭାଗରୁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ରିସର୍ଚ୍ଚ ସ୍କଲାର ଓ ଅଧ୍ୟାପକମାନେ ଯୋଗଦେଇଥିଲେ।

# ବଦଳିବେ ଏସ୍‌ସିବି ମେଡିକାଲ ଅଧୀକ୍ଷକ!

**କଟକ, ୫।୯(ସମିସ)**

ଏସ୍‌ସିବି ମେଡିକାଲର ଅଧୀକ୍ଷକ ବଦଳି ପାରନ୍ତି। ଏହାକୁ ନେଇ ମେଡିକାଲରେ ଚର୍ଚ୍ଚା ଜୋରଧରିଛି। ବରିଷ୍ଠ ଡାକ୍ତରମାନଙ୍କ ଭିତରେ ଅସନ୍ତୋଷ କୁହୁଳୁଥିବା ବେଳେ ସେମାନଙ୍କ ଅସହଯୋଗ ଯୋଗୁଁ ଅନେକ ବୈଠକ ସଫଳପୂର୍ବକ ଆୟୋଜନ ହୋଇପାରୁନାହିଁ। ବଡ଼ ମେଡିକାଲର ପ୍ରଶାସନିକ ସ୍ତରରେ ଗତ କିଛି ମାସ ହେବ ଏଭଳି ବିବାଦୀୟ ସ୍ଥିତି ଲାଗି ରହିଛି। ଅଧୀକ୍ଷକ(ଇନଚାର୍ଜ) ପଦରେ ଥିବା ପ୍ରଫେସର ଗୌତମ ଶତପଥୀଙ୍କ ପଦରେ ପ୍ଲାଷ୍ଟିକ ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର ବିଭୂତି ଭୂଷଣ ନାୟକ ଅବସ୍ଥାପିତ ହୋଇପାରନ୍ତି ବୋଲି କୁହାଯାଉଛି। ତେବେ ଏ ବାବଦରେ ଏଯାବତ୍ ସରକାରୀ ନିର୍ଦ୍ଦେଶନାମା ପ୍ରକାଶ ପାଇନାହିଁ।

ଗତ ମେ ୧୪ ତାରିଖରେ ପ୍ରଫେସର ଡାକ୍ତର ଗୌତମ ଶତପଥୀ ଏସ୍‌ସିବି ମେଡିକାଲର ଅଧୀକ୍ଷକ(ଇନଚାର୍ଜ) ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ହେଲେ ବରିଷ୍ଠତା ଭିତ୍ତିରେ ଅଧୀକ୍ଷକ ପଦ ପୂରଣ ହୋଇନାହିଁ ବୋଲି ସେତେବେଳେ ଚର୍ଚ୍ଚା ଜୋର ଧରିଥିଲା। ଅନେକ ବରିଷ୍ଠ ଡାକ୍ତର ଏହାକୁ ନେଇ ଭିନ୍ନମତ ମଧ୍ୟ ରଖିଥିଲେ। ଇତି ମଧ୍ୟରେ




ବଡ ମେଡିକାଲର ବରିଷ୍ଠ ଡାକ୍ତରଙ୍କ ଭିତରେ ଅସନ୍ତୋଷ ବଢ଼ି ଚାଲିଥିବା କୁହାଯାଉଛି। ବିଭିନ୍ନ କାର୍ଯ୍ୟକ୍ରମ ନିମନ୍ତେ ଯେଉଁ ବୈଠକ ଡକାଯାଉଛି ସେଥିରେ ବିଭିନ୍ନ ବିଭାଗର ବରିଷ୍ଠ ଡାକ୍ତର ଅଂଶଗ୍ରହଣ କରୁନାହାନ୍ତି। ସେମାନଙ୍କ ବଦଳରେ ବିଭାଗର ଅନ୍ୟ ଡାକ୍ତରଙ୍କୁ ବୈଠକକୁ ପଠାଯାଉଛି। ଗୋଟିଏ କି ଦୁଇଟି ନୁହେଁ, ପ୍ରାୟତଃ ନିୟମିତ ବୈଠକରେ ଏଭଳି ସ୍ଥିତି ଲାଗିରହିଛି। ଏହା ଭିତରେ ଅଧୀକ୍ଷକ ପ୍ରଫେସର ଶତପଥୀଙ୍କୁ ଦାୟିତ୍ୱରୁ ଅନ୍ତର କରାଯାଇ ପାରେ ବୋଲି ଆଲୋଚନା ହେଲାଣି। ତାଙ୍କ ସ୍ଥାନରେ ପ୍ଲାଷ୍ଟିକ ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର ବିଭୂତି ଭୂଷଣ ନାୟକ ଦାୟିତ୍ୱ ନେଇପାରନ୍ତି। ପ୍ରକାଶଯୋଗ୍ୟ, ଗତବର୍ଷ ଅଗଷ୍ଟ ୩୧ରେ ଅଧୀକ୍ଷକ ପଦ ଫାଙ୍କା ହୋଇଥିଲା। ରାଜ୍ୟର ଜଣାଶୁଣା ନ୍ୟୁରୋସର୍ଜନ ପ୍ରଫେସର ଡାକ୍ତର ସୁଧାଂଶୁ ଶେଖର ମିଶ୍ର ଅବସର ନେବା ପରେ ୯ମାସ ଧରି ଏଠାରେ କାହାକୁ ନିଯୁକ୍ତି ମିଳି ନ ଥିଲା। ଅଧୀକ୍ଷକ ନିଯୁକ୍ତି ନେଇ କନ୍ଦଳ ଉପୁଜିଥିଲା। ଏସ୍‌ସିବି ମେଡିକାଲର ଅନେକ ବରିଷ୍ଠ ପ୍ରଫେସର ଏହି ମର୍ଯ୍ୟାଦାଜନକ

**ବଢ଼ି ଚାଲିଛି ବରିଷ୍ଠ ଡାକ୍ତରଙ୍କ ଭିତରେ ଅସନ୍ତୋଷ**

**ଅଧୀକ୍ଷକ ଦୌଡ଼ରେ ପ୍ଲାଷ୍ଟିକ୍ ସର୍ଜରୀ ପ୍ରଫେସରଙ୍କ ନାଁ**

ପଦରେ ଅବସ୍ଥାପିତ ହେବାକୁ ନେଇ ପ୍ରଶ୍ନ ଉଠାଇଥିଲେ। ପ୍ରଫେସର ଶତପଥୀ ଅଧୀକ୍ଷକ ଭାବେ ନିଯୁକ୍ତ ହେବେ ବୋଲି ଖବର ପ୍ରଚାର ହେବା ପରେ ସ୍ୱାସ୍ଥ୍ୟ ବିଭାଗକୁ ବଡ ମେଡିକାଲର ଏକାଧିକ ପ୍ରଫେସର ଚିଠି ମଧ୍ୟ ଲେଖିଥିଲେ।

## ରାସ୍ତାରୁ କଟା ଗୋଡ଼ ସହ ଯୁବକ ଉଦ୍ଧାର

**କଟକ, ୫।୯(ସମିସ):** ରାତି ପ୍ରାୟ ସାଢ଼େ ୧୧ଟାରେ ଲିଙ୍କରୋଡ ରିଲାଏନ୍ସ ଡିଜିଟାଲ ପାଖରେ ବାଇକ ସହ ଜଣେ ଯୁବକଙ୍କୁ ଗୁରୁତର ଭାବେ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି। ବାଦାମବାଡ଼ି ପୁଲିସ ଘଟଣାସ୍ଥଳରୁ ଉକ୍ତ ଯୁବକଙ୍କ ଆଣ୍ଠୁ ତଳକୁ କଟି ଯାଇଥିବା ଗୋଡ଼କୁ ମଧ୍ୟ ଯାଞ୍ଚ କଲା ପରେ ମେଡିକାଲକୁ ହସ୍ତାନ୍ତର କରିଛି। ଏହାସହ ଘଟଣାର ତଦନ୍ତ ଜାରି ରଖିଛି। ଯୁବକଙ୍କ ପରିଚୟ ମିଳିପାରିନାହିଁ। ସେ କୌଣସି ଦୁର୍ଘଟଣାର ଶିକାର ହୋଇଥିବା ଅନୁମାନ କରାଯାଉଥିବା ବେଳେ ସ୍ଥାନୀୟ ଲୋକେ, କିନ୍ତୁ ଭିନ୍ନ ଆଲୋଚନା କରୁଛନ୍ତି। ଆଣ୍ଠୁ ତଳକୁ ସମାନ୍ତରାଳ ଭାବେ ଗୋଡ଼ଟି କଟିଛି। କୌଣସି ଦୁର୍ଘଟଣାରେ ଏଭଳି ଢଙ୍ଗରେ ଗୋଡ଼ କଟିବ ନାହିଁ। ଅନ୍ୟପଟେ, ବାଇକ ସମ୍ମୁଖର ଅଳ୍ପ କିଛି ଅଂଶ ଭାଙ୍ଗିଛି। ଏଭଳି ସ୍ଥିତିରେ କେହି ଦୁର୍ବୃତ୍ତ ଉକ୍ତ ବାଇକ ଚାଳକଙ୍କୁ ଅଟକାଇ ଖଣ୍ଡାରେ ତାଙ୍କ ଗୋଡ଼କୁ ହାଣିଦେଇଥିବା ଲୋକେ କହୁଛନ୍ତି।

## ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା



କଟକ, ୫।୯(ସମିସ): ଓଡ଼ିଶା ଚିତ୍ରକଳା ଏକାଡେମୀ ଓ ଗଣେଶ ମହୋତ୍ସବ ଆନୁକୂଲ୍ୟରେ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ବାଲିଯାତ୍ରା ଉପରପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଗୁରୁଦିବସ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଶିଳ୍ପୀମାନେ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଚିତ୍ରାଙ୍କନ ତୁଳୀ ମାଧ୍ୟମରେ ଉଦଜୀବିତ କରିଥିଲେ। ଅଗଷ୍ଟରେ ଶିଶୁ ଶିଳ୍ପୀଙ୍କ ଚିତ୍ରାଙ୍କନ ଅନୁଷ୍ଠିତ ହୋଇଥିଲା। ଶିଳ୍ପୀ ଯଶସ୍ୱୀ ମହାପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଦୀପକ ଦେଓ, ରାଣା ରୟ, ନିହାର ମହାନ୍ତି, ପବିତ୍ର ଜେନା, ମନୋଜ ସାହୁ ଓ ଅନିତା ବେହେରା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶନିବାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି।

# ସମ୍ପାଦକୀୟ



ସମାଜ ଉପରେ ସାମାଜିକ ଗଣମାଧ୍ୟମର ନକାରାତ୍ମକ ପ୍ରଭାବକୁ ପ୍ରତିହତ କରିବା ପାଇଁ ଖୁବ୍‌ଶୀଘ୍ର ପ୍ରଭାବଶାଳୀ ନିୟାମକ ଆସିବା ଆବଶ୍ୟକ।
-ଏଲନ୍ ମସ୍କ

ସକାଳ
THE SAKALA

## ଉପଯୋଗୀ ଇଥାନଲ୍

ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ ମିଶ୍ରଣ ବିରୋଧରେ ଅଦାଲତରେ କରାଯାଇଥିବା ଆବେଦନ ଖାରଜ ହୋଇଯାଇଛି। ଏପ୍ରକାର ଇନ୍ଧନ ପାଇଁ ପ୍ରଚଳିତ ମୋଟର ଇଞ୍ଜିନ ଉପଯୋଗୀ ହୋଇନଥିବାରୁ ତାହାର ପ୍ରତିକୂଳ ପ୍ରଭାବ ଅନୁଭୂତ ହେଉଛି ଏବଂ ଗାଡ଼ିର ମାଇଲେଜ ମଧ୍ୟ ହ୍ରାସ ପାଉଛି ବୋଲି ଅଭିଯୋଗ କରି ଉପରୋକ୍ତ ଆବେଦନ କରାଯାଇଥିଲା। ଏହି ପ୍ରସଙ୍ଗରେ କେତେକ ରାଜନୈତିକ ବିବାଦ ଥିବା ଚର୍ଚ୍ଚା ହେଉଛି। ସେବେ ସବୁର ଊର୍ଦ୍ଧ୍ୱରେ ବିଚାର କଲେ ସାମ୍ପ୍ରତିକ କ୍ରମବର୍ଦ୍ଧିଷ୍ଣୁ ପରିବେଶ ପ୍ରଦୂଷଣ ଦୃଷ୍ଟିକୋଣରୁ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ ନିଶ୍ଚୟ। ବର୍ଦ୍ଧିତ ଯାନବାହନ ଚଳାଚଳରୁ ନିର୍ଗତ ଅଙ୍ଗାର (କାର୍ବନ) ବାୟୁପ୍ରଦୂଷଣର ମୁଖ୍ୟ କାରଣ। ଏଭଳି ଏକ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଉଥିବା ବିଶ୍ୱ ସମୁଦାୟ ବିକଳ୍ପ ବ୍ୟବସ୍ଥା ପ୍ରତି ସ୍ୱତନ୍ତ୍ର ଗୁରୁତ୍ୱ ଦେବା ସ୍ୱାଭାବିକ। ଆଖୁ ଓ ମକାରୁ ପ୍ରସ୍ତୁତ ଇଥାନଲ ଜଳେଣୀରୁ କାର୍ବନ ଓ ମନୋକ୍ସାଇଡ ଭଳି ଅନ୍ୟ ପ୍ରଦୂଷଣ ସୃଷ୍ଟିକାରୀ ବାୟୁ ନିର୍ଗମନ ହେଉ ନ ଥିବାରୁ ପେଟ୍ରୋଲରେ ତାହାର ୨୦ ପ୍ରତିଶତ (ଇ୨୦) ମିଶ୍ରଣକୁ ଏକ ଗ୍ରହଣଯୋଗ୍ୟ ପ୍ରସ୍ତାବ ରୂପେ ମାନ୍ୟତା ମିଳିଛି। ରାଜଧାନୀ ଦିଲ୍ଲୀର ବାୟୁପ୍ରଦୂଷଣ ଏକ ବିପଦଜ୍ଜନକ ସ୍ଥିତିରେ ଅଛି। ସେଠାରେ ଅପେକ୍ଷାକୃତ ଅଧିକ ଯାନବାହାନ ଚଳାଚଳ କରୁଥିବାରୁ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବାହାର ନିଶ୍ଚିତ ଏକ ସ୍ୱାଗତଯୋଗ୍ୟ ନିଷ୍ପତ୍ତି। ଏବେ ସୁପ୍ରିମକୋର୍ଟଙ୍କ ରାୟ କାର୍ଯ୍ୟକାରୀ ହେବା ପରେ ଅଙ୍ଗାର ନିର୍ଗମନ ହ୍ରାସ ପାଇବା ସହିତ ସରକାର ଇ୨୦ ଇନ୍ଧନ ବ୍ୟବହାର ମାଧ୍ୟମରେ ବର୍ଷକୁ ୪ ବିଲିୟନ ଡଲାର ସଞ୍ଚୟ କରିବେ।

ଏଠାରେ କିନ୍ତୁ ଆଉ ଦୁଇଟି ପ୍ରସଙ୍ଗ ଆମକୁ ବିବ୍ରତ କରୁଛି। ରୁଷରୁ ସରକାର ଶସ୍ତାରେ ଅଶୋଧିତ ତୈଳ ସଂଗ୍ରହ କରି ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ବିରାଗଭାଜନ ହୋଇଛନ୍ତି। ଅନ୍ୟପକ୍ଷରେ ଇଥାନଲର ଲିଟର ପିଛା ମୂଲ୍ୟ ୬୦ ରୁ ୬୫ ଟଙ୍କା। ଏହି ଦୁଇଟି ଦିଗକୁ ବିଚାର କରି ପେଟ୍ରୋଲ ମୂଲ୍ୟ ହ୍ରାସ କରାଯିବା ଜରୁରୀ ନୁହେଁକି ? ଅଥଚ ଲିଟର ପିଛା ମୂଲ୍ୟ ସେହି ଶହେଟଙ୍କାରେ ଅପରିବର୍ତ୍ତିତ ରହିଛି। ଦ୍ୱିତୀୟରେ ଇଥାନଲ ଉତ୍ପାଦନର ଚାହିଦା ବୃଦ୍ଧି ସହିତ ଆଖୁ ଓ ମକା ଚାଷ କରୁଥିବା ଚାଷୀଙ୍କ ସକାଶେ ଅତିରିକ୍ତ ଆୟ ବା ଉପାର୍ଜନର ସୁଯୋଗ ଆସିବ ସତ, କିନ୍ତୁ ଅତିରିକ୍ତ ଲାଭ ସକାଶେ ଚାଷୀ ଯଦି ଇଥାନଲ ଉତ୍ପାଦନକୁ ଅଧିକ ଗୁରୁତ୍ୱ ଦେବେ ତେବେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ। ବଜାରରେ ଆଖୁ ଓ ମକାର ଯେଉଁ ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହେବ ତାହା ମୂଲ୍ୟ ବୃଦ୍ଧି ପାଇଁ ବାଟ କଢ଼ାଇନେବେ। ସାଧାରଣ ଖାଉଟି ଉଭୟ ଦୃଷ୍ଟିରୁ କ୍ଷତି ସହିବେ। କାରଣ ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ୨୦୩୦ ସୁଦ୍ଧା ଦେଶର ଚାହିଦା ପୂରଣ ପାଇଁ ୧୫୦୦ କୋଟି ଲିଟର ଇଥାନଲ ଉତ୍ପାଦନ କରିବାକୁ ହେବ।

ଯାହା ବି ହେଉ ଏହାକୁ ଅସ୍ୱୀକାର କରିହେବ ନାହିଁ ଯେ ଆଜିର ଦିନରେ ଓ ଭବିଷ୍ୟତ ପାଇଁ ଇଥାନଲ୍ ଏକ ଅପରିହାର୍ଯ୍ୟ ଆବଶ୍ୟକତା। ଆମଦେଶରେ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ୨୦୧୩-୧୪ ରୁ ଆରମ୍ଭ ହୋଇଛି। ୧.୫ ଶତାଂଶ ମିଶ୍ରଣ ଅନୁପାତ କ୍ରମେ ବୃଦ୍ଧି ପାଇ ୨୦ ଶତାଂଶରେ ପହଞ୍ଚିଛି। ୨୦୩୦ରେ ଏହି ଅନୁପାତ ୩୦ ଶତାଂଶକୁ ବୃଦ୍ଧି କରିବାର ପ୍ରସ୍ତାବ ରହିଛି। ଆମେ ଏହି ପ୍ରୟୋଗ ଆରମ୍ଭ କରିବା ପୂର୍ବରୁ ବ୍ରାଜିଲ ସମଗ୍ର ବିଶ୍ୱକୁ ବାଟ ଦେଖାଇଥିଲା। ଏବେ ଆମେରିକା ମଧ୍ୟ ଏହି ପଦ୍ଧତିକୁ ଅନୁସରଣ କରୁଛି। ଯଦି ଆମ ଦେଶରେ ଏହି ବ୍ୟବସ୍ଥା ୧୦ ନିୟୁତ ଟନ ଅଙ୍ଗାରକାମ୍ଳ ନିର୍ଗମ ହ୍ରାସ କରିବାରେ ସହାୟକ ହେବ ତାହାକୁ ଆମେ ଏକ ଚମତ୍କାରିତା ଭାବେ ମାନିନେବା।

## ବସ୍ତାନି ବୋଝ

ପ୍ରଚଳିତ ଶିକ୍ଷା ଅବସ୍ଥାର ଭିତ୍ତିଭୂମି ଏତେ ଦୁର୍ବଳ ହୋଇଯାଇ ଯେ ତଥାକଥିତ ସଂସ୍କାରର କୌଣସି ପ୍ରଭାବ ଅନୁଭୂତ ହେଉନାହିଁ। ସରକାରୀ ଓ ବେସରକାରୀ ସ୍ତରରେ ପରିଚାଳିତ ବିଦ୍ୟାଳୟର ଶୈକ୍ଷିକ ଢାଞ୍ଚା ସେମିତି ଅପରବର୍ତ୍ତିତ ରହିଛି। କେଉଁଠି ଆଦୌ ପାଠପଢ଼ା ହେଉନାହିଁ ତ ଆଉ କେଉଁଠି ଶିକ୍ଷା ନାମରେ ବ୍ୟବସାୟିକ ଦୃଷ୍ଟିଭଙ୍ଗୀକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ଆମେ ଏଠାରେ ପବ୍ଲିକ ସ୍କୁଲ ବା ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସଂପର୍କରେ ସ୍ୱତନ୍ତ୍ର ଭାବେ ଉଲ୍ଲେଖ କରୁଛୁ। ସେଠାରେ ଦୈନନ୍ଦିନ ୮ଟି ବିଷୟରେ ପାଠପଢ଼ା ପାଇଥିବାରୁ ସେହି ବିଷୟର ପୁସ୍ତକ ଓ ତତ୍ସଂଲଗ୍ନ ଏକାଧିକ ନୋଟବୁକ୍ ସାଙ୍ଗରେ ନେଇ ବିଦ୍ୟାଳୟକୁ ଯିବାର ବାଧ୍ୟବାଧକତା ପିଲାଙ୍କ ଉପରେ ଲଦି ଦିଆଯାଇଛି। ବସ୍ତାନି ଭାର ଏତେ କଷ୍ଟଦାୟକ ଯେ ପିଲାଙ୍କୁ ବିଦ୍ୟାଳୟକୁ ନେବା ଆଣିବା କରୁଥିବା ଅଭିଭାବକଙ୍କୁ ହିଁ ବହନ କରିବା ବ୍ୟତୀତ ଅନ୍ୟ କୌଣସି ପନ୍ଥା ନାହିଁ। ବସ୍ତାନି ବୋଝ ପିଲାଙ୍କ ଶାରୀରିକ ଅଭିବୃଦ୍ଧିରେ ବାଧକ ସାଜିଛି। ଅଧିକାଂଶ ଆଗକୁ ଝୁଙ୍କି ଚଳପ୍ରଚଳ କରୁଥିବାରୁ ସେମାନଙ୍କ ପିଠି ବଙ୍କା ହୋଇଯିବା ସହ କାନ୍ଧ ଓ ବେକରେ ଅସମ୍ଭବ ଯନ୍ତ୍ରଣା ହୋଇଥାଏ। ସେମାନଙ୍କ ମେରୁଦଣ୍ଡ ଉପରେ ମଧ୍ୟ ଗୁରୁତର ପ୍ରଭାବ ପଡୁଥିବାର ନ୍ୟାସନାଲ ଲାଇବ୍ରେରୀ ଅଫ୍ ମେଡିସିନରେ ପ୍ରକାଶିତ ତଥ୍ୟାନୁସନ୍ଧାନ ରିପୋର୍ଟରୁ ଜଣାପଡ଼ିଛି।

ପିଲାଙ୍କ ସ୍ୱାସ୍ଥ୍ୟ ଓ ଶରୀର ପ୍ରତି ବିପଦ ସୃଷ୍ଟିକାରୀ ଏହି ବ୍ୟବସ୍ଥାରେ ଯେ ପରିବର୍ତ୍ତନ ଜରୁରୀ ଏକଥା ସମସ୍ତେ ଅନୁଭବ କରୁଥିଲେ ମଧ୍ୟ ତାହା ଅପରିବର୍ତ୍ତିତ ରହିଛି। ଭାର ବହନ କରିବାର କ୍ଷମତା ପୁଅଙ୍କ ଠାରୁ ଝିଅମାନଙ୍କ କମ୍ ଥିବାରୁ ଏହି ପରିସ୍ଥିତିରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି ଛାତ୍ରୀମାନେ। ରିପୋର୍ଟରୁ ପ୍ରକାଶ ଯେ ପିଲାଙ୍କ ଶରୀରର ଓଜନର ୧୫ ରୁ ୨୫ ପ୍ରତିଶତ ଭାର କାନ୍ଧରେ ବହନ କରିଥା'ନ୍ତି। ଅନେକ କ୍ଷେତ୍ରରେ ଘରକୁ ଫେରିବା ପର୍ଯ୍ୟନ୍ତ ସେହି ବସ୍ତାନି ବୋଝ ପିଲାଙ୍କ କାନ୍ଧରେ ରହିଥାଏ। ପିଲାଙ୍କ ନିୟମିତ ଅସୁସ୍ଥତା ଓ ପାଠପଢ଼ା ପ୍ରତି ଅମନଯୋଗୀ ହେବା ପଛରେ ଏହି ବ୍ୟାଗ ବୋଝ ଅନେକାଂଶରେ ଦାୟୀ। ସଚେତନ ଅଭିଭାବକଙ୍କ ପକ୍ଷରୁ ଏନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ କ୍ରମାଗତ ଆପତ୍ତି ଦର୍ଶାଯାଉଥିଲେ ମଧ୍ୟ କୌଣସି ପ୍ରତିକାର ନହେବା କ୍ଷୋଭର ବିଷୟ।

ସମୟାନୁସାରେ ପାଠ୍ୟକ୍ରମ ଶେଷ ହେଉନଥିବାରୁ କୌଣସି ପ୍ରକାରେ ଶିକ୍ଷକ କିଛି ନୋଟ ଡାକି ଦାୟିତ୍ୱ ତୁଲାଉଥିବାର ଲକ୍ଷ୍ୟ କରାଯାଉଛି। ତେଣିକି ପିଲା ଖାତାରେ କ'ଣ ଲେଖିଲା ତାହା ଯାଞ୍ଚ କି ସଂଶୋଧନ ହୁଏ ନାହିଁ। ଏ ସଂପର୍କରେ ଅଭିଭାବକ ଆପତ୍ତି ଦର୍ଶାଇଲେ ତାଙ୍କ ପିଲା ଅକ୍ରୋଶର ସମ୍ମୁଖୀନ ହୁଏ। ତେଣୁ ବିଦ୍ୟାଳୟ ଅପେକ୍ଷା ପିଲାଙ୍କ ଟ୍ୟୁସନ ଉପରେ ଦିନକୁ ଦିନ ନିର୍ଭରଶୀଳତା ବୃଦ୍ଧି ପାଉଛି। ଏସବୁକୁ ଯାଞ୍ଚ କରିବା ସକାଶେ ଆମ ବ୍ୟବସ୍ଥାରେ କିଛି ସୁଯୋଗ ନାହିଁ। ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଉନ୍ନତ ହାରର ଫଳାଫଳର ପ୍ରଚାର କରି ଘରୋଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଅଭିଭାବକଙ୍କୁ ଆକର୍ଷିତ କରିଥା'ନ୍ତି। ହେଲେ ସେଥିରେ ସେମାନଙ୍କ ଅବଦାନ କେତେ ତାହା ଜାଣିବାର ବାଟ ନାହିଁ। ସେହିପରି ବିଦ୍ୟାଳୟରେ ବସ୍ତାନି ବୋଝ ଯାଞ୍ଚ କରିବା ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା ଥିଲେ ମଧ୍ୟ ତାହା ହୁଏ ନାହିଁ। ଅଥଚ ସ୍କ୍ୱାଡ ଗଠନ କରାଯାଇଛି ଏବଂ କାଗଜ ପତ୍ରରେ ରିପୋର୍ଟ ଦରଜ କରାଯାଇଛି। ବିଦ୍ୟାଳୟର ପ୍ରଥମ ତିନିଟି ଶ୍ରେଣୀ ପିଲାଙ୍କ ସକାଶେ ହୋମୱାର୍କ ନଦେବାକୁ କଟକଣା ବା ନିୟମ ଥିଲେ ମଧ୍ୟ ଘରୋଇ ବିଦ୍ୟାଳୟ ସେଥିପ୍ରତି ଧ୍ୟାନ ଦିଅନ୍ତି ନାହିଁ। ସବୁ ଅଛି, କିଛି ନଥିଲା ଭଳି ଅବସ୍ଥାରେ ପାଠପଢ଼ା ଚାଲିଛି। କାହାର ସେଥିପ୍ରତି ନିଘା ନାହିଁ।

# ଏଆଇ-ଉଦ୍ୟୋକ୍ତାଙ୍କ ଚିତ୍ରନାଟ୍ୟ ଓ ମେଧାର ଅନ୍ତଃସଂଘାତ

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

'ଓପେନ୍ ଏଆଇ'ର ସର୍ବେସର୍ବା ସାମ୍ ଅଲ୍‌ଟାମାନ୍ ପ୍ରଥମେ ଆମକୁ 'ଚାଟ୍‌ଜିପିଟି' ପରି ଭାଷାଭିତ୍ତିକ ବୃହତ୍ କୃତ୍ରିମ-ବୁଦ୍ଧିମତ୍ତାଯୁକ୍ତ ପ୍ରବିଧିଟି ଭେଟି ଦେଲେ। ଏବେ ସେ ଦେଇଛନ୍ତି ଏହାର ନୂଆ ସଂସ୍କରଣ ଚାଟ୍‌ଜିପିଟି-୫। କିନ୍ତୁ ବିଚିତ୍ର କଥାଟି ହେଉଛି ଯେ ଏ ବିଜ୍ଞାନୀ ଯନ୍ତ୍ରୀ-ବିଶାରଦ ଜଣକ ମଝିରେ ମଝିରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ସମ୍ଭାବ୍ୟ ବିପଜ୍ଜନକ ପ୍ରଭାବ ସମ୍ପର୍କରେ ଅଚ୍ୟୁତ-ବଚନମାନ ଆମକୁ ଶୁଣାଇ ଏକପ୍ରକାର ସନ୍ତ୍ରସ୍ତ କରି ଚାଲିଛନ୍ତି। ଜଣାଯାଉଛି ଏ ବୁଦ୍ଧିମାନ ବ୍ୟକ୍ତି ଜଣକ ଏକାଥରକେ ଦୁଇଟି ଗୁରୁଦାୟିତ୍ୱ ନିଜ କାନ୍ଧ ଉପରକୁ ନେଇଯାଇଛନ୍ତି। ପ୍ରଥମଟି ହେଉଛି- ଏଆଇ ପ୍ରବିଧିମାନଙ୍କର ଉତ୍ତରୋତ୍ତର ବିକାଶ ଓ ବହୁଳ ବ୍ୟବହାର ନିଶ୍ଚିତ କରି ମାନବ ଜାତିର ତଥାକଥିତ କଲ୍ୟାଣ ସାଧନ କରିବା; ନିରବଚ୍ଛିନ୍ନ ପ୍ରଗତି ଓ ସମୃଦ୍ଧିର ଯେଉଁ ସ୍ୱପ୍ନ ମଣିଷ ତା'ର ସଭ୍ୟତାର ଊଷାକାଳରୁ ଦେଖିଆସିଛି, ଅଥଚ ଏ ପର୍ଯ୍ୟନ୍ତ ପୂର୍ଣ୍ଣମାତ୍ରାରେ ସାକାର କରିପାରିନାହିଁ, ଏବେ ତା'ହାତରେ ଏଆଇ ପ୍ରବିଧିମାନ ଧରାଇ ଦେଇ ତାକୁ ତା'ର ସେଇ ସ୍ୱପ୍ନ ସାକାର କରିବା ପାଇଁ ସମର୍ଥ କରିବା। ମଣିଷ ଜାତିର ଅନ୍ୟତମ ତ୍ରାଣକର୍ତ୍ତାଟିଏ ସାଜିବାର ମହତ୍ତ୍ୱାକାଂକ୍ଷା ପୋଷଣ କରିଛନ୍ତି ସେ ସତେଯେପରି! ଏ ଦାୟିତ୍ୱଟି ଖୁବ୍ ନିଷ୍ଠାପର ଭାବରେ ସେ ନିର୍ବାହ କରିଚାଲିଥିବା ସହିତ ଅନ୍ୟ ଯେଉଁଟି ନିର୍ବାହ କରିବାକୁ ସେ ସମପ୍ରକାର ନିଷ୍ଠା ପ୍ରଦର୍ଶନ କରି ଆସୁଛନ୍ତି, ସେଥିରୁ ତାଙ୍କର ଉଦ୍ଦେଶ୍ୟଟି ପ୍ରକୃତରେ କ'ଣ ସେଥିନେଇ ଘୋର ଦ୍ୱନ୍ଦ୍ୱ ଓ ସନ୍ଦିଗ୍ଧତାରେ ଆମକୁ ପକାଇ ଦେଇଥାଏ। ଏଇ ମାତ୍ର ଗୋଟିଏ କି ଦୁଇଟି ସପ୍ତାହ ତଳେ ସେ 'ଚାଟ୍‌ଜିପିଟି -୫'ର ଉଦ୍‌ଘାଟନ ସମୟରେ ଦ୍ୱିତୀୟ ଗୁରୁ ଦାୟିତ୍ୱଟି ନିର୍ବାହ କରିବା ବେଳେ ଆପାଣାକୁ ଦୋଷବୋଧର ଜ୍ୱଳନରୁ ମୁକ୍ତ କରିବାକୁ କିପରି ପ୍ରୟାସଟିଏ କରିଛନ୍ତି ଆସନ୍ତୁ ଜାଣିବା।

ସେହି ଅବସରରେ ଏ କରିତ୍‌କର୍ମା ଜଣକ କହିଦେଲେ, 'ମୁଁ ଏହି ଏଆଇ ବଟ୍‌ର ଅତୁଳନୀୟ ଶକ୍ତି ଦେଖି ଆତଙ୍କିତ। ମୁଁ ଭାବୁଛି ଏହା ଏକ 'ମାନ୍‌ହାଟେନ୍ ପ୍ରୋଜେକ୍ଟ'ର ମୁହୂର୍ତ୍ତ'। ୧୯୪୨ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକା ଆରମ୍ଭ କରିଥିଲା ମାନ୍‌ହାଟେନ୍ ପ୍ରୋଜେକ୍ଟ, ଆଇନଷ୍ଟାଇନଙ୍କ ବାରଣ ସତ୍ତ୍ୱେ। ଏହି ଅବିମୃଶ୍ୟକାରୀ ଯୋଜନାର ଫଳଶ୍ରୁତି ଥିଲା ପରମାଣୁ ବୋମା। ଅଲ୍‌ଟାମାନ୍ ଚାଟ୍‌ଜିପିଟି-୫କୁ ପରମାଣୁ ବୋମା ଭଳି ମାରାତ୍ମକ କହି ଆମମାନଙ୍କୁ ଅବଶ୍ୟ ଚେତାବନୀଟିଏ ଦେଇଛନ୍ତି, ମାତ୍ର ସତ କଥାଟି ହେଉଛି ସେ ଏପରି କହି ଆପଣାକୁ ଦୋଷବୋଧରୁ ମୁକ୍ତ କରିବାର ଅସାଧୁ ପ୍ରୟାସଟିଏ କରିଛନ୍ତି। ସେ ଅଧାସତ କହିଛନ୍ତି। ପରମାଣୁ ବୋମା ଯେଉଁ ସଂହାରଲୀଳା ସୃଷ୍ଟି କରିବ, ତା'ର ଭୟାବହତା ଦେଖିବା ପାଇଁ ମଣିଷ ନଥିବ। ମାତ୍ର ବର୍ତ୍ତମାନର ରକ୍ତବୀର୍ଯ୍ୟ କୃତ୍ରିମ ବୁଦ୍ଧିମତ୍ତାର ଧ୍ୱଂସାତ୍ମକତାର ବୀଭତ୍ସ ରୂପକୁ ହୁଏତ ହଠାତ୍ କେହି ଦେଖିପାରିବେ ନାହିଁ କି ଅନୁଭବ କରିପାରିବେ ନାହିଁ। ଏହାର ରାହୁଛାୟା ଧୀରେ ଧୀରେ ଗ୍ରାସ କରିଚାଲିବ ଆମକୁ। ଆମେ ବଞ୍ଚିରହିଥିବା ଓ ସ୍ୱଚକ୍ଷୁରେ ଦେଖି ଚାଲୁଥିବା ସେ ଛାୟାର କ୍ରମବିସ୍ତାର ଆମ ଜୀବନର ପ୍ରତିଟି ମଞ୍ଚରେ। ଯେଉଁସବୁ ମଞ୍ଚରେ ଆମେ ଅପୂର୍ବ କଳାତ୍ମକତାର ସହ ଅଭିନୟମାନ କରିଚାଲିଥିଲେ, ସେଇଠି ଏଣିକି ଅଭିନୟ କରୁଥିବେ ଏଆଇ ପ୍ରବିଧିମାନ ଓ ଆମେ ନିରୋଳା ବିମୂଢ଼ତା, ଅସହାୟତାର ସହ ଠିଆ ହୋଇ ରହିଥିବା ନିର୍ବେଦ ଦର୍ଶକ ହୋଇ। ମରଣ ନୁହେଁ, ଜୀବନ୍ତ ମରଣର ମଞ୍ଜିଚିରା ଯନ୍ତ୍ରଣାଭୋଗ କରି ଚାଲୁଥିବା ଆମେ।

କେବଳ ସାମ୍ ଅଲ୍‌ଟାମାନ୍ ନୁହନ୍ତି, ଆହୁରି ବେଶ୍ କେତେଜଣ ତଥାକଥିତ ପ୍ରଚଣ୍ଡ ମେଧାସମ୍ପନ୍ନ ବିଜ୍ଞାନୀ ରାତିଦିନ ଶକ୍ତିଶାଳୀରୁ ଅସାଧାରଣ ଶକ୍ତିଶାଳୀ ଏଆଇ ପ୍ରବିଧିମାନ ନିର୍ମାଣ କରିଚାଲିବା ସଙ୍ଗେ ସଙ୍ଗେ ପ୍ରାୟ ପ୍ରତି ସପ୍ତାହରେ ସେମାନଙ୍କ ମଧ୍ୟରୁ କେହି କେହି ମଧ୍ୟ କହିଥା'ନ୍ତି- 'ଏଆଇ ମଣିଷକୁ ଦିନେ ପୂରାପୂରି ଅଲୋଡ଼ା, ଅନାବଶ୍ୟକ କରିଦେବାର ବିମର୍ଷକର ଆଶଙ୍କାକୁ ଅସ୍ୱୀକାର କରାଯାଇ ନ ପାରେ।' ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ଏହି ବିଶେଷଜ୍ଞ, ବିଶାରଦମାନଙ୍କୁ ନରନାରାୟଣ ଭାବରେ ଅସରନ୍ତି ଶ୍ରଦ୍ଧାସୁମନ ବାଢ଼ୁଥିବା ଥୋକେ ଭକ୍ତ ହୁଏତ କହିବେ - 'ଆହା, ମାନବସମାଜର ସମୃଦ୍ଧି ପାଇଁ ନିଜ ନିଜର ସୁଖଶାନ୍ତିକୁ ବିସର୍ଜନ ଦେଇଥିବା ଅଲ୍‌ଟାମାନ୍ ବା ମସ୍କମାନଙ୍କ ଭିତରେ ଏଆଇକୁ ନେଇ ଏ ଯେଉଁ ଅନ୍ତର୍ଦ୍ୱନ୍ଦ୍ୱଜନିତ ମାନସିକ ସଂଘାତ, ଏହା ସେମାନଙ୍କ ନିରୁତା ମଣିଷପଣିଆ, ସେମାନଙ୍କ ସମ୍ବେଦନଶୀଳ ଅନ୍ତର୍ସତ୍ତାର ନିର୍ଭୁଲ ପ୍ରମାଣ'।

ନା ଏହା ଆଦୌ ସତ ଅନ୍ତର୍ଦ୍ୱନ୍ଦ୍ୱ ନୁହେଁ। ଏହା ସେମାନେ ମଞ୍ଚସ୍ଥ କରୁଥିବା ନାଟକର ଚିତ୍ରନାଟ୍ୟ ମାତ୍ର। ଏ ନାଟକ ହେଉଛି ଏକ ବୃହତ୍ କର୍ପୋରେଟ୍ ଖେଳ। ଏହା 'ମେସିନ୍ ବନାମ ମଣିଷ' ଯୁଦ୍ଧ କି ଦ୍ୱନ୍ଦ୍ୱ ନୁହେଁ। ଏହା ହେଉଛି ହାତଗଣତି କେତେଜଣ ମେଧାସମ୍ପନ୍ନ ଅଥଚ ପ୍ରଚଣ୍ଡ ସ୍ୱାର୍ଥୀ, ଚତୁର ପ୍ରଯୁକ୍ତିବିଦ୍ୟା ବିଶାରଦ ଏବଂ ଅର୍ବପତି ବ୍ୟବସାୟୀ (ତଥାକଥିତ ଏଲିଟ୍) ବନାମ କୋଟି କୋଟି ଅଳ୍ପ ମେଧାସମ୍ପନ୍ନ ଶିକ୍ଷିତ, ସାକ୍ଷର କି ପୂରାପୂରି ନିରକ୍ଷର ଜନସାଧାରଣଙ୍କ ମଧ୍ୟରେ ଅନ୍ତଃସଂଘାତ। ଯୁଗ ଯୁଗ ଧରି ସୀମାନ୍ତରିତ ହୋଇରହିଥିବା ଅଗଣିତ ଦରିଦ୍ର, ସମ୍ବଳହୀନମାନେ, ଯେଉଁମାନଙ୍କ ପାଖରେ ବିଜ୍ଞାନ ବା ପ୍ରଯୁକ୍ତିବିଦ୍ୟାରେ ଦକ୍ଷତା ଅର୍ଜନ କରିବା ପାଇଁ ଆବଶ୍ୟକ ସୂକ୍ଷ୍ମ ବୁଦ୍ଧିମତ୍ତା ନାହିଁ କିମ୍ବା ସେମାନଙ୍କ ପାଇଁ ସୁଲଭ ହେବାକୁ ଯାଉଥିବା ଏଆଇ ବଟ୍ ବା ପ୍ରବିଧିମାନଙ୍କର ବ୍ୟବହାର, ପରିଚାଳନା ପାଇଁ ଲୋଡ଼ା ପଡୁଥିବା କଳାକୌଶଳ ନାହିଁ, ସେମାନେ ଆହୁରି ଆହୁରି ସୀମାନ୍ତରିତ ହୋଇଚାଲିବେ ଏବଂ ଏଆଇର ଅର୍ବପତି ବିଜ୍ଞାନୀ ଓ ବ୍ୟବସାୟୀମାନଙ୍କ କୋମଳ ଶୋଷଣର ବିକଳ ଶରବ୍ୟ ହୋଇ ନିଃଶବ୍ଦ ଆର୍ତ୍ତନାଦ ହିଁ କରି ଚାଲିବେ। ବିବ୍ରତକର ଏ ସତ୍ୟଟି ଜାଣି ମଧ୍ୟ କାହିଁକି ଯେ ଆମେ ପ୍ରତ୍ୟେକ 'ଗିନ୍ ପିଗ୍' ସାଜିବାକୁ ସଜବାଜ ହୋଇ ରହୁଛେ ଏବଂ କାହିଁକି ଏ ପ୍ରକାର ଅସହ୍ୟ ନିରବତା ଅବଲମ୍ବନ କରି ଚାଲିଛେ, ତାହା ବୁଝିବା ଦୁରୂହ।

ଏଆଇ ମଣିଷର ସାମର୍ଥ୍ୟ ଓ ଦକ୍ଷତାକୁ ବହୁଗୁଣିତ କରିଦେବ ବୋଲି ଯେଉଁ ଆଶ୍ୱାସନାଟି ଆମକୁ ଦିଆଯାଇଚାଲିଛି, ତାହା କେତେ ନିରାଧାର ଜଣାପଡ଼ିସାରିଲାଣି ଏଇ କେତୋଟି ଦିନ ମଧ୍ୟରେ। କ୍ଷମତାଧାରୀ ଓ କ୍ଷମତାହୀନ, ଥିଲା ବାଲା ଓ ନଥିଲାବାଲାମାନଙ୍କ ମଧ୍ୟରେ ଏକ ବିରାଟ ବିଭାଜନ ଏଆଇ ସୃଷ୍ଟି କରିବାର ଯଥେଷ୍ଟ ପ୍ରାକ୍-ଆଭାସ ଆମେ ପାଇ ସାରିଲେଣି। ଦୁଃଖଦ ବିଡ଼ମ୍ବନାଟି ହେଉଛି ଯେ ଆମ ବୁଦ୍ଧିଜୀବୀ ଓ ରାଜନୈତିକ କ୍ଷମତାଧାରୀମାନେ ଗୋଟିଏ ମୁହଁରେ ଗଣତାନ୍ତ୍ରିକ ସମାନତା, ସାର୍ବଜନୀନ ଅର୍ଥନୈତିକ ସମାନତା କଥା କହୁଥିବା ବେଳେ ଘୋର ବୈଷମ୍ୟ ଓ ଅସମାନତା ସୃଷ୍ଟି କରିବାକୁ ଯାଉଥିବା ଏଆଇର ପ୍ରସ୍ତୁତି ଓ ବ୍ୟାପକ ବ୍ୟବହାରକୁ ରୀତିମତ ପ୍ରୋତ୍ସାହନ ଦେଇ ଚାଲିଛନ୍ତି। କାହିଁକି ଯେ ଆମେ ଏଇ ଅଲ୍‌ଟାମାନ୍, ମସ୍କମାନଙ୍କୁ କହୁନାହେଁ ଯେ ଯେତିକି ଶକ୍ତିଶାଳୀ ଏଆଇ ପ୍ରବିଧିମାନ ସେମାନେ ଦେଇ ସାରିଛନ୍ତି, ସେତିକିରେ ସେମାନେ ସନ୍ତୁଷ୍ଟ ରୁହନ୍ତୁ; ଆହୁରି ଅଧିକ ଶକ୍ତିଶାଳୀ ଓ ଚେତନାଯୁକ୍ତ (ଏଜିଆଇ) ପ୍ରବିଧିମାନ ନିର୍ମାଣ କରିବା ପାଇଁ ସେମାନେ ଚଳାଇ ରଖିଥିବା ସମସ୍ତ ପ୍ରକାର ଗବେଷଣା ଓ ପରୀକ୍ଷଣ ଉପରେ ପୂର୍ଣ୍ଣଚ୍ଛେଦଟିଏ ପକାଇ ଦିଅନ୍ତୁ; ଏହା ସହଜରେ ବୁଝି ହୁଏନା।

ନିର୍ଦ୍ଦିଷ୍ଟ ଭାବରେ ସାମ୍ ଅଲ୍‌ଟାମାନଙ୍କୁ କାହିଁକି କହୁନାହେଁ - "ଆପଣ ଚାଟ୍‌ଜିପିଟି-୫କୁ ପରମାଣୁ ବୋମା ସହ ତୁଳନା କରିଥିବାରୁ ଅଶେଷ ଧନ୍ୟବାଦ। ଅନୁରୋଧ, ଆପଣଙ୍କ 'ଓପେନ୍ ଏଆଇ' ଗବେଷଣାଗାରକୁ ଏଥର କେବଳ ଏଆଇ କିପରି ପୂରାପୂରି କଲ୍ୟାଣକର ହେବ, କିପରି ସର୍ବଜନହିତାୟ ହେବ, ସେହି କାମଟିରେ ଲଗାଇ ଦିଅନ୍ତୁ। ସତରେ ଯଦି ଆପଣ ମାନବଜାତିର ମଙ୍ଗଳ ଚାହୁଁଛନ୍ତି, ତେବେ ନିଜର ଅମିତ ଉଚ୍ଚାକାଂକ୍ଷାରେ ଲଗାମ୍ ଦେଇ ଦିଅନ୍ତୁ ଏବଂ ଆପଣଙ୍କ ସମଧର୍ମାମାନଙ୍କୁ ବି ସେମାନଙ୍କ 'ମାନ୍‌ହାଟ୍‌ନ୍ ପ୍ରୋଜେକ୍ଟ'ଗୁଡ଼ିକରୁ ଓହରି ଆସିବାକୁ ପରାମର୍ଶ ଦିଅନ୍ତୁ। ଅନୁରୋଧ, ମଣିଷକୁ ତା' ନିଜ ଜୀବନ ଓ ସଭ୍ୟତାର ମଙ୍ଗ ଧରିବାକୁ ଦିଅନ୍ତୁ, ଯେମିତି ସେ ଧରି ଆସିଛି ଦୀର୍ଘ ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ବର୍ଷ ଧରି। ଏକବିଂଶ ଶତାବ୍ଦୀ ଓ ପର ଶତାବ୍ଦୀଗୁଡ଼ିକରେ ସକ୍ରେଟିସ୍, ବୁଦ୍ଧ, କଲମ୍ବସ, ଗାନ୍ଧୀ, ଆଇନ୍‌ଷ୍ଟାଇନ, ଟଲଷ୍ଟୟ, ବିଥୋଭେନ୍, କାଳିଦାସ, ଭର୍ତ୍ତୃହରି ଓ ସେକ୍ସପିୟରମାନେ ଜନ୍ମ ନିଅନ୍ତୁ; ମଣିଷର ସହଜାତ ପ୍ରତିଭା, ମଣିଷର ସହଜାତ ଚେତନା ମଣିଷର ହୋଇ ରହୁ, ଏଆଇର ନୁହେଁ। ମଣିଷକୁ କବନ୍ଧପ୍ରାୟ କରିବାର ଏ ଯେଉଁ ନିଶା ଆପଣଙ୍କୁ ଓ ଆପଣଙ୍କ ସତୀର୍ଥମାନଙ୍କୁ ଘାରିଛି, ସେ ନିଶାର ଶେଷ ହେଉ।"

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଡ଼ିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

# ଓଡ଼ିଶାରେ ସବୁଜ ଅର୍ଥନୀତିର ଭବିଷ୍ୟତ

**ଆଦିତ୍ୟ ମାଲହୋତ୍ରା**

ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଜୁନ୍ ମାସରେ ଉନ୍ମୋଚିତ 'ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ'ରେ ୨୦୩୬ ସୁଦ୍ଧା ରାଜ୍ୟକୁ ୫୦୦ ବିଲିୟନ ଆମେରିକୀୟ ଡଲାରର ଅର୍ଥନୀତି ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଆମେରିକୀୟ ଡଲାରର ଅର୍ଥନୀତିରେ ପରିଣତ କରିବା ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ୨୦୪୭ ସୁଦ୍ଧା ଓଡ଼ିଶାକୁ ୧୦୦ ଲକ୍ଷ କୋଟି ଟଙ୍କାର ନିବେଶ ଆବଶ୍ୟକ ହେବ ଏବଂ ଏହାର ଏକ ପ୍ରମୁଖ ଅଂଶ ସବୁଜ ଅର୍ଥନୀତି ଆଡ଼କୁ ପ୍ରବାହିତ ହେବ। ଏକ ସବୁଜ ଅର୍ଥନୀତି ଓଡ଼ିଶାର ଅର୍ଥନୀତିକୁ ଅଭିବୃଦ୍ଧି କରିବା ସହିତ ପରିବେଶକୁ ସୁରକ୍ଷିତ ରଖିବ ଏବଂ ନିଯୁକ୍ତି ସୃଷ୍ଟି କରିବ, ଯଦ୍ୱାରା ବିବିଧତା ଓ ଅଭିବୃଦ୍ଧି ଲକ୍ଷ୍ୟକୁ ପୂରଣ କରାଯାଇପାରିବ।

ସବୁଜ ଅର୍ଥନୀତି, ଏକ ନୂତନ ଅର୍ଥନୈତିକ ସଂସ୍କରଣ, ଯାହା ସ୍ୱଚ୍ଛ ଶକ୍ତି କ୍ଷେତ୍ର ଅପେକ୍ଷା ବହୁତ ବଡ଼। ଏଥିରେ ପୁନଃଚକ୍ରିକରଣ ଅର୍ଥନୀତି, ଜୈବ-ଅର୍ଥନୀତି ଓ ପ୍ରକୃତି-ଆଧାରିତ ସମାଧାନ ଭଳି ନୂତନ କ୍ଷେତ୍ର ଅନ୍ତର୍ଭୁକ୍ତ। ଶକ୍ତି, ପରିବେଶ ଓ ଜଳ ପରିଷଦ (ସିଇଇଡବ୍ଲୁ) ଦ୍ୱାରା କରାଯାଇଥିବା ଗବେଷଣା, ଯାହା ରାଜ୍ୟ ସହିତ ଏକ ନେଟ୍-ଶୂନ୍ୟ କାର୍ବନ ରୋଡମ୍ୟାପ୍ ପ୍ରସ୍ତୁତ କରିବା ପାଇଁ କାର୍ଯ୍ୟ କରୁଛି, ସମ୍ପ୍ରତି ଆକଳନ କରିଛି ଯେ ଯଦି ଓଡ଼ିଶା ଏକ ସବୁଜ ଅର୍ଥନୀତିରେ ନିବେଶ କରେ, ତେବେ ଏହା ୧୦ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି କରିପାରିବ। ରାଜ୍ୟର ଜିଡିପିରେ ୨ ଲକ୍ଷ କୋଟି ଟଙ୍କା ଯୋଡ଼ିପାରିବ ଏବଂ ୨୦୩୦ ସୁଦ୍ଧା ୩.୫ ଲକ୍ଷ କୋଟି ଟଙ୍କା ନିବେଶ ଆଣିପାରିବ। ଏହାର ଅର୍ଥ ହେଉଛି ଯେ ଓଡ଼ିଶାର ଜିଡିପିର ଅତିରିକ୍ତ ୨୦ ପ୍ରତିଶତରୁ ଅଧିକ ସବୁଜ କ୍ଷେତ୍ରରୁ ଆସିପାରିବ ଏବଂ ନିଯୁକ୍ତି ସୃଷ୍ଟି ମଧ୍ୟ କରିପାରିବ।

ରାଜ୍ୟ ସରକାର ଏହି କ୍ଷେତ୍ରର ବିକାଶ ପାଇଁ ଅନେକ ପଦକ୍ଷେପ ନେବା ଆରମ୍ଭ କରିସାରିଛନ୍ତି। ଓଡ଼ିଶାର ମହତାକାଂକ୍ଷୀ ସବୁଜ କ୍ଷେତ୍ରର ଅଭିବୃଦ୍ଧିକୁ ସମର୍ଥନ କରିବା ପାଇଁ ଏଠାରେ ତିନୋଟି ଉପାୟ ଅଛି। ପ୍ରଥମେ, ଓଡ଼ିଶାର ନିବେଶ ନୀତିଗୁଡ଼ିକ ସବୁଜ ଶକ୍ତି ନିବେଶକଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିବା ଆବଶ୍ୟକ। ରାଜ୍ୟର ମହତାକାଂକ୍ଷୀ ଶିଳ୍ପ ନୀତି ସଂକଳ୍ପ ପୂର୍ବରୁ ସବୁଜ ଶକ୍ତି, ସବୁଜ ଉଦ୍‌ଜାନ ଓ ଜୈବିପ୍ରଯୁକ୍ତି ବିଦ୍ୟା ଭଳି ପ୍ରମୁଖ କ୍ଷେତ୍ର ପାଇଁ ୩୦ ପ୍ରତିଶତ ପର୍ଯ୍ୟନ୍ତ ପୁଞ୍ଜି ରିହାତି ସହିତ ଆର୍ଥିକ ଲାଭ ପ୍ରଦାନ କରେ। କିନ୍ତୁ ଉଦ୍ୟୋଗୀମାନଙ୍କୁ ଯୋଗ୍ୟ ହେବା ପାଇଁ ପୁନଃଚକ୍ରିକରଣ ଅର୍ଥନୀତି, ଜୈବ-ଅର୍ଥନୀତି ଓ ପ୍ରକୃତି-ଆଧାରିତ ଆହ୍ୱାନଗୁଡ଼ିକୁ ନିର୍ଦ୍ଦିଷ୍ଟ ଭାବରେ ଉଲ୍ଲେଖ କରାଯିବା ଆବଶ୍ୟକ।

ଲିଥିୟମ୍-ଆୟନ୍ ବ୍ୟାଟେରୀ ପୁନଃଚକ୍ରଣ ଏବଂ ଜୈବ-ଆଧାରିତ ଉତ୍ପାଦନ ଭଳି ଶିଳ୍ପଗୁଡ଼ିକ ପାଇଁ ଅଧିକ ପୁଞ୍ଜି ନିବେଶ ଆବଶ୍ୟକ। ଦ୍ୱିତୀୟତଃ, ଓଡ଼ିଶା ସବୁଜ କ୍ଷେତ୍ର ପାଇଁ ଯୋଗାଣ ଶୃଙ୍ଖଳ ହେବା ନିମନ୍ତେ 'ହବ୍ ଓ ସ୍ପୋକ୍' ମଡେଲ୍ ବିକଶିତ କରିବା ଉଚିତ। ଏକ କେନ୍ଦ୍ରୀୟ ହବ୍ ନିକଟସ୍ଥ ଅଞ୍ଚଳର ଛୋଟ ଉତ୍ପାଦକଙ୍କଠାରୁ ସାମଗ୍ରୀ ସଂଗ୍ରହ ଓ ପ୍ରକ୍ରିୟାକରଣ କରେ। ସେମାନଙ୍କୁ ବଡ଼ ବଜାର ସହିତ ସଂଯୋଗ କରିବାରେ ସାହାଯ୍ୟ କରେ। ଓଡ଼ିଶାରେ ପୂର୍ବରୁ ଡେରାସରେ ସାମୁଦ୍ରିକ ଖାଦ୍ୟ ପାର୍କ ଭଳି ଉଦାହରଣ ଅଛି। କିନ୍ତୁ ଏହା ଆହୁରି ଆଗକୁ ଯାଇପାରିବ। ଉଦାହରଣ ସ୍ୱରୂପ, ତାମିଲନାଡୁରେ ଏକ ବହୁମୁଖୀ ସାମୁଦ୍ରିକ ଖାଦ୍ୟ ପାର୍କ ଏକ ହବ୍ ଭାବରେ କାର୍ଯ୍ୟ କରେ ଏବଂ ଉପକୂଳରେ ଛୋଟ ସାମୁଦ୍ରିକ ଖାଦ୍ୟ ଫାର୍ମଗୁଡ଼ିକୁ ସମର୍ଥନ କରେ। ଏହି ପାର୍କ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ଏକ ଗବେଷଣା ଓ ତାଲିମ କେନ୍ଦ୍ର ଭାବରେ ମଧ୍ୟ କାର୍ଯ୍ୟ କରେ। ଏହି ମଡେଲ୍ ଅନ୍ୟ ସ୍ଥାନରେ ଭଲ କାମ କରିଛି। ଜର୍ମାନୀରେ କଫି ବର୍ଜ୍ୟରୁ ଜୈବ-ଉତ୍ପାଦ ତିଆରି କରିବାଠାରୁ ଆରମ୍ଭ କରି କର୍ଣ୍ଣାଟକରେ କୃଷି-ଆବର୍ଜନାରୁ ଇଥାନଲ୍ ଉତ୍ପାଦନ ପର୍ଯ୍ୟନ୍ତ।

ତୃତୀୟତଃ, ରାଜ୍ୟ ସବୁଜ ଉତ୍ପାଦର ଚାହିଦା ବୃଦ୍ଧି କରିପାରିବ। ଗୋଟିଏ ଉପାୟ ହେଉଛି ସରକାରୀ ପ୍ରକଳ୍ପରେ ସବୁଜ ଶକ୍ତି ସାମଗ୍ରୀ କିଣିବା ପାଇଁ ସ୍ୱଷ୍ଟ ନିୟମ ସ୍ଥିର କରିବା। ସରକାରୀ ଓ ଘରୋଇ କ୍ଷେତ୍ର ଉଭୟ ବିଭାଗକୁ ପ୍ରାକୃତିକ ଝଡ଼ ପ୍ରତିରୋଧୀ ଭାବରେ ହେନ୍ତାଳ ବନ, ଜୈବ-ସାର, ବାଉଁଶ ଫର୍ଣ୍ଣିଚର ଭଳି ଉତ୍ପାଦର ସର୍ବନିମ୍ନ ଅଂଶ ବ୍ୟବହାର କରିବାକୁ କୁହାଯାଇପାରେ। ଏହା ଭାରତର ଜାତୀୟ ପରିବେଶ ନୀତି ୨୦୦୬କୁ ଅନୁସରଣ କରେ, ଯାହା ବିଶେଷକରି ସରକାରୀ କ୍ଷେତ୍ର ଦ୍ୱାରା ପରିବେଶ ଅନୁକୂଳ ସାମଗ୍ରୀ କିଣିବାକୁ ଉତ୍ସାହିତ କରେ। ସରକାରୀ ବିଭାଗ, ଏମଏସଏମଇ ଏବଂ ଅନ୍ୟାନ୍ୟ କମ୍ପାନୀଗୁଡ଼ିକର ଆବଶ୍ୟକତା ପୂରଣ କରିବା ପାଇଁ ଓଡ଼ିଶା ଏକ ସବୁଜ ଚାହିଦା ସଂଗ୍ରହକାରୀ ପ୍ଲାଟଫର୍ମ ସୃଷ୍ଟି କରିପାରିବ। ଏହି ଧାରଣା ଭାରତର ରୁଫ୍ ଟପ୍ ସୋଲାର କ୍ଷେତ୍ରରେ ଭଲ କାମ କରିଛି। ଏହା ନବୀକରଣୀୟ ଶକ୍ତି ସମାଧାନର ଚାହିଦାକୁ ମିଶ୍ରଣ କରି ଖର୍ଚ୍ଚ ହ୍ରାସ କରିବା ଏବଂ ବ୍ୟବହାର ବୃଦ୍ଧି କରିବାରେ ସାହାଯ୍ୟ କରିଛି। ଏବେ ଶୂନ୍ୟ-ନିର୍ଗମନ ପରିବହନ ଇନ୍ଧନ ଏବଂ ଇକୋସିଷ୍ଟମ ସେବା ଯୋଗାଣକାରୀ ଭଳି ସ୍ଥାୟୀ ସମାଧାନ ପାଇଁ ମଧ୍ୟ ଚାହିଦା ସଂଗ୍ରହ ବ୍ୟବହାର କରାଯାଉଛି, ବିଶେଷକରି ପ୍ରକୃତି-ଆଧାରିତ ସମାଧାନକୁ ବୃଦ୍ଧି କରିବାରେ ଏହା ଉପଯୋଗୀ ହୋଇଛି।

୨୦୩୦ ସୁଦ୍ଧା ଓଡ଼ିଶାର ଅର୍ଥନୈତିକ ଉତ୍ପାଦନର ୨୦ ପ୍ରତିଶତକୁ ସବୁଜରେ ପରିଣତ କରିବା ଏକ ସାହସିକ ଲକ୍ଷ୍ୟ। କିନ୍ତୁ ଏହା ହାସଲ କରାଯାଇପାରିବ, ଯଦି ରାଜ୍ୟ ସବୁଜ କ୍ଷେତ୍ରରେ ସଠିକ୍ ନିବେଶକୁ ଆକର୍ଷିତ କରେ। ଏହା କେବଳ ନିଯୁକ୍ତି ଓ ଅଭିବୃଦ୍ଧିକୁ ନିଶ୍ଚିତ କରିବ ନାହିଁ ବରଂ ଏକ ସ୍ୱଚ୍ଛ, ଦୃଢ଼ ଓ ସ୍ଥାୟୀ ଭବିଷ୍ୟତ ମଧ୍ୟ ନିର୍ମାଣ କରିପାରିବ।

(ଶକ୍ତି, ପରିବେଶ ଓ ଜଳ ପରିଷଦର ପ୍ରୋଗ୍ରାମ ଆସୋସିଏଟ୍)
ନୂଆଦିଲ୍ଲୀ, ମୋ: ୯୩୧୩୧୨୯୯୪୧


# ତିବ୍ବତରେ ଲାମା

**ପ୍ରବୀର କୁମାର ପଟ୍ଟନାୟକ**

ପୂର୍ବପ୍ରକାଶିତ ଉତ୍ତାରୁ...

'ଲାମା'ବାଦ ଭାରତୀୟ ମହାଯାନ ବୌଦ୍ଧଧର୍ମର ଏକ କ୍ରମାନୁବୃତ୍ତି ପରମ୍ପରା, ଯେଉଁଥିରେ ସମସ୍ତ ଧାର୍ମିକ ତଥା ଆଧ୍ୟାତ୍ମିକ କାର୍ଯ୍ୟକଳାପରେ ଗୁରୁହିଁ ମୁଖ୍ୟ ତଥା କେନ୍ଦ୍ରସ୍ଥାନୀୟ। ଏହି ସମ୍ପର୍କ ରକ୍ତ ସମ୍ପର୍କଠାରୁ ଅଧିକ ଶକ୍ତିଶାଳୀ ଓ ଗୁରୁତ୍ୱପୂର୍ଣ୍ଣ ମଧ୍ୟ।

**ଦଲାଇଲାମା:** ଏକାଦଶ ଶତାବ୍ଦୀରେ ତିବ୍ବତର ବୌଦ୍ଧ ଧର୍ମାନୁଷ୍ଠାନ ମୁଖ୍ୟମାନେ ଏକ ପୁରୁଷାନୁକ୍ରମିକ କର୍ତ୍ତୃତ୍ୱ ସ୍ଥାପନ କରିବାରେ ସଫଳ ହୋଇଗଲେ। ଏହାଫଳରେ ସେମାନେ ତିବ୍ବତରେ ବିଭିନ୍ନ ଅଞ୍ଚଳର ରାଜା ବା ଶାସକମାନଙ୍କ ଉପରେ ପ୍ରଭୁତ୍ୱ ବିସ୍ତାର କରିବା ଆରମ୍ଭ କଲେ। ଦେଶର ପୁରୋହିତ ମଣ୍ଡଳୀ ତାଙ୍କ ହାତରେ ଉଭୟ ଆଧ୍ୟାତ୍ମିକ ଓ ଶାସକୀୟ ପ୍ରଭୁତ୍ୱ ଠୁଳ କରିବାରେ ସକ୍ଷମ ହୋଇଗଲେ। ଶାସନର ସୁଦୃଢ଼ତା ପାଇଁ କ୍ଷମତା ପରିବର୍ତ୍ତନ କ୍ରମରେ ନିରାପତ୍ତା ତଥା ନିୟମିତତା ପାଇଁ ସେମାନଙ୍କର ନିରବଚ୍ଛିନ୍ନ ଏକାଧିକତ୍ୟତାର ମଧ୍ୟ ଆବଶ୍ୟକତା ପଡ଼ିଲା।



ଯେହେତୁ ରକ୍ଷଣଶୀଳ ବୌଦ୍ଧଧର୍ମରେ ପୁରେହିତମାନଙ୍କ ପାଇଁ ଅନୂଢ଼ ଜୀବନ ବାଧ୍ୟବାଧକତା ଥିଲା, ଏହି ପ୍ରଥାକୁ କ୍ରମେ ଉଚ୍ଛେଦ କରାଯାଇ ପୁରୋହିତମାନେ ବିବାହ କରି ପାରିବାର ନିୟମ ଘୋଷଣା କରାଗଲା।

ଏହି ନୂତନ ପ୍ରଥା କ୍ରମେ ପୁରୋହିତ ମଣ୍ଡଳୀ ପ୍ରତି ଜନସାଧାରଣଙ୍କର ଆସ୍ଥା ଓ ସମ୍ମାନ ନଷ୍ଟ କରି ବସିଲା। ପରିବର୍ତ୍ତୀ ସମୟରେ ଏହି ଜନ ଅସନ୍ତୋଷ

### ଦ୍ୱିତୀୟ-ବୁଦ୍ଧ କଥା

ଏକ ଆନ୍ଦୋଳନରେ ପରିଣତ ହୋଇଗଲା। ପଞ୍ଚଦଶ ଶତାବ୍ଦୀରେ ବିଶିଷ୍ଟ ସମାଜ ସଂସ୍କାରକ ଓ ବୌଦ୍ଧ ସନ୍ନ୍ୟାସୀ ସଂଗ-ଖା-ପାଙ୍କର ଉଦ୍ୟମରେ ଏକ ସଂସ୍କାରିତ ଧର୍ମାନୁଷ୍ଠାନ ମଣ୍ଡଳୀ ଗଠିତ ହୋଇପାରିଥିଲା। ଏହି ନୂତନ ସଂପ୍ରଦାୟ 'ହଳଦିଆ ବା ପୀତବର୍ଣ୍ଣ ଧର୍ମଗୋଷ୍ଠୀ' ଭାବେ ନାମିତ ହେଲା। ପୁରାତନ ଗୋଷ୍ଠୀ 'ଲାଲରଙ୍ଗ ଧର୍ମଗୋଷ୍ଠୀ' ଭାବେ ନାମିତ ହୋଇଥିଲା। ଏ ଘଟଣା ଖ୍ରୀ ୧୪୫୦ କାଳର।

ସଂଗ-ଖା-ପା ଧର୍ମୀୟ ଗୋଷ୍ଠୀରେ ବିଭିନ୍ନ ପ୍ରକାର ନୂଆ ନୂଆ ନୀତିନିୟମ ପ୍ରଚଳନ କଲେ ଏବଂ ଅନେକ ପୁରାତନ ପ୍ରଥାର ଅଦଳବଦଳ କରାଇଲେ। ତାଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା ପୁରାତନ ସଂପ୍ରଦାୟକୁ କ୍ଷମତାଶୂନ୍ୟ କରି ନିଜର ନୂତନ 'ହଳଦିଆ ଗୋଷ୍ଠୀ' ହାତରେ ସମସ୍ତ ପ୍ରକାର କ୍ଷମତା ଠୁଳ କରାଇବା। ସଙ୍ଗ-ଖା-ପା ଙ୍କର ଉଦ୍ୟମ ଓ ଲକ୍ଷ୍ୟ ଜନ ସମର୍ଥନ ଓ ସହଯୋଗ ହାସଲ କରି ପାରିଥିଲା ଏବ ତାହା ଏବେ ମଧ୍ୟ ଚାଲୁ ରହିଛି। ସଂଗ-ଖା-ପା ତାଙ୍କର ଏହି ସଂସ୍କାର ଉଦ୍ୟମରେ ଚୀନ ସରକାରଙ୍କ ସମର୍ଥନ ହାସଲ କରିଥିଲେ।

ସଂଗ-ଖା-ପା ତାଙ୍କର ଦୁଇ ପ୍ରଧାନ ଶିଷ୍ୟଙ୍କୁ ସମସ୍ତ କ୍ଷମତାର କେନ୍ଦ୍ର ଭାବରେ ପ୍ରତିଷ୍ଠିତ କରାଇଲେ। ଜଣେ ଶାସନ ମୁଖ୍ୟ ଓ ଅନ୍ୟଜଣକ ଧାର୍ମିକ ମୁଖ୍ୟ। ଶାସନ ମୁଖ୍ୟ ଜଣଙ୍କର ପଦବୀ ହେଲା 'ଦଲାଇ ଲାମା'। ଧାର୍ମିକ ମୁଖ୍ୟଙ୍କ ପଦବୀ ହେଲା 'ପଞ୍ଚେନ୍ ଲାମା'। ଏଇ ଦୁଇ ପଦବୀ କ୍ରମାଗତଭାବେ ଅବତାର ଭିତ୍ତିରେ ପରିବର୍ତ୍ତନ ହେବାର ନୂତନ ଘୋଷଣାନାମା ଜାରି କରାଗଲା। ଏହି ଦୁଇ ପଦବୀରୁ କେହି ଦେହ ତ୍ୟାଗ କଲେ ସେ ସଂଗେ ସଂଗେ ନୂତନ ଜନ୍ମ ଲାଭ କରିବେ। ମଣିଷଭାବେ ପିଢ଼ିକୁ ପିଢ଼ି ଏହି ଭଳି ଦେହ ତ୍ୟାଗ ପରେ ଅନ୍ୟ ଜଣେ ତୁରନ୍ତ ଗାଦିନସୀନ ହେବେ। ଦଲାଇଲାମା 'ଅବଲୋକିତେଶ୍ୱର' ଓ ପଞ୍ଚେନଲାମା 'ମଞ୍ଜୁଶ୍ରୀ'ଙ୍କ ଅବତାର ଭାବେ ପରିଚିତ ହୋଇଛନ୍ତି। ଏହି ଉତ୍ତରାଧିକାରୀ ମୃତ ଲାମାଙ୍କର ଦିବ୍ୟ ପ୍ରତିରୂପ ଭାବେ ଗୃହୀତ ହେଉଛନ୍ତି। ଏହି ପ୍ରଥା ଏପର୍ଯ୍ୟନ୍ତ ମଧ୍ୟ ଜାରି ରହିଛି।

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# କୃଷି ଓ ମୃତ୍ତିକା ସଂରକ୍ଷଣ ବିଭାଗରେ କର୍ମଚାରୀ ମରୁଡ଼ି

■ ମାଳ ମାଳ ପଦବୀ ଖାଲି; ସରକାର ନିଦାବିଷ୍ଟ

■ ସରକାରୀ ଯୋଜନାର ଲାଭ ପାଉନାହାନ୍ତି ଚାଷୀ

ଭୁବନେଶ୍ୱର, ୫।୯ (ସମିସ): ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। ମୋଟ ରାଜ୍ୟ ଘରୋଇ ଉତ୍ପାଦ(ଜିଏସ୍‌ଡିପି)କୁ କୃଷି କ୍ଷେତ୍ରରୁ ପାଖାପାଖି ୨୧ ପ୍ରତିଶତ ଅବଦାନ। ମାତ୍ର ସଂପୂର୍ଣ୍ଣ ସରକାରୀ ଅଣଦେଖାର ଶିକାର କୃଷି ବିଭାଗ। ବର୍ଷ ବର୍ଷ ଧରି ଏହି ବିଭାଗରେ ଶତାଧିକ ସଂଖ୍ୟାରେ ପଦବୀ ଖାଲି ପଡ଼ିଛି। ପଦବୀ ପୂରଣ ଦିଗରେ ସରକାର ସାମାନ୍ୟତମ ପଦକ୍ଷେପ ନେଉନାହାନ୍ତି। ଫଳସ୍ୱରୂପ ତୃଣମୂଳସ୍ତରରେ ଚାଷୀମାନେ ସଚେତନ ହୋଇପାରୁନାହାନ୍ତି। ଚାଷୀମାନଙ୍କ ପାଇଁ ସରକାର କରୁଥିବା ଯୋଜନାର ଲାଭ ବି ପାଉନାହାନ୍ତି। ଅଧିକାରୀ ନଥିବା କାରଣରୁ କୃଷକଙ୍କ ପାଖରେ କୃଷି ସୂଚନା ବି ଠିକ୍ ଭାବେ ପହଞ୍ଚିପାରୁନି। ତେଣୁ ଧାନ ସମେତ ଅନ୍ୟାନ୍ୟ ଫସଲ ଆଦି କରି ଚାଷୀର ଆର୍ଥିକ ଉନ୍ନତି ହୋଇପାରୁନଥିବା ଅଭିଯୋଗ ହେଉଛି।

ସୂଚନାନୁସାରେ, ରାଜ୍ୟରେ ମୋଟ ୭୮୯ ମଞ୍ଜୁର ପ୍ରାପ୍ତ ସହକାରୀ କୃଷି ଅଧିକାରୀ ପଦବୀ ରହିଛି। ମାତ୍ର ଏଥିରୁ ୩୬୬ ପଦବୀ ଖାଲିପଡ଼ିଛି। ପାଖାପାଖି ୪୬ ପ୍ରତିଶତ ପଦବୀ ଫାଙ୍କା ପଡ଼ିଥିବାରୁ ଜିଲ୍ଲା ଏବଂ ବ୍ଲକ୍‌ସ୍ତରରେ କୃଷି ବିଭାଗର କାମ ସବୁ ଠପ୍ ହୋଇଯାଇଛି। ଚାଷୀଙ୍କୁ ସାର ଯୋଗାଣଠାରୁ ଆରମ୍ଭ କରି ଫସଲର ବିବିଧ ସୂଚନା ଚାଷୀ ପାଖରେ ପହଞ୍ଚୁନି। ଏଭଳି ସମସ୍ୟାର ପ୍ରତିକାର ପାଇଁ ସରକାର ଦୃଷ୍ଟିଦେଉନାହାନ୍ତି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ବୃଦ୍ଧି ପାଉଛି। କୃଷି ବିଭାଗର ବୈଜ୍ଞାନିକ ପରାମର୍ଶକୁ ଆଧାର କରି ଅଧିକ ଅମଳ କରି ଶସ୍ୟ ଯୋଗାଇବା ହେଲେ କୃଷି ବିଭାଗରେ କର୍ମଚାରୀ ମରୁଡ଼ି ଯୋଗୁ ଚାଷୀ ବୈଜ୍ଞାନିକ ପରାମର୍ଶ ପାଇବା ତ ଦୂରର କଥା ଆବଶ୍ୟକ ସୂଚନା ବି ପାଇପାରୁନି। ଏଭଳି ଅଚଳାବସ୍ଥା ଚାଷୀଙ୍କୁ ବିମୁଖ କରିଛି। ଅଧିକାରୀଙ୍କ ସଙ୍କଟ ଯୋଗୁଁ ସରକାରଙ୍କ ବିଭାଗର ବିଭିନ୍ନ ଜନହିତକର ଯୋଜନା ସଫଳ କାର୍ଯ୍ୟକାରିତାରେ ବାଧା ସୃଷ୍ଟି ହେଉଛି। କର୍ମଚାରୀ ସଙ୍କଟ ଯୋଗୁଁ କୃଷି ବିଭାଗର ଜଳନିଧି ଯୋଜନା, ଏନ୍‌ଏଫ୍‌ଏସ୍‌ଏମ୍, ମୁଗ ଯୋଜନା ଓ ଅଏଲସିଡ୍ ଚିନାବାଦାମ, ବିହନ ଯୋଗାଣ ଆଦି ଏକାଧିକ ଯୋଜନା କାର୍ଯ୍ୟକାରୀ କରିବାରେ ଅସୁବିଧା ସୃଷ୍ଟି ହେଉଛି।

ଅନୁରୂପ ଭାବେ ରାଜ୍ୟରେ ସହକାରୀ ମୃତ୍ତିକା ସଂରକ୍ଷଣ ପଦବୀ ଗୁଡ଼ିକ ଖାଲି ପଡ଼ିଛି। ମୋଟାମୋଟି ଭାବେ ଦେଖିବାକୁ ଗଲେ, ଏହି ବିଭାଗରେ କର୍ମଚାରୀଙ୍କ ମରୁଡ଼ି ହୋଇଯାଇଛି। ମୋଟ ଉପରେ ୨୦୪ ଜଣ ସହକାରୀ ମୃତ୍ତିକା ସଂରକ୍ଷଣ ପଦବୀ ରହିଛି। ଏଥିରୁ ୧୯୧ଟି ପଦବୀ ଖାଲିପଡ଼ିଛି। ୯୩ ପ୍ରତିଶତ ପଦବୀ ଖାଲିପଡ଼ିଥିବାରୁ ବିଭାଗର କୌଣସି କାମ ହୋଇପାରୁନଥିବା ଅଭିଯୋଗ ହେଉଛି। କୃଷିକ୍ଷେତ୍ର ସହ ଜଙ୍ଗଲ ସମ୍ପଦ ଭଳି ମୃତ୍ତିକାକୁ ସଂରକ୍ଷଣକୁ ଗୁରୁତ୍ୱ ଦେବା ପାଇଁ ମୃତ୍ତିକା ସଂରକ୍ଷଣ ବିଭାଗ ଖୋଲାଯାଇଛି। ମାତ୍ର କର୍ମଚାରୀ ଅଭାବ କାରଣରୁ ବିଭାଗର କୌଣସି କାମ ହୋଇପାରୁନି।

ଏହି ବିଭାଗ ବୃକ୍ଷରୋପଣଠାରୁ ଆରମ୍ଭ କରି ଜମିକୁ ଜଳସେଚନ କରିବା, ଚେକ୍ ଡ୍ୟାମ୍ ନିର୍ମାଣ ଆଦି କରୁଥିଲା। ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ ନେଇ ବିଭିନ୍ନ ଔଷଧୀୟ ଚାରାବଣ୍ଟନ ସହ କୁକୁଡ଼ା ପାଳନ ପାଇଁ ବିଭାଗ ପକ୍ଷରୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଥିଲା। ଏଥିସହ ଗୋପାଳନ, ପୋଖରୀ ଖନନ, ଜଳ ସଂରକ୍ଷଣ ଆଦି କାର୍ଯ୍ୟ ଏହି ବିଭାଗ ଦାୟିତ୍ୱରେ ରହିଛି। ମାତ୍ର କୌଣସି କାର୍ଯ୍ୟ ସଠିକ ଭାବେ ହୋଇପାରୁନି।

ଏ ସମ୍ପର୍କରେ କୃଷି ବିଶେଷଜ୍ଞ ଦେବବ୍ରତ ପାଣିଗ୍ରାହୀ କହିଛନ୍ତି, ରାଜ୍ୟରେ ଆର୍ଥିକ ଉନ୍ନତିରେ ସବୁବେଳେ କୃଷିକ୍ଷେତ୍ରର ଭାଗିଦାରୀ ରହିଆସିଛି। ହରିୟାଣା, ପଞ୍ଜାବ, କେରଳ, ତାମିଲନାଡୁ ଆଦି ରାଜ୍ୟରେ ସରକାର କୃଷି କ୍ଷେତ୍ରକୁ ଫୋକସ୍ କରି ରାଜ୍ୟର ଅର୍ଥନୀତି ସୁଦୃଢ଼ କରିପାରିଛନ୍ତି। ମାତ୍ର ଆମ ରାଜ୍ୟରେ କୃଷି କ୍ଷେତ୍ରକୁ ଅବହେଳା କରାଯାଉଛି। ଫଳସ୍ୱରୂପ କୃଷକମାନେ କୃଷିରୁ ମୁହଁ ଫେରାଇ ନେଉଛନ୍ତି। ସରକାର ଏ ଦିଗରେ ଯଦି ଦୃଷ୍ଟି ନ ଦିଅନ୍ତି, ତେବେ ଭବିଷ୍ୟତରେ ଆମକୁ ଚାଉଳ ପାଇଁ ମଧ୍ୟ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡ଼ିବ। ଏଥିସହ ଧାନ ସହ ବିବିଧ ଫସଲ କରିବା ନେଇ ଚାଷୀମାନଙ୍କୁ ସଚେତନ କରାଯିବା ସହ ଆର୍ଥିକ ପ୍ରୋତ୍ସାହନ ଦେବା ଜରୁରୀ। ତେଣୁ କୃଷି ବିଭାଗର ସମସ୍ତ ପଦବୀ ପୂରଣ ଦିଗରେ ସରକାର ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ କହିଛନ୍ତି।

ଓହ୍ଲାଇ ପାରିଲାନି ବିମାନ

# କୋଲକାତା ଦେଇ ଦିଲ୍ଲୀରୁ ଫେରିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୫।୯ (ସମିସ): ଦିଲ୍ଲୀ ଗସ୍ତ ସାରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଓଡ଼ିଶା ଫେରିଛନ୍ତି। ୪ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ସେଠାରେ ଜିଏସ୍‌ଟି କାଉନ୍‌ସିଲ ବୈଠକରେ ଯୋଗଦେବା ସହ ରାଷ୍ଟ୍ରପତିଙ୍କ ସମେତ ଏକାଧିକ ମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ। ତେବେ ଆଜି ଦିଲ୍ଲୀରୁ ଫେରିବା ବେଳେ ପାଗ ଖରାପ ଯୋଗୁଁ ମୁଖ୍ୟମନ୍ତ୍ରୀଙ୍କ ବିମାନ(ଏୟାର୍‌ଇଣ୍ଡିଆ ଏଆଇ-୪୭୩) ଭୁବନେଶ୍ୱରରେ ଅବତରଣ କରି ପାରିନଥିଲା। ଉକ୍ତ ବିମାନ କୋଲକାତା ପଳାଇଥିଲା। ପରେ ପାଗ ସୁଧୁରିବା ପରେ ମୁଖ୍ୟମନ୍ତ୍ରୀ ଉକ୍ତ ବିମାନରେ ଭୁବନେଶ୍ୱର ଫେରିଥିଲେ। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି, ଦିଲ୍ଲୀରେ ଜିଏସ୍‌ଟି କାଉନସିଲ ବୈଠକରେ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଛି। ଏହାଦ୍ୱାରା କୃଷକ ଓ ମଧ୍ୟବିତ୍ତବର୍ଗ ଉପକୃତ ହେବେ। ୪ଟି ଜିଏସ୍‌ଟି ସ୍ଲାବ୍ ବଦଳରେ ୨ଟି ସ୍ଲାବ୍ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ଅତ୍ୟାବଶ୍ୟକ ସାମଗ୍ରୀର ଦର ହ୍ରାସ ପାଇବ ବୋଲି ସେ କହିଛନ୍ତି।

# ସବୁ ସରକାରୀ କାର୍ଯ୍ୟାଳୟରେ ବିଏସ୍‌ଏନ୍‌ଏଲ୍ ବାଧ୍ୟତାମୂଳକ

ଭୁବନେଶ୍ୱର, ୫।୯ (ସମିସ): ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍) ନେଟ୍‌ୱର୍କ ବ୍ୟବହାର କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଏକ ନିର୍ଦ୍ଦେଶନାମାକୁ ଆଧାର କରି ରାଜ୍ୟ ଇଲକ୍‌ଟ୍ରୋନିକ୍ସ ଓ ଆଇଟି ବିଭାଗ ଏହି ନିର୍ଦ୍ଦେଶ ଦେଇଛି। ବିଏସ୍‌ଏନ୍‌ଏଲ୍ ନେଟ୍‌ୱର୍କ ଦ୍ୱାରା ଇଣ୍ଟରନେଟ୍, ବ୍ରଡବ୍ୟାଣ୍ଡ, ଲ୍ୟାଣ୍ଡଲାଇନ୍ ଏବଂ ଲିଜ୍ ଲାଇନ୍ ଆବଶ୍ୟକତା ପୂରଣ କରିବାକୁ ବିଭାଗ ପକ୍ଷରୁ ଜାରି ଏକ ଚିଠିରେ ସବୁ ବିଭାଗକୁ ଦର୍ଶାଯାଇଚି। ଏଥିରେ କୁହାଯାଇଛି ଯେ ବିଏସ୍‌ଏନ୍‌ଏଲ୍ ପକ୍ଷରୁ ସଂସ୍କାରମୂଳକ ପଦକ୍ଷେପ ନିଆଯାଇ ୪-ଜି, ୫-ଜି ସେବା ସହିତ ଅନ୍ୟ ସବୁଧା ଉପଲବ୍ଧ କରାଯିବାକୁ ପଦକ୍ଷେପ ନିଆଯାଉଛି। ତେଣୁ ତୁରନ୍ତ ନିଜ ନିଜ କାର୍ଯ୍ୟାଳୟରେ ବିଏସ୍‌ଏନ୍‌ଏଲ ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ କୁହାଯାଇଛି। ଆସନ୍ତା ୩୦ ସେପ୍ଟେମ୍ବର ସୁଦ୍ଧା କାର୍ଯ୍ୟାଳୟରେ ବିଏସ୍‌ଏନ୍‌ଏଲ୍ ନେଟ୍‌ୱର୍କ ବ୍ୟବସ୍ଥା ଆପଣାଇ ଏକ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ବିଭାଗଗୁଡ଼ିକୁ କୁହାଯାଇଛି। ଏହା ବ୍ୟତୀତ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଅଧିନରେ ଥିବା କାର୍ଯ୍ୟାଳୟ ଓ ପିଏମ୍ୟୁ ଆଦିରେ ମଧ୍ୟ ତୁରନ୍ତ ବିଏସ୍‌ଏନ୍‌ଏଲ୍ ନେଟ୍‌ୱାର୍କ ପାଇଁ ପଦକ୍ଷେପ ନେବାକୁ କୁହାଯାଇଛି।

# ରଥଯାତ୍ରାରେ ବଣ୍ଟା ଯାଇଥିଲା ୨୪,୭୫୦ ପାସ୍

କେବଳ ଭିଆଇପି କର୍ଡନ ପାସ୍ ଦିଆଯାଇଥିଲା ୨,୫୦୦

ପୁରୀ, ୫।୯ (ସମିସ): ଚଳିତବର୍ଷ ରଥଯାତ୍ରାରେ ବ୍ୟାପକ ବିଭ୍ରାଟ ଦେଖାଦେଇଥିଲା। ସିଂହଦ୍ୱାରରୁ ଶରଧାବାଲି ପର୍ଯ୍ୟନ୍ତ ନାନା ପ୍ରକାର ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ଏବର୍ଷ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟାରେ ୩ଜଣ ଭକ୍ତଙ୍କ ମୃତ୍ୟୁ ମଧ୍ୟ ଘଟିଥିଲା। ବିଡ଼ମ୍ବନାର ବିଷୟ ଥିଲା, ଏଥର ନନ୍ଦିଘୋଷ ରଥ ସିଂହଦ୍ୱାରରୁ ରଥଯାତ୍ରା ଦିନ ଗଡ଼ି ପାରି ନଥିଲା। କର୍ଡନ ଭିତରେ ମାତ୍ରାଧିକ ପାସ୍‌ଧାରୀଙ୍କ ଯୋଗୁଁ ବିଶୃଙ୍ଖଳା ଏବଂ ବିଳମ୍ବ ହୋଇଥିଲା ବୋଲି ସାଧାରଣରେ ଚର୍ଚ୍ଚା ହୋଇଥିଲା। ତେବେ ଏବର୍ଷ ରଥଯାତ୍ରାରେ କେତେ ପାସ୍ ବଣ୍ଟନ କରାଯାଇଥିଲା, ଇତିମଧ୍ୟରେ ତାହାର ତଥ୍ୟ ଏବେ ପଦାକୁ ଆସିଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ଏ ବର୍ଷ ମୋଟ୍ ୨୪,୭୫୦ ପାସ୍ ବଣ୍ଟନ କରାଯାଇଛି। ଯେଉଁଥିରେ କାର୍ ପାସ୍, ଭେଇକିଲ ପାସ୍, ନଟ୍ ଟୁ ବି ଡିଟେନ୍, ବାଇକ୍ ସମେତ କର୍ଡନ ପାସ୍ ଆଦି ରହିଥିଲା। ମୋଟ୍ ପାସ୍ ଭିତରେ କେବଳ ୨,୫୦୦ ଭିଆଇପି କର୍ଡନ ପାସ୍ ରହିଥିଲା। ଅର୍ଥାତ୍ କର୍ଡନ ଭିତରେ ଅଢ଼େଇ ହଜାର ଲୋକଙ୍କୁ ରହିବା ପାଇଁ ପାସ୍ ବଣ୍ଟନ ହୋଇଥିଲା।

# ରାଜ୍ୟରେ ଗଡ଼ିବ ୬ଶହ ନୂଆ ଇ-ବସ୍

ଭୁବନେଶ୍ୱର, ୫।୯ (ସମିସ): ରାଜ୍ୟରେ ଆହୁରି ୬ଶହ ଇ-ବସ୍ ଚାଲିବ। ବର୍ତ୍ତମାନ ୪ଶହ ବସ୍ ଚଳାଚଳ କରୁଥିବାବେଳେ ଆଉ ୬ଶହ ବସ୍ ଚାଲିଲେ, ମୋଟ ଇ-ବସ୍ ସଂଖ୍ୟା ଏକ ହଜାରକୁ ବୃଦ୍ଧି ପାଇବ। ଆଜି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି, ଖୁବଶୀଘ୍ର ସମ୍ବଲପୁରକୁ ୨୫ଟି ନୂଆ ଇ-ବସ୍ ଆସୁଛି। ପରିବେଶକୁ ସୁରକ୍ଷା ଦେବା ପାଇଁ ରାଜ୍ୟରେ ଅଧିକରୁ ଅଧିକ ଇ-ବସ୍ ଚାଲିବାର ଆବଶ୍ୟକତା ରହିଛି। ବର୍ତ୍ତମାନ ରାଜ୍ୟ ସରକାର ୨୦୦ ଇ-ବସ୍ ଆଣିବାକୁ ଯୋଜନା କରିଛନ୍ତି। ଆଉ ୪୦୦ ଇ-ବସ୍ ପ୍ରଧାନମନ୍ତ୍ରୀଙ୍କ ତରଫରୁ ଓଡ଼ିଶାକୁ ମିଳିବାକୁ ଯାଉଛି। ରାଜ୍ୟରେ ଏସବୁକୁ ମିଶାଇ ମୋଟ ୧ ହଜାର ଇ-ବସ୍ ଚାଲିବାର ବ୍ୟବସ୍ଥା ହୋଇଛି। ଏହାଦ୍ୱାରା ସାଧାରଣ ଲୋକଙ୍କ ଯାତାୟାତ ସୁଗମ ହେବ। ପରିବେଶ ପ୍ରଦୂଷଣ ମଧ୍ୟ ବହୁ ମାତ୍ରାରେ ହ୍ରାସ ପାଇବ। ରାଜଧାନୀ ଅଞ୍ଚଳ ସହରାଞ୍ଚଳ ପରିବହନ (କ୍ରୁଟ୍) ସମ୍ବଲପୁର, ଝାରସୁଗୁଡ଼ା, କେନ୍ଦୁଝର, ବ୍ରହ୍ମପୁର ଏବଂ ଅନୁଗୁଳକୁ 'ଆମ ବସ୍' ସେବାର ସମ୍ପ୍ରସାରଣ ପାଇଁ ମଧ୍ୟ ପ୍ରସ୍ତୁତି ଚଳାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବର୍ଷା ପରେ...

ହେଉଥିବାରୁ ବାଲେଶ୍ୱର ଜିଲ୍ଲାର ବସ୍ତା, ବାଲିଆପାଳ ଆଦି ବ୍ଲକ୍ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖାରେ ମଧ୍ୟ ଜଳ ଭରି ରହିଛି। ଫଳରେ ଉତ୍ତର ଓଡ଼ିଶାର ଅଧିକାଂଶ ସ୍ଥାନରେ ବନ୍ୟା ବିପଦ ଜାରି ରହିଛି। ମହାନଦୀ ସ୍ଥିତି ଏବେ ସବୁଠୁ ଜଟିଳ ହୋଇଛି।

ଗତ ଲଘୁଚାପ ପ୍ରଭାବରେ ମହାନଦୀ ତଳମୁଣ୍ଡରେ ୫୬ ମିମି ବର୍ଷା ହୋଇଥିବା ବେଳେ ଉପମୁଣ୍ଡରେ ୮୭ ମିମି ବର୍ଷା ରେକର୍ଡ ହୋଇଛି। ତେଣୁ ମହାନଦୀ ପୂର୍ଣ୍ଣ ଅବସ୍ଥାରେ ଥିବା ବେଳେ ଡ୍ୟାମ୍‌ରୁ ନିଷ୍କାସିତ ହେଉଥିବା ଜଳ ନଦୀକୁ ଆହୁରି ଫୁଲାଉଛି। ବର୍ତ୍ତମାନ ସମ୍ବଲପୁର-ସୁବର୍ଣ୍ଣପୁର ୧୫ ନଂ ରାଜ୍ୟ ରାଜପଥରେ ବର୍ତ୍ତମାନ ବନ୍ୟା ପାଣି ପ୍ରବାହିତ ହେଉଛି। ଆସନ୍ତା ୩-୪ ଦିନ ପର୍ଯ୍ୟନ୍ତ ସମୁଦ୍ର ଭଲ ପାଣି ନ ନେବାର ଆଶଙ୍କା ରହିଥିବାରୁ ମହାନଦୀକୂଳିଆ କିଛି ଜିଲ୍ଲାରେ ସ୍ଥିତି ଚିନ୍ତାଜନକ ହେବାର ମଧ୍ୟ ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବର୍ତ୍ତମାନ ଛତିଶଗଡ଼ ଅତିକ୍ରମ କରି ମଧ୍ୟପ୍ରଦେଶ ଉପରେ ରହିଛି। ତେବେ ଓଡ଼ିଶା ଉପରେ ବର୍ତ୍ତମାନ ମୌସୁମୀ ଟ୍ରଫ୍ ଥିବାରୁ ଏହାର ପ୍ରଭାବରେ ଶୁକ୍ରବାର ରାଜ୍ୟର ବିଭିନ୍ନ ସ୍ଥାନରେ ଭଲ ବର୍ଷା ହୋଇଛି। ସକାଳେ ଭୁବନେଶ୍ୱରରେ ୩୨ମିମି ଓ କଟକରେ ୫୦ ମିମି ବର୍ଷା ହୋଇଥିବା ରେକଡ଼ର୍ କରାଯାଇଛି। ଶନିବାର ଉପକୂଳବର୍ତ୍ତୀ ବିଭିନ୍ନ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ହେବେ ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ୧୩ ତାରିଖରେ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଥିବାରୁ ବର୍ଷାର ପ୍ରଭାବ ବଢ଼ିପାରେ ବୋଲି ଆକଳନ କରାଯାଉଛି।

ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଯେ ମହାନଦୀ ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ହୀରାକୁଦରେ ଅଧିକ ଗେଟ୍ ଖୋଲାଯାଇଛି। ଆସନ୍ତା ୭ ତାରିଖ ବେଳକୁ ମୁଣ୍ଡଳୀରେ ସାଢ଼େ ୪ ଲକ୍ଷରୁ ୫ ଲକ୍ଷ କ୍ୟୁସେକ୍ ବନ୍ୟା ଜଳ ପହଞ୍ଚିବ। ଏବେ ଜଳକାକୁ ଛାଡ଼ି ଦେଲେ ଅନ୍ୟ କୌଣସି ନଦୀ ଏବେ ବିପଦ ସଙ୍କେତ ଉପରେ ନାହିଁ ବୋଲି ଶ୍ରୀ ପାଢ଼ୀ କହିଛନ୍ତି।

### ୨୪ ଗେଟ୍‌ରେ ହୀରାକୁଦରୁ...

ଗେଟ୍ ଖୋଲା ରହିଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ନଦୀବନ୍ଧର ଜଳସ୍ତର ୬୨୬.୫୮ ଫୁଟ୍‌ରେ ପହଞ୍ଚିଛି। ଜଳଭଣ୍ଡାରକୁ ବର୍ତ୍ତମାନ ସେକେଣ୍ଡ ପ୍ରତି ୩,୯୯,୨୯୫ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୪,୨୪,୭୦୫ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୩,୮୮,୩୬୮ ଘନଫୁଟ, ପାୱାର ଚ୍ୟାନେଲ ଦେଇ ୩୨,୦୮୯ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୪,୦୩୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ତଳମୁଣ୍ଡରେ ପଥର୍ଲାଠାରେ ୩୭୦୩୬ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ଖଇରମାଲଠାରେ ୪୧୮୦୦୦ କ୍ୟୁସେକ୍, ବାରମୁଲଠାରେ ୩୧୧୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୧୯୬୦୨୬ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ସୂଚନା ମିଳିଛି। ଅପରପକ୍ଷେ, ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୧୧.୧୮ ମିମି ଏବଂ ତଳମୁଣ୍ଡରେ ୬.୮୦ ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

### ଆତଙ୍କୀ ଧମକ ପରେ...

ସାମଗ୍ରୀ, ଗାଡ଼ି ବା ସନ୍ଦିଗ୍ଧ ଗତିବିଧି ଦୃଷ୍ଟିଗୋଚର ହୁଏ; ତେବେ ଏ ସମ୍ପର୍କରେ ତୁରନ୍ତ ପୁଲିସକୁ ସୂଚନା ଦେବାକୁ ଅନୁରୋଧ କରାଯାଇଛି । ବିଭିନ୍ନ ସମୟରେ ମୁମ୍ବାଇରେ ଏକାଧିକ ବାର ସିରିଜ ବୋମା ବିସ୍ଫୋରଣ ହୋଇଛି। ତେଣୁ ପୁଲିସ ଏହାକୁ ଦୃଷ୍ଟିରେ ରଖି ଅତିମାତ୍ରାରେ ସତର୍କ ହୋଇଛି। ୧୯୯୩ ମାର୍ଚ୍ଚ ୧୨ରେ ମୁମ୍ବଇରେ ସବୁଠାର ବଡ଼ ବିସ୍ଫୋରଣ ହୋଇଥିଲା। ଏଥିରେ ୨୫୭ ଲୋକ ମୃତ୍ୟୁବରଣ କରିଥିବା ବେଳେ ୭୦୦ରୁ ଅଧିକ ଲୋକ ଆହତ ହୋଇଥିଲେ।

### ବୁଢ଼ା ହେଉଛି...

ଇନ୍ଧନ ଯୋଗାଉଥିବାବେଳେ ଅଧିକ ବୃଦ୍ଧ ଥିବା ରାଜ୍ୟଗୁଡ଼ିକରେ ଶ୍ରମ ଶକ୍ତି ସଙ୍କୁଚିତ ହୋଇପାରେ ବୋଲି ମଧ୍ୟ କିଛି ଆଶଙ୍କା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଯଦି ବର୍ତ୍ତମାନର ଧାରା ଜାରି ରହେ, ତେବେ ଭାରତ ଖୁବ୍ ଶୀଘ୍ର ଚୀନ୍, ଜାପାନ ଏବଂ ୟୁରୋପ ପରି ସମାନ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇପାରେ ବୋଲି ଅନେକ ଆଶଙ୍କା କରୁଛନ୍ତି ।

### ଗୁରୁ ଦିବସରେ...

ପ୍ରଦାନ ଓ ସ୍ଥାୟୀ ନିଯୁକ୍ତି ପାଇଁ ଦୀର୍ଘ ଦିନରୁ ଦାବି ହେଉଛି। ଗତ ଅଗଷ୍ଟ ୧୬ ତାରିଖ ଶିକ୍ଷକ ଦାବି ଦିବସରେ ସମାନ ଦାବି ନେଇ ଗାନ୍ଧୀ ମାର୍ଗରେ ଏକ ଶିକ୍ଷକ ସମାବେଶ କରାଯାଇଥିଲା। ଅଗଷ୍ଟ ୩୦ ଏବଂ ସେପ୍ଟେମ୍ବର ୧ ଓ ୨ରେ ଜିଲ୍ଲା ଶିକ୍ଷାଧିକାରୀ(ଡିଇଓ)ଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ସମେତ କେନ୍ଦ୍ର ଶିକ୍ଷାମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ହେଲେ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏଣୁ ନ୍ୟାଯ୍ୟ ଦାବି ପାଇଁ ନିର୍ଣ୍ଣାୟକ ଲଢ଼େଇ ଲଢ଼ିବାକୁ ଶିକ୍ଷକ ଓ କର୍ମଚାରୀମାନେ ମନସ୍ଥ କରି ରାଜରାସ୍ତାକୁ ଓହ୍ଲାଇଥିବା ସମିତିର ଆବାହକ ରଞ୍ଜନ କୁମାର ଦାସ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବରୁ ବିରୋଧୀ ଦଳରେ ଥିବା ବେଳେ ଶିକ୍ଷକଙ୍କ ଆନ୍ଦୋଳନସ୍ଥଳକୁ ଯାଇ ସେମାନଙ୍କୁ ସମର୍ଥନ କରିବା ସହ ସେମାନଙ୍କ ଦାବି ଯୁକ୍ତିଯୁକ୍ତ ବୋଲି କହିଥିଲେ। ଏବେ ସରକାରକୁ ଆସିବା ପରେ ଶିକ୍ଷକଙ୍କ ଅସୁବିଧା କିପରି ତାଙ୍କୁ ଦେଖାଯାଉନାହିଁ ବୋଲି ବିକ୍ଷୋଭରତ ଶିକ୍ଷକ ଓ କର୍ମଚାରୀମାନେ ପ୍ରଶ୍ନ କରିଛନ୍ତି। ତେଣୁ, ମୁଖ୍ୟମନ୍ତ୍ରୀ ନିଜ କଥା ରଖି ଶିକ୍ଷକମାନଙ୍କ ଦାବି ଅବିଳମ୍ବେ ପୂରଣ କରନ୍ତୁ ବୋଲି ସେମାନେ କହିଛନ୍ତି। ସରକାର ତ୍ୱରିତ ପଦକ୍ଷେପ ନ ନେଲେ ଆସନ୍ତା ୨୫ ତାରିଖରେ ଜେଲ୍‌ଭରୋ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଶିକ୍ଷକମାନେ ବିଧାନସଭା ସମ୍ମୁଖ ଗାନ୍ଧୀମାର୍ଗରେ ଶୋଇ ବିକ୍ଷୋଭ ଜାରି ରଖିଛନ୍ତି।

ଏହି ଅହୋରାତ୍ର ଧାରଣାରେ ସମିତିର ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ କୁମାର ପତି, ଗରୁଡ଼ ଚନ୍ଦ୍ର ସାହୁ, ରଞ୍ଜନ କୁମାର ପଣ୍ଡା, ଏମ୍.ଏ. କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି, ସୁରେଶ ଚନ୍ଦ୍ର ଦାସ, ମଧୁସୂଦନ ଦେ'ଙ୍କ ସମେତ ବହୁ ଶିକ୍ଷକ ଯୋଗ ଦେଇଛନ୍ତି।

### ମାରି ଫିଙ୍ଗିଦେଲା...

ଫେବୃୟାରୀ ମାସରୁ ପାତ୍ରପଡ଼ା ଶ୍ରୀକ୍ଷେତ୍ର ଗ୍ରୀନଉଡ୍ ଆପାର୍ଟମେଣ୍ଟରେ ରହୁଥିବା ସମରଜିତ ଜେନାଙ୍କ ଘରେ ଘରୋଇ ସହାୟିକା ଭାବେ କାମ କରୁଥିଲେ। ମିତା ଓ ମଝିଆଖଣ୍ଡର ଦେବାଶିଷ ମଧ୍ୟରେ ପୂର୍ବରୁ ବନ୍ଧୁତା ରହିଥିଲା। ଗତ ଜାନୁୟାରୀ ୨୪ ତାରିଖ ସକାଳେ ସମରଜିତଙ୍କ ପରିବାର ଭଞ୍ଜନଗର ଯାଇଥିବା ବେଳେ ମିତା ଏକାକୀ ଫ୍ଲାଟରେ ଥିଲେ। ମିତା ଦିନ ପ୍ରାୟ ୧୦ଟା ବେଳେ ସମରଜିତଙ୍କ ପତ୍ନୀଙ୍କୁ ଫୋନ୍ କରି ଘରକୁ ଯାଉଥିବା କହିଥିଲେ। ସହିଦ ନଗରରେ ଫୋନ୍ ମରାମତି କରିବା ପରେ ଦେବାଶିଷ ସହ ଖୋର୍ଦ୍ଧା ଆଡ଼କୁ ଯାଇଥିଲେ। ଅପରାହ୍ଣ ପ୍ରାୟ ୪ଟା ବେଳେ ଖୋର୍ଦ୍ଧା ଅତିକ୍ରମ କରୁଥିବା ନେଇ ଘର ଲୋକଙ୍କୁ ଜଣାଇଥିଲେ ମଧ୍ୟ ଆଉ ଘରେ ପହଞ୍ଚି ନ ଥିଲେ। ଦେବାଶିଷ ଓ ମିତା ମିଶି ଖୋର୍ଦ୍ଧା ତାପଙ୍ଗ ଅଞ୍ଚଳକୁ ଯାଇଥିଲେ। ସେଠାରେ କଥାବାର୍ତ୍ତା ହେବା ବେଳେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସେଠାରେ ଦେବାଶିଷ ମିତାଙ୍କୁ ହତ୍ୟା କରିଥିଲା। ପ୍ରମାଣ ନଷ୍ଟ କରିବା ପାଇଁ ମିତାଙ୍କ ମୃତଦେହରେ ପଥର ବାନ୍ଧି କଳିଙ୍ଗ ମୁଣ୍ଡିଆକୁ ଫୋପାଡ଼ି ଦେଇଥିଲା। ହେଲେ ମୃତଦେହ ପାଣିରେ ପଡ଼ିବା ବଦଳରେ ନଟିରେ ଲାଗି ଯାଇଥିଲା। ମିତାଙ୍କୁ ହତ୍ୟା କରିବା ପରେ ଦେବାଶିଷ ତାଙ୍କ ଏଟିଏମ୍ କାର୍ଡ ନେଇ ଫେରାର ହୋଇ ଯାଇଥିଲା। ସେହି ଏଟିଏମ୍ କାର୍ଡ ଦ୍ୱାରା ମିତାଙ୍କ ଆକାଉଣ୍ଟରୁ ଜାନୁୟାରୀ ୨୫ ତାରିଖ ସନ୍ଧ୍ୟାରେ ୧୦ ହଜାର ଓ ୨୬ ତାରିଖ ୬୦ ହଜାର ଟଙ୍କା ଉଠାଇଥିଲା।

ମିତାଙ୍କର ଖୋଜଖବର ନମିଳିବାରୁ ସମରଜିତ ଜେନା ଜାନୁୟାରୀ ୨୭ ତାରିଖରେ ଭରତପୁର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମ୍ୟାନ ମିସିଂ ରିପୋର୍ଟ (ଏମ୍‌ଏମ୍‌ଆର୍) ପଞ୍ଜୀକରଣ କରି ଦାୟିତ୍ୱ ସାରି ଦେଇଥିଲା। ସେପଟେ ଝିଅକୁ ନ ପାଇ ପରିବାର ଲୋକେ ବାର ଦୁଆର ହୋଇଥିଲେ। ଭରତପୁର, ରଣପୁର ଥାନା ଠାରୁ ଆରମ୍ଭ କରି ନୟାଗଡ଼ ଏସପି ଓ ଭୁବନେଶ୍ୱର ଡିସିପିଙ୍କ ନିକଟରେ ମଧ୍ୟ ଦ୍ୱାରସ୍ଥ ହୋଇଥିଲେ। ଦେବାଶିଷ ଉପରେ ସନ୍ଦେହ କରୁଥିବା ନେଇ ଅଭିଯୋଗ କରିଥିଲେ ପରିବାର ଲୋକେ। ଏମିତିକି ଦୁଇ ମିସ୍ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା।

ନିଖୋଜ ହେବାର ପରଦିନ ମିତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୨ଟି ପର୍ଯ୍ୟାୟରେ ୭୦ ହଜାର ଟଙ୍କା ଉଠା ଯାଇଥିବା ପୁଲିସ ଜାଣିବାକୁ ପାଇଛି। ଦେବାଶିଷ ସେହି ଟଙ୍କା ଉଠାଇଥିବା ଜଣାପଡ଼ିବା ପରେ ଗତ ୩ ଦିନ ତଳେ ଭରତପୁର ଥାନା ପୁଲିସ ତାକୁ ଉଠାଇ ଆଣିଥିଲା। ନିଖୋଜ ଦିନ ମିତା ଓ ଦେବାଶିଷ ଫୋନ୍ ଯୋଗେ କଥାବାର୍ତ୍ତା ହୋଇଥିବାର ପ୍ରମାଣ ପୁଲିସ ହାତରେ ଲାଗିଥିଲା। ପୁଲିସର ଅଡୁଆ ପ୍ରଶ୍ନରେ ଦେବାଶିଷ ଫସି ଯାଇଥିଲା। ହତ୍ୟାକାଣ୍ଡ ଠାରୁ ଆରମ୍ଭ କରି ପ୍ରମାଣ ନଷ୍ଟ ପର୍ଯ୍ୟନ୍ତ ସବୁକଥା ପୁଲିସ ଆଗରେ ଓଗାଳିଥିଲା। ଆଜି ଭରତପୁର ଥାନା ପୁଲିସ ଦେବାଶିଷକୁ ନେଇ ଘଟଣାସ୍ଥଳରେ ସିନ୍ ରିକ୍ରିଏସନ୍ କରିଛି। ସେଠାରୁ ମିତାଙ୍କ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଏମସ ଡାକ୍ତରଖାନାରେ ଭର୍ତ୍ତି କରିଛି। ତେବେ ୭ ମାସ ପୂର୍ବରୁ ନିଖୋଜ ଏତଲା ଦିଆଯାଇଥିଲେ ମଧ୍ୟ ପୁଲିସର ନିଷ୍କ୍ରିୟତା ଯୋଗୁଁ ମିତାଙ୍କ ପତ୍ତା ମିଳିନଥିଲା। ଫଳରେ ପୁଲିସର ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସେପଟେ ହତ୍ୟାକାଣ୍ଡରେ ଦେବାଶିଷ ସହ ଆଉ ଜଣେ ସହଯୋଗୀ ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

### ଗାଁରୁ ସହର...

ବିଭିନ୍ନ ସ୍ଥାନରେ ବର୍ଷାର ପାଣି ଲହଡି ମରୁଥିବାରୁ ଯାନବାହନର ଯାତାୟାତ ବାଧାପ୍ରାପ୍ତ ହୋଇଛି। ଉତ୍ତର ବାଲେଶ୍ୱରରେ ସୁବର୍ଣ୍ଣରେଖାର ୬ ଥର ବନ୍ୟାର କଷଣ ଦେଇ ସାରିଥିବା ବେଳେ ସପ୍ତମ ଥର ମଧ୍ୟ ବନ୍ୟାର ଆଶଙ୍କା ଦେଖାଦେଇଛି। ଝାଡଖଣ୍ଡର ଉପର ମୁଣ୍ଡରେ ଲଘୁଚାପ ଜନିତ ବର୍ଷା ପୁଣି ଭୋଗରାଇ ଏବଂ ବାଲିଆପାଳବାସୀଙ୍କୁ ଆଉ ଏକ ବନ୍ୟା ପାଣିରେ ଭାସିବାର ଆଶଙ୍କା ରହିଛି। ଅନ୍ୟପଟେ ଜଳକା ନଦୀ ଫୁଲି ବସ୍ତା ବ୍ଲକ ଓ ବାଲେସ୍ୱର ସଦର ବ୍ଲକ ବାସୀଙ୍କୁ କହଦହ କରିଥିବା ବେଳେ ବୁଢା ବଳଙ୍ଗ ମଧ୍ୟ ଉଚ୍ଛୁଳା ଅବସ୍ଥାରେ ବାଲେଶ୍ୱରବାସୀଙ୍କୁ ଭୟ ଦେଖାଉଛି। ଏବର୍ଷ ସର୍ବାଧିକ ବର୍ଷା ବାଲେଶ୍ୱର ଜିଲ୍ଲାରେ ହୋଇଛି ବୋଲି ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନାନୁଯାୟୀ, ଆଜି ବାଲେଶ୍ୱର ଜିଲ୍ଲାରେ ୨୭୪ ମିମି ବର୍ଷା ହୋଇଥିବା ରେକର୍ଡ ହୋଇଛି। ଏଥିମଧ୍ୟରୁ ସବୁଠାରୁ ଅଧିକ ବାହାନଗା ବ୍ଲକ୍‌ରେ ୭୦ ମିମି ବର୍ଷା ହୋଇଛି। ଏହାବ୍ୟତୀତ ସୋରୋ ବ୍ଲକରେ ୬୦ ମିମି ଏବଂ ନୀଳଗିରିରେ ୪୦ ମିମି ବର୍ଷା ହୋଇଛି। ବିଶେଷକରି ଆଜି ଦକ୍ଷିଣପଟରେ ଅଧିକ ବର୍ଷା ହୋଇଛି। ସେହିପରି ଗତ ୪ ତାରିଖ ଦିନ ଜିଲ୍ଲାରେ ୪୫୯ ମିମି ବର୍ଷା ରେକର୍ଡ ହୋଇଥିଲା। ବାଲେଶ୍ୱର ସହରରେ ସର୍ବାଧିକ ୯୨ ମିମି ବର୍ଷା ହୋଇଥିବା ରେକର୍ଡ ହୋଇଥିଲା। ୩ ତାରିଖ ଦିନ ୩୬୬ ମିମି ବର୍ଷା ହୋଇଥିବା ବେଳେ ସର୍ବାଧିକ ସୋରରେ ୪୫ ମିମି ବର୍ଷା ହୋଇଥିଲା। ବାଲେଶ୍ୱର ସହରର ୩୫ ମିମି ବର୍ଷା ହୋଇଥିଲା। ସେହିପରି ୨ ତାରିଖ ଦିନ ୬୦୫ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ସର୍ବାଧିକ ସଦରରେ ୧୨୮ ମିମି ବର୍ଷା ହୋଇଥିଲା। ତେବେ ଏହା ସବୁଠୁ ଅଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏବର୍ଷ ଏମିତି ବର୍ଷା ଆଉ ହୋଇନାହିଁ ବୋଲି ଜରୁରୀକାଳୀନ ଅଧିକାରୀ ସାଇକୃଷ୍ଣ ଜେନା ସୂଚନା ଦେଇଛନ୍ତି। ସେପଟେ ଜଳକା ନଦୀର ଜଳସ୍ତର ବୃଦ୍ଧି ପାଇବା ଫଳରେ ବସ୍ତାରେ ପୁଣି ଥରେ ବନ୍ୟା ଆସିଛି। ଗୁରୁବାର ସନ୍ଧ୍ୟାରୁ ନଦୀର ଜଳସ୍ତର ଅହେତୁକ ଭାବେ ବଢ଼ିବାକୁ ଲାଗିଥିଲା। ଜଳକା ନଦୀର ମଥାନୀଠାରେ ବିପଦ ସଂକେତ ୬,୫୦ ମିଟର ଥିବା ବେଳେ ଗତକାଲି ଠାରୁ ଏହାର ଜଳସ୍ତର କ୍ରମାଗତ ଭାବେ ବଢ଼ି ଆଜି ଦିନ ୧୧ଟା ସୁଦ୍ଧା ଏହା ୬.୭୯ରେ ପହଞ୍ଚିବା ସହିତ ବିପଦ ସଂକେତ ବହୁ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଥିଲା। ଫଳରେ ମୟୂରଭଞ୍ଜ ଜିଲ୍ଲାର ଶୁଳିଆପଦା, ମୋରଡା, ତିତ୍ରଡା, ରାସଗୋବିନ୍ଦପୁର ଅଞ୍ଚଳରେ ବର୍ଷା କାରଣରୁ ନଦୀର ଜଳସ୍ତର ବଢ଼ିବାରେ ଲାଗିଥିବାରୁ ଜଳକା ନଦୀର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପଟେ ବୁଢ଼ାବଳଙ୍ଗରେ ଏହି ପାଣି ମାଡିଯିବା ଫଳରେ ସଦର ବ୍ଲକର ଶାସଙ୍ଗ ପଞ୍ଚାୟତର ୨୦୦ରୁ ଅଧିକ ଲୋକେ ପାଣିଘେରରେ ରହିଥିବା ଜଣାଯାଇଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ସମ୍ପୂର୍ଣ୍ଣ ଭାବେ ସଜାଗ ରହିଥିବା ବେଳେ ଆବଶ୍ୟକ ପଡିଲେ ଲୋକମାନଙ୍କୁ ସ୍ଥାନାନ୍ତରିତ ମଧ୍ୟ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

### ନକଲି ସୁନା ଇଟା...

ସୁନାଇଟା ଦେବ ବୋଲି ବିଷ୍ଣୁ ପ୍ରଲୋଭିତ କରିଥିଲା। ସୁନାଇଟା ଦେବା ପାଇଁ ସେ ତାଙ୍କୁ ବରହମପୁର ଥାନା ଅନ୍ତର୍ଗତ ତେଲିପାଳ ଅଞ୍ଚଳକୁ ଡକାଇଥିଲା। ୧୬ ଲକ୍ଷ ଟଙ୍କାରେ ମୂଲଚାଲ ଛିଡ଼ିଥିଲା। କିନ୍ତୁ ସୁନାଇଟା ଦେବା ପରିବର୍ତ୍ତେ ବିଷ୍ଣୁ ଓ ତା'ର ସହଯୋଗୀମାନେ ସେଠାରେ କୃଷ୍ଣଙ୍କୁ ଆକ୍ରମଣ କରିଥିଲେ। ଜୀବନ ବିକଳରେ କୃଷ୍ଣ ସେଠାରୁ ଦୌଡ଼ି ପଳାଇଥିଲେ। ପରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏ ସଂପର୍କରେ ସେ ୧ ତାରିଖରେ ନୀଳଗିରି ବରହମପୁର ଥାନାରେ ଅଭିଯୋଗ କରିବାରୁ ପୁଲିସ୍ ୧୧୨/୨୫ରେ ଏକ ମାମଲା ରୁଜୁ କରିଥିଲା। ପୁଲିସ୍ ଏହାର ତଦନ୍ତ କରି ମୁଖ୍ୟ ଅଭିଯୁକ୍ତ ବିଷ୍ଣୁକୁ ଗିରଫ କରିବା ପରେ ରାକେଟ୍‌ର ପର୍ଦ୍ଦାଫାସ ହୋଇଥିଲା। ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ଓ ବରହମପୁର ଆଇଆଇସି ପ୍ରେମଦା ନାୟକ ମିଳିତ ଭାବେ ଚଢ଼ଉ କରି ବିଷ୍ଣୁର ଘରୁ ନକଲି ସୁନା ଇଟା ସହ ନଗଦ ୩ଲକ୍ଷ ଟଙ୍କା ଜବତ କରିଥିଲେ। ପରେ ତା' ସୂଚନା ଆଧାରରେ କେନ୍ଦ୍ରାପଡ଼ା ଅଞ୍ଚଳର ମୁନାକୁ ଗିରଫ କରାଯାଇଥିଲା। ତା'ଠାରୁ ପୁଲିସ୍ ୧୧ହଜାର ଟଙ୍କା ଜବତ କରିଥିଲା। ସେହିପରି ବାଲେଶ୍ୱର ଚାନ୍ଦିପୁର ଅଞ୍ଚଳରୁ ଜଣେ ଯୁବକ ଏବଂ ନୀଳଗିରି ଥାନା ଅନ୍ତର୍ଗତ ଧୋବଶିଳା ଗ୍ରାମର ନଳିନୀ ମହାନ୍ତି ଓ ସାରୁପାଳ ଗ୍ରାମର ଆଶିଷ ସ୍ୱାଇଁଙ୍କୁ ପୁଲିସ ଗିରଫ କରିଥିଲା।


**AFFIDAVIT**

By virtue of an affidavit sworn before Excutive Magistrate, Soro on 02.09.2025 I, Manga Prasad Behera, S/o Hadibandhu Behera, At/ Po-Gud, Ps-Soro, Balasore, declare that I have changed my name from Mangala Prasad Behera to Manga Prasada Behera. Henceforth, I shall be known as **Manga Prasad Behera** for all purposes.

**AFFIDAVIT**

I, Prince Shah, aged about 25 years, S/o- Gudra Prasad Saha, resident of At- Ward No-21, Near Kala Talav, Ps-Jharsuguda, Dist-Jharsuguda, Odisha, Pin-768201 declare by this affidavit No.1807, dtd. 05.09.2025, that now onwards I shall be known as **PRINCE KUMAR SAHA** for all future purposes.

**AFFIDAVIT**

I, Bhagaban Natha, aged about 43 years, S/o- Late Bhabagrahi Nath, resident of At-Bhagabanpur, Kankadapal, Ps- Town, Dist- Dhenkanal, Odisha, Pin- 759013 declare by this affidavit No. 4996, dtd- 03/08/2023, that now onwards I shall be known as **BHAGABAN NATH** for all future purposes.

**DOCUMENT LOST**

I, **Prasnta Kumar Patra,** aged about 48 years, S/o Late Balabhadra Patra, resident of Somanath Nagar, 2nd lane, PS-B.Bazar, Dist- Ganjam, Odisha do hereby declare that, Original link document of Berhampur 1 registration office, (Mayuree Majestic Apartment) vide No. 1009/2010 which is purchased from J Venketeswar have been lost on 02.09.2025 while I was returning from Nimakhandi village to my home near Nimakhandi School in somewhere. If anyone finds it kindly contact to my address or my number: 9861222111.

**Prasnta Kumar Patra**

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. STCVSKP-RGDA NewDiv-OT115, ତା.30.08.2025ରିଖ

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥରେ ରାୟଗଡ଼ା ମଣ୍ଡଳର ଅସ୍ଥାୟୀ ନିୟନ୍ତ୍ରଣ (Control) କାର୍ଯ୍ୟାଳୟ, ରାୟଗଡ଼ା ମଣ୍ଡଳର ଅସ୍ଥାୟୀ ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ ସହିତ ନୂତନ ରାୟଗଡ଼ା ମଣ୍ଡଳ ମୁଖ୍ୟାଳୟର ସଂସ୍ଥାପନ ସମ୍ବନ୍ଧୀୟ ଦୂରସଂଚାର କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 9,26,77,199.88, EMD : ₹ 6,13,400/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.09.2025ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଟେଣ୍ଡର ନଥିପତ୍ର ଉପୁର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ସଙ୍କେତ ଏବଂ ଦୂରସଂଚାର ଯନ୍ତ୍ରୀ, (ନିର୍ମାଣ)/କୋରାପୁଟ

PR-98/CI/25-26

Infosys Navigate your next | SGI Sustainable Green Initiative Foundation | INFINITE SOLUTIONS | Gold Standard Climate Security & Sustainable Development

**ଖବରକାଗଜ ବିଜ୍ଞାପନ**

ଇନଫୋସିସ୍ ଲିମିଟେଡ୍, ସସ୍ଟେନେବଲ୍ ଗ୍ରିନ୍ ଇନିସିଆଟିଭ୍ (SGI) ଫାଉଣ୍ଡେସନ୍ ସହିତ ସହଯୋଗରେ ଏବଂ କାର୍ବନ୍ ପରାମର୍ଶଦାତା *ଇନଫିନିଟ୍ ଇନଭାଇରନ୍‌ମେଣ୍ଟାଲ୍ ସୋଲୁସନ୍ସ୍ ଲିମିଟେଡ୍‌*ଙ୍କ ପ୍ରାୟୋଗିକ ସହାୟତାରେ, "ଭାରତରେ ଜୀବିକା ଏବଂ ଜଳବାୟୁ ସହନଶୀଳତା ପାଇଁ କୃଷିବନୀକରଣ: ଇନଫୋସିସ୍ ଏବଂ SGI ଫାଉଣ୍ଡେସନ୍‌ର ସଂଯୁକ୍ତ ପ୍ରୟାସ" (GS23373) ଶୀର୍ଷକରେ ଗୋଟିଏ କାର୍ଯ୍ୟକ୍ରମ (PoA) ଗଠନର ପ୍ରସ୍ତାବ ରଖିଛି।

ଏହି PoA ଅଧୀନରେ, "ଓଡ଼ିଶାରେ ଜୀବିକା ଏବଂ ଜଳବାୟୁ ସହନଶୀଳତା ପାଇଁ କୃଷିବନୀକରଣ: ଇନଫୋସିସ୍ ଏବଂ SGI ଫାଉଣ୍ଡେସନ୍‌ର ସଂଯୁକ୍ତ ପ୍ରୟାସ" (GS23374) ନାମରେ ଗୋଟିଏ ସ୍ୱଇଚ୍ଛିକ ପ୍ରକଳ୍ପ କାର୍ଯ୍ୟକଳାପ (VPA), ଲକ୍ଷ୍ୟଭିତ୍ତିକ କୃଷିବନୀକରଣ ଚାଷିବାଡ଼ି ପ୍ରତିଷ୍ଠାପନା କାର୍ଯ୍ୟକ୍ରମ ମାଧ୍ୟମରେ କାର୍ଯ୍ୟାନ୍ୱିତ କରାଯିବ। ଏହି ପ୍ରକଳ୍ପଟି ଗୋଲ୍ଡ୍ ଷ୍ଟାଣ୍ଡାର୍ଡ୍ ପ୍ରାଟିକାଳାରେ ସ୍ୱଇଚ୍ଛିକ କାର୍ବନ୍ ପ୍ରକଳ୍ପ ଭାବେ ନିବନ୍ଧିତ କରାଯିବାକୁ ଉଦ୍ଦିଷ୍ଟ।

ଏହି ପ୍ରୟାସଟି ବହୁ ସସ୍ଟେନେବଲ୍ ଡେଭଲପମେଣ୍ଟ୍ ଗୋଲ୍ସ୍ (SDGs) ପ୍ରାପ୍ତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବାକୁ ଆଶା କରାଯାଉଛି। ଗୋଲ୍ଡ୍ ଷ୍ଟାଣ୍ଡାର୍ଡ୍ ନୀତିମାଳା ଅନୁସାରେ ଏବଂ ପ୍ରକଳ୍ପର ଦୀର୍ଘମିୟାଦୀ ସଫଳତା ସୁନିଶ୍ଚିତ କରିବାରେ ସ୍ଥାନୀୟ କୃଷକ ସମ୍ପ୍ରଦାୟର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦୃଷ୍ଟିରେ ରଖି, ତାଙ୍କର ମତାମତ ସଂଗ୍ରହ କରିବା ଏବଂ ବର୍ତ୍ତମାନର ସ୍ୱଇଚ୍ଛିକ ପ୍ରକଳ୍ପ କାର୍ଯ୍ୟକଳାପ ସହିତ ସମ୍ପର୍କିତ କୌଣସି ଚିନ୍ତା ବିଷୟରେ ସ୍ୱଷ୍ଟତା ପ୍ରଦାନ କରିବା ଅତ୍ୟନ୍ତ ଆବଶ୍ୟକ।

ସେହିପାଇଁ, ସାର୍ବଜନୀନ ପରାମର୍ଶ (ସାର୍ବଜନୀନ ସଭା) ପାଇଁ ନିମ୍ନଲିଖିତ କାର୍ଯ୍ୟସୂଚୀ ଘୋଷଣା କରାଯାଉଛି —

ସଭାର ବିବରଣୀ:

1. ସ୍ଥାନ: କ୍ଷତ୍ରିୟ ସମାଜ ଭବନ, ୱାର୍ଡ୍ ନଂ-1, ଖରିଆର ସ୍ୱାୟତ୍ତଶାସିତ କଲେଜ୍ ସାମ୍ନାରେ, ରାଜଖରିଆର, ନୂଆପଡ଼ା, ଓଡ଼ିଶା, ଭାରତ
2. ତାରିଖ: ୦୬/୧୦/୨୦୨୫
3. ସମୟ: ପୂର୍ବାହ୍ନ ୧୧:୦୦

ସମସ୍ତ ସମ୍ପର୍କିତ କୃଷକମାନେ ଏବଂ ସ୍ଥାନୀୟ ଲୋକମାନଙ୍କୁ ସଭାରେ ଯୋଗଦେବାକୁ ନିମନ୍ତ୍ରଣ କରାଯାଉଛି।

ପ୍ରକଳ୍ପ କାର୍ଯ୍ୟକଳାପ ବିଷୟରେ ଅଧିକ ସୂଚନା କିମ୍ବା ସ୍ୱଷ୍ଟତା ପାଇଁ, ନିମ୍ନୋଲ୍ଲେଖିତ ଆମର ପ୍ରତିନିଧିଙ୍କ ସହିତ ସଂଯୋଗ ସ୍ଥାପନ କରନ୍ତୁ। ଯେଉଁମାନେ ବ୍ୟକ୍ତିଗତଭାବେ ସଭାରେ ଯୋଗଦେଇପାରିବେ ନାହିଁ, ସେମାନେ ତାଙ୍କର ସୂଚନା, ପ୍ରସ୍ତାବ କିମ୍ବା ଚିନ୍ତାବୋଧଗୁଡ଼ିକୁ ନିମ୍ନୋଲ୍ଲେଖିତ ଇ-ମେଲ୍ ଠିକଣାକୁ ପଠାଇପାରିବେ।

ଯୋଗାଯୋଗ ବିବରଣୀ:
ନାମ: ଶ୍ରୀଦୁର୍ଗେଶ୍ ରତୁରୀ
ସଂସ୍ଥା:SGIFoundation
ଇ-ମେଲ୍:info@sgi.foundation
ଫୋନ୍: +91 917848969985

## ରାଜ୍ୟସ୍ତରୀୟ ଗୁରୁପୂଜନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

# ଶିକ୍ଷକତା ବୃତ୍ତି ନୁହେଁ; ସେବା, ସମର୍ପଣ ଓ ବ୍ରତ

**ସାଲେପୁର,୫।୯(ସମିସ):** ସାଲେପୁର ଶ୍ରୀ ଗୁରୁପୂଜନ ସମିତି ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଗୁରୁପୂଜନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସାଲେପୁର ହାଇସ୍କୁଲ ଅଡିଟୋରିୟମ୍ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ସାମ୍ବାଦିକ ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବ୍ଲକ୍ ଶିକ୍ଷା ଅଧିକାରିଣୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା ଉଦ୍‌ଘାଟିକା, ପ୍ରଫେସର ଡ. ସତ୍ୟନାରାୟଣ ଆଚାର୍ଯ୍ୟ ମୁଖ୍ୟଅତିଥି, ଲୋକ କବି ଡ. କାଳୀପ୍ରସନ୍ନ ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷକତା ବୃତ୍ତି ନୁହେଁ ଏହା ସେବା ସମର୍ପଣ ଓ ବ୍ରତ ବୋଲି ପ୍ରକାଶ କରିଥିଲେ। ଗୁରୁ-ଶିଷ୍ୟ ପରମ୍ପରା ଅନୁସୃତ ହେଲେ ସମାଜ ବିପଥଗାମୀ ହେବ ନାହିଁ ବୋଲି ମତ ପ୍ରକାଶ କରିଥିଲେ। ସମିତିର ସଂପାଦକ ଡ. ଗୌତମ ମହାରଣା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଥମେ ଅତିଥିମାନେ ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ସମିତିର ମୁଖପତ୍ର 'ଶ୍ରୀ ଗୁରୁକୃପା' ଓ ଡ. ଗୌତମ ମହାରଣାଙ୍କ ରଚିତ ଭ୍ରମଣ କାହାଣୀ 'ନେପାଳର ପଥେ ପଥେ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଉତ୍ସବରେ ରାଜ୍ୟର ୪୦ ଜଣ ପ୍ରବୀଣ ଶିକ୍ଷକ ଶିକ୍ଷିକା, ଅଧ୍ୟାପକ, ଅଧ୍ୟାପିକାଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ମୌସୁମୀ ସଂପାଦକ କବି ପ୍ରସନ୍ନ ମିଶ୍ର, ଶିକ୍ଷାବିତ୍ ମହେନ୍ଦ୍ର ଘଡେଇ, ଦେବପ୍ରସାଦ କର, ଆଚାର୍ଯ୍ୟ ଦେବେନ୍ଦ୍ର ନାୟକ, କବି ମାନସ ଦାଶ, ଡ. ଆଶୁତୋଷ ମହାପାତ୍ର, ଡ. ତରୁଲତା ଦେବୀ, ବିଭୂତିଭୂଷଣ କର, ସାମ୍ବାଦିକ ମନୋଜ ଆଚାର୍ଯ୍ୟ, ପ୍ରବୀର ଦାସ ପରିଚାଳନା କରିଥିଲେ।





### ସାଲେପୁର

ସେହିପରି ଟାଙ୍ଗୀ-ସାଲେପୁର ଶିକ୍ଷାମଣ୍ଡଳ ପକ୍ଷରୁ ଗୁରୁପ୍ରତିଭା ସମ୍ମାନ ସମାରୋହ ୨୦୨୫ ସାଲେପୁର ହାଇସ୍କୁଲ ଅଡିଟୋରିୟମ୍ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବତନ ଶିକ୍ଷାମଣ୍ଡଳ ଅଧିକାରୀ ଜଗବନ୍ଧୁ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ବିଶିଷ୍ଟ ଅତିଥି ଭାବେ ସାଲେପୁର ବ୍ଲକ୍ ଅଧ୍ୟକ୍ଷା ରାମଚନ୍ଦ୍ର ଭୋଇ, ମୁଖ୍ୟବକ୍ତା ଭାବେ ସାଲେପୁର ମଣ୍ଡଳ ଶିକ୍ଷା ଅଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ








ପ୍ରଭାତ ନାୟକ, ଫିରୋଜ ଅହମ୍ମଦ ଖାଁ, ରଞ୍ଜନ ସାମଲ, ଅନନ୍ତ ଚରଣ ପ୍ରଧାନ, ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକ ଗୌତମ ମହାରଣା, ରଜନୀକାନ୍ତ ଦାଶ, ବିଷ୍ଣୁଚରଣ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଜ୍ୟାକି ଅମିନ୍ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅବସରପ୍ରାପ୍ତ ଶିକ୍ଷକ ଗୌରଚରଣ ଭୂୟାଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଟାଙ୍ଗୀ-ସାଲେପୁର ନିର୍ବାଚନ ମଣ୍ଡଳୀରୁ ୮୦ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଗୁରୁପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦିବଙ୍ଗତ ଶିକ୍ଷକ ଅସଲମ ରସିଦ୍, ଶିକ୍ଷୟିତ୍ରୀ ସସ୍ମିତା ସ୍ୱାଇଁଙ୍କ ଉଦ୍ଦେଶ୍ୟରେ ୨ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

### କଣ୍ଟାପଡ଼ା

ନିଆଳି ଛାତ୍ର-ଯୁବବିକାଶ ପରିଷଦ ପକ୍ଷରୁ ଶୁକ୍ରବାର ଅପରାହ୍ନରେ ବରାହିପୁରସ୍ଥିତ ରାୟ କନ୍‌ଭେନସନ ସଭାଗୃହରେ ଗୁରୁପୂଜନ ଉତ୍ସବ ସହିତ ଗୁରୁ ଗୌରବ ସମ୍ମାନ ୨୦୨୫ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ମୁଖ୍ୟ ଉପଦେଷ୍ଟା ସରୋଜ କୁମାର ସ୍ୱାଇଁଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବରେ ଜଗନ୍ନାଥ ସଂସ୍କୃତି ଓ ମହିମା ପ୍ରଚାରକ ଅମୃତାନନ୍ଦ ଦାସ ମହାରାଜ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବରେ ନିଆଳି ବିଧାୟକ ଇଂ ଛବି ମଲ୍ଲିକ, ମୁଖ୍ୟବକ୍ତା ଆର୍‌ଏସ୍‌ଏସ୍‌ର ସହ ପ୍ରାନ୍ତ କାର୍ଯ୍ୟବାହ ଇଂ.ସୁଦର୍ଶନ ଦାସ ଓ ସମ୍ମାନୀତ ଅତିଥିଭାବରେ ଯୋଗେଶ ଚନ୍ଦ୍ର ମହାପାତ୍ର ଯୋଗଦେଇ ଗୁରୁ ଶିଷ୍ୟ ପରମ୍ପରା ଉପରେ ଆଲୋକପାତ କରିଥିଲେ। ପରିଷଦର ସଭାପତି ମଦନମୋହନ ଜେନା ସ୍ୱାଗତ ଭାଷଣ ଦେଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୯୮ଜଣ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଗୁରୁ ଗୌରବ ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା।

### ଭଦ୍ରେଶ୍ୱର

ଗୁରୁପୂଜା କମିଟି ମାହାଙ୍ଗା ନିଶ୍ଚିନ୍ତକୋଇଲି ନାମରେ କୁଆଁପାଳସ୍ଥିତ ପ୍ରତିଭା ଭବନ ପରିସରରେ ଗୁରୁଦିବସ ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ ବିଶିଷ୍ଟ ଶିକ୍ଷାବିତ ଡ. ହରେକୃଷ୍ଣ ଶତପଥି ଯୋଗଦେଇଥିଲା ବେଳେ ମୁଖ୍ୟ ବକ୍ତାଭାବେ ବରିଷ୍ଠ ବିଜେଡି ନେତା ତଥା ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦାନ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ମାହାଙ୍ଗା ପଞ୍ଚାୟତ ସମିତି ଅଧ୍ୟକ୍ଷା ଦୀପା ମଲିକ, ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜି ସେଠୀ ଓ ମାହାଙ୍ଗା ବ୍ଲକ ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି ଯୋଗଦାନ କରିଥିଲେ। ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକର ବହୁ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅନୁଷ୍ଠାନ ତରଫରୁ ଗୁରୁପୂଜା ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

### ମାହାଙ୍ଗା

ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁସୁପୁରସ୍ଥିତ ନନ୍ଦକିଶୋର ବିଦ୍ୟାମନ୍ଦିରରେ ମାହାଙ୍ଗା-ନିଶ୍ଚିନ୍ତକୋଇଲି ଗୁରୁପୂଜନ ସମିତି ଆନୁକୂଲ୍ୟରେ ଶିକ୍ଷା ମଣ୍ଡଳୀସ୍ତରୀୟ ଗୁରୁ ଗୌରବ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ବ୍ଲକ ମଣ୍ଡଳ ଶିକ୍ଷାଧିକାରୀ ମୋନାଲିସା ସରକାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ବକ୍ତବ୍ୟ ରଖିଥିଲେ। ଏଥିରେ ଅତିଥିଭାବେ ନିଶ୍ଚିନ୍ତକୋଇଲି ବ୍ଲକ ଉପାଧ୍ୟକ୍ଷ ନୃସିଂହଚରଣ ମିଶ୍ର ଓ ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀ ସଞ୍ଜୁକ୍ତା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଉଭୟ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷା ମଣ୍ଡଳୀରୁ ୧୦୫ ଜଣ ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷକ ଅଭୟ କୁମାର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ଶିକ୍ଷକ ତପନ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଭୟ ଶିକ୍ଷା ମଣ୍ଡଳର ସିଆରସିସି, ଶିକ୍ଷକ/ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନନ୍ଦକିଶୋର ବିଦ୍ୟାମନ୍ଦିରର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର କର ଧନ୍ୟବାଦ ଦେଇଥିଲେ।

### ଚୌଦ୍ୱାର

ଚୌଦ୍ୱାର ରୋଟାରୀ କ୍ଲବ ତରଫରୁ ଗୁରୁଦିବସ ଓ ଗୁରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ୧୭ ନଂ ୱାର୍ଡସ୍ଥିତ ରୋଟାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ସଂଜିତ ଜେନାଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ରୋଟାରୀ ଜିଲ୍ଲା ଗଭର୍ଣ୍ଣର ରବି ନାରାୟଣ ନନ୍ଦ ଓ ଚୌଦ୍ୱାର ମହାବିଦ୍ୟାଳୟର ଅଧ୍ୟକ୍ଷା ରଶ୍ମି ରାଉତରାୟ ଅତିଥିଭାବେ ବିଭିନ୍ନ ବିଦ୍ୟାଳୟର ୨୨ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଡା.ଅମିତ କୁମାର ପୃଷ୍ଟି ସ୍ୱାଗତ ଭାଷଣ ଓ ସଂପାଦକ ରବୀନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶରତ କୁମାର ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜ୍ଞାନଦା ମହାନ୍ତି ଗୁରୁବନ୍ଦନା ଗାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଭାଗବତ ରାଉତ, ଶିବ ପ୍ରସାଦ ପତି, ଚୌଦ୍ୱାର ସାହିତ୍ୟ ସଂସଦ ସଂପାଦକ ଦିବ୍ୟଜ୍ୟୋତି ପାଣି, ରାଜକିଶୋର ସାମନ୍ତରାୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗଦେଇଥିଲେ। ଭାରତୀ ମହାନ୍ତି, କାଶୀନାଥ ମହାନ୍ତି, ପ୍ରତାପ ଶତପଥୀ, ପବିତ୍ର ମୋହନ ସାହୁ, ଭାସ୍କର ପ୍ରସାଦ ମହାପାତ୍ର, ବିକାଶ ଗିରି, ସରିତା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବତନ ସଭାପତି ଜୟଶ୍ରୀ ମହାନ୍ତି ଧନ୍ୟବାଦ ଦେଇଥିଲେ।

















### ନିଶ୍ଚିନ୍ତକୋଇଲି

ନିଶ୍ଚିନ୍ତକୋଇଲି କଲେଜ ଛକଠାରେ ଥିବା ଅଗ୍ରଣୀ ଶିକ୍ଷାନୁଷ୍ଠାନ କ୍ୟାରିୟର ପଏଣ୍ଟର ବିଜ୍ଞାନ ଓ କଳା ବିଭାଗର ଛାତ୍ରଛାତ୍ରୀମାନେ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୟନ୍ତୀ ଅବସରରେ ପବିତ୍ର ଗୁରୁଦିବସ ପାଳନ କରିଛନ୍ତି। ପୂର୍ବାହ୍ନରେ ସମସ୍ତ ଗୁରୁଜୀ ଗୁରୁମାଙ୍କୁ ଭକ୍ତି ସହକାରେ ପୂଜାର୍ଚ୍ଚନା କରି ଛାତ୍ରଛାତ୍ରୀମାନେ ଆର୍ଶିବାଦ ଗ୍ରହଣ କରିଛନ୍ତି। ଶିକ୍ଷାନୁଷ୍ଠାନର ପରିଚାଳକ ପ୍ରମିଳା ସାହୁଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ଡ. ଅଲେଖଚନ୍ଦ୍ର ସାମଲ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ମହେଶ ଶତପଥୀ ଓ ସମ୍ମାନିତ ଅତିଥି ଭାବେ ଶିକ୍ଷକ ଆଦିତ୍ୟ ଧନରାଜ ଷଡ଼ଙ୍ଗୀ, ରାଜଶ୍ରୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀ ଅର୍ଚ୍ଚନା ଅର୍ଚ୍ଚିତା, ବର୍ଷାରାଣୀ ଓ ଛାତ୍ର ନିହାର ଓ ଜଗନ୍ନାଥ ସହଯୋଗ କରିଥିବା ବେଳେ ଶିକ୍ଷାବିତ୍ ରଶ୍ମୀରଂଜନ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

### ବିଜୁ ଯୁବ-ଛାତ୍ର ଜନତା ଦଳ

ତିଗିରିଆ: ତିଗିରିଆ ବ୍ଲକ ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ପୁରୁଣା ତିଗିରିଆ ପଞ୍ଚାୟତ ଅମୃଣିଆସାହି ଗ୍ରାମର ଅଧ୍ୟାପକ ଡ. ମନୋରଞ୍ଜନ ମହାନ୍ତିଙ୍କୁ ସମ୍ବର୍ଦ୍ଧନା କରାଯିବା ସହିତ ତାଙ୍କର ଦୀର୍ଘାୟୁ ପାଇଁ ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରାଯାଇଛି। ବ୍ଲକ ଛାତ୍ର ଜନତା ଦଳ ସଭାପତି ହିମାଂଶୁ ଶେଖର ସ୍ୱାଇଁ ଓ କଟକ ଜିଲ୍ଲା ଛାତ୍ର ବିଜେଡି ସମ୍ପାଦକ ତୋଫାନ ସାମଲଙ୍କ ନେତୃତ୍ୱରେ ଯୁବ-ଛାତ୍ର ଜନତା ଦଳର ସ୍ୱପ୍ନଜିତ ମହାନ୍ତି, ଅମର ପରିଡା, ପ୍ରକାଶ ରାଉତ, ଚିକୁ ସାମଲ, ଆଶିଷ କଅଁର, ତପନ ମୁଦୁଲି, ଗୁଡୁଲୀ ସାମନ୍ତରାୟ, ଯୋଗେଶ ନାୟକ, ରାଜେଶ କୁମାର ସାହୁ ପ୍ରମୁଖ ଡ.ମହାନ୍ତିଙ୍କ ଅମୃଣିଆସାହି ବାସଭବନକୁ ଯାଇ ସମ୍ବର୍ଦ୍ଧିତ କରିଥିଲେ।

### କଳାପାଟ ଶିଳ୍ପ ତାଲିମ କେନ୍ଦ୍ର

କଳାପାଟ ଶିଳ୍ପ ତାଲିମ କେନ୍ଦ୍ର, ତିଗିରିଆ ପରିସରରେ ଶୁକ୍ରବାର ଗୁରୁଦିବସ ପାଳନ ହୋଇଯାଇଛି। ଦ୍ୱିତୀୟ ବର୍ଷର ଛାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ଅଧ୍ୟକ୍ଷା କଲ୍ୟାଣୀ ମହାପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନିରଞ୍ଜନ ପଣ୍ଡା, ରାଜକିଶୋର ରାଉତ, ପରିଚାଳକ ମାନସ ମିଶ୍ର, ଚନ୍ଦ୍ରଶେଖର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ଶ୍ରେଣୀର ଛାତ୍ରଙ୍କ ତରଫରୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଛାତ୍ର ରାଜା ବେହେରା, ସୌମେନ୍ଦ୍ର ସର୍ବଜିତ ମଲ୍ଲିକ, ରଘୁନାଥ ସାହୁ, ରୁଦ୍ରଜିତ ସ୍ୱାଇଁ, ଶୁଭେନ୍ଦୁ ସାହୁ, ସିତନ ରାଉତ, ଜିଲୁ ସାହୁ, ଦିବାକର ସାହୁ, ଶୁଭଙ୍କର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ନରସିଂହପୁର

ନରସିଂହପୁର ବ୍ଲକ ଅଧୀନ ମୁକ୍ତାନାଥ ବିଦ୍ୟାପୀଠ, ବାଲିସାହିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଲୋକ ସାହୁଙ୍କ ପୌରହିତ୍ୟରେ ଗୁରୁଦିବସ ପାଳିତ ହୋଇଯାଇଛି। ଏକ ନିରାଡମ୍ବର କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହକାରୀ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କୁ ଭାରତର ପୂର୍ବତନ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଅଲୌକିକ ଜୀବନିକୁ ଅନୁସରଣ କରିବାକୁ ଉପଦେଶ ପ୍ରଦାନ କରିଥିଲେ। ଅନୁରୁପ ଭାବେ ଛାତ୍ରଛାତ୍ରୀମାନେ ଗୁରୁ ବନ୍ଦନା ଗାନ କରିବା ସହିତ ନିଜ ନିଜର ଅଭିଭାଷଣ ଦେଇଥିଲେ।

### ଆଠଗଡ଼

ଶୁକ୍ରବାର ଆଠଗଡ଼ ବିଜୁ ଛାତ୍ର ଜନତା ଦଳ ତରଫରୁ ଗୁରୁଦିବସ ପାଳନ କରାଯାଇଛି। ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଛାତ୍ର ସଭାପତି ସତ୍ୟପ୍ରିୟ ମହାନ୍ତିଙ୍କ ସଭାପତିତ୍ୱ ଆଠଗଡ଼ ସୂର୍ଯ୍ୟଭବନରେ ଗୁରୁପୂଜା କରାଯାଇଥିଲା। କାର୍ଯ୍ୟକ୍ରମରେ ପୂଜ୍ୟ ଗୁରୁ ଦାମୋଦର ମହାପାତ୍ର, ରାମଚନ୍ଦ୍ର ସାହୁ, ବିକାଶ ଖଟୁଆ, ରାମଚନ୍ଦ୍ର ସାହୁ, ସୁତ୍ରଧର ପ୍ରଧାନ, ହୃଷିକେଶ ବେହେରା, ଧରଣୀଧର ମହାପାତ୍ର, ପର୍ଶୁରାମ ବେହେରା, ଅଜୟ ସ୍ୱାଇଁ, ନରେନ୍ଦ୍ର ଜେନା, ଅଜୟ ମହାପାତ୍ର, ନିତ୍ୟାନନ୍ଦ ବେହେରା ଆଦି ଗୁରୁମାନଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଛାତ୍ର ନେତା ମହମ୍ମଦ ଖଲିଦ୍, ସଞ୍ଜୟ ନାୟକ, ରିଙ୍କୁ ପତ୍ରି, ଦୁଷ୍ମନ୍ତ ନାୟକ ପ୍ରମୁଖ ଛାତ୍ର ନେତା ସହଯୋଗ କରିଥିଲେ।

### ବଡମ୍ବା

ଗୁରୁ ଦିବସ ଅବସରରେ ବଡମ୍ବା ନରସିଂହପୁରର ବିଧାୟକ ବିଜୟ କୁମାର ଦଳବେହେରାଙ୍କର ବିଶାଳ ଗୁରୁପୂଜନ କାର୍ଯ୍ୟକ୍ରମ ପ୍ରଜାଗର ପ୍ରଜାଶକ୍ତି ପ୍ରତିଭାସ ମଞ୍ଚ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ବଡମ୍ବା ବ୍ଲକ ଅଧୀନ ଗ୍ରାମପଞ୍ଚାୟତ ହାଇସ୍କୁଲ ରତାପାଟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରୀରୁ ଆସିଥିବା ବୈଦିକ ବ୍ରାହ୍ମଣଙ୍କର ବେଦ ଧ୍ୱନିରେ ପାଖ ପରିବେଶ କମ୍ପମାନ ହୋଇଥିଲା। ବଡମ୍ବା ନରସିଂହପୁରର ଦୁଇ ହଜାରରୁ ଊର୍ଦ୍ଧ୍ୱ ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକଙ୍କର ସମାବେଶରେ ବିଧାୟକ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉଭୟ ବ୍ଲକର ବ୍ଲକ ଶିକ୍ଷା ଅଧିକାରୀ, ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ବିଡିଓ ଚିତ୍ତରଞ୍ଜନ ଦାସ, କଟକ ଜିଲ୍ଲା ଶିକ୍ଷା ଅଧିକାରୀ ଓ ସମସ୍ତ ପ୍ରଶାସନିକ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରତାପାଟ ଗ୍ରାମପଞ୍ଚାୟତ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ଛତ୍ର ଓ ସହକାରୀ ଶିକ୍ଷକ କଳିଙ୍ଗ କେଶରୀ ପ୍ରଧାନ ସହଯୋଗ କରିଥିଲେ। ବାସୁଦେବ ହାଇସ୍କୁଲର ସହକାରୀ ଶିକ୍ଷକ ଅଶୋକ କୁମାର ଧଳ ପରିଚାଳନା କରିଥିଲେ।

### ତ୍ରିମ୍ସ

ତ୍ରିମ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ପବିତ୍ର ଗୁରୁଦିବସ ଓ ମହାନ ଦାର୍ଶନିକ ଦେଶର ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମଦିନ ଶ୍ରଦ୍ଧା ଓ ଭକ୍ତିର ସହ ପାଳିତ ହୋଇଥିଲା। କାର୍ଯ୍ୟକ୍ରମକୁ ତ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଦିଲ୍ଲୀପ କୁମାର ମଲ୍ଲିକଙ୍କ ପୋ÷ରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ପ୍ରାଧ୍ୟାପକ ଲୋକନାଥ ବେହେରା, ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସଚିବ ଇଂ ସୁଧାଂଶୁଭୂଷଣ କର, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ଏବଂ ଛାତ୍ରୀ ରଶ୍ମିରେଖା ମହାନ୍ତ ଗୁରୁଦିବସର ଅନୁଚିନ୍ତା ସଂପର୍କରେ କହିଥିଲେ। ଏହି ଅବସରରେ ଗୁରୁ ଓ ଗୁରୁଜନଙ୍କୁ ଫୁଲ ଚନ୍ଦନ ଦେଇ ପୂଜନ ସହ କେକ୍ କଟାଯାଇଥିଲା।

## କଳା ଦିବସ ପାଳିଲା ବେସରକାରୀ ଅଧ୍ୟାପକ-କର୍ମଚାରୀ ସଂଘ

**ତିଗିରିଆ, ୫।୯(ସମିସ):** ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆଜିକୁ ୧୯ ଦିନରେ ପହଞ୍ଚିଛି। ସଂଘ ପକ୍ଷରୁ ୨୦୦୮ ରୁ ୨୦୧୮ ପର୍ଯ୍ୟନ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ପୂର୍ଣ୍ଣ ଅନୁଦାନ ଦାବିରେ ରାଜ୍ୟ ସଂଘର ସଭାପତି ବିଶ୍ୱରଞ୍ଜନ ଦାସଙ୍କ ଆହ୍ୱାନକ୍ରମେ କଟକ ଜିଲ୍ଲାର ଜିଲ୍ଲା ସଂଯୋଜକ କେଶବଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ପବିତ୍ର ଗୁରୁଦିବସକୁ ଆଠଗଡ ବୀରକିଶୋରପୁରସ୍ଥିତ ସିଦ୍ଧେଶ୍ୱର ମହାଦେବ ମନ୍ଦିର ପରିସରରେ କଳାଦିବସ ରୂପେ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଖଣ୍ଡ ସଂଯୋଜକ ଜିତେନ୍ଦ୍ର ସ୍ୱାଇଁଙ୍କ ସମେତ, କଖଡ଼ି ମହାବିଦ୍ୟାଳୟ ଅଧ୍ୟକ୍ଷ ବିକାଶ ଖଟୁଆ, ଅଧ୍ୟାପକ ଡ. ଟ୍ୱିଙ୍କିଲ ମିଶ୍ର, ରଞ୍ଜିତ ରାଉତ, ନିର୍ଯାସୀ ବଳବନ୍ତରାୟ, ସରିତା ଆଚାର୍ଯ୍ୟ, ଶୁଭସ୍ମିତା ଦାସ, ଅପରାଜିତା ଜେନାମଣି, ଜ୍ୟୋତିପ୍ରକାଶ ପଟ୍ଟନାୟକ, ଶୁଭଦର୍ଶନ ମହାପାତ୍ର, ରଶ୍ମିରଞ୍ଜନ ସ୍ୱାଇଁ, ସ୍ମିତି ରଞ୍ଜନ ରାଉତ, ରଶ୍ମିରଞ୍ଜନ ରାଉତ, ସନ୍ତୋଷ ଦାସ, ପ୍ରଶାନ୍ତ ନାୟକ, ରଞ୍ଜିତ ସ୍ୱାଇଁ, ସୁଭଦ୍ରା ଭୋଳ, ସୁମନ୍ତ ବାରିକ, ସୂର୍ଯ୍ୟକାନ୍ତ ଭକ୍ତା, ରଶ୍ମିତା ପଣ୍ଡା, ସହଦେବ ନାୟକ, ସୁଶାନ୍ତ ମହାନ୍ତି, ସାରସ୍ୱତ ସାହାଣୀ, ଶ୍ରୀକାନ୍ତ ଜେନା, ପ୍ରଜ୍ଞା ପ୍ରିୟଙ୍କା ଅପରାଜିତା, ଅନୀଲ କୁମାର, ପରେଶ ସାହୁ, ପୂର୍ବସା ପ୍ରିୟଦର୍ଶିନୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।



## ଘରେ ପଶି ଲୁଟ୍; ୩ ଗିରଫ

ଚୌଦ୍ୱାର,୫।୯ (ସମିସ): ଚୌଦ୍ୱାର ଥାନା ବଡ଼ପଦାଗାଁରେ ଜଣକ ଘରେ ପଶି ଲୁଟେରାମାନେ ୪୮ ହଜାର ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଘଟଣାର ତଦନ୍ତ କରି ୩ ଜଣ ଲୁଟେରାଙ୍କୁ ଧରିବା ସହିତ ସେମାନଙ୍କ ନିକଟରୁ ନଗଦ୧୨ ହଜାର ୯୮୦ ଟଙ୍କା ଜବତ କରିବାରେ ସଫଳ ହୋଇଛି। ବଡ଼ ପଦାଗାଁ ଗ୍ରାମର ପ୍ରତାପଚନ୍ଦ୍ର ଦାସ ଗୁରୁବାର ଚୌଦ୍ୱାର ଥାନାରେ ଅଭିଯୋଗ କରିଥିଲେ ଯେ ସେ ସକାଳେ ଗାଁ ପାଖ ଚଣ୍ଡୀ ବଜାରକୁ ଯାଇ ଘରକୁ ଫେରିବା ପରେ ତାଙ୍କ ଆଲମିରାରେ ଥିବା ନଗଦ ୪୮ହଜାର ଟଙ୍କା ଓ କିଛି କାଗଜପତ୍ର ଭର୍ତ୍ତି ବ୍ୟାଗ୍‌କୁ କେହି ଲୁଟି ନେଇଯାଇଛି। କିଛି ଯାଯାବର ଶ୍ରେଣୀର ଲୋକ ଓ ମହିଳା ଭିକ ମାଗିବା ଆଳରେ ଘରେ କେହି ନ ଥିବାର ସୁଯୋଗ ନେଇ ପ୍ରତାପଙ୍କ ଘରେ ପଶି ଚୋରି କରିଛନ୍ତି। ପୁଲିସର ଏକ ଟିମ୍ ତୁରନ୍ତ କଟକ ରେଳ ଷ୍ଟେସନ୍‌କୁ ଯାଇ ସେଠାରେ ଚଢ଼ଉ କରି ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି। ଅଭିଯୁକ୍ତମାନେ ହେଲେ ଝାରସୁଗୁଡ଼ା ବାବୁପଡ଼ା ପୁରୁଣାବସ୍ତିର ବିଜୟ ଷଣ୍ଢ, ସମ୍ବଲପୁର ଜିଲ୍ଲା ଷ୍ଟେସନ୍ ବଜାର ଅଞ୍ଚଳର ପୂଜା ମହ୍ଲାର ଓ ରୂପା ମହ୍ଲାର। ସେମାନଙ୍କ ନିକଟରୁ ଚୋରି ଟଙ୍କା ଓ କାଗଜପତ୍ର ବ୍ୟାଗ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି।

## ଚୋରି ସାମଗ୍ରୀ ଉଦ୍ଧାର; ୨ ଗିରଫ



ଟାଙ୍ଗୀ,୫।୯ (ସମିସ): ଏକ ଇନଭର୍ଟର ଓ ଲ୍ୟାପଟପ୍ ଚୋରି ଘଟଣାର ତଦନ୍ତ କରି କଟକ ଜିଲ୍ଲା ଟାଙ୍ଗୀ ପୁଲିସ ଚୋରି ସାମଗ୍ରୀ ଉଦ୍ଧାର ପୂର୍ବକ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର ଅଦାଲତ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ଖୋର୍ଦ୍ଧା ଜିଲ୍ଲା ଜଟଣୀ ଥାନା ବଛରା ପାଟଣା ଗ୍ରାମର ସୁଶାନ୍ତ କୁମାର ଦାସ (୩୫) ଓ କଟକ ଚାଉଳିଆଗଞ୍ଜ ଥାନା ଶିଖରପୁର ଉପରସାହିର ଉମେଶ ରଞ୍ଜନ ରାଉତ ଓରଫ ମୁନା (୨୦) ବୋଲି ଜାଣିବାକୁ ମିଳିଛି। ଚୋରି ସାମଗ୍ରୀ ଉଦ୍ଧାର ସହ ଚୋରିରେ ବ୍ୟବହୃତ ଏକ ସ୍କୁଟର ଓ ଅଟୋ ଜବତ କରାଯାଇଥିବା ଆଇଆଇସି ଶିବ ପ୍ରସାଦ ଭଦ୍ର ସୂଚନା ଦେଇଛନ୍ତି। ଜଗତପୁର ଥାନା ନାନକାର ଅଞ୍ଚଳର ରାଜକୁମାର ନାୟକଙ୍କ ପିକଅପ୍ ଭ୍ୟାନରୁ ୩ଟି ଇନଭର୍ଟର ଓ ଗୋଟିଏ ଲ୍ୟାପଟପ ୧୬ନଂ ଜାତୀୟ ରାଜପଥ ପାଶ୍ୱର୍ ମଙ୍ଗୁଳି ଅଞ୍ଚଳରୁ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା।

## ଆହତ ସାମ୍ବାଦିକଙ୍କୁ ଭେଟିଲେ ବିଧାୟକ

କଣ୍ଟାପଡ଼ା,୫।୯ (ସମିସ): କଣ୍ଟାପଡ଼ା ନିଆଳି ଅଞ୍ଚଳର ଯୁବ ସାମ୍ବାଦିକ ତଥା ଭାରତୀୟ ସାମ୍ବାଦିକ ସଂଘ ଓଡ଼ିଶା ଶାଖା କଟକ ଜିଲ୍ଲାର ସଂପାଦକ ପ୍ରକାଶ ନନ୍ଦ ଏକ ସଡ଼କ ଦୁର୍ଘଟଣାରେ ଆହତ ହୋଇଥିବା ବେଳେ ତାଙ୍କୁ ତାଙ୍କ ବାସଭବନରେ ବହୁ ଜନସାଧାରଣ, ସାମ୍ବାଦିକ ଓ ରାଜନେତାମାନେ ଭେଟି ତାଙ୍କର ଆଶୁଆରୋଗ୍ୟ କାମନା କରିଛନ୍ତି। ଆଜି ଅପରାହ୍ଣରେ ନିଆଳିର ବିଧାୟକ ଛବି ମଲିକଙ୍କ ସହିତ ରାଜ୍ୟ କୃଷକ ମୋର୍ଚ୍ଚାର ସଂପାଦକ ଅଶୋକ ରଥ, ସ୍ଥାନୀୟ ସରପଞ୍ଚ ନିର୍ମଳ ସାହୁ, ଯୁବନେତା ସନ୍ତୋଷ ବିଶ୍ୱାଳ, ବିପିନ ବେହେରା, ବିଜୟ ସ୍ୱାଇଁ, ପ୍ରିୟବ୍ରତ ରାଉତରାୟ, ସଞ୍ଜୟ ସ୍ୱାଇଁ, ଚିନ୍ମୟ ଦାସ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ନନ୍ଦଙ୍କ ଆଶୁଆରୋଗ୍ୟ କାମନା କରିଥିଲେ।

## କୃତୀ ଶିକ୍ଷକଙ୍କୁ ଗୁରୁ ଗୌରବ ସମ୍ମାନ



ନିଶ୍ଚିନ୍ତକୋଇଲି,୫।୯ (ସମିସ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ବୋଧଙ୍ଗ ସରକାରୀ ୟୁଜି ମଇ ବିଦ୍ୟାଳୟର ଶିକ୍ଷକ ନରେନ୍ଦ୍ର କୁମାର ଦାଶଙ୍କୁ ପବିତ୍ର ଗୁରୁଦିବସ ଅବସରରେ ଗୁରୁ ଗୌରବ ସମ୍ମାନ ପ୍ରଦାନ କରାଯାଇଛି। ମାହାଙ୍ଗା-ନିଶ୍ଚିନ୍ତକୋଇଲି ଗୁରୁପୂଜନ ସମିତି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗ ଦେଇଥିଲେ। ମଣ୍ଡଳ ଶିକ୍ଷାଧିକାରୀ ସଂଯୁକ୍ତା ମହାପାତ୍ର, ମୋନାଲିସା ସରକାର, ଉପାଧ୍ୟକ୍ଷ ନୃସିଂହ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସମ୍ପୃକ୍ତ ଶିକ୍ଷକଙ୍କୁ ବିଦ୍ୟାଳୟ ଓ ପରିଚାଳନା କମିଟି ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ଗୁରୁ ଦିବସରେ ଶିକ୍ଷକ ସମ୍ମାନ ସମାରୋହ

# ଅସନ୍ତୋଷ ପ୍ରକାଶ କରି ଫେରିଗଲେ ଶିକ୍ଷକ

ଫୁଲନଖରା,୫।୯ (ସମିସ)

କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜା ବ୍ରହ୍ମପୁରସ୍ଥିତ ଯଶୋଦା ଗାର୍ଡେନ୍‌ରେ କଟକ ସଦର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀଙ୍କ ଆବାହନରେ ଶିକ୍ଷକ ସମ୍ମାନ ସମାରୋହରେ ଅଭାବନୀୟ ପରିସ୍ଥିତି ଦେଖାଯାଇଛି। ଏଥିରେ ମୁଖ୍ୟ ଅତିଥିଭାବରେ ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜାତୀୟସ୍ତରୀୟ କ୍ରୀଡା ପ୍ରଶିକ୍ଷିକା ସୁଦିପ୍ତା ନନ୍ଦ, କଟକ ସଦର ଗୋଷ୍ଠୀ ଶିକ୍ଷାଧିକାରୀ ଅନନ୍ତ ଚରଣ ଦେହୁରୀ, ଅବସରପ୍ରାପ୍ତ ଶିକ୍ଷକ ଗୋଲଖମଣି ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ସମ୍ମାନ ଉତ୍ସବରେ ସଦର ବ୍ଲକ ଅନ୍ତର୍ଗତ ୧୮ଟି





କ୍ଲଷ୍ଟରର ପ୍ରାୟ ସରକାରୀ ଓ ବେସରକାରୀ ବିଦ୍ୟାଳୟର ପ୍ରାୟ ୧୨ ଶହରୁ ଊର୍ଦ୍ଧ୍ୱ କର୍ମରତ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଅବସରପ୍ରାପ୍ତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଥିଲା। ପ୍ରଥମେ କିଛି ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନ ପ୍ରଦାନ କରାଯିବା ପରେ ଯୋଗଦେଇଥିବା ଅବସରପ୍ରାପ୍ତ ଶିକ୍ଷକଙ୍କୁ ଧାଡି ବାନ୍ଧି ମଞ୍ଚ ଉପରକୁ ଆସିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପରିଚାଳନାଗତ ଅବ୍ୟବସ୍ଥା ଯୋଗୁଁ ମଞ୍ଚ ଉପରେ ଏଭଳି ଗହଳି ସୃଷ୍ଟି ହୋଇଥିଲା ଯାହାକୁ ଦେଖି ଅନେକ ଅବସରପ୍ରାପ୍ତ ଶିକ୍ଷକମାନେ ସମ୍ମାନ ଗ୍ରହଣ ନ କରି ଫେରିଯିବାକୁ ବାଧ ହୋଇଥିଲେ। ଫେରିଯାଉଥିବା କିଛି ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଦଳୀୟ କର୍ମୀମାନେ ବାହାରେ ନେଇ ନାମ ଲେଖା ନ ଥିବା ମାନପତ୍ର ଓ ଉତ୍ତରୀୟଟିଏ ଦେଇ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରୁଥିଲେ। ଭିଡ ଭିତରେ କିଛି ପରିଣତ ବୟସରେ ଉପନୀତ ଗୁରୁମାନେ ମଞ୍ଚ ଉପରେ ସମ୍ମାନ ଗ୍ରହଣ କଲେ ସେମାନେ ନିଜର ଅସନ୍ତୋଷ ପ୍ରକାଶ କରି 'ଗୁରୁଙ୍କ ପ୍ରତି ଏହା ସମ୍ମାନ ନୁହେଁ ଅସମ୍ମାନ' ବୋଲି କହିଥିଲେ। ମଞ୍ଚ ସମ୍ମୁଖରେ ପ୍ରାୟ ୭୦ ଭାଗ ସିଟ୍ ଖାଲି ପଡିଥିବାବେଳେ ବାହାରେ ଶିକ୍ଷକ/ଶିକ୍ଷୟିତ୍ରୀମାନେ ଦଳୀୟ ମନୋବୃତ୍ତିକୁ ଆଖି ଆଗରେ ରଖି ଭବିଷ୍ୟତରେ ଏଭଳି ପୂଜ୍ୟପୂଜା କାର୍ଯ୍ୟକ୍ରମକୁ ପ୍ରତ୍ୟାଖ୍ୟାନ କରାଯିବ ବୋଲି ପ୍ରକାଶ କରିଥିଲେ।

## ଫୁଲନଖରା-ନିଆଳି ରାସ୍ତାରେ ପ୍ରଥମ ସିଏନ୍‌ଜି ଷ୍ଟେସନ ଉଦ୍‌ଘାଟିତ

କଣ୍ଟାପଡ଼ା,୫।୯ (ସମିସ): ପୂର୍ବାହ୍ନରେ ଫୁଲନଖରା-ନିଆଳି ରାଜ୍ୟ ରାଜପଥର ସୁନ୍ଦରଗ୍ରାମଠାରେ ଥିବା ଅହଲ୍ୟା ପେଟ୍ରୋଲ ପମ୍ପରେ ଏହି ରାଜପଥର ପ୍ରଥମ ସିଏନ୍‌ଜି ଷ୍ଟେସନ ଉଦ୍‌ଘାଟିତ ହୋଇଯାଇଛି। ଇଣ୍ଡିଆନ ଅଏଲ କର୍ପୋରେସନର ମୁଖ୍ୟ ମହାପ୍ରବନ୍ଧକ ତଥା ଓଡ଼ିଶା ମୁଖ୍ୟ କମଲ ସୀଲ ମୁଖ୍ୟଅତିଥି ରୂପେ ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଗେଲ ଇଣ୍ଡିଆର ମୁଖ୍ୟ ପରିଚାଳକ କୌଶିକ ଦାସ, କଟକ ଜିଲ୍ଲା ବିପଣନ ଅଧିକାରୀ ଅଂଶୁମିତା



ମହାପାତ୍ର, କଟକ ଜିଲ୍ଲା ଗେଲ ଇଣ୍ଡିଆ ଅଧିକାରୀ ଅରବିନ୍ଦ ସର୍କାର ଓ ଇଣ୍ଡିଆନ ଅଏଲର ଅଧିକୃତ ବିକ୍ରେତା ଉଲ୍ଲାସଚନ୍ଦ୍ର ମହାନ୍ତି, ପିୟୁଷ ରଞ୍ଜନ ମହାନ୍ତି, ସତ୍ୟଜିତ ମହାନ୍ତି ଓ ଷ୍ଟେସନ ମୁଖ୍ୟ ପରିଚାଳକ ଉପସ୍ଥିତ ଥିଲେ। ଏହି ଷ୍ଟେସନ ୨୪ ଘଣ୍ଟା ଗ୍ରାହକଙ୍କୁ ସେବା ଯୋଗାଇବା ଦେବ ବୋଲି ମୁଖ୍ୟଅତିଥି ଶ୍ରୀ ସୀଲ ପ୍ରକାଶ କରିଥିଲେ।

## ରକ୍ତଦାନ ଶିବିର: ୩୦ ୟୁନିଟ ସଂଗୃହୀତ

କିଶନନଗର,୫।୯ (ସମିସ): ପବିତ୍ର ଗୁରୁ ଦିବସ ଉପଲକ୍ଷେ କଟକ ସଦର ଅନ୍ତର୍ଗତ ଇଶାଣୀ ବ୍ରହ୍ମପୁରସ୍ଥିତ ରାଧାମାଧବ ନିଶୁଳ୍କ ଶିକ୍ଷା ନିକେତନ ଓ ଆମେ ଓଡ଼ିଆ ଭାରି ବଢିଆ ପରିବାର ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ମୁଖ୍ୟଅତିଥି ଡ଼ଃ ଦିବ୍ୟାଂଶୁ କୁମାର ପାଣିଗ୍ରାହୀ, ସମ୍ମାନିତ



ଅତିଥିଭାବେ ଅଶୋକ କୁମାର ସ୍ୱାଇଁ, ସୁମନ୍ତଚନ୍ଦ୍ର ସାହୁ ଉଦଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ଧରଣୀଧର ସେଠୀ ଓ ଜ୍ୟୋତିର୍ବିଦ ଜଗନ୍ନାଥ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରୁ ପ୍ରାୟ ୩୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ରେଡ଼କ୍ରସର କର୍ମକର୍ତ୍ତା ରକ୍ତ ସଂଗ୍ରହ କରିଥିଲେ। ପ୍ରତିଷ୍ଠାତା ଲକ୍ଷ୍ମୀପ୍ରିୟା ସେଠୀ, ଶିକ୍ଷକବୃନ୍ଦ ପ୍ରଦ୍ୟୁମ୍ନ ଜେନା, ଶୁଭଙ୍କର ସେଠୀ, ରବୀନ୍ଦ୍ରନାଥ ଆଚାର୍ଯ୍ୟ, ସୂର୍ଯ୍ୟକାନ୍ତ ଦାଶ, ଜଗଦୀଶ ରାଉତ, ନିରଞ୍ଜନ ପଣ୍ଡା, ରାଜେଶ ମହାରଣା, ନୃସିଂହ ପାଣି, ଦେବବ୍ରତ ସାହୁ, ସୁମନ ସେଠୀ, ଆଶ୍ୱାସିନୀ ସେଠୀ, ସ୍ୱାତି ସାଗରିକା ସ୍ୱାଇଁ ସହଯୋଗ କରିଥିଲେ। ପ୍ରମୁଖ କର୍ମକର୍ତ୍ତା ସରିତ ମହାପାତ୍ର, ଶିକ୍ଷୟିତ୍ରୀ ନିରୂପମା ରାଉତ, ସମାଜସେବୀ ବେଣୁଧର ସ୍ୱାଇଁ, ସଫଳ ଉଦ୍ୟୋଗୀ ମାନସୀ ଓଝା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଖେଣ୍ଟାଲୋର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

## କଂଗ୍ରେସର ସଂଗଠନ ସୃଜନ କାର୍ଯ୍ୟକ୍ରମ

କଣ୍ଟାପଡ଼ା/ଅଡ଼ଶପୁର,୫।୯ (ସମିସ): କଣ୍ଟାପଡା ବ୍ଲକ ଅନ୍ତର୍ଗତ ଇଚ୍ଛାପୁରଠାରେ ଥିବା ରାୟ ମଣ୍ଡପରେ ନିଆଳି ନିର୍ବାଚନ ମଣ୍ଡଳୀସ୍ତରୀୟ କଂଗ୍ରେସର ସଂଗଠନ ସୃଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଦିନରେ କିଏ କଟକ ଜିଲ୍ଲାର କଂଗ୍ରେସ କମିଟିର ସଭାପତି ହେବ ସେଥିପାଇଁ ଏଆଇସିସି ପର୍ଯ୍ୟବେକ୍ଷକ ଡ.ସମ୍ପଦ କୁମାର କର୍ମୀଙ୍କୁ ନାମ ଆହ୍ୱାନ କରିଥିଲେ। ବ୍ୟକ୍ତିଗତ ଭାବେ କିମ୍ବା ସମୂହ ଭାବରେ ନାମ ପ୍ରସ୍ତାବ କରିବାକୁ ଡ. କୁମାର କର୍ମୀଙ୍କୁ କହିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରବିନ୍ଦ୍ର ମଲ୍ଲିକଙ୍କ ସହ କଟକ ଜିଲ୍ଲା ସଂଯୋଜକ ପ୍ରଦୀପ ଦାସ ଓ





ଅଞ୍ଚଳର ବହୁ ଛାମୁଆ କର୍ମୀ ଉପସ୍ଥିତ ଥିଲେ। ଅତିଥିଙ୍କୁ ବରିଷ୍ଠ କଂଗ୍ରେସ କର୍ମୀ ନିମାଇଁ ଚରଣ ରାଉତରାୟ ସ୍ୱାଗତ କରିଥିବା ବେଳେ କେଦାରନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ନିଆଳୀ ନିର୍ବାଚନ ମଣ୍ଡଳୀର ବାରଙ୍ଗ, କଣ୍ଟାପଡା ଏବଂ ନିଆଳି ବ୍ଲକର ବିଜୟ ମହାପାତ୍ର, ପ୍ରଦ୍ୟୁମ୍ନ ଖଟେଇ, ସୌଭାଗ୍ୟ ବସ୍ତିଆ, ମଲ୍ଲିକ ଇସସ୍ମାଇଲ, ବାସନ୍ତୀ ପ୍ରଧାନ, ରାଜ୍ୟ ଛାତ୍ର ନେତା ହାର୍ଦ୍ଦିକ ମହାପାତ୍ର, ଭରତ ବେହେରା, ଭବାନୀ ମଲ୍ଲିକ, ପ୍ରସନ୍ନ ପାତ୍ର, ବିଶ୍ୱନାଥ ସ୍ୱାଇଁ, କିଶୋର ରାଉତରାୟ, ଦେବେନ୍ଦ୍ର ସାମନ୍ତରାୟ, ପ୍ରଫୁଲ୍ଲ ପ୍ରଧାନ, ଦୁଃଶାସନ ସାହୁ, ପଦ୍ମନାଭ ମହାନ୍ତି ଏବଂ ସମସ୍ତ କର୍ମୀମାନେ ଯୋଗଦେଇଥିଲେ। ବୈଠକରେ କଟକ ଜିଲ୍ଲା ସଭାପତି ଭାବେ କଟକ-ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋଶଙ୍କ ନାମ ସର୍ବାଗ୍ରେ ରହିଥିବା ସୂଚନା ମିଳିଛି।

## କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତି ଚୟନ ସମ୍ମିଳନୀ






ନରସିଂହପୁର,୫।୯ (ସମିସ): ନରସିଂହପୁର ବ୍ଲକ କଂଗ୍ରେସ ପକ୍ଷରୁ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ବରିଷ୍ଠ କଂଗ୍ରେସ ନେତା ଶିଶିର ମିଶ୍ରଙ୍କ ଅଧ୍ୟକ୍ଷତାରେ ସଂଗଠନ ସୃଜନ ଅଭିଯାନ ଏବଂ କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତି ଚୟନ ନିମନ୍ତେ କର୍ମୀ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ବରିଷ୍ଠ ନେତା ଏଆଇସିସି ପର୍ଯ୍ୟବେକ୍ଷକ ଡ. ସମ୍ପଦ କୁମାର, ପୂର୍ବତନ ସାଂସଦ ନଗେନ୍ଦ୍ର ପ୍ରଧାନ, ପିସିସିର ପର୍ଯ୍ୟବେକ୍ଷକ ହିମାଂଶୁ ଲେଙ୍କା, ସଞ୍ଜୟ ମଣ୍ଡଳ, ପୂର୍ବତନ ବିଧାୟକ ପ୍ରାର୍ଥୀ ପ୍ରମୁଖ ପର୍ଯ୍ୟବେକ୍ଷକ ଅଛନ୍ତି। କଟକ ଜିଲ୍ଲା କଂଗ୍ରେସ ପାଇଁ ଦେବେନ୍ଦ୍ର କୁମାର ଦାସ, ପୂର୍ବତନ ପିସିସି ମେମ୍ବରଙ୍କ ମଧ୍ୟରେ ବ୍ଲକର ବରିଷ୍ଠ ନେତା ସରୋଜ ସାହୁ, ମନୋଜ ସାହୁ, ମନୁ ମଲ୍ଲିକ, ସୁଦର୍ଶନ ନାୟକ, କେଶବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତର ଆଗଧାଡିର କର୍ମୀ, ଗ୍ରାମ ସଭାପତିଙ୍କ ସମେତ ସମସ୍ତ କଂଗ୍ରେସପ୍ରେମୀ ଓ କର୍ମୀ ଅଂଶଗ୍ରହଣ କରିଥିଲେ।

### କଟକରେ ମହାପୁରୁଷ ହଜରତ୍ ମହମ୍ମଦଙ୍କ ଜନ୍ମଦିବସ

# ଜୁଲୁସ୍ ଶୋଭାଯାତ୍ରାରେ ଆସିଲେ ୫୫ ମହଲା ଓ ମସଜିଦ୍ କମିଟି

**ଜିଲ୍ଲା ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ**



କଟକ,୫।୯ (ସମିସ): ଆଜି କଟକ ସହରରେ ମହାପୁରୁଷ ହଜରତ୍ ମହମ୍ମଦଙ୍କ ୧୫୦୦ତମ ଜନ୍ମଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଗତକାଲି ସନ୍ଧ୍ୟାଠାରୁ ସହରର ବିଭିନ୍ନ ମସଜିଦରେ ମିଲାଦ୍ ସରିଫ କରାଯାଇଥିଲା। ରଙ୍ଗବେରଙ୍ଗର ଆଲୋକମାଳାରେ ମସଜିଦ ଗୁଡିକୁ ସୁସଜ୍ଜିତ କରାଯାଇଥିଲା। ଆଜି ସକାଳ ୭ଟାରୁ ସହର ମସଜିଦ ପରିଚାଳନା କମିଟି, ମହଲ୍ଲା କମିଟି, ନଓଜୱାନ କମିଟି ପକ୍ଷରୁ ବର୍ଣ୍ଣାଢ୍ୟ ଜୁଲୁସ -ଏ-ମହମ୍ମଦି ଶୋଭାଯାତ୍ରା ବାହାର କରାଯାଇଥିଲା। ସର୍ବପ୍ରଥମେ ଯୋବ୍ରା ମହଲ୍ଲା ରଜା-ଏ-ହବିବ୍ ନଓଜୱାନ କମିଟି ପକ୍ଷରୁ ଯୋବ୍ରାଠାରୁ ଏକ ବିଶାଳ ଜୁଲୁସ-ଏ-ମହମ୍ମଦି ବାହାରି କଲେଜ ଛକ ରାଣୀହାଟ, ମଙ୍ଗଳାବାଗ ହୋଇ ମସ୍ତାନ ଦରଗାହା ଛକରେ ପହଞ୍ଚିବା ପରେ ସହରର ବିଭିନ୍ନ ଅଞ୍ଚଳରୁ ଆସିଥିବା ଜୁଲୁସ-ଏ-ମହମ୍ମଦି ସମୂହ ଜୁଲୁସରେ ପରିଣତ ହୋଇ ସେଠାରୁ ମଣି ସାହୁ ଛକ, ବକ୍ସିବଜାର ଛକ, ପେନସନ ଲେନ, ଚର୍ଚ୍ଚ ଛକ ହୋଇ ସୁତାହାଟ ଓଡ଼ିଆ ବଜାର ଗଙ୍ଗା ମନ୍ଦିର ଗୌରୀଶଙ୍କର ପାର୍କ ଦେଇ ଐତିହାସିକ ପୀଠ କଦମ୍-ଏ-ରସୁଲଠାରେ ସମାପ୍ତ ହୋଇଥିଲା। ସେଠାରେ ବିଶ୍ୱଶାନ୍ତି ତଥା ଶାନ୍ତି ସଂହତି ପାଇଁ ସାମୂହିକ ପ୍ରାର୍ଥନା କରାଯାଇ ଥିଲା। ସହର ସମେତ ଆଖପାଖ ଅଞ୍ଚଳର ପ୍ରାୟ ୫୫ଟି ମହଲ୍ଲା କମିଟି ମସଜିଦ କମିଟି ସାମିଲ ହୋଇଥିଲେ। ଏହି ଅବସରରେ ମହଲ୍ଲା କମିଟି ମସଜିଦ ପରିଚାଳନା କମିଟି କର୍ମକର୍ତ୍ତାଙ୍କୁ ସହରର ଅନେକ ଅନୁଷ୍ଠାନ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି



ଅବସରରେ ବିଜେଡି କଟକ ଜିଲ୍ଲା ପକ୍ଷରୁ ସଭାପତି ପ୍ରଫୁଲ୍ଲ ସିଂଙ୍କ ନେତୃତ୍ୱରେ ସ୍ଥାନୀୟ ବକ୍ସିବଜାର ଛକଠାରେ ଶୋଭାଯାତ୍ରାକାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ମିଶ୍ର ଯୋଗ ଦେଇ ପୈଗମ୍ବର ମହମ୍ମଦଙ୍କ ଜନ୍ମଜୟନ୍ତୀରେ କଟକ ସହରର ଭାଇଚାରା ବିଶ୍ୱକୁ ମାର୍ଗଦର୍ଶନ ଦେଉ ବୋଲି ତାଙ୍କ ଅଭିଭାଷଣରେ କହିଥିଲେ। ମେୟର ସୁବାସ ସିଂ, କଟକ ମହାନଗର ବିଜେଡି ସଭାପତି ମଧୁସୂଦନ ସାହୁ, ପୂର୍ବତନ କର୍ପୋରେଟର ରମଜାନ ଖାଁ, ମହମ୍ମଦ ସକିଲ, ପ୍ରକାଶ ସିଂହ, ପ୍ରଶାନ୍ତ ନାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସ, ରାଜ୍ୟ ବିଜେଡି ମୁଖପାତ୍ର ପ୍ରିୟବ୍ରତ ମାଝୀ, ଅନୀତା ବେହେରା, ପ୍ରଫୁଲ୍ଲ ବେହେରାଙ୍କ ସମେତ ଅନେକ କର୍ପୋରେଟର ଦଳର ବରିଷ୍ଠ ନେତାମାନେ ଯୋଗଦେଇ ଥିଲେ। ଏହି ଅବସରରେ କଟକ କମିଶନରେଟ ପୁଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯାଇଥିଲା।

## ବିଭିନ୍ନ ସ୍ଥାନରେ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ



ଟାଙ୍ଗୀ,୫।୯ (ସମିସ): ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଟାଙ୍ଗୀ-ଚୌଦ୍ୱାର ବ୍ଲକ କହ୍ନେଇପୁର ପଞ୍ଚାୟତ ଭଗତପୁର ଅଞ୍ଚଳରେ ହର୍ଷଉଲ୍ଲାସର ସହ ଶୁକ୍ରବାର ପାଳିତ ହୋଇଯାଇଛି। ମସଜିଦ୍ ଇମାମ୍ ସାହିବ ରାଜାଙ୍କ ପୌରହିତ୍ୟରେ ଭଗତପୁର ମୁସଲମାନ ବସ୍ତିର ଶତାଧିକ ବ୍ୟକ୍ତି ଜୁଲୁସ (ଶୋଭାଯାତ୍ରା)ରେ ସାମିଲ ହୋଇଥିଲେ। ଉକ୍ତ ଶୋଭାଯାତ୍ରା ଗ୍ରାମସ୍ଥ ମସଜିଦ୍ ନିକଟରୁ ବାହାରି ଗ୍ରାମ ପରିକ୍ରମା ପୂର୍ବକ କବରସ୍ଥାନରେ ପହଞ୍ଚିଥିଲା। ସେଠାରେ ପିତୃପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ପୂର୍ବକ କୋରାନ ବର୍ଣ୍ଣିତ ନୀତିବାଣୀ ଚର୍ଚ୍ଚା କରାଯାଇଥିଲା। ୱାର୍ଡ ସଭ୍ୟ ମିର୍ଜା ଇସ୍ରାଇଲ ବେଗ, ମୁରବୀ ଅଲ୍ଲୀ ଇମାମ ଖାନ୍, ସେକ୍ ମେହମୁଦ ଅଲ୍ଲୀ, ସିରାଜ ଶାହା, ସେକ୍ ମେହେରବାନ୍ ଓ ସେକ୍ ବାବରଙ୍କ ସମେତ କମିଟି ସଦସ୍ୟ ଆଦିଲ ଇମାମ୍ ଖାନ୍, ଆସଫାକ୍ ଖାନ୍, ଏସକେ ନବୋ, ସେଖ ହବିବ୍, ସେକ୍ ରିଆଜଉଦ୍ଦିନ୍, ସେକ୍ ରାଜେଶ, ସେକ୍ ସଦାମ, ସେକ୍ ଆବିଦ୍, ସେକ୍ ନେସାର, ସେକ୍ ରାଜୁ ଓ ସେକ୍ ଜାବିର ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

**ଚୌଦ୍ୱାର:** ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଚୌଦ୍ୱାରରେ ପାଳିତ ହୋଇଯାଇଛି। ଚୌଦ୍ୱାର ମୁସଲିମ ପଞ୍ଚାୟତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୌରପାଳିକା ୨ନଂ ୱାର୍ଡର ମୁସଲିମ ସଂପ୍ରଦାୟର ଭାଇମାନେ





ଗ୍ରାମ ମଦ୍ରାସା ନିକଟରୁ ସୁସଜ୍ଜିତ ଘୋଡା ସହିତ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଚୌଦ୍ୱାର ଗ୍ରାମ ପରିକ୍ରମା କରି ମଦ୍ରସା ନିକଟକୁ ଫେରିଥିଲେ। ପରେ ପରେ ସମୂହ ନମାଜ ପାଠ ଓ କୋରାନ୍ ପାଠ ଅନୁଷ୍ଠିତ ହୋଇଥିଲା। ମୁସଲିମ ପଞ୍ଚାୟତ ସଭାପତି ସାଜିଦ ଚାନ୍ଦଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୌଲାନା ମହମ୍ମଦ ଅରବାଜ କୋରାନ ପାଠ ସହିତ ନମାଜ ପାଠ କରାଇଥିଲେ। ଏସ୍‌କେ ଇସମାଇଲ, ନସିମୁଦ୍ଦିନ ଖାନ୍, ଏମଡି ରିଜୱାନ, ଐଶାନ ରକିବ୍ ଶାହା, ଏସକେ ସବିରୁଦ୍ଦିନ୍, ତୈରୁଦ୍ଦିନ ଖାନ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ଥାନୀୟ କାଉନସିଲର ସବିତା ମାହାଳି, କଂଗ୍ରେସ ମହିଳା ନେତ୍ରୀ ମୋନାଲିସା ଦାସ, ହରିହର ପରିଡାଙ୍କ ସମେତ ବହୁ ସାମ୍ବାଦିକ ଓ ସ୍ଥାନୀୟ ଜନସାଧାରଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

**ନିଶ୍ଚିନ୍ତକୋଇଲି:** ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ବାହାବଳପୁର ବରେଲି ମସ୍‌ଜିଦ୍ ଜୁଲୁସୁ କମିଟି ଆନୁକୂଲ୍ୟରେ ଇସ୍‌ଲାମ୍ ଧର୍ମର ପ୍ରବର୍ତ୍ତକ ତଥା ପ୍ରତିଷ୍ଠାତା ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ ଇଦ୍-ମିଲାଦୁନ୍-ନବୀ ପାଳିତ ହୋଇଛି। କମିଟିର କର୍ମକର୍ତ୍ତା କସର ଖାନ୍, ସେଖ ଦାନିସ୍, ସେକ୍ ନସିମ୍, ସେକ୍ ସୁରଜ, ସେକ୍ ଅଫସର, ସେକ୍ ଜସିମ୍, ସେକ୍ ଅଲ୍ଲୀ,



ସେକ୍ ସଲିମ୍‌ଙ୍କ ସଂଯୋଜନାରେ ଏକ ବିରାଟ ବାଇକ ଶୋଭାଯାତ୍ରାରେ ବହୁ ଇସଲାମ୍ ଧର୍ମାବଲମ୍ବୀମାନେ ଅସୁରେଶ୍ୱର ମସଜିଦ୍‌ରେ ପହଞ୍ଚି ସେଠାରେ ପୂଜାର୍ଚ୍ଚନା କରିଥିଲେ। ଗାଁ ସର୍ଦ୍ଦାର ସେକ୍ ଅଲିମୁଦ୍ଦିନ୍‌ଙ୍କ ନେତୃତ୍ୱରେ ଇସଲାମ ଧର୍ମର ମୂଳମନ୍ତ୍ର ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ମସ୍‌ଜିଦରେ ସମୂହ ନମାଜ ପାଠ ଓ ପାରମ୍ପରିକ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଯୁବ ସମାଜସେବୀ ଜାକିର ଖାନ୍, ସେକ୍ ନୂର୍‌ଉଦ୍ଦିନ୍, ଅବଦୁଲ ରଜାକ ଖାଁ, ଇସ୍ରାଲ ଖାଁ, ଅବଦୁଲ୍ ରକିବ ଖାଁ, ସେକ୍ ଜହୂରୁଦ୍ଦିନ, ମହମ୍ମଦ ରଜାକ୍ ଖାନ୍, କୁଦରତ୍ ଅଲ୍ଲୀ ଖାନ୍, ସେକ୍ ରହିସୁଦ୍ଦିନ୍, ଜାହାଙ୍ଗୀର ଖାନ୍‌ଙ୍କ ସମେତ ବହୁ ଇସ୍‌ଲାମ ଧର୍ମାବଲମ୍ବୀ ଉତ୍ସାହର ସହ ଜୟନ୍ତୀ ଉତ୍ସବକୁ ପାଳନ କରିଥିଲେ।

ସକାଳ THE SAKALA



www.sakalaepaper.com

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୭୫ ● ପାଉଣ୍ଡ ୧୧୯.୨୫
- ୟୁରୋ ୧୦୩.୬୮ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୮,୬୫୦ (ନୂଆଦିଲ୍ଲୀ)
- ରୁପା : ୧,୨୯,୨୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୭୧୦.୦୦
- ନିଫ୍ଟି ୨୪,୭୪୧.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ରାଜିହେଲେନି ରାଜ୍ୟ

### ଜିଏସ୍‌ଟି ସଂସ୍କାର ୨.୦ | ଜିଏସ୍‌ଟି ପରିସରଭୁକ୍ତ ହୋଇପାରିଲାନି ପେଟ୍ରୋଲ ଓ ଡିଜେଲ୍

# ତେଲ ଲିଟର ୩୫ ଟଙ୍କା କମିଥା'ନ୍ତା

ନୂଆଦିଲ୍ଲୀ,୫।୯ (ଏଜେନ୍ସି): କେନ୍ଦ୍ର ସରକାରଙ୍କ ଦ୍ୱାରା ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ହାରରେ ବଡ଼ ସଂସ୍କାର ଘୋଷଣା ପରେ ବଜାରରେ ନିତ୍ୟ ବ୍ୟବହାର୍ଯ୍ୟ ସମାଗ୍ରୀଗୁଡିକର ଦର ମହୁ ମାତ୍ରାରେ ହ୍ରାସ ଘଟିବ ବୋଲି କୁହାଯାଉଛି। ହେଲେ ପେଟ୍ରୋଲ ଏବଂ ଡିଜେଲର ଉଚ୍ଚ ଦର ସହ ଯୁଝୁଥିବା ସାଧାରଣ ଖାଉଟିଙ୍କୁ ଏଥିରୁ କୌଣସି ପ୍ରକାର ଆଶ୍ୱସ୍ତି ମିଳିପାରିନାହିଁ। କାରଣ ପେଟ୍ରୋଲ ଏବଂ ଡିଜେଲ ଏ ପର୍ଯ୍ୟନ୍ତ ଜିଏସ୍‌ଟି ପରିସରଭୁକ୍ତ ହୋଇପାରିନାହିଁ। ପେଟ୍ରୋଲ ଏବଂ ଡିଜେଲକୁ ଜିଏସ୍‌ଟି ପରିସରଭୁକ୍ତ କରିବା ପାଇଁ ରାଜ୍ୟଗୁଡ଼ିକ ମଧ୍ୟରେ ଏ ପର୍ଯ୍ୟନ୍ତ ସହମତି ହୋଇପାରିନାହିଁ। ଯଦି ପେଟ୍ରୋଲ ଏବଂ ଡିଜେଲ ଜିଏସ୍‌ଟି ପରିସରକୁ ଆସିଯାଏ ତେବେ ଲିଟର ପିଛା ୧୦୦ ଟଙ୍କା ମୂଲ୍ୟରେ ପେଟ୍ରୋଲ ଏବଂ ଡିଜେଲ କିଣୁଥିବା ଗ୍ରାହକ ତାହାକୁ ଲିଟର ୬୮ ଟଙ୍କାରେ ପାଇବେ।

ପେଟ୍ରୋଲ ଏବଂ ଡିଜେଲକୁ ଜିଏସ୍‌ଟି ପରିସରଭୁକ୍ତ କାହିଁକି କରାଯାଉନାହିଁ ସେ ସମ୍ପର୍କରେ ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ, ସରକାର ଆଜି ମଧ୍ୟ ଏହାକୁ ଜିଏସ୍‌ଟି ପରିସରରେ ରଖିପାରିବେ, କିନ୍ତୁ ଏହା ଜିଏସ୍‌ଟି ପ୍ରସ୍ତାବରେ ନ ଥିଲା। ସେ କହିଛନ୍ତି ଯେ ଜିଏସ୍‌ଟି ଆଣିବା ସମୟରେ ମଧ୍ୟ ଆମେ ପେଟ୍ରୋଲ ଏବଂ ଡିଜେଲକୁ ଏହି ବର୍ଗରେ ରଖିବାକୁ ଚେଷ୍ଟା କରିଥିଲୁ, କିନ୍ତୁ ରାଜ୍ୟଗୁଡ଼ିକ ଏଥିପାଇଁ ପ୍ରସ୍ତୁତ ନ ଥିଲେ। ପେଟ୍ରୋଲିୟମ ଉତ୍ପାଦଗୁଡ଼ିକୁ ବର୍ତ୍ତମାନ ଜିଏସ୍‌ଟି ପରିସରଭୁକ୍ତ କରାଯିବନାହିଁ। ପେଟ୍ରୋଲ ଏବଂ ଡିଜେଲକୁ ଜିଏସ୍‌ଟି ପରିସରଭୁକ୍ତ କରିବା ପାଇଁ ଦାବି ବହୁତ ଦିନ ଧରି ଚାଲିଛି।

ବର୍ତ୍ତମାନ, ପେଟ୍ରୋଲ ଏବଂ ଡିଜେଲ ଉପରେ ଉତ୍ପାଦ ଶୁଳ୍କ (କେନ୍ଦ୍ର ସରକାର) ଏବଂ ଭାଟ୍ (ରାଜ୍ୟ ସରକାର) ଲାଗୁ କରାଯାଏ। ବିଭିନ୍ନ ରାଜ୍ୟରେ ଟିକସ ହାର ଭିନ୍ନ, ଯାହା କାରଣରୁ ମୂଲ୍ୟ ମଧ୍ୟ ଭିନ୍ନ ରହିଛି। ଯଦି ଏହାକୁ ଜିଏସ୍‌ଟି ରେ ସାମିଲ କରାଯାଏ ତେବେ ସାରା ଦେଶରେ ଜିଏସ୍‌ଟି ହାର ସମାନ ହେବ। ବର୍ତ୍ତମାନ, ପେଟ୍ରୋଲ ଏବଂ ଡିଜେଲ ଉପରେ ମୋଟ ଟିକସ ୫୦ ପ୍ରତିଶତରେ ପହଞ୍ଚିଛି, କିନ୍ତୁ ଜିଏସ୍‌ଟିର ସର୍ବୋଚ୍ଚ ହାର ୧୮ ପ୍ରତିଶତ (ସେପ୍ଟେମ୍ବର ୨୨ ରୁ)। ଏପରି ପରିସ୍ଥିତିରେ, ପେଟ୍ରୋଲ ଏବଂ ଡିଜେଲକୁ ଜିଏସ୍‌ଟି ପରିସରଭୁକ୍ତ କରି ଗ୍ରାହକମାନେ ଅତି କମରେ ୩୨ ପ୍ରତିଶତ ଅର୍ଥ ସଞ୍ଚୟ କରିପାରିବେ। ସରଳ ଭାଷାରେ, ଯଦି ପେଟ୍ରୋଲ ଏବଂ ଡିଜେଲ ଉପରେ ୧୮ ପ୍ରତିଶତ ହାରରେ ଜିଏସ୍‌ଟି ଲଗାଯାଏ, ତେବେ ଗ୍ରାହକ ୧୦୦ ଟଙ୍କା ମୂଲ୍ୟର ପେଟ୍ରୋଲ ଏବଂ ଡିଜେଲକୁ ଲିଟର ପିଛା ୬୮ ଟଙ୍କାରେ ପାଇପାରିବେ। ଯାହା ଫଳରେ ତେଲ ଲିଟର ପିଛା ପ୍ରାୟ ୩୫ ଟଙ୍କା କମିପାରିଥାଆନ୍ତା।




**ସହମତି ଆଣିବା ବଡ଼ ଆହ୍ୱାନ**

ଅପରପକ୍ଷେ ପେଟ୍ରୋଲ ଏବଂ ଡିଜେଲକୁ ଜିଏସ୍‌ଟି ଅଧୀନରେ ଆଣିବା ପାଇଁ କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକର ସମ୍ମତି ଆବଶ୍ୟକ। ପେଟ୍ରୋଲ ଏବଂ ଡିଜେଲ ଉପରେ ଆଦାୟ କରାଯାଉଥିବା ଭାଟ୍ ରାଜ୍ୟଗୁଡ଼ିକ ପାଇଁ ରାଜସ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ। ଜିଏସ୍‌ଟି ଲାଗୁ ହେଲେ ଭାଟ୍ ହଟାଇ ଦିଆଯିବ, ଯାହା ରାଜ୍ୟଗୁଡ଼ିକୁ ରାଜସ୍ୱ କ୍ଷତି ପହଞ୍ଚାଇବ। ସେଥିପାଇଁ ଅନେକ ରାଜ୍ୟ ଏଥିପାଇଁ ପ୍ରସ୍ତୁତ ନାହାଁନ୍ତି।

ଯେତେବେଳେ ରାଜ୍ୟଗୁଡ଼ି ଟିକସ ହାର ସହିତ ପ୍ରସ୍ତୁତ ହେବେ , ସେତେବେଳେ ପେଟ୍ରୋଲ ଏବଂ ଡିଜେଲକୁ ଜିଏସ୍‌ଟି ପରିସର ମଧ୍ୟକୁ ଅଣାଯାଇପାରିବ। ତଥାପି, ଏହାକୁ ଜିଏସ୍‌ଟି ପରିସରଭୁକ୍ତ କରିବା ପାଇଁ ଏହାବାଦ୍ ଜିଏସ୍‌ଟି ସଂସ୍କାର ଘୋଷଣା ପରେ ମଧ୍ୟ ଷ୍ଟକ୍ ବଜାର କାହିଁକି ଉପରମୁହାଁ ହେଉନାହିଁ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ଅର୍ଥମନ୍ତ୍ରୀ କହିଛନ୍ତି ଯେ ବଜାର କେବେବି ଗୋଟିଏ କାରଣ ଉପରେ କାମ କରେ ନାହିଁ। ଏହା କାମ ନ କରିବାର ବିଭିନ୍ନ କାରଣ ହୋଇପାରେ। ଜିଏସ୍‌ଟି ହାରରେ ହ୍ରାସ ସାଧାରଣ କମ୍ପାନୀଗୁଡ଼ିକ ପାଇଁ ନୁହେଁ, ଜନସାଧାରଣଙ୍କ ପାଇଁ ଟିକସ ହ୍ରାସ କରାଯାଇଛି।

## ଅରୁନ୍ଧତୀ ଜୁଏଲର୍ସର ସବୁ ଶାଖାରେ ଗୁରୁଦିବସ




ଭୁବନେଶ୍ୱର, ୫।୯ (ସମିସ): ଓଡ଼ିଶାର ଶ୍ରେଷ୍ଠ ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଗୁରୁଦିବସ ଉପଲକ୍ଷେ ଗୁରୁପୂଜନ ଓ ସମ୍ବର୍ଦ୍ଧନା ସମାରୋହର ଏକ ସୁନ୍ଦର ଆୟୋଜନ ଏହାର ସମସ୍ତ ଶାଖାଗୁଡ଼ିକରେ କରାଯାଇଛି। ଏଥିରେ ବହୁ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ପୂର୍ଣ୍ଣ ସମର୍ପଣ ଓ ସେବା ମନୋଭାବରେ ଶୁଦ୍ଧତାଭରା ବ୍ୟବସାୟିକ ପଦ୍ଧତିକୁ କିଭଳି ଆହୁରି ସ୍ୱଚ୍ଛ କରାଯାଇପାରିବ ସେହି ସମ୍ବନ୍ଧରେ ଏକ ଆଲୋଚନା ସଭା କରାଯାଇ ଉପସ୍ଥିତ ଶିକ୍ଷକ ଶିକ୍ଷୟତ୍ରୀଙ୍କଠାରୁ ମାର୍ଗଦର୍ଶନ ନିଆଯାଇଥିଲା। ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ପ୍ରକାଶ କହିଛନ୍ତି ଯେ ଗୁରୁ ହେଉଛନ୍ତି ଏକ ସୁନ୍ଦର ସମାଜର ସାରଥୀ। ଗୁରୁ କୋମଳମତି ଶିଶୁଟିକୁ ବିଦ୍ୟା, ବୁଦ୍ଧି, ସଂସ୍କାର ପ୍ରଦାନ କରି ଏକ ସୁନ୍ଦର ସମାଜ ଗଢି ତୋଳିବାରେ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି। ତେଣୁ ସମସ୍ତ ଗୁରୁ ଆଦରଣୀୟ ଏବଂ ନମସ୍ୟ। ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସ ତରଫରୁ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ନିମନ୍ତେ ଗୁରୁ ଦକ୍ଷିଣା ସ୍ପେସିଆଲ ଅଫର ମାଧ୍ୟମରେ ସମସ୍ତ ଗୁରୁମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ସୁନାଗହଣାର ଗଢ଼ାମଜୁରୀରେ ଫ୍ଲାଟ ୫୦% ରିଆତି ଓ ହୀରାଗହଣାର ହୀରାମୂଲ୍ୟରେ ଫ୍ଲାଟ ୨୫ % ରିଆତି ଆଗାମୀ ୩୦ ପର୍ଯ୍ୟନ୍ତ ଅରୁନ୍ଧତୀର ସମସ୍ତ ଶାଖାମାନଙ୍କରେ ଉପଲବ୍ଧ।

## ଜିଏସ୍‌ଟି ହ୍ରାସ ଯୋଗୁ ବାଣିଜ୍ୟ ତ୍ୱରାନ୍ୱିତ ହେବ: ଆସୋଚାମ୍

ନୂଆଦିଲ୍ଲୀ,୫।୯ (ଏଜେନ୍ସି): କେନ୍ଦ୍ର ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସେପ୍ଟେମ୍ବର ୩ରେ ଆୟୋଜିତ ଜିଏସଟି ପରିଷଦର ୫୬ତମ ବୈଠକରେ ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ର ପାଇଁ ଏକ ସରଳୀକୃତ ଜିଏସଟି ବ୍ୟବସ୍ଥା ଅନୁମୋଦନ କରାଯାଇଛି। ଏହାର ଅଂଶରୂପ, ବିଭିନ୍ନ ପ୍ରମୁଖ ଶିଳ୍ପକ୍ଷେତ୍ରରେ ଉଲ୍ଲେଖନୀୟ ହାର ହ୍ରାସ କରାଯାଇଛି। ଚମଡା, ଜୋତା, କାଗଜ, ବୟନଶିଳ୍ପ, ହସ୍ତଶିଳ୍ପ, ଖେଳଣା, ପ୍ୟାକେଜିଂ ଓ ଲଜିଷ୍ଟିକ୍ସ ପରି ଅତ୍ୟାବଶ୍ୟକ ଶିଳ୍ପଗୁଡ଼ିକୁ ଏହି ସଂସ୍କାର ଅଧୀନରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ଜିଏସଟି ସଂସ୍କାର ସଂପର୍କରେ ଆସୋଚାମର ମହାସଚିବ ଶ୍ରୀ ମନୀଷ ସିଂଘଲ କହିଛନ୍ତି ଯେ, ଯେତେବେଳେ ଉପଭୋଗ ବୃଦ୍ଧି ପାଏ, ଏମଏସଏମଇ ସ୍ତରରେ ଉତ୍ପାଦିତ ଅନେକ ସାମଗ୍ରୀର ଚାହିଦା ମଧ୍ୟ ଅଧିକ ହେବ। ଏହା ସେମାନଙ୍କୁ ଲାଭ ଦେବ କାରଣ ସେମାନଙ୍କର ବ୍ୟବସାୟ ବୃଦ୍ଧି ପାଇବ।


### ଜିଏସ୍‌ଟି ହାର ହ୍ରାସ ପରେ...

## ମହଙ୍ଗା ହେବ ବିମାନ ଯାତ୍ରା

ନୂଆଦିଲ୍ଲୀ,୫।୯ (ଏଜେନ୍ସି): ବିଭିନ୍ନ ସାମଗ୍ରୀ ଏବଂ ସେବା ଉପରେ ଦ୍ରବ୍ୟ ଏବଂ ସେବା (ଜିଏସ୍‌ଟି) ହ୍ରାସ ପରେ ଏହାର ପ୍ରଭାବ ଏବେ ଦେଶରେ ବିମାନ ଯାତ୍ରା ମହଙ୍ଗା ହୋଇଛି। ଏଥିରେ ବିଶେଷ କଥା ହେଉଛି ପ୍ରିମିୟମ୍ ଇକୋନୋମି, ବିଜ୍‌ନେସ୍ ଏବଂ ପ୍ରଥମ ଶ୍ରେଣୀ ବିମାନ ଟିକଟ୍ ଏବେ ମହଙ୍ଗା ହୋଇପାରେ। କାରଣ ଏହା ଉପରେ ଜିଏସ୍‌ଟି ହାର ୧୨% ରୁ ୧୮ %କୁ ବୃଦ୍ଧି କରାଯାଇଛି। ଅପରପକ୍ଷେ ଇକୋନୋମି କ୍ଲାସ ଟିକଟ୍ ମୂଲ୍ୟରେ କୌଣସି ପରିବର୍ତ୍ତନ ହେବ ନାହିଁ। କାରଣ ଏହି ଶ୍ରେଣୀର ଟିକସ ଉପରେ ଜିଏସ୍‌ଟି ହାର କେବଳ ୫% ରହିବ। ଏହି ନୂତନ ନିୟମ ସେପ୍ଟେମ୍ବର ୨୨ରୁ କାର୍ଯ୍ୟକାରୀ ହେବ। ବିମାନ ଟିକଟ ମୂଲ୍ୟରେ ବର୍ତ୍ତମାନ ଏହି ପରିବର୍ତ୍ତନ ପରେ ଅନେକ ରେଳ ଯାତ୍ରୀ ଆଶଙ୍କାରେ ଯେ ଏସିଶ୍ରେଣୀ ଟିକଟ୍ ମୂଲ୍ୟ ମଧ୍ୟ ବୃଦ୍ଧି ପାଇବ କି ନାହିଁ।

ଜିଏସ୍‌ଟି ହାରରେ ପରିବର୍ତ୍ତନ ପରେ ବି ପ୍ରିମିୟମ୍ କୋଚ୍ ରେଳ ଟିକଟ୍ ଉପରେ ଜିଏସ୍‌ଟି ପୂର୍ବ ଭଳି ବର୍ତ୍ତମାନ ୫% ହିଁ ରହିବ। ଏଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଅଣ-ଏସି ଶ୍ରେଣୀ (ଯେପରିକି ସ୍ଲିପର ଏବଂ ୨ଏସ୍) ଟିକଟ ଉପରେ ଜିଏସ୍‌ଟି ବର୍ତ୍ତମାନ ଲାଗୁ ହୋଇନାହିଁ। ଭବିଷ୍ୟତରେ ମଧ୍ୟ ଏହି ଶ୍ରେଣୀର ରେଳ ଟିକଟରେ ଜିଏସ୍‌ଟି ଲାଗୁ ହେବ ନାହିଁ। ଏସି ଶ୍ରେଣୀ (୩ଏସି, ୨ଏସି, ୧ଏସି,ଏସି ଚେୟାର କାର୍) ରେଳ ଟିକଟ ଉପରେ ୫% ଜିଏସ୍‌ଟି ଲାଗୁ କରାଯାଉଥିବାବେଳେ ଭବିଷ୍ୟତରେ ମଧ୍ୟ ଏହି ସମାନ ଟିକସ ହାର ଜାରି ରହିବ।

- ଜିଏସ୍‌ଟି ହାର ୧୨% ରୁ ୧୮ %କୁ ବୃଦ୍ଧି
- ରେଳ ଟିକଟରେ ଜିଏସ୍‌ଟି ହାର ଅପରିବର୍ତ୍ତିତ




ଏ ସମ୍ପର୍କରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବିମଲ ଜୈନ କହିଛନ୍ତି, ବିମାନ ଟିକଟ ଉପରେ ଜିଏସ୍‌ଟି ଯାହା ବର୍ତ୍ତମାନ ୧୨% (ଇକୋନୋମି କ୍ଲାସ୍ ବ୍ୟତୀତ) ରହିଛି, ସେପ୍ଟେମ୍ବର ୨୨ରୁ ତାହା ୧୮ %କୁ ବୃଦ୍ଧି ପାଇବ। ଯଦି ଆପଣ ସେପ୍ଟେମ୍ବର ୨୨ ପୂର୍ବରୁ ଟିକଟ ବୁକ୍ କରନ୍ତି ଏବଂ ପେମେଣ୍ଟ ଦିଅନ୍ତି, କିନ୍ତୁ ଯଦି ଆପଣଙ୍କ ଯାତ୍ରା ପରେ କରନ୍ତି ତେବେ ସେହି ଟିକଟ ଉପରେ କେବଳ ୧୨% ଜିଏସ୍‌ଟି ଲାଗୁ ହେବ। ସେହିପରି ଇକୋନୋମି କ୍ଲାସ ବିମାନ ଟିକଟ୍ ଉପରେ ଜିଏସ୍‌ଟି ୫% ଜାରି ରହିବ ଏବଂ ଏଥିରେ ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍ (ଆଇଟିସି) ଉପଲବ୍ଧ ହେବ ନାହିଁ। କିନ୍ତୁ ଇକୋନୋମି ବ୍ୟତୀତ ଅନ୍ୟ ଶ୍ରେଣୀର ଟିକଟ୍ ଉପରେ ଜିଏସ୍‌ଟି ୧୮ %କୁ ବୃଦ୍ଧି ପାଇବ, ଯେଉଁଥିରେ ବିମାନ କମ୍ପାନୀଗୁଡ଼ିକ ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍‌ର ଲାଭ ଉଠାଇପାରିବେ। ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଏଫ୍‌ଏକ୍ୟୁର ୫୯ ନମ୍ବରରେ ଏହା ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଛି।

## ମହିଳା ଉଦ୍ୟୋଗୀଙ୍କ ପାଇଁ ଭୋକାଲ୍-ଫର-ଲୋକାଲ ରିଟେଲ୍ ଷ୍ଟୋର୍ 'ଓଡି ସୋସିଆଲ' ଉଦ୍‌ଘାଟିତ

ଭୁବନେଶ୍ୱର,୫।୯ (ସମିସ): ମହିଳା ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବା ଏବଂ "ଭୋକାଲ୍ ଫର ଲୋକାଲ" ଆନ୍ଦୋଳନକୁ ସୁଦୃଢ଼ କରିବା ପାଇଁ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ, ଓଡି ସୋସିଆଲ୍ ଓଡ଼ିଶାରେ ଏହାର ପ୍ରଥମ ପ୍ରକାରର ରିଟେଲ ଆଉଟଲେଟ୍ ଆରମ୍ଭ ହୋଇଛି। ଏହି ପଦକ୍ଷେପ ମହିଳା ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକୁ ଗୋଟିଏ ଛାତ ତଳେ ଏକାଠି କରିବ, ସେମାନଙ୍କୁ ସେମାନଙ୍କର ଉତ୍ପାଦ ପ୍ରଦର୍ଶନ ଏବଂ ବିକ୍ରି କରିବା ପାଇଁ ଏକ ସାମୂହିକ ପ୍ଲାଟଫର୍ମ ପ୍ରଦାନ କରିବ। ଏହି ଫ୍ଲାଗସିପ୍ ଷ୍ଟୋରଟି ଅବସରପ୍ରାପ୍ତ ଆଇଏଏସ ଅଧିକାରୀ ଆରତୀ



ଆହୁଜାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। କଳା, ହସ୍ତଶିଳ୍ପ, ବୟନଶିଳ୍ପ, ଅଳଙ୍କାର, ଗୃହ ସାଜସଜ୍ଜା, ଜୈବିକ ଉତ୍ପାଦ, ପୋଷାକ, ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ସାମଗ୍ରୀ, ସୌନ୍ଦର୍ଯ୍ୟ ଉତ୍ପାଦ, ଖାଦ୍ୟ, କର୍ପୋରେଟ୍ ଉପହାର, ସୌନ୍ଦର୍ଯ୍ୟ ସେବା ଏବଂ ଅନ୍ୟାନ୍ୟ। ଏହି ପଦକ୍ଷେପ ସୁକୀର୍ତ୍ତୀ ପଟ୍ଟନାୟକ ଦୃଷ୍ଟିକୋଣ ଏବଂ ସୋନିକା ପ୍ରଧାନଙ୍କ ସହଯୋଗ ରହିଛି। ଓଡି ସୋସିଆଲ ପ୍ରତିଷ୍ଠାତାମାନେ କହିଛନ୍ତି, କେବଳ ଏକ ରିଟେଲ ଆଉଟଲେଟ ନୁହେଁ, ଏହା ଏକ ଆନ୍ଦୋଳନ।

## ରୁପା ଅଳଙ୍କାର ଏବଂ ହସ୍ତତନ୍ତ ଶାଢ଼ିର ନୂଆ ଠିକଣା 'ହିୱାନା ଏବଂ ମମତା ଡୋରି'

ଭୁବନେଶ୍ୱର, ୫।୯ (ସମିସ): ରୁପା ଅଳଙ୍କାର ବ୍ରାଣ୍ଡ ହିୱାନା ଏବଂ ନୂତନ ଯୁଗର ହସ୍ତତନ୍ତ ଲେବଲ୍ ମମତା ଡୋରି ମିଳିତ ଭାବେ ନିଜର ଚମତ୍କାର ରୂପା ଅଳଙ୍କାର ଓ ଉତ୍କୃଷ୍ଟ ହସ୍ତତନ୍ତ ଶାଢ଼ିର ସଦ୍ୟତମ ସଂଗ୍ରହ ସହିତ ଭୁବନେଶ୍ୱର ପଟିଆ (କୋଏଲ କ୍ୟାମ୍ପସ ସମ୍ମୁଖ) ଠାରେ ନୂତନ ସୋରୁମ ର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଏମଏସଏମଇ ଉନ୍ନୟନ ପ୍ରତିଷ୍ଠାନ



ବିଭାଗର ନିର୍ଦ୍ଦେଶକ ପି. କେ ଗୁପ୍ତାଙ୍କ ସମେତ ବିଶିଷ୍ଟ ଅତିଥିମାନେ ଯୋଗ ଦେଇଥିଲେ। ଓଡ଼ିଶା ରପ୍ତାନି ପ୍ରୋତ୍ସାହନ ଓ ମାର୍କେଟିଂ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର( ଓଏଏସ୍), ଓସିମ୍‌ର ଅଧ୍ୟକ୍ଷ ଗୌରୀଶଙ୍କର ଦାଶ, ଓସମେର ସାଧାରଣ ସମ୍ପାଦକ ସାତ୍ୱିକ ସ୍ୱାଇଁ, ଓସ୍‌ମିର ଚେୟାରଓମ୍ୟାନ୍ ଜ୍ୟୋତିର୍ମୟୀ ମହାନ୍ତି ଏବଂ ଓଡ଼ିଶା ଚାପ୍ଟର ଏଡି (ଫିଓ) ମୁଖ୍ୟ କମଳ କାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମମତା ଡୋରିର ପ୍ରତିଷ୍ଠାତା ମମତା ଦାସ କହିଲେ, ଏହି ପଦକ୍ଷେପ କେବଳ ଫ୍ୟାଶନ ପାଇଁ ନୁହେଁ ବରଂ ଏହା ଆମ ବୁଣାକାରଙ୍କ ଅକ୍ଲାନ୍ତ ପରିଶ୍ରମ ଏବଂ ପ୍ରଚେଷ୍ଟାକୁ ସମ୍ମାନ ଦେବା ଦିଗରେ ଆମର ଏକ ପ୍ରୟାସ। ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ମେହୁଲ ନନ୍ଦ କହିଛନ୍ତି, ସମସାମୟିକ ଡିଜାଇନ୍ ସହ କାଳଜୟୀ କାରିଗରୀକୁ ଯୁକ୍ତ କରିବା ହେଉଛି ଆମର ଲକ୍ଷ୍ୟ।

### ଜିଏସ୍‌ଟି ହାରରେ ବଡ଼ ପରିବର୍ତ୍ତନ

## ଜିଡିପି ବଢ଼ିବ, ମୁଦ୍ରାସ୍ଫୀତି କମିବ

ନୂଆଦିଲ୍ଲୀ,୫।୯ (ଏଜେନ୍ସି): ନିକଟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ହାରରେ ବଡ଼ ପରିବର୍ତ୍ତନ ପରେ ସାଧାରଣ ଘରୋଇ ସାମଗ୍ରୀ ଏବଂ ସେବା ଉପରୁ ଟିକସ ହ୍ରାସ ହେବ। ଏହାର ସିଧାସଳଖ ପ୍ରଭାବ ମୋଟ ଘରୋଇ ଉତ୍ପାଦ (ଜିଡିପି) ଏବଂ ମୁଦ୍ରାସ୍ଫୀତି ଉପରେ ଦେଖିବାକୁ ମିଳିବ। ଜିଏସ୍‌ଟି ହାରରେ ହ୍ରାସ ଯୋଗୁ ଦେଶର ଜିଡିପି ବଢ଼ିବ ଏବଂ ମୁଦ୍ରାସ୍ଫୀତି କମିବ ବୋଲି ଦୁଇ ଏଜେନ୍ସି କହିଛନ୍ତି।

ଆଗାମୀ ଆର୍ଥିକବର୍ଷ (୨୦୨୫-୨୬) ରେ ଖୁଚୁରା ମୁଦ୍ରାସ୍ଫୀତି 0.65 ରୁ 0.75 ପ୍ରତିଶତ ହ୍ରାସ କରିପାରିବ। ଏସ୍‌ବିଆଇ ରିସର୍ଚ୍ଚର ଏକ ରିପୋର୍ଟ ଅନୁଯାୟୀ, ନୂତନ ଜିଏସ୍‌ଟି ନିୟମ ଲାଗୁ ହେବା ପରେ ଦେଶରେ ମୁଦ୍ରାସ୍ଫୀତି ହ୍ରାସ ପାଇବ। ଜିଏଓ୍ଟି ପରିଷଦର ୫୬ତମ ବୈଠକରେ ପୁରୁଣା ଚାରି-ସ୍ତରୀୟ ଟିକସ ସ୍ଥାନରେ ଏକ ଦୁଇ-ସ୍ତରୀୟ ଟିକସ ଗଠନକୁ ଅନୁମୋଦନ କରାଯାଇଛି। ଏହାସହିତ, କିଛି ବିଳାସପୂର୍ଣ୍ଣ ସାମଗ୍ରୀ ଏବଂ ସେବା ପାଇଁ ୪୦%ର ଏକ ସ୍ୱତନ୍ତ୍ର ଟିକସ ହାର ସ୍ଥିର କରାଯାଇଛି। ସେବା ଉପରେ ଜିଏସ୍‌ଟି ହାରକୁ ଯୁକ୍ତିଯୁକ୍ତ କରିବା ଦ୍ୱାରା ଅନ୍ୟାନ୍ୟ ସାମଗ୍ରୀ ଏବଂ ସେବା ଉପରେ ଖୁଚୁରା ମୁଦ୍ରାସ୍ଫୀତି ୦.୪୦ ରୁ ୦.୪୫ ପ୍ରତିଶତ ହ୍ରାସ ପାଇବ। ଏଥିରେ, ଗ୍ରାହକମାନେ ୫୦ ପ୍ରତିଶତ ଲାଭ ପାଇବେ ବୋଲି ଆକଳନ କରାଯାଇଛି। ରିପୋର୍ଟ ଅନୁଯାୟୀ, ସାମଗ୍ରିକ ଭାବରେ, ୨୦୨୬-୨୭ ଆର୍ଥିକ ବର୍ଷରେ ଖୁଚୁରା ମୁଦ୍ରାସ୍ଫୀତି ୦.୬୫ ରୁ ୦.୭୫ ପ୍ରତିଶତ ହ୍ରାସ ପାଇପାରେ।




ନୂତନ ଜିଏସ୍‌ଟି ନିୟମ ଅତ୍ୟାବଶ୍ୟକୀୟ ସାମଗ୍ରୀ ଏବଂ ସେବାକୁ ଶସ୍ତା କରିବ, ଯାହା ମୁଦ୍ରାସ୍ଫୀତି ହ୍ରାସ କରିବ ଏବଂ ସାଧାରଣ ଲୋକଙ୍କୁ ଲାଭ ଦେବ।

ସେହିପରି ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି )ହାରରେ ହ୍ରାସ ଦେଶର ଅର୍ଥନୀତି ଉପରେ ପ୍ରଭାବର ମୂଲ୍ୟାଙ୍କନ ଆରମ୍ଭ ହୋଇଛି। ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କର ଏକ ରିପୋର୍ଟ ଅନୁଯାୟୀ, ଜିଏସ୍‌ଟି ହ୍ରାସ ବାର୍ଷିକ ଆଧାରରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ରେ ୦.୧-୦.୧୬ ପ୍ରତିଶତ ବୃଦ୍ଧି ଏବଂ ବାର୍ଷିକ ଆଧାରରେ ମୁଦ୍ରାସ୍ଫୀତିରେ ୦.୪୦-୦.୬୦ ପ୍ରତିଶତ ହ୍ରାସ ଆଣିପାରେ। ଆର୍ଥିକ ବର୍ଷ ୨୦୨୫-୨୬ ମଧ୍ୟଭାଗରେ ଜିଏସ୍‌ଟି ହାର ହ୍ରାସ ଦ୍ୱାରା ଆର୍ଥିକ ନିଅଣ୍ଟ ଉପରେ ପ୍ରଭାବ ସୀମିତ ହେବ। ବ୍ୟାଙ୍କରବିଶ୍ଳେଷଣ ଅନୁଯାୟୀ, ଜିଏସ୍‌ଟି ହ୍ରାସ ରାଜସ୍ୱକୁ ୩୫,୦୦୦ କୋଟି ଟଙ୍କା (ଜିଡିପିର ୦.୧୦ ପ୍ରତିଶତ) ହ୍ରାସ କରିପାରିବ। ସେହି ସମୟରେ, ଜିଏସ୍‌ଟି ସେସ୍ ରୁ ସଂଗୃହିତ ରାଜସ୍ୱ ୩୦,୦୦୦ କୋଟି ଟଙ୍କା କିମ୍ବା ଜିଡିପର ୦.୦୮ ପ୍ରତିଶତ ବୃଦ୍ଧି ପାଇପାରିବ। ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷ ପାଇଁ ଆର୍ଥିକ ନିଅଣ୍ଟ, ମୋଟ ଘରୋଇ ଉତ୍ପାଦ ଏବଂ ମୁଦ୍ରାସ୍ଫୀତି ପୂର୍ବାନୁମାନ ବଜାୟ ରଖିଛି।

ବ୍ୟାଙ୍କ ବିଶ୍ଳେଷଣ କହୁଛି ଯେ ପ୍ରତ୍ୟକ୍ଷ ଟିକସ/ଜିଏସ୍‌ଟି ସେସ୍ ସଂଗ୍ରହର ସ୍ଥିତି ଏପର୍ଯ୍ୟନ୍ତ ସ୍ପଷ୍ଟ ନୁହେଁ। ସେହିପରି, ଆମେରିକାର ଶୁଳ୍କକୁ ଦୃଷ୍ଟିରେ ରଖି, ରପ୍ତାନିକାରୀମାନଙ୍କୁ ଆର୍ଥିକ ସହାୟତା ଯୋଗାଇବା ଆବଶ୍ୟକ। ବିଶ୍ଳେଷଣ କହୁଛି ଯେ ଚଳିତ ଆର୍ଥିକବର୍ଷରେ ପରୋକ୍ଷ ଟିକସ ସଂଗ୍ରହ ୧.୧୫ ଲକ୍ଷ କୋଟି ଟଙ୍କା ହ୍ରାସ ପାଇପାରେ, ଯାହା ଜିଡିପିର ୦.୩୨ ପ୍ରତିଶତ ସହିତ ସମାନ ହ୍ରାସ ହେବ। ଏହି ହ୍ରାସରେ କର୍ପୋରେଟ୍ ଟିକସରେ ୧୫ ହଜାର କୋଟି ଟଙ୍କା ଏବଂ ବ୍ୟକ୍ତିଗତ ଆୟକରରେ ୧ ଲକ୍ଷ କୋଟି ଟଙ୍କା ହ୍ରାସ ଅନ୍ତର୍ଭୁକ୍ତ।

## ଟିପିସିଓଡିଏଲ୍ ପକ୍ଷରୁ ପୁରୀରେ ଏପିଏସ୍‌ସିସି-ବିବିଏସ୍‌ଆର୍-୨ ଉଦ୍‌ଘାଟିତ



ଭୁବନେଶ୍ୱର,୫।୯ (ସମିସ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ରାଜ୍ୟର ବିଦ୍ୟୁତ୍ ଣ୍ଟନ ବ୍ୟବସ୍ଥାର ସୁଦୃଢ଼ୀକରଣ ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରି ପୁରୀର ତାଳବଣିଆଠାରେ ନୂଆ ଏରିଆ ପାୱାର ସିଷ୍ଟମ କଣ୍ଟ୍ରୋଲ୍ ସେଣ୍ଟର୍ (ଏପିଏସ୍‌ସିସି-ବିବିଏସ୍‌ଆର୍-୨)ର ଉଦ୍‌ଘାଟିତ ହୋଇଯାଇଛି। ଏହି କେନ୍ଦ୍ରକୁ ପୁରୀର ମାନ୍ୟବର ବିଧାୟକ ସୁନୀଲ କୁମାର ମହାନ୍ତି ଉଦଘାଟନ କରିଥିବାବେଳେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ ଓ କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏପିଏସ୍‌ସିସି-ବିବିଏସ୍‌ଆର୍-୨ର ଶୁଭାରମ୍ଭ ବିତରଣ ପରିଚାଳନାର ଆଧୁନିକୀକରଣ ଓ ଗ୍ରାହକ ସେବାରେ ଉନ୍ନତି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟକୁ ଦର୍ଶାଉଛି। ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଶ୍ରୀ ଅରଭିନ୍ଦ୍ ସିଂହ କହିଛନ୍ତି ଯେ, "ଆମ ବିଦ୍ୟୁତ୍ ନେଟ୍‌ୱର୍କକୁ ସୁଦୃଢ଼ କରିବା ଏବଂ ଗ୍ରାହକ ସେବାରେ ଉନ୍ନତି ଆଣିବା ଦିଗରେ ଏପିଏସ୍‌ସିସି-ବିବିଏସ୍‌ଆର୍-୨ର ଉଦଘାଟନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

## ଆଜିର ରାଶିଫଳ

**ମେଷ:** ଆଜିର ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ପରିଶ୍ରମ ଅନୁସାରେ ଫଳ ମିଳିବ। ମାନସମ୍ମାନ ବୃଦ୍ଧି ପାଇବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ବୃଷ:** ଦୂର ଯାତ୍ରା ଯୋଗ ଅଛି। ଯାନବାହନ କିଣିପାରନ୍ତି। ନିବେଶରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** କ୍ୟାରିୟରକୁ ଗୁରୁତ୍ୱ ଦେବେ। ମହିଳାମାନେ ଅଳଙ୍କାର କିଣାକିଣିରେ ସମୟ ଅତିବାହିତ କରିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିପାରେ। ଆୟ ଅନୁସାରେ ବ୍ୟୟ ହେବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ନୂତନ ଜମି କ୍ରୟ କରିପାରନ୍ତି। ପରିବାର ସହିତ ହସଖୁସିର ସମୟ ବିତାଇବେ। ଜୀବନସାଥୀଙ୍କ ସହଯୋଗ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେଇପାରେ। ଘରେ ପୂଜାପାଠ ଆୟୋଜନ କରିବେ। ଆୟର ନୂଆ ଅବସର ପ୍ରାପ୍ତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିପାରେ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଦୀର୍ଘ ଦିନର ଆଶା ପୂରଣ ହେବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଉଧାର ଟଙ୍କା ଫେରି ପାଇବେ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ରାଜନେତାଙ୍କ ପାଇଁ ଦିନଟି ଭଲ। ଅଫିସ୍ କାମ ପାଇଁ ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି।

## ଆଜିର ଇତିହାସ

- ୧୯୧୬- ପ୍ରଥମ ସୁପର୍ ମାର୍କେଟ୍ ଆମେରିକାର ଟେନେସିରେ ଖୋଲିଲା।
- ୧୯୪୮- ଜୁଲିଆନା ନେଦରଲ୍ୟାଣ୍ଡର ମହାରାଣୀ ହେଲେ।
- ୧୯୭୫: ତୁର୍କୀରେ ହୋଇଥିବା ଭୂମିକମ୍ପରେ ୨୦୦୦ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା।
- ୧୯୯୭- ସପ୍ତାହେ ଧରି ଶୋକ ପାଳନ ପରେ ଯୁବରାଣୀ ଡାଏନାଙ୍କୁ ବ୍ରିଟେନ୍ ସହ ବିଶ୍ୱବାସୀ ଶେଷ ବିଦାୟ ଦେଇଥିଲେ।




### ଭିନ୍ନ ଜଣେ ବ୍ୟକ୍ତି

# କଳରେ ଜାକିଛନ୍ତି ୧୫୦ରୁ ଅଧିକ ପିନ୍

ଅନେକ ଲୋକ ଅଛନ୍ତି ଯେଉଁମାନେ ସେମାନଙ୍କର ବଦଭ୍ୟାସ ପାଇଁ ମଧ୍ୟ ଚର୍ଚ୍ଚାରେ ରହିଥାନ୍ତି। ସେମିତି ଜଣେ ବ୍ୟକ୍ତି ହେଲେ, ମଧ୍ୟପ୍ରଦେଶ ସତନାର ସଞ୍ଜୟ ବିଶ୍ୱକର୍ମା। ୪୫ ବର୍ଷୀୟ ସଞ୍ଜୟ ପାଟିକଳରେ ୧୫୦ରୁ ଅଧିକ ପିନ୍ ଜାକି ରଖିଥାନ୍ତି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏପରି କରିବା ସତ୍ତ୍ୱେ ତାଙ୍କର ଖାଦ୍ୟପେୟରେ କୌଣସି ସମସ୍ୟା ହୋଇନାହିଁ କି ତାଙ୍କର ଦନ୍ତଜନିତ ସମସ୍ୟା ମଧ୍ୟ ନାହିଁ। ତେବେ ଏନେଇ ସଞ୍ଜୟଙ୍କ କହିବା କଥା, 'ପାନରେ ଚୂନ ଅଧିକ ହୋଇଗଲେ କଳ ଖାଇଯିବା ଆଶଙ୍କା ଥାଏ। ପିନ୍ ଥିଲେ ପାଟି ଭିତରେ ଏଭଳି ସମସ୍ୟା ଉପୁଜେ ନାହିଁ।' ସଞ୍ଜୟ ୧୨ ବର୍ଷ ବୟସରୁ ପାନ ଖାଇବା ଆରମ୍ଭ କରିଥିଲେ। ପାନ ଖାଇବା ସମୟରେ ସେ ଦାନ୍ତରେ ଲାଖି ରହୁଥିବା ଗୁଆକୁ କାଢ଼ିବା ପାଇଁ ଦିଆସିଲି କିମ୍ବା ଧୂପକାଠିକୁ ବ୍ୟବହାର କରୁଥିଲେ। ହେଲେ ଏହା ଜଲ୍‌ଦି ଭାଙ୍ଗିଯାଉଥିଲା। ଏହାର ବିକଳ୍ପ ଭାବେ ସେ ପିନ୍‌କୁ ବାଛିଥିଲେ। ଧୀରେ ଧୀରେ ସେ ପିନ୍‌କୁ ପାଟିରେ ଜାକି ରଖିବା ଆରମ୍ଭ କଲେ। ଏହା ତାଙ୍କର ଅଭ୍ୟାସରେ ପରିଣତ ହୋଇଥିଲା। ଦିନକୁ ଦିନ ଏହି ପିନ୍ ସଂଖ୍ୟା ବଢ଼ିଲା। ତାଙ୍କ କହିବାନୁଯାୟୀ, ସେ ଏଥିପାଇଁ କେବେହେଲେ ପିନ୍ କିଣି ନାହାନ୍ତି। ସେ ଡ୍ରେସ୍ ଦୋକାନ, ଅଫିସ୍‌ଗୁଡ଼ିକରୁ ପିନ୍ ଲୁଚାଇ ନେଇ ଆସନ୍ତି। ସମୟ କ୍ରମେ ତାଙ୍କ ପାଖରେ ପିତ୍ତଳ, ଷ୍ଟିଲ୍, ଲୁହା ସମେତ ବିଭିନ୍ନ ଡିଜାଇନ୍‌ର ପିନ୍ ବଢ଼ିବାକୁ ଲାଗିଲା। ଲୋକେ ତାଙ୍କୁ ଏବେ ତାଙ୍କର ଏହି ସ୍ୱଭାବ ପାଇଁ ଜାଣୁଛନ୍ତି। ତାଙ୍କର ଏହି ନିଆରା ଅଭ୍ୟାସ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଦାନ୍ତଘଷିବା, ଭୋଜନ ଏପରିକି ଗାଧୋଇବା ସମୟରେ ମଧ୍ୟ କଳରେ ସେ ପିନ୍ ଜାକିଥାନ୍ତି। କିଛି ବର୍ଷ ପୂର୍ବେ କିଛି ଗଣମାଧ୍ୟମ ପ୍ରତିନିଧି ତାଙ୍କୁ ଜବଲପୁର ଚିକିତ୍ସାଳୟକୁ ନେଇ ତାଙ୍କ ପାଟିର ଯାଞ୍ଚ କରାଇଥିଲେ। ଡାକ୍ତରମାନେ ତାଙ୍କୁ ଦେଖି ବିସ୍ମିତ ହୋଇଥିଲେ। ସେ ଯେଉଁ କଳରେ ପାନ ଖାଉଥିଲେ ସେହି କଳ ତାଙ୍କର ଖାଇ ଯାଇଥିଲା। ହେଲେ ଯେଉଁ କଳରେ ସେ ପିନ୍ ଜାକିଥିଲେ ସେଥିରେ କୌଣସି ସମସ୍ୟା ନ ଥିଲା। ତାହା ସମ୍ପୂର୍ଣ୍ଣ ସୁରକ୍ଷିତ ଥିଲା। ପ୍ରଥମେ ପ୍ରଥମେ ତାଙ୍କର ଏପରି ଅଭ୍ୟାସ ଦେଖି ସଞ୍ଜୟଙ୍କ ପିତାମାତା ବିରକ୍ତ ହେଉଥିଲେ। ଧୀରେ ଧୀରେ ସେମାନେ ଏହାକୁ ଅଣଦେଖା କରି ଦେଇଥିଲେ। ସେହିପରି ସଞ୍ଜୟଙ୍କ କହିବାନୁଯାୟୀ ସ୍କୁଲ୍, କଲେଜ ସମୟରେ ସେ ତାଙ୍କର ଏହି ଅଭ୍ୟାସକୁ କାହାରିକୁ ଜଣାଇ ନ ଥିଲେ। ଏବେ କିନ୍ତୁ ଲୋକେ ତାଙ୍କୁ ଏବାବଦରେ ଖୁଲମ୍‌ଖୁଲ୍ଲା ପଚାରୁଛନ୍ତି।

# ଆସିବ 'ଫୋର୍ସ ୩'



ବଲିଉଡ୍ ଅଭିନେତା ଜନ୍ ଆବ୍ରାହମ୍‌ଙ୍କ ଆକ୍ସନ୍‌ଭିତ୍ତିକ ଚଳଚ୍ଚିତ୍ର 'ଫୋର୍ସ' ଓ 'ଫୋର୍ସ ୨' ଦୁଇଟି ଯାକ ଫିଲ୍ମ ବକ୍ସ ଅଫିସ୍‌ରେ ହିଟ୍ ହୋଇଛି। ଏହି ଦୁଇଟି ଫିଲ୍ମରେ ଜନ୍ ଦମ୍‌ଦାର୍ ଅବତାରରେ ନଜର ଆସିଥିଲେ। ଏହାର ଦ୍ୱିତୀୟ ପାର୍ଟ ୨୦୧୬ରେ ଆସିଥିଲା। ସେବେଠାରୁ ଦର୍ଶକେ ଏହି ସିରିଜ୍‌ର ତୃତୀୟ ଫିଲ୍ମକୁ ଅପେକ୍ଷା କରିଛନ୍ତି। ଖୁବ୍‌ଶୀଘ୍ର ଦର୍ଶକେ ଏହି ସିରିଜ୍‌ର ତୃତୀୟ ଫିଲ୍ମ ଦେଖିବାକୁ ପାଇବେ ବୋଲି ଜଣାପଡ଼ିଛି। ଏହି ଫିଲ୍ମ ମାଧ୍ୟମରେ ଜନ୍ ଏସିପି ଯଶବର୍ଦ୍ଧନ ସିଂହ ଭୂମିକାରେ ପୁଣିଥରେ ଦର୍ଶକଙ୍କ ନିକଟକୁ ଫେରିବେ। 'ଖାକି- ଦ ବିହାର ଚାପ୍ଟର' ୱେବ୍ ସିରିଜ୍ ନିର୍ଦ୍ଦେଶନା ଦେଇଥିବା ଭବ୍ୟ ଧୂଳିଆଙ୍କ ସହ ଜନ୍ ଏହି ଫିଲ୍ମର କାମ ମଧ୍ୟ ଆରମ୍ଭ କରିଦେଇଛନ୍ତି। ଚଳିତବର୍ଷ ଶେଷ ଆଡ଼କୁ ଏହାର ସୁଟିଂ ଆରମ୍ଭ ହୋଇପାରେ। 'ଫୋର୍ସ' ସିରିଜ୍‌ର ଅନ୍ୟ ଦୁଇଟି ଫିଲ୍ମ ଭଳି ଜନ୍ ଏଥିରେ ହିରୋ ଭୂମିକାରେ ଦେଖାଯିବେ। ତେବେ ଏଥିରେ ଖଳନାୟକ ଭୂମିକା ପାଇଁ ସେ ଜଣେ ଭଲ କଳାକାର ସନ୍ଧାନରେ ଅଛନ୍ତି। ଜନ୍‌ଙ୍କ କାମ କଥା କହିବାକୁ ଗଲେ ସେ ଶେଷ ଥର ପାଇଁ 'ତେହରାନ୍' ଫିଲ୍ମରେ ନଜର ଆସିଥିଲେ। ଏହା ଓଟିଟି ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସରେ ରିଲିଜ୍ ହୋଇଥିଲା।

ବାଇଗଣକୁ କେବଳ ଭାରତ ନୁହେଁ, ବିଶ୍ୱର ବିଭିନ୍ନ ଦେଶର ଲୋକେ ଖାଆନ୍ତି। ଏହି କ୍ରମରେ ଆମେରିକାର ଜଣେ ବ୍ୟକ୍ତି ଏକ ବିଶାଳକାୟ ବାଇଗଣ ଫଳାଇ ଗିନିଜ୍ ବିଶ୍ୱ ରେକର୍ଡ କରିଛନ୍ତି। ଏରିକ୍ ଗନସ୍ଟ୍ରୋମ ନାମକ ଏହି ଚାଷୀ ଜଣକ ଆମେରିକାର ପେନସିଲଭାନିଆରେ ରୁହନ୍ତି। ସେ ଏକ ବିଲେଇ ଓଜନର ବାଇଗଣ ଫଳାଇଛନ୍ତି। ଏହାର ଓଜନ ୩.୯୬୯ କେଜି ରହିଛି। ଗତ ଅଗଷ୍ଟ ୧୯ରେ ଗନସ୍ଟ୍ରୋମ ଏହି ରେକର୍ଡ କରିଥିଲେ। ଗ୍ରେଟ୍ ପମ୍ପକିନ୍ କମନୱେଲଥର ବିଶାଳ ଫଳ ଓ ପନିପରିବା ବିଶେଷଜ୍ଞ ଏହି ବାଇଗଣକୁ ଓଜନ କରି ଏହାକୁ ବିଶ୍ୱର ସବୁଠୁ ଓଜନଦାର ବାଇଗଣ ବୋଲି ଘୋଷଣା କରିଛନ୍ତି। ଗନସ୍ଟ୍ରୋମ ବିଗତ ତିନିବର୍ଷ ହେଲାଣି ତାଙ୍କ ଜମିରେ ଏଭଳି ବିଶାଳକାୟ ପନିପରିବା ଓ ଫଳ ଚାଷ କରି ଆସୁଛନ୍ତି। ଏହା ଏବେ ତାଙ୍କର ଏକ ନିଶା ପାଲଟିଛି। ଦୁଇ ଦଶନ୍ଧି ପୂର୍ବରୁ ସେ ପ୍ରଥମେ ବିଶାଳକାୟ କଖାରୁ ଫଳାଇବା ଆରମ୍ଭ କରିଥିଲେ। ଏହି ସମୟରେ ସେ ଅନେକଗୁଡ଼ିଏ ବିଶାଳକାୟ କଖାରୁ ତାଙ୍କ ଜମିରେ ଫଳାଇଥିଲେ। ତେବେ ଗନସ୍ଟ୍ରୋମ ବିଶ୍ୱ ରେକର୍ଡ ପାଇଁ ଦୁଇଟି ବାଇଗଣ ନେଇଥିଲେ। ଗୋଟିକର ଓଜନ ୩.୯୦୦ କେଜି ହୋଇଥିବାବେଳେ ଅନ୍ୟଟି ୩.୯୬୯ ଓଜନର ଥିଲା। ତେବେ ଚଳିତବର୍ଷ ବାରମ୍ବାର ପାଗ ବଦଳିବାରୁ ଗନସ୍ଟ୍ରୋମଙ୍କୁ ଏହି ବାଇଗଣ ଫଳାଇବାକୁ ବହୁତ କଷ୍ଟ କରିବାକୁ ପଡ଼ିଥିଲା ବୋଲି ସେ କହିଛନ୍ତି।



## ସହଜେ ଶରତ କାଳ



ନିରଞ୍ଜନ ସାହୁ

ଶରତ ଆସିଲା ମରତ ପୁରକୁ
ସୁଷମା ଭଣ୍ଡାର ଧରି
ଶୋଭାପଣେ କିଏ ଶରତ ସହିତ
କଦାପି ହେବନି ସରି ।
ବରଷାର ଭାଉ ରହିବନି ଆଉ
ବାଟ ଭାଙ୍ଗିଯିବ ଚାଲି
ପଚରପଚର ଗାଁ ଦାଣ୍ଡ ଆଉ
ହୋଇବନି ଆଜିକାଲି ।
ବଉଦର ରଙ୍ଗ କଳା ବଦଳରେ
ଧୀରେ ହୋଇଯିବ ଧଳା
ସରସୀର ଜଳ କାଚକେନ୍ଦୁ ପରି
ଦିଶିବ ଘୁମର କଳା ।
ସୁନୀଳ ଆକାଶ ସୁନ୍ଦର ଦିଶିବ
ଧଳା ମେଘ ଭାସୁଥିବ
ତୋଫା ଜହ୍ନ ତହିଁ ବାଦଲ ଉହାଡୁ
ଉଙ୍କି ମାରି ଲୁଚିଯିବ ।
ନଈର ପଠାରେ କାଶତଣ୍ଡୀ ଫୁଟି
ଦିଶିବ ଅପୂର୍ବ ଶୋଭା
ଶ୍ୟାମଳିମା ପାଟ ପିନ୍ଧି ବସୁନ୍ଧରା
ସାଜିଥିବ ମନଲୋଭା ।
ସରସୀରେ କଇଁ, ପଦ୍ମ ଫୁଟିଥିବେ
ଦେଖାଇ ଅପୂର୍ବ ଠାଣି
ଦେବୀ ଆଗମନ କରିବେ ଏକାଳେ
ଭକତଙ୍କ ମନ ଜାଣି ।
ଶରତ କାଳୀନ କୁସୁମ ଫୁଟିବେ
ସୁନ୍ଦର ଦିଶିବ ଧରା
ବାଡ଼ି ବଗିଚା ଯେ ପନିପରିବାରେ
ହୋଇଯାଇଥିବେ ଭରା ।
ଶରତ କାଳୀନ ପ୍ରାକୃତିକ ଶୋଭା
ସଭିଙ୍କର ଜିଣେ ମନ
ଶରତ ସୁଷମା ବଡ଼ ଅନୁପମା
ଯୁଗେଯୁଗେ ପ୍ରତି ସନ ।■

ନିହଲ ପ୍ରସାଦ, ଢେଙ୍କାନାଳ
ମୋ- ୯୯୩୮୭୪୧୫୮୩



## ଦେଖାନ୍ତି ଆମକୁ ଆଲୋକ ପଥ



ସୁଜିତ କୁମାର ମିଶ୍ର

ଦେଖାନ୍ତି ଆମକୁ ଆଲୋକ ପଥ ଯେ
ଅନ୍ଧକାର କରି ଦୂର,
ସିଏ ଆମ ଗୁରୁ ଶିକ୍ଷାରେ ତାଙ୍କର
ଥାଏ ସମାଜର ସ୍ୱର ।
ହାତ ଧରି ଗୁରୁ ଶିଖାନ୍ତି ସଂସାରେ
ଶିକ୍ଷଣୀୟ କଥା ବହୁ,
ବଚନ ତାଙ୍କର କୋମଳ ଆଦର
ଭରିରହିଥାଏ ମହୁ ।
ଆକଟ କରନ୍ତି ପାଶେ ପାଶେ ରହି
ଆମ ହିତ ପାଇଁ ନିତି,
ଭୁଲ ଠିକ ସବୁ ବୁଝାଇ ଦିଅନ୍ତି
ଜାଳି ତାଙ୍କ ଜ୍ଞାନବତୀ ।
ଚଗଲା ହୋଇଲେ ଶ୍ରେଣୀ କକ୍ଷେ ଆମେ
ପିଠିରେ ବସାନ୍ତି ଛାଟ,
ଆମେ ଅରଜିଲେ ଯଶ ଓ କୀରତି
ଛାତି ତାଙ୍କ କୁଣ୍ଢେ ମୋଟ ।
ଆଶିଷ ଦିଅନ୍ତି ହୃଦୟରୁ ତାଙ୍କ
ଆପଣା ସନ୍ତାନ ପରି,
ଆମ ନାଆର ସେ ପରା ସେ ନାଉରୀ
ବିପଦକୁ ନିଜେ ବରି ।
ତୁମେ ପ୍ରେରଣାର ବାରିଧାରା ଆମ
ରହି ତୁମ ତପୋବନେ,
ତୁମ ଚରଣରେ ଗୁହାରି ମୋହର
ଘେନ ଭକ୍ତି ପ୍ରତିକ୍ଷଣେ ।■

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ-୭୬୮୩୮୬୭୭୪୨

## ସକାଳ ଶିଶୁ କୁଇଜ୍-୧୭୫

(୧) କ୍ଷେତ୍ରଫଳ ଦୃଷ୍ଟିରୁ ବିଶ୍ୱର ସବୁଠୁ ବଡ଼ ଦେଶର ନାମ କ'ଣ?
ଉତ୍ତର : ____________

(୨) କୋଟା ସହର କେଉଁ ନଦୀ କୂଳରେ ଅବସ୍ଥିତ?
ଉତ୍ତର : ____________

(୩) ଦୁଇ ଥର ନୋବେଲ ପୁରସ୍କାର ଜିତିଥିବା ପ୍ରଥମ ବ୍ୟକ୍ତି କିଏ ଥିଲେ?
ଉତ୍ତର : ____________

(୪) ଅୟପ୍ପା ମନ୍ଦିର ଭାରତର କେଉଁ ରାଜ୍ୟରେ ଅଛି?
ଉତ୍ତର : ____________

(୫) ମାନବ ଶରୀରର ସବୁ ଛୋଟ ଗ୍ରନ୍ଥିର ନାମ କ'ଣ?
ଉତ୍ତର : ____________

**ଗତ ସପ୍ତାହର କୁଇଜ୍ ବିଜେତା**
- ଦେବାଶିଷ କର, ଆଙ୍କପଦା, ଭଦ୍ରକ
- ଦେବାଶିଷ ବଡ୍ଜୁ, ବସ୍ତା, ବାଲେଶ୍ୱର
- ସୁନୀତା ସାହୁ, ମଞ୍ଚେଶ୍ୱର, ଭୁବନେଶ୍ୱର

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ଆମର ଯୋଗାଯୋଗ ଠିକଣା**
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

# ସୁମନ

## ଏକତା ହିଁ ବଳ





ଲଳିତ ମୋହନ ମିଶ୍ର

ଲଖାରି ଜଙ୍ଗଲରେ ଟୁମୁ ପେଚା ରହୁଥିଲା। ରାତି ହେଲେ ଖାଦ୍ୟ ଖୋଜିବାକୁ ଯାଉଥିଲା। ହଠାତ୍ ଦିନେ ସେ ଜଙ୍ଗଲରେ ତମ୍ବୁ ଟଣା ହୋଇଥିବାର ଦେଖିଲା। ତମ୍ବୁ ପାଖରେ ଗୋଟିଏ ଗାଡ଼ି । ଟୁମୁ ତମ୍ବୁକୁ ଦେଖି ଡରିଗଲା । ଭାବିଲା ଏହା ଆମ ପାଇଁ ବିପଦ । ସକାଳ ହେବା ପୂର୍ବରୁ, ସେ ଶବ୍ଦ କରି ସମସ୍ତଙ୍କୁ ଉଠାଇଲା । ଗାଡ଼ି ବିଷୟରେ ଅବଗତ କରାଇଲା । ବ୍ଲାକି ଭାଲୁ ମନୁଷ୍ୟମାନଙ୍କ ଆଚରଣ ବିଷୟରେ ପରିଚିତ । କାରଣ ସେ ଏକ ସର୍କସ ଦଳରୁ ଖସି ଆସି ଜଙ୍ଗଲରେ ରହୁଛି । ସେ ଦେଖିଲା କିଛି ଲୋକ ତମ୍ବୁ ଭିତରେ ଶୋଇଛନ୍ତି । ସେମାନଙ୍କ ପାଖରେ ବିଭିନ୍ନ ପ୍ରକାରର ହତିଆର ରହିଛି । ସେମାନେ ଗଛ କାଟିବାକୁ ଜଙ୍ଗଲକୁ ଆସିଛନ୍ତି । ଜ୍ୟାକିଂ ହରିଣ ଏକଥା ଶୁଣି ଥରି ଉଠିଲା । କହିଲା - ଯଦି ଗଛ କଟାଯାଏ, ତେବେ ଆମେ କେଉଁଠି ରହିବା? 'ମଣିଷ ବଡ଼ ସ୍ୱାର୍ଥପର। ତା'ର ଜଙ୍ଗଲି କାଠ ପ୍ରତି ଭାରି ଲୋଭ । ମନୁଷ୍ୟ ଗଛ କାଟି ନିଜକୁ କ୍ଷତି ପହଞ୍ଚାଉଛି । ଗଛରୁ ଜଙ୍ଗଲ ସୃଷ୍ଟି ହୁଏ, ଆମେ ପଶୁ ପକ୍ଷୀମାନଙ୍କ ରହିବା ପାଇଁ ସ୍ଥାନ ମିଳେ । ଗଛ ଦ୍ୱାରା ବର୍ଷା ହୁଏ । ବୃକ୍ଷର ମୂଳ ଉର୍ବର ମାଟିକୁ ଧରି ରଖେ। ବର୍ଷାରେ ଏହାକୁ ଧୋଇ ହେବାକୁ ଦିଏ ନାହିଁ। କେବଳ ଗଛରୁ ହିଁ ସ୍ୱଚ୍ଛ ବାୟୁ ମିଳିଥାଏ', ଚିକୁ ଠେକୁଆ କହିଲା। 'ଖାଦ୍ୟ, ଔଷଧ ଏବଂ ଅନ୍ୟାନ୍ୟ ଜିନିଷ ବୃକ୍ଷରୁ ହିଁ ମିଳିଥାଏ' ବୋଲି ଜମ୍ପି ମାଙ୍କଡ଼ କହିଲା। "ମଣିଷ କ'ଣ ଏସବୁ ବୁଝି ପାରୁନାହିଁ କି ଜାଣି ପାରୁନାହିଁ । ଆମେ ସେମାନଙ୍କୁ ଗଛ କାଟିବାକୁ ଦେବା ନାହିଁ" ଜମ୍ବୋ ହାତୀ ରାଗି କରି କହିଲା। " ସେମାନଙ୍କ ପାଖରେ ବନ୍ଧୁକ ଅଛି। ସେମାନେ ଆମକୁ ମାରି ଦେଇ ପାରିବେ" ବୋଲି ବ୍ଲାକି ଭାଲୁ କହିଲା। ଜମ୍ପି ମାଙ୍କଡ଼ ବହୁତ ସାହସୀ। ସେ ସମସ୍ତଙ୍କୁ କହିଲା,ଯଦି ଆମେ ଏପରି ଭୟଭୀତ ହୋଇ ପଡ଼ିବା ତେବେ କାମ କିଛି ହେବନାହିଁ। ଆମକୁ ଏକାଠି ଯୋଜନା କରିବାକୁ ପଡ଼ିବ । ଆମେ ଜଙ୍ଗଲକୁ ସୁରକ୍ଷିତ ରଖିବା। "ଯାହା କରୁଛ ଶୀଘ୍ର କର, ସେମାନେ ଉଠିଲେ ଗଛ କାଟିବା ଆରମ୍ଭ କରିଦେବେ" ବୋଲି ଜମ୍ବୋ କହିଲା। ଚିକୁ ଠେକୁଆ ମନରେ ଏକ ଯୋଜନା କଲା, ଯଦି ଏହି ହାତ-ହତିଆର ଆମର କରାୟତ ହୋଇଯିବ, ତେବେ ସେମାନେ କିଛି କରି ପାରିବେ ନାହିଁ । ସମସ୍ତଙ୍କୁ ଏହି କଥାଟି ପସନ୍ଦ ଆସିଲା। ସେହି ଅନୁସାରେ ସମସ୍ତେ କାମ କଲେ । ମଣ୍ଟୁ ମୂଷା ଓ କାନ୍ଦୁରୀ ବିରାଡ଼ି ନିଜ ଦାନ୍ତରେ ତମ୍ବୁକୁ ଟିକ୍ ଟିକ୍ କରି କାଟିଦେଲେ । ତମ୍ବୁଟି କଣା ହୋଇଯିବା ପରେ ବ୍ଲାକି ଭାଲୁ ଓ ଜମ୍ପି ମାଙ୍କଡ଼ ଭିତରେ ପଶି ବନ୍ଧୁକ ଏବଂ ହତିଆରଗୁଡ଼ିକୁ ଗୋଟି ଗୋଟି କରି ଜ୍ୟାକିଂ ହରିଣକୁ ବଢ଼ାଇ ଦେଲେ । ଜମ୍ବୋ ହାତୀ ତା'ର ଶୁଣ୍ଢରେ ସେଗୁଡ଼ିକୁ ନେଇ ନଦୀକୁ ଫିଙ୍ଗି ଦେଲା। କିଛି ସମୟ ପରେ ମଣିଷମାନଙ୍କର ନିଦ ଭାଙ୍ଗିଲା । ସମସ୍ତ ପଶୁ ତମ୍ବୁ ଚାରିପାଖରେ ଘେରି ରହିଥିବାର ଦେଖି ସେମାନେ ଭୟଭୀତ ହୋଇଗଲେ। ସେଥିରୁ ଜଣେ ବ୍ୟକ୍ତି କହିଲେ, ଶୀଘ୍ର ବନ୍ଧୁକ ଆଣ । କିନ୍ତୁ ବନ୍ଧୁକ ଏଠାରେ ନାହିଁ। ସେଗୁଡ଼ିକ ଗାଡିରେ । ପଶୁମାନଙ୍କୁ ଦେଖି ସେମାନେ ଭୟରେ ଥରୁଥିଲେ। ତା'ପରେ ବ୍ଲାକିର ଇଶାରାରେ ସମସ୍ତେ ମିଶି ମଣିଷମାନଙ୍କୁ ଆକ୍ରମଣ କଲେ। ମାଙ୍କଡ଼ମାନେ ସେମାନଙ୍କ ହାତ ଏବଂ ଗୋଡ଼ କାମୁଡ଼ି ଦେଲେ । ବିରାଡ଼ି ସେମାନଙ୍କ ନଖରେ ସେମାନଙ୍କୁ ରାମ୍ପି ପକାଇଲେ। ପକ୍ଷୀମାନେ ସବୁଠାରୁ ଅଧିକ ରାଗିଥିଲେ। କାରଣ ଗଛ କାଟିବା ଦ୍ୱାରା ସେମାନଙ୍କ ବସା ନଷ୍ଟ ହୋଇଯାଉଥିଲା। ସେମାନେ ସେମାନଙ୍କର ଥଣ୍ଟରେ ଆଖିକୁ ଆକ୍ରମଣ କଲେ। ମଣିଷମାନେ ଭୟରେ ଚିତ୍କାର କରିବାକୁ ଲାଗିଲେ। ତା'ପରେ ଜମ୍ବୋ ହାତୀ ସମସ୍ତଙ୍କୁ ଅଟକାଇଲା । ଆମେ ସେମାନଙ୍କୁ ମାରିବା ନାହିଁ । ସେମାନଙ୍କୁ ଏଠାରୁ ପଳାଇ ଯିବାକୁ ଦିଅ । ଯାହା ଫଳରେ ସେମାନଙ୍କର ଏହିପରି ଅବସ୍ଥା ଦେଖି ଆଉ କେହି ଏଠାକୁ ଆସିବାକୁ ସାହସ କରିବେ ନାହିଁ। ସମସ୍ତ ପଶୁ ଏବଂ ପକ୍ଷୀ ଏକ ସ୍ଥାନକୁ ଚାଲିଗଲେ। ମଣିଷମାନେ ଗାଡ଼ିରେ କୌଣସି ପ୍ରକାରେ ବସି ପଳାଇଗଲେ। ବ୍ଲାକି ଭାଲୁ କହିଲା, ଆମେ ଏକାଠି ହୋଇ ବୁଦ୍ଧିର ସହିତ କାର୍ଯ୍ୟ କରିବା ଦ୍ୱାରା ଶକ୍ତିଶାଳୀ ହୋଇପାରିଲେ ଏବଂ ସେମାନଙ୍କୁ ପରାସ୍ତ କଲେ। ଆମ ଜଙ୍ଗଲକୁ ଆମେ ସୁରକ୍ଷିତ ରଖି ପାରିଲେ । ତେଣୁ ଏକତା ହିଁ ବଳ ।■


ନୟାଗଡ଼
ମୋ- ୯୪୩୭୯୮୫୮୬୬





**ଗୌରୀ ପାଇକ**
ସପ୍ତମ ଶ୍ରେଣୀ
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ଚନ୍ଦନପାଲା, ନବରଙ୍ଗପୁର






**ଦମୟନ୍ତୀ ଟୁଡୁ**
ଚତୁର୍ଥ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଅଦାପାଳ, ମୟୂରଭଞ୍ଜ





**ପ୍ରୀତିରାଜ୍ ଦାସ**
ପଞ୍ଚମ ଶ୍ରେଣୀ
ସେଣ୍ଟ ଜାଭିୟର୍ସ ହାଇସ୍କୁଲ
ଜୋବ୍ରା, କଟକ





**ସାଇସ୍ୱରୂପ ମହାପାତ୍ର**
ତୃତୀୟ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ନିମାପଡ଼ା

● ଦୁଲୀପ୍ ଟ୍ରଫି ସେମିଫାଇନାଲ

# କେନ୍ଦ୍ରାଞ୍ଚଳର ଲଢୁଆ ଜବାବ

ବେଙ୍ଗାଲୁରୁ,୫।୯ (ଏଜେନ୍ସି): ଏଠାରେ ଚାଲିଥିବା ପଶ୍ଚିମାଞ୍ଚଳ ବିପକ୍ଷ ଦୁଲୀପ୍ ଟ୍ରଫିର ପ୍ରଥମ ସେମିଫାଇନାଲରେ କେନ୍ଦ୍ରାଞ୍ଚଳ ଲଢୁଆ ଜବାବ ଦେଇଛି। ପ୍ରଥମ ଇନିଂସରେ ପଶ୍ଚିମାଞ୍ଚଳର ୪୩୮ ରନ୍ ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା କେନ୍ଦ୍ରାଞ୍ଚଳ ୨ ୱିକେଟରେ ୨୨୯ ରନ୍ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଶୁଭମ ଶର୍ମା ୬୦ ଓ ଅଧିନାୟକ ରଜତ ପାଟିଦାର ୪୭ ରନ୍‌ରେ ଅପରାଜିତ ରହିଛନ୍ତି। ଉତ୍ତର-ପୂର୍ବାଞ୍ଚଳ ବିପକ୍ଷରେ ଦ୍ୱିଶତକ ହାସଲ କରିଥିବା ଡାନିସ ମାଲେୱର ୭୬ ଓ ଆୟୁଷ ପାଣ୍ଡେ ୪୦ ରନ୍‌ରେ ଆଉଟ ହୋଇଛନ୍ତି। ପୂର୍ବରୁ ତନୁସ କୋଟିଆନଙ୍କ ୭୬ ଓ ଅଧିନାୟକ ଶାର୍ଦ୍ଦୁଳ ଠାକୁରଙ୍କ ୬୪ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା ପଶ୍ଚିମାଞ୍ଚଳ ୪୩୮ ରନ୍‌ରେ ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଋତୁରାଜ ଗାଏକ୍ୱାଡ ସର୍ବାଧିକ ୧୮୪ ରନ୍ କରିଥିଲେ। କେନ୍ଦ୍ରାଞ୍ଚଳର ସାରାଂଶ ଜୈନ ଓ ହର୍ଷ ଦୁବେ ୩ଟି ଲେଖାଏଁ, ଖଲୀଲ ଅହମ୍ମଦ୍ ୨ଟି ୱିକେଟ ପାଇଥିଲେ।

■ ଦକ୍ଷିଣାଞ୍ଚଳର ବିଶାଳ ସ୍କୋର

ଉତ୍ତରାଞ୍ଚଳ ବିପକ୍ଷ ଦ୍ୱିତୀୟ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସରେ ୫୩୬ ରନ୍ କରି ଅଲଆଉଟ ହୋଇଯାଇଛି। ଦଳ ପକ୍ଷରୁ ତାମିଲନାଡୁ ଓପନର ଏନ୍ ଜଗଦୀଶନ ସର୍ବାଧିକ ୧୯୭ ରନ୍ କରି ମାତ୍ର ୩ ରନ୍ ଲାଗି ଦ୍ୱିଶତକରୁ ବଞ୍ଚିତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ତନୟ ତ୍ୟାଗରାଜନ (୫୮), ରିକି ଭୂଇ (୫୪) ଓ ଦେବଦତ୍ତ ପଡିକାଲ (୫୭) ଅର୍ଦ୍ଧଶତକ ହାସଲ କରିଥିଲେ। ଉତ୍ତରାଞ୍ଚଳ ପକ୍ଷରୁ ଯୁବ ସ୍ପିନ ଅଲରାଉଣ୍ଡର ନିଶାନ୍ତ ସିନ୍ଧୁଙ୍କୁ ସର୍ବାଧିକ ୫ଟି ଓ ଅଂଶୁଲ କାମ୍ବୋଜଙ୍କୁ ୨ଟି ୱିକେଟ ମିଳିଥିଲା।

# ଅବସରର ୩ ବର୍ଷ ପରେ ଟେଲରଙ୍କ ପ୍ରତ୍ୟାବର୍ତ୍ତନ

ଆପିଆ, ୫।୯ (ଏଜେନ୍ସି): ନ୍ୟୁଜିଲାଣ୍ଡର ମହାନ କ୍ରିକେଟର୍ ରସ୍ ଟେଲର୍ ଅବସର ନେବାର ୩ ବର୍ଷ ପରେ ନିଷ୍ପତ୍ତିରେ ୟୁ ଟର୍ନ ନେଇଛନ୍ତି। ୪୧ ବର୍ଷୀୟ ଟେଲର ପୁଣିଥରେ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ଟେଲର ଏଥର ନ୍ୟୁଜିଲାଣ୍ଡ ପାଇଁ ନୁହେଁ ବରଂ ଓସେନିଆର ଦ୍ୱୀପ ରାଷ୍ଟ୍ର ସମୋଆ ପାଇଁ ୨୦୨୬ ଟି-୨୦ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳିବେ। ଏଥିଲାଗି ଶୁକ୍ରବାର ଘୋଷିତ ୧୫ ଜଣିଆ ସମୋଆ ଦଳରେ ଟେଲରଙ୍କୁ ସୁଯୋଗ ଦିଆଯାଇଛି। ଟେଲରଙ୍କ ମା ସମୋଆର ନାଗରିକ ହୋଇଥିବାରୁ ତାଙ୍କୁ ସହଜରେ ଏହି ଦ୍ୱୀପରାଷ୍ଟ୍ରର ପାସପୋର୍ଟ ମିଳିଯାଇଥିଲା। ସେହିଭଳି ନ୍ୟୁଜିଲାଣ୍ଡ କ୍ରିକେଟ୍ ବୋର୍ଡର ନିୟମ ଅନୁଯାୟୀ, ଅବସରର ୩ ବର୍ଷ ଅର୍ଥାତ୍ 'କୁଲିଂ ଅଫ୍ ପିରିୟଡ' ପରେ ଜଣେ ଖେଳାଳି ଅନ୍ୟ ଦେଶରୁ ଖେଳିବାକୁ ଯୋଗ୍ୟ ହୋଇଥାଏ। ଯାହାକୁ ଟେଲର ପୂରଣ କରିଥିଲେ। ଉଲ୍ଲେଖଯୋଗ୍ୟ, ଟେଲର ୨୦୨୨ରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଇଥିଲେ। ୧୬ ବର୍ଷର କ୍ୟାରିୟରରେ ସେ ନ୍ୟୁଜିଲାଣ୍ଡ ପାଇଁ ୧୧୨ ଟେଷ୍ଟ, ୨୩୬ ଦିନିକିଆ ଓ ୧୦୨ ଟି-୨୦ ମ୍ୟାଚ୍ ଖେଳିଥିଲେ। ତିନୋଟିଯାକ ଫର୍ମାଟ୍‌ରେ ସେ ୧୮ ହଜାରରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ତାଙ୍କ ନାମରେ ମୋଟ୍ ୪୦ଟି ଶତକ ଲିପିବଦ୍ଧ ରହିଛି। ନ୍ୟୁଜିଲାଣ୍ଡର ଏକମାତ୍ର କ୍ରିକେଟର୍ ଭାବେ ସେ ୩ଟି ଯାକ ଫର୍ମାଟ୍‌ରେ ୧୦୦ରୁ ଊର୍ଦ୍ଧ୍ୱ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଥିଲେ।

# ଘରୋଇ ମାଟିରେ ଶେଷ ମ୍ୟାଚ୍ ଖେଳିଲେ ମେସି!


ବୁଏନ୍ସ ଆଇରେସ, ୫।୯ (ଏଜେନ୍ସି): ୨୦୨୬ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚରେ ଘରୋଇ ଆର୍ଜେଣ୍ଟିନା ୩-୦ ଗୋଲ୍‌ରେ ଭେନେଜୁଏଲାକୁ ପରାସ୍ତ କରିଛି। ଆର୍ଜେଣ୍ଟିନାର ମହାନ ଖେଳାଳି ଲିଓନେଲ୍ ମେସି ଏହି ମ୍ୟାଚରେ ୨ଟି ଗୋଲ୍ ଦେଇଥିଲେ। ବିଶ୍ୱକପ୍ ପୂର୍ବରୁ ଘରୋଇ ମାଟିରେ ଆର୍ଜେଣ୍ଟିନାର ଏହା ଶେଷ ମ୍ୟାଚ୍ ଥିଲା।



ଅଫିସିଆଲ୍ ଭାବେ ୩୮ ବର୍ଷୀୟ ମେସି ନିଜ ଅବସର ନେଇ କୌଣସି ଆନୁଷ୍ଠାନିକ ଘୋଷଣା କରିନାହାନ୍ତି। କିନ୍ତୁ ଘରୋଇ ମାଟିରେ ମେସିଙ୍କ ଏହା ଶେଷ ମ୍ୟାଚ୍ ଥିଲା ବୋଲି ଚର୍ଚ୍ଚା ଜୋର୍ ଧରିଛି। ସେହିଭଳି ମ୍ୟାଚ୍ ପୂର୍ବରୁ ମେସି ମଧ୍ୟ ବେଶ୍ ଭାବବିହ୍ୱଳ ହୋଇପଡ଼ିଥିଲେ। ତିନି ସନ୍ତାନ ଥିଆଗୋ, ମାଟେଓ ଓ କିରୋଙ୍କ ସହ ମେସି ଷ୍ଟାଡିୟମରେ ୮୦ ହଜାର ଦର୍ଶକଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ, ମେସି ଆର୍ଜେଣ୍ଟିନା ପାଇଁ ୧୯୪ ମ୍ୟାଚ୍ ଖେଳି ରେକର୍ଡ ୧୧୪ଟି ଗୋଲ୍ ଦେଇଛନ୍ତି।

## ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ୍ ଟେନିସ୍

# ଆନିସିମୋଭା-ସାବାଲେଙ୍କା ମହିଳା ଫାଇନାଲ





ନ୍ୟୁୟର୍କ,୫।୯ (ଏଜେନ୍ସି)

ବିଶ୍ୱର ନଂ-୧ ଖେଳାଳି ବେଲାରୁଷର ଆରିନା ସାବାଲେଙ୍କା ଓ ୮ମ ସିଡ୍ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କ ମଧ୍ୟରେ ୟୁଏସ୍ ଓପନ ମହିଳା ଏକକ ଫାଇନାଲ ମୁକାବିଲା ଖେଳାଯିବ। ଆମେରିକାରେ ଗୁରୁବାର ରାତିରେ ଖେଳାଯାଇଥିବା ସେମିଫାଇନାଲ ମୁକାବିଲାରେ ଟପ୍ ସିଡ୍ ସାବାଲେଙ୍କା ୨-୧ ସେଟ୍‌ରେ ଚତୁର୍ଥ ସିଡ ଆମେରିକାର ଜେସିକା ପେଗୁଲାଙ୍କୁ ପରାସ୍ତ କରି ପ୍ରଥମ ଖେଳାଳିଭାବେ ଫାଇନାଲରେ ପ୍ରବେଶ କରିଥିଲେ। ସାବାଲେଙ୍କାର ଏହା କ୍ରମାଗତ ତୃତୀୟ ୟୁଏସ୍ ଓପନ ଫାଇନାଲ। ସେହିପରି ଫର୍ମକୁ ଫେରିଥିବା ଜାପାନର ନାଓମି ଓସାକାଙ୍କୁ ୨-୧ ସେଟ୍‌ରେ ହରାଇ ଆମେରିକାର ଆନିସିମୋଭା ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ଟେନିସ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ରାତିରେ ଫାଇନାଲ ମୁକାବିଲା ଖେଳାଯିବ।


ମହିଳା ବିଭାଗରେ ବିଶ୍ୱର ନଂ-୧ ଖେଳାଳି ସାବାଲେଙ୍କା ସେମିଫାଇନାଲରେ ନଂ-୪ ପେଗୁଲାଙ୍କଠାରୁ ବଡ଼ ପ୍ରତିରୋଧର ସମ୍ମୁଖୀନ ହୋଇ ନ ଥିଲେ। ଘରୋଇ ମାଟିରେ ଖେଳୁଥିବା ପେଗୁଲା ଆରମ୍ଭରୁ ଆକ୍ରମଣାତ୍ମକ ଖେଳି ପ୍ରଥମ ସେଟ୍‌କୁ ୬-୪ରେ ଜିତିନେଇଥିଲେ। ଏହାପରେ ସାବାଲେଙ୍କା ଖେଳକୁ ନିଜ ନିୟନ୍ତ୍ରଣରେ ରଖିଥିଲେ। ପେଗୁଲାଙ୍କୁ ସେ ଆଉ କୌଣସି ସୁଯୋଗ ନ ଦେଇ ପରବର୍ତ୍ତୀ ଦୁଇଟି ସେଟ୍‌କୁ ୬-୩, ୬-୪ରେ ଜିତିବା ସହ ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲରେ ସେ ଯଦି ଘରୋଇ ଦଳର ଆଉ ଜଣେ ଖେଳାଳି ଆନିସିମୋଭାଙ୍କୁ ହରାଇପାରନ୍ତି ତେବେ ୨୦୧୪ ପରେ କ୍ରମାଗତ ଟାଇଟଲ ଜିତିବାରେ ପ୍ରଥମ ମହିଳା ଖେଳାଳି ହେବେ। ୨୦୧୪ରେ ଶେଷଥର ସେରେନା ୱିଲିୟମ୍ସ କ୍ରମାଗତ ଟାଇଟଲ ଜିତିଥିଲେ। ସେହିପରି ଓସାକା ଓ ଆନିସିମୋଭାଙ୍କ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମୁକାବିଲା ଜୋରଦାର ହୋଇଥିଲା। ପ୍ରଥମେ ଓସାକା ଆକ୍ରମଣାତ୍ମକ ଖେଳି ଟାଇବ୍ରେକରରେ ପ୍ରଥମ ସେଟ୍‌କୁ ଜିତିନେଇଥିଲେ। ଓସାକା ୭-୬ରେ ପ୍ରଥମ ଓ ଆନିସିମୋଭା ୭-୬ ଟାଇବ୍ରେକରରେ ଜିତିନେଇଥିଲେ। ଫଳରେ ମୁକାବିଲା ୧-୧ ସମାନସ୍ତରରେ ରହିଥିଲା। ତୃତୀୟ ତଥା ନିର୍ଣ୍ଣାୟକ ସେଟ୍‌ରେ ଆନିସିମୋଭା ୬-୩ରେ ଜିତିବା ସହ ଫାଇନାଲରେ ପ୍ରବେଶ କରିଥିଲେ।

## ପୁରୁଷ ସେମିଫାଇନାଲ

ୟୁଏସ୍ ଓପନ ପୁରୁଷ ବିଭାଗ ଏକକ ସେମିଫାଇନାଲ ଆଜି ରାତିରେ ଖେଳାଯିବ। ପ୍ରଥମ ସେମିଫାଇନାଲରେ ଉଦୀୟମାନ ତଥା ବିଶ୍ୱର ନଂ-୨ ଖେଳାଳି ସ୍ପେନ୍‌ର କାର୍ଲୋସ ଆଲକାରାଜ ଓ ୭ମ ସିଡ୍ ସର୍ବିଆର ନୋଭାକ ଜୋକୋଭିଚ୍‌ଙ୍କ ମଧ୍ୟରେ ଖେଳାଯିବ। ଏହି ମୁକାବିଲା ଜୋରଦାର କରିବାକୁ ୨୪ଟି ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିଥିବା ଜୋକୋଭିଚ୍ ଏଠାରେ ରେକର୍ଡ କରିବାକୁ ଆଶାୟୀ ଅଛନ୍ତି। ଅନ୍ୟପକ୍ଷରେ ବିଶ୍ୱର ନଂ-୧ ଖେଳାଳି ଜାନିକ ସିନ୍ନର ଓ ବିପର୍ଯ୍ୟୟ ସୃଷ୍ଟି କରିଥିବା କାନାଡାର ଫେଲିକ୍ସ ଅଗର-ଆଲିଆସିମେଙ୍କ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ଏହି ମ୍ୟାଚ୍‌ରେ ସିନ୍ନରଙ୍କୁ ଫେବରାଇଟ୍ ବିବେଚନା କରାଯାଉଛି।

## ସେମିରେ ହାରିଲେ ଭାମ୍ବ୍ରୀ-ଭେନସ

ପୁରୁଷ ଯୁଗଳ ସେମିରେ ୟୁକି ଭାମ୍ବ୍ରୀ ଓ ମାଇକେଲ ଭେନସଙ୍କ ଯୋଡି ପରାଜିତ ହୋଇଛନ୍ତି। ଗୁରୁବାର ରାତିରେ ଖେଳାଯାଇଥିବା ଏହି ମୁକାବିଲାରେ ୬ଷ୍ଠ ସିଡ୍ ଗ୍ରେଟବ୍ରିଟେନର ନିଲ ସ୍କୁପସ୍କି ଓ ଜୋ ସାଲିସବରୀଙ୍କ ଯୋଡି ୬-୭, ୭-୬, ୬-୪ ସେଟ୍‌ରେ ଭାମ୍ବ୍ରୀ-ଭେନସଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ୩ଟି ମଧ୍ୟରୁ ୨ଟି ସେଟ୍ ଟାଇବ୍ରେକରରେ ଶେଷ ହୋଇଥିଲେ ମଧ୍ୟ ଭାମ୍ବ୍ରୀ-ଭେନସ ସେମାନଙ୍କଠାରୁ ଅଧିକ ଅଭିଜ୍ଞ ଓ ଶକ୍ତିଶାଳୀ ଯୋଡିଙ୍କୁ ଏଥର ପରାଜିତ କରିବାରେ ସମର୍ଥ ହୋଇ ନ ଥିଲେ। ଭାମ୍ବ୍ରୀଙ୍କ ପରାଜୟ ସହ ଚଳିତ ୟୁଏସ୍ ଓପନରୁ ଭାରତର ପ୍ରତିନିଧିତ୍ୱ ଶେଷ ହୋଇଛି। କିନ୍ତୁ ଭାମ୍ବ୍ରୀ ଭାରତୀୟ ଟେନିସର ନୂଆ ଧ୍ୱଜା ବାହକ ସାବ୍ୟସ୍ତ ହୋଇଛନ୍ତି।



ଏସିଆ କପ୍ ମହିଳା ହକି

# ଭାରତର ବୃହତ୍ ବିଜୟ

ନୂଆଦିଲ୍ଲୀ,୫।୯ (ଏଜେନ୍ସି): ଚୀନ୍‌ର ହାଙ୍ଗଝୋଉଠାରେ ଆଜିଠାରୁ ଆରମ୍ଭ ହୋଇଥିବା ମହିଳା ଏସିଆ କପ୍ ମହିଳା ହକିର ପ୍ରଥମ ମ୍ୟାଚ୍‌ରେ ଭାରତ ବୃହତ ବ୍ୟବଧାନରେ ବିଜୟୀ ହୋଇଛି। ପୁଲ-ବି'ରେ ସ୍ଥାନ ପାଇଥିବା ଭାରତ ତାହାର ପ୍ରଥମ ମୁକାବିଲାରେ ଥାଇଲାଣ୍ଡକୁ ୧୧-୦ ଗୋଲରେ ପରାସ୍ତ କରିଛି। ବିଜୟୀ ଭାରତୀୟ ଦଳ ପକ୍ଷରୁ ମମ୍‌ତାଜ ଖାନ୍, ଉଦିତା ଓ ବିଉଟି ଡୁଙ୍ଗଡୁଙ୍ଗ ୨ଟି ଲେଖାଏଁ ଗୋଲ ସ୍କୋର କରିଥିଲେ। ସଙ୍ଗିତା, ନବନୀତ, ଲାଲରେମସିଆମି, ଶର୍ମିଳା ଓ ଋତୁଜା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା ଭାରତ ୫-୦ରେ ଆଗୁଆ ରହିଥିଲା ଓ ଚତୁର୍ଥ ତଥା ଶେଷ କ୍ୱାର୍ଟରରେ ଦଳ ଆଉ ୫ଟି ଗୋଲ ସ୍କୋର କରିଥିଲା। ଆସନ୍ତାକାଲି ସନ୍ଧ୍ୟା ୫ଟାରେ ଜାପାନ ସହ ଭାରତ ତାହାର ଦ୍ୱିତୀୟ ପୁଲ-ବି ଲିଗ୍ ମ୍ୟାଚ୍ ଖେଳିବ। ଆଜି ଏହି ପୁଲ୍‌ରେ ଜାପାନ ୯-୦ ଗୋଲରେ ସିଙ୍ଗାପୁରକୁ ପରାସ୍ତ କରିଛି। ସେପ୍ଟେମ୍ବର ୮ ତାରିଖ ଅପରାହ୍ଣ ୨ଟା୩୦ ମିନିଟ୍‌ରେ ସିଙ୍ଗାପୁର ସହ ଭାରତ ଶେଷ ଲିଗ୍ ମ୍ୟାଚ୍ ଖେଳିବ। ସେହିପରି ପୁଲ-ଏ'ର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ କୋରିଆ ୯-୦ରେ ଚାଇନିଜ୍ ତାଇପେକୁ ପରାସ୍ତ କରିଛି। ଚୀନ୍ ଓ ମାଲେସିଆ ମଧ୍ୟରେ ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳାଯାଉଛି। ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଦଳ ସିଧାସଳଖ ବିଶ୍ୱକପ୍ ମହିଳା ହକିରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ସେପ୍ଟେମ୍ବର ୮ ଯାଏ ଲିଗ୍, ୧୦ରୁ ୧୩ ସୁପର-୪ ଓ ୧୪ରେ ଫାଇନାଲ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।



ଜାତୀୟ ବାସ୍କେଟବଲ୍

# ଓଡ଼ିଶା ବାଳିକା ପୁଲ୍ ବିଜେତା

କଟକ,୫।୯ (ସମିସ): ପଞ୍ଜାବ ଲୁଧିଆନାର ବାସ୍କେଟବଲ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ୭୫ତମ ଜାତୀୟ କନିଷ୍ଠ ବାସ୍କେଟବଲ ପ୍ରତିଯୋଗିତାରେ ଓଡିଶା ବାଳିକା ଦଳ ପୁଲ୍ ପର୍ଯ୍ୟାୟର ୩ଟି ଯାକ ମ୍ୟାଚ୍ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଆସାମକୁ ୪୫-୩୪ ପଏଣ୍ଟରେ, ଦ୍ୱିତୀୟ ମ୍ୟାଚ୍‌ରେ ବିହାରକୁ ୭୪-୪୧ ପଏଣ୍ଟରେ ଓ ପୁଲ୍ ପର୍ଯ୍ୟାୟର ଶେଷ ଲିଗ୍‌ରେ ମେଘାଳୟକୁ ୭୨-୬୮ ପଏଣ୍ଟରେ ହରାଇଛି। ମେଘାଳୟ ବିପକ୍ଷରେ ରାଜ୍ୟ ଅଧିନାୟିକା କାଜଲ ବାରିକ ୪୨ ପଏଣ୍ଟ ସ୍କୋର କରିଥିବାବେଳେ ନାବ୍ୟା ସାଇଶ୍ରୀ ୧୨ ପଏଣ୍ଟ ସ୍କୋର କରିଥିଲେ। ଓଡିଶା ବାସ୍କେଟବଲ ସଂଘର ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ ଓ ସଭାପତି ଜ୍ଞାନରଞ୍ଜନ ପରିଡା ଦଳର ସମସ୍ତ ଖେଳାଳି ଓ ପ୍ରଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଚନ୍ଦ୍ରଶେଖରଙ୍କୁ ଦ୍ୱିମୁକୁଟ

ଭୁବନେଶ୍ୱର,୫।୯ (ସମିସ): ପୁରୀରେ ଆଜି ଶେଷ ହୋଇଥିବା ୧୪ ବର୍ଷରୁ କମ୍ ଏଆଇଟିଏ-ଓଟିଏ ଚାମ୍ପିଅନସିପ୍ ସିରିଜ୍ (ସିଏସ୍୭)ରେ ଓଡ଼ିଆ ଖେଳାଳି ଚନ୍ଦ୍ରଶେଖର ମହାନ୍ତି ଦ୍ୱିମୁକୁଟ ହାସଲ କରିଛନ୍ତି। ୧୪ ବର୍ଷରୁ କମ୍ ବାଳକ ଏକକରେ ଆସାମ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଚନ୍ଦ୍ରଶେଖର ୬-୨, ୬-୦ ସେଟ୍‌ରେ ଓଡ଼ିଶାର ସୂଯାସ ପଟ୍ଟନାୟକଙ୍କୁ ହରାଇ ଟାଇଟଲ ଜିତିଥିଲେ। ସେହିପରି ଯୁଗଳରେ ସୂଯାସଙ୍କୁ ସାଥିକରି ଖେଳିଥିବା ଚନ୍ଦ୍ରଶେଖର ୬-୦, ୬-୦ରେ ପଶ୍ଚିମବଙ୍ଗର ରିଷଭ ସେନ ଓ ଓଡ଼ିଶାର ବିରାଂଶ ଶିବାନୀଙ୍କୁ ହରାଇ ଟାଇଟଲ ବିଜୟୀ ହୋଇଛନ୍ତି। ପୁରୀ କ୍ଲବ୍‌ରେ ଆୟୋଜିତ ଏହି ପ୍ରତିଯୋଗିତାରେ ୮ଟି ରାଜ୍ୟରୁ ୩୦ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଏହାକୁ ଓଡ଼ିଶା ଓ ପୁରୀ ଜିଲ୍ଲା ଟେନିସ ସଂଘ ପକ୍ଷରୁ ମିଳିତଭାବେ ସେପ୍ଟେମ୍ବର ୧ରୁ ୫ ତାରିଖଯାଏ ଆୟୋଜିତ ହୋଇଥିଲା। ପୁରୀ ଜିଲ୍ଲା ସଂଘ ସମ୍ପାଦକ ସୁନୀଲ କୁମାର ମହାପାତ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟ ରେଫରୀ ଦାୟିତ୍ୱ ତୁଲାଇଥିଲେ ଯତୀନ ବସ୍ୱୟ। ଏଥିରେ ଚାମ୍ପିଅନ ଖେଳାଳିଙ୍କୁ ୨୫ ଓ ରନର୍ସଅପଙ୍କୁ ୨୦ ଏଆଇଟିଏ ର୍ୟାଙ୍କିଙ୍ଗ୍ ପଏଣ୍ଟ ମିଳିଛି।



# ଜାତୀୟ କ୍ୟାଡେଟ ଅସିଚାଳନାରେ ଭାଗନେବ ଓଡ଼ିଶା




ଭୁବନେଶ୍ୱର, ୫।୯ (ସମିସ): ଉତ୍ତରାଖଣ୍ଡରେ ସେପ୍ଟେମ୍ବର ୧୩ରୁ ଜାତୀୟ କ୍ୟାଡେଟ୍ ଅସି ଚାଳନା ପ୍ରତିଯୋଗିତା ଆରମ୍ଭ ହେବ। ଏଥିଲାଗି ୯ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ନିତିନ ସ୍ୱାଇଁ ଓ ରୋଶନ ସାହୁ ଦଳର ପ୍ରଶିକ୍ଷକ ରହିଛନ୍ତି। ଏହି ଅବସରରେ ଓଡ଼ିଶା ଅସି ଚାଳନା ସଂଘର ସମ୍ପାଦକ ଦେବେନ୍ଦ୍ର ସାହୁ, ସାଂଗଠନିକ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ରାଜ୍ୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। **ଘୋଷିତ ଓଡ଼ିଶା ବାଳକ କ୍ୟାଡେଟ୍ ଦଳ:** ମାନସ ପ୍ରଧାନ, ସ୍ୱାଗତ ପଟେଲ, ଅଭିନାଶ ସ୍ୱାଇଁ, ବିଭୂପ୍ରସାଦ ସେନାପତି, ସମୀର ପରାଭୋଏ, ଆୟୂଷ ସୁମନ୍ତ ଦାସ, ଦେବାଶିଷ ପଟେଲ ଓ ପ୍ରୋମଜିତ୍ ବେଶରା।

# ରାଜ୍ୟ କ୍ଲବ୍ ଶକ୍ତିଉତ୍ତୋଳନ ଉଦ୍‌ଘାଟିତ

ଭୁବନେଶ୍ୱର,୫।୯ (ସମିସ)

**୮୦ ହଜାର ଟଙ୍କା ପୁରସ୍କାର, ଦେଢ଼ ଲକ୍ଷ ଟଙ୍କାର ସପ୍ଲିମେଣ୍ଟ**




ରାଜ୍ୟ କ୍ଲବ୍ ଶକ୍ତିଉତ୍ତୋଳନ ଚାମ୍ପିଅନସିପ୍‌ର ତୃତୀୟ ସଂସ୍କରଣ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଶୁକ୍ରବାର ଆରମ୍ଭ ହୋଇଛି। ରାଜ୍ୟ ଶକ୍ତିଉତ୍ତୋଳନ ସଂଘ ଓ ଉତ୍କଳ କରାଟେ ସ୍କୁଲ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ୮୦ ହଜାର ଟଙ୍କାର ପୁରସ୍କାର, ଦେଢ଼ ଲକ୍ଷ ଟଙ୍କାର ଫୁଡ୍ ସପ୍ଲିମେଣ୍ଟ ଓ ଆପାରେଲ ପ୍ରଦାନ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

ସମଗ୍ର ରାଜ୍ୟରୁ ୨୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାର ପ୍ରଥମ ଦିନରେ ୫୩ କିଗ୍ରା ସବ୍‌ଜୁନିଅରରେ ଦାସ ଫିଟନେସର ବେଦାନ୍ତ ସାହୁ ପ୍ରଥମ ହୋଇଛନ୍ତି। ୫୯ କିଗ୍ରା ଜୁନିଅରରେ ଫିଟନେସ ବକ୍ସର ସନ୍ତୋଷ ସ୍ୱାଇଁ, ସବ୍‌ଜୁନିଅରରେ ମହାବୀର ଫିଟ୍‌ନେସର ଶକ୍ତିରଞ୍ଜନ ସାହୁ ଓ ପୁରୁଷ ବିଭାଗରେ ଫିଟ୍‌ନେସ ମନ୍ତ୍ରାର ପି ଶ୍ରୀନିବାସ ଟାଇଟଲ ଜିତିଛନ୍ତି। ୬୬ କିଗ୍ରା ଜୁନିଅରରେ ୟୁକେଏସ୍ ଜିମ୍‌ର ସୌମେନ ସେନାପତି, ସିନିଅରରେ ଏଚ୍‌ପିଏନ୍ ଜିମ୍‌ର ସୂର୍ଯ୍ୟକାନ୍ତ ପ୍ରଧାନ ଓ ସବ୍‌ଜୁନିଅରରେ ଷ୍ଟାର୍କ ଜିମ୍‌ର ଧୀରେନ୍ଦ୍ର ସ୍ୱାଇଁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

# ଜାତୀୟ ଏରୋବିକ୍ ଜିମ୍ନାଷ୍ଟିକରେ ଓଡ଼ିଶାରୁ ୬




ଭୁବନେଶ୍ୱର, ୫।୯ (ସମିସ): ଜାତୀୟ ଏରୋବିକ ଜିମ୍ନାଷ୍ଟିକ ଚାମ୍ପିଅନସିପ୍ ସେପ୍ଟେମ୍ବର ୮ରୁ କେରଳରେ ଆରମ୍ଭ ହେବାକୁ ଯାଉଛି। ଏଥିରେ ୬ ଜଣିଆ ଓଡ଼ିଶା ଦଳ ଅଂଶଗ୍ରହଣ କରିବ। ଦଳରେ ଭୁବନେଶ୍ୱର ଜିମ୍ନାଷ୍ଟିକ ସଂଘର ରଶ୍ମୀରେଖା ସାହୁ, ରତିକାନ୍ତ ପ୍ରଧାନ ଓ ବିଘ୍ନେଶା ଦାସ ସ୍ଥାନ ପାଇଛନ୍ତି। ଅନ୍ୟ ୩ଜଣ ଖେଳାଳି ହେଲେ ଅନିଲ ପରିଡ଼ା, ନୀତୀଶ ମିଶ୍ର ଓ ସାଏଦ୍ ଆଫ୍ରିଦୀ ଅଲି। ରାଜ୍ୟ ଦଳ ଚୟନ ଲାଗି ଅଗଷ୍ଟ ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ପୁରୀ ଜିଲ୍ଲା ସ୍କୁଲଠାରେ ଶିବିର ଆୟୋଜିତ ହୋଇଥିଲା। ଏହି ଅବସରରେ ଓଡ଼ିଶା ଜିମ୍ନାଷ୍ଟିକ ସଂଘର ସମ୍ପାଦକ ଅଶୋକ ସାହୁ, ଭୁବନେଶ୍ୱର ସଂଘର ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ନରେନ୍ଦ୍ର ସେଠୀ, ଯୁଗ୍ମ ସମ୍ପାଦକ ଗୁରୁପ୍ରସାଦ ପଟ୍ଟନାୟକ, ଉପସଭାପତି ମୀରାରାଣୀ ଦାସ, ସଦସ୍ୟ ଯଶୋବନ୍ତ ଦାସ ରାଜ୍ୟ ଦଳର ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

ନନ୍ଦିଘୋଷ
'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ସ୍କ୍ରଲ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) ଇନପୁଟ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରଡ୍ୟୁସର | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୭ ସେପ୍ଟେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।
*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS